


# ସଂଚାର
THE SANCHAR

Website: sanchar.live   mail Id: sancharodisha@gmail.com
RNI NO :ODIODI/2001/04811   Postal Regd No : BN/249/15-17




Vol. 33 | ISSUE 319 ଭାଗ ୩୩ | ସଂଖ୍ୟା ୩୧୯ | Wednesday 11 February 2026 | Page 8 Rs. 5.00 | ଭୁବନେଶ୍ୱର ବୁଧବାର ୧୧ ଫେବୃଆରୀ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ୨୫୦ ନୂଆ ଆମ୍ବୁଲାନ୍ସ ଲୋକାର୍ପିତ

# ସଶକ୍ତ ହେବ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା




### ପ୍ରତି ବ୍ଲକରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ମିଳିବ ସେବା

### ଏୟାରଷ୍ଟ୍ରିପରେ ବି ଉପଲବ୍ଧ ହେବ ଆମ୍ବୁଲାନ୍ସ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୦।୨(ସଂଚାର ବ୍ୟୁରୋ):** ଆମ୍ବୁଲାନ୍ସ ସେବାର ଦକ୍ଷତା ଆଣି କମ୍ ସମୟରେ ରୋଗୀଙ୍କୁ ହସ୍ପିଟାଲ ପହଞ୍ଚାଇବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କଳିଙ୍ଗ ଷ୍ଟାଡିୟମଠାରେ ଦ୍ୱିତୀୟ ପର୍ଯ୍ୟାୟରେ ୨୫୦ଟି ନୂଆ ଆମ୍ବୁଲାନସର ଶୁଭାରମ୍ଭ କରିଛନ୍ତି। ରାଜ୍ୟବାସୀଙ୍କୁ ଜରୁରୀକାଳୀନ ଚିକିତ୍ସା ସୁବିଧା ସମୟମଧରେ ପହଞ୍ଚାଇବା ଲକ୍ଷ୍ୟରେ ରାଜ୍ୟ ସରକାର ୪୨୮ଟି ନୂଆ ଆମ୍ବୁଲାନ୍ସ ସେବାର ବ୍ୟବସ୍ଥା କରିଛନ୍ତି। ଏହାର ପ୍ରଥମ ପର୍ଯ୍ୟାୟରେ ଗତବର୍ଷ ଡିସେମ୍ବର ୨୩ ତାରିଖରେ ୧୫୦ଟି ଆମ୍ବୁଲାନ୍ସର ଶୁଭାରମ୍ଭ ହୋଇଥିବା ବେଳେ ଆଜି ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମଠାରେ ମୁଖ୍ୟମନ୍ତ୍ରୀ ୨୫୦ଟି ନୂଆ ଆମ୍ବୁଲାନ୍ସର ଲୋକାର୍ପଣ କରିଛନ୍ତି। ଏହି ସମସ୍ତ ଆମ୍ବୁଲାନ୍ସ ପାଇଁ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ପ୍ରାୟ ୧୧୧ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି।

ବର୍ତ୍ତମାନ ସାରା ରାଜ୍ୟରେ ୮୬୬ଟି ଜରୁରୀକାଳୀନ ଆମ୍ବୁଲାନ୍ସ ସେବା ଚାଲୁଥିବା ବେଳେ, ଗର୍ଭବତୀ ମହିଳା ଏବଂ ଅସୁସ୍ଥ ଶିଶୁମାନଙ୍କ ପାଇଁ 'ଜନନୀ ଏକ୍ସପ୍ରେସ୍' ନାମରେ ଆଉ ୫୦୦ଟି ସ୍ୱତନ୍ତ୍ର ଆମ୍ବୁଲାନ୍ସ ସେବା ଯୋଗାଇ ➪ପୃଷ୍ଠା-୬

# ବଢ଼ିଲା ଚୁକ୍ତିଭିତ୍ତିକ ଆୟୁଷ ଡାକ୍ତରଙ୍କ ଦରମା

**ଭୁବନେଶ୍ୱର,୧୦।୨(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନ୍ଏଚ୍ଏମ୍) ଅଧୀନରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ଆୟୁଷ ଡାକ୍ତରମାନଙ୍କ ଦରମା ବୃଦ୍ଧି ପାଇଁ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆୟୁଷ ଡାକ୍ତରମାନଙ୍କ ଅବଦାନକୁ ଗୁରୁତ୍ୱ ସ୍ୱରୂପ ତଥା ସେମାନଙ୍କୁ ପ୍ରୋତ୍ସାହିତ କରିବା ସକାଶେ ମୁଖ୍ୟମନ୍ତ୍ରୀ ଏପରି ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ, ଏନ୍ଏଚ୍ଏମ୍‌ରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ଆୟୁଷ ଡାକ୍ତରଙ୍କ ଦରମା ବରିଷ୍ଠତା ଭିତ୍ତିରେ ମାସକୁ ୨୦ ହଜାର ଟଙ୍କାରୁ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସେହିପରି ୫ ବର୍ଷରୁ କମ ସେବା କରିଥିବା ଆୟୁଷ ଡାକ୍ତରଙ୍କ ଦରମା ମାସକୁ ୨୦ ହଜାର ଟଙ୍କା ବୃଦ୍ଧି ପାଇଛି। ଏହାଦ୍ୱାରା ସେମାନଙ୍କ ସର୍ବନିମ୍ନ ଦରମା ୫୬,୯୪୮ ଟଙ୍କା ହୋଇଛି। ଏହାଛଡ଼ା ୫ରୁ ୧୦ ବର୍ଷ ଭିତରେ ସେବା କରିଥିବା ଡାକ୍ତରଙ୍କ ଦରମା ମାସିକ ୨୫ ହଜାର ବୃଦ୍ଧି ପାଇବା ଫଳରେ ସେମାନଙ୍କ ଦରମା ୭୪,୪୬୭ ଟଙ୍କାରେ ପହଞ୍ଚିଛି। ଆହୁରି ୧୦ରୁ ୧୫ ବର୍ଷ ସେବା ପାଇଁ ମାସିକ ୩୦ ହଜାର ଟଙ୍କା ବୃଦ୍ଧି ପାଇ ୮୦,୪୬୭ ଟଙ୍କା ହୋଇଥିବା ବେଳେ ୧୫ ବର୍ଷରୁ ଉର୍ଦ୍ଧ୍ୱ ସେବା ପାଇଁ ଆୟୁଷ ଡାକ୍ତରମାନଙ୍କ ଦରମା ୪୦ ହଜାର ବୃଦ୍ଧି ପାଇ ୯୧,୪୬୭ ଟଙ୍କା ହୋଇଛି। ରାଜ୍ୟରେ ଏବେ ୨୯୧୨ ଜଣ ଆୟୁଷ ଡାକ୍ତର ନିୟୋଜିତ ଥିବା ବେଳେ ଆଜିର ନିଷ୍ପତ୍ତି ଦ୍ୱାରା ରାଜ୍ୟ ରାଜକୋଷ ଉପରେ ବାର୍ଷିକ ପ୍ରାୟ ୧ କୋଟି ଟଙ୍କାର ଅତିରିକ୍ତ ବୋଝ ପଡ଼ିବ। କିନ୍ତୁ ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟରେ ଆୟୁଷ ସ୍ୱାସ୍ଥ୍ୟସେବାରେ ଅଧିକ ଉନ୍ନତି ଆସିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

### ସର୍ବନିମ୍ନ ଦରମା ୫୬,୯୪୮ ; ସର୍ବାଧିକ ୯୧,୪୬୭ ଟଙ୍କା

# ମାଷ୍ଟରମାଇଣ୍ଡ ଦିନେଶର ଆତ୍ମସମର୍ପଣ

### ସିସିଟିଭି କହିବ ସତ୍ୟବ୍ରତ ମର୍ଡର ପଛର ସତ

### ଇସାରା ଦେଇଥିଲା ଲଭର୍ ; ଦୀନେଶ ସାଜିଲା କିଲର୍

### ଘଟଣାରେ ଟ୍ୱିଷ୍ଟ: ବିବାହ କରିଥିଲା ସତ୍ୟବ୍ରତ



**ଭୁବନେଶ୍ୱର,୧୦।୨(ସଂଚାର ବ୍ୟୁରୋ):** ଚନ୍ଦ୍ରଶେଖରପୁର ଥାନା ନିଳାଦ୍ରୀ ବିହାର ସେକ୍ଟର ୨ରେ ଘଟିଥିବା ସତ୍ୟବ୍ରତ ପ୍ରଧାନ ମର୍ଡର କେସରେ ଆତ୍ମସମର୍ପଣ କରିଛି ମୁଖ୍ୟ ଅଭିଯୁକ୍ତ ଦୀନେଶ ନାୟକ। ଆତ୍ମସମର୍ପଣ ପରେ ଅଭିଯୁକ୍ତକୁ ପଚରାଉଚରା କରୁଛି ଚନ୍ଦ୍ରଶେଖରପୁର ଥାନା ପୁଲିସ। ସେପଟେ ସାମ୍ନାକୁ ଆସିଛି ମର୍ଡର ବେଳର ସିସିଟିଭି। ୯ ଫେବୃଆରୀ ରାତି ପ୍ରାୟ ଗୋଟେ ୩୧। ଡଣ୍ଟି କାଟିବା ପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦୌଡୁଛନ୍ତି ମୃତକ। ପଛରେ ଗାର୍ଲଫ୍ରେଣ୍ଡ ଲିଜା ଓ ତାଙ୍କର ବୟଫ୍ରେଣ୍ଡ ଦୀନେଶ। ଆଉ ୧ଟା ୪୨ରେ କାମ୍ ତମାମ କରି ଫେରୁଛନ୍ତି ଦୁହେଁ। ରବିବାର ବିଳମ୍ବିତ ରାତିରେ ଚନ୍ଦ୍ରଶେଖରପୁର ଥାନା ଅଧୀନସ୍ଥ ନିଳାଦ୍ରୀ ବିହାର ସେକ୍ଟର-୨ ମର୍ଡର ଘଟଣାର ସିସିଟିଭି ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। କ୍ରାଇମ ପ୍ଲଟ୍ ତିଆରି କରିବା ପରର ଦୃଶ୍ୟ କଏଦ ହୋଇଛି ସିସିଟିଭିରେ। ପାଖାପାଖି ୫ ଶହ ମିଟର ଦୌଡ଼ିବା ପରେ ରାସ୍ତାରେ ପଡ଼ିଯାଇଥିଲେ ସତ୍ୟବ୍ରତ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନେବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ଆଉ ତା'ପରେ ସାମ୍ନାକୁ ➪ପୃଷ୍ଠା-୬

# ୧୧ ଜିଲ୍ଲାରେ ୨୩ ଶିଳ୍ପକୁ ମଞ୍ଜୁରୀ

### ୪ ହଜାର କୋଟିରୁ ଅଧିକ ନିବେଶ

### ସୃଷ୍ଟି ହେବ ୧୦ହଜାର ନିଯୁକ୍ତି ସୁଯୋଗ



**ଭୁବନେଶ୍ୱର,୧୦।୨(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ଶିଳ୍ପାୟନ ପ୍ରକ୍ରିୟାରେ ଯୋଡ଼ି ହୋଇଛି ଆଉ ଏକ ଅଧ୍ୟାୟ। ଆଜି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକରେ ୨୩ଟି ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଏହିସବୁ ପ୍ରକଳ୍ପ ଜରିଆରେ ରାଜ୍ୟରେ ଆଉ ୪ ହଜାର ୧୧୧ କୋଟି ୮୦ ଲକ୍ଷ ଟଙ୍କାର ନିବେଶ ହେବ। ୧୧ଟି ଜିଲ୍ଲାରେ କାର୍ଯ୍ୟକାରୀ ହେବାକୁ ଥିବା ଏହିସବୁ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ୧୦ ହଜାରରୁ ଅଧିକ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ଆରମ୍ଭ ହୋଇଥିବା ଶିଳ୍ପାୟନ ପ୍ରକ୍ରିୟା ନୂଆ ଦିଶା ନେଇଛି। ବୃହତ ଶିଳ୍ପରୁ ରାଜ୍ୟ ସରକାର ଏବେ ଅଧିକ ନିଯୁକ୍ତି ସୃଷ୍ଟିକାରୀ ଓ ଅର୍ଥନୈତିକ ଅଭିବୃଦ୍ଧିଭିତ୍ତିକ ଶିଳ୍ପକୁ ଗୁରୁତ୍ୱ ଦେଉଛନ୍ତି। ମେକାନିକାଲ, ଇଲେକ୍ଟ୍ରିକାଲ, ଜାହାଜ ନିର୍ମାଣ, ପୋଷାକ, ଟେକ୍ସଟାଇଲ, ଔଷଧ, କେମିକାଲ, ପର୍ଯ୍ୟଟନ, ପ୍ଲାଷ୍ଟିକ ଓ ଧାତବ୍ୟ ସମ୍ପର୍କିତ ଆନୁଷଙ୍ଗିକ ଶିଳ୍ପକୁ ଆଜି ମଞ୍ଜୁରୀ ମିଳିଛି। ଆଜି ଅନୁମୋଦିତ ୨୩ଟି ଶିଳ୍ପ ବାଲେଶ୍ୱର, ଭଦ୍ରକ, କଟକ, ଦେବଗଡ଼, ଗଞ୍ଜାମ, ଯାଜପୁର, ଖୋର୍ଦ୍ଧା, କୋରାପୁଟ, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ଼ରେ ପ୍ରତିଷ୍ଠା ହେବ। ଏହାଦ୍ୱାରା ରାଜ୍ୟର ସବୁ ଜିଲ୍ଲାରେ ଶିଳ୍ପର ବିକାଶକୁ ଗୁରୁତ୍ୱ ଦିଆଯାଉଛି।

ନିଫା ଲିମିଟେଡ୍ ପକ୍ଷରୁ ଖୋର୍ଦ୍ଧାରେ ୩୮୪ କୋଟି ଟଙ୍କା ନିବେଶରେ ରେଳବାଇ ଯାନ୍ତ୍ରିକ ଉପକରଣ ନିର୍ମାଣ ଶିଳ୍ପ ପ୍ରତିଷ୍ଠା ହେବ। ଏଥିରେ ୩୧୦ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସେହିଭଳି ଗଞ୍ଜାମ ଜିଲ୍ଲାରେ ପ୍ରତିଷ୍ଠା ହେବ ଡ୍ରୋନ୍ ଉତ୍ପାଦନ ଶିଳ୍ପ। ଇନଭେଷ୍ଟ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ଗଞ୍ଜାମ ଜିଲ୍ଲାର ୩୦୦ କୋଟି ନିବେଶରେ ଏହି ଶିଳ୍ପ ପ୍ରତିଷ୍ଠା ହେବ। ଏଥିରେ ୧ ହଜାର ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ➪ପୃଷ୍ଠା-୬

### ମାଟ୍ରିକ ଓ ଯୁକ୍ତ ଦୁଇ ପରୀକ୍ଷାରେ କପି ରୋକିବା ଚିନ୍ତା

# ଧରାପଡ଼ିଲେ ୫ ବର୍ଷ ଜେଲ୍, ୧୦ ଲକ୍ଷ ଜରିମାନା



### ଏଆଇର ବି ଉପଯୋଗ ହେବ

### ପରୀକ୍ଷାର୍ଥୀଙ୍କ ପାଇଁ ସ୍ୱତନ୍ତ୍ର ହେଲ୍ପଲାଇନ୍ ଜାରି

### ପରୀକ୍ଷା ହଲ୍‌କୁ ନେବେନି ମୋବାଇଲ୍

### ନୋଡାଲ୍ ସେଣ୍ଟର୍‌କୁ ପଠାଗଲା ପ୍ରଶ୍ନପତ୍ର

**ଭୁବନେଶ୍ୱର,୧୦।୨(ସଂଚାର ବ୍ୟୁରୋ):** ଆସନ୍ତା ୧୮ରୁ ଯୁକ୍ତ ଦୁଇ ଓ ୧୯ରୁ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହେଉଥିବା ବେଳେ ଉଭୟ ପରୀକ୍ଷାର ପରିଚାଳନା ଦାୟିତ୍ୱରେ ଥିବା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ପକ୍ଷରୁ କପି ରୋକିବା ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଛି। ଆଲୋଚ୍ୟ ପରୀକ୍ଷାରେ କୌଣସି ପରୀକ୍ଷାର୍ଥୀ କପି କରୁଥିବା ସାମ୍ନାକୁ ଆସିଲେ ତାଙ୍କୁ ଦଣ୍ଡ ସ୍ୱରୂପ ୫ ବର୍ଷ ଜେଲ୍ ଓ ୧୦ ଲକ୍ଷ ଟଙ୍କା ଜରିମାନା ଦେବାକୁ ପଡ଼ିବ। ଏଥିସହ ମାଟ୍ରିକ ଓ ଯୁକ୍ତ ଦୁଇ ପରୀକ୍ଷା ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ ଗ୍ରହଣ କରାଯାଇଛି। କପି ରୋକିବା ପାଇଁ କୃତ୍ରିମ ବୁଦ୍ଧିମତା (ଏଆଇ) ଓ କ୍ୟୁଆର୍ କୋଡ୍‌ର ଉପଯୋଗ କରାଯିବ। ସେହିପରି ଏଆଇ କ୍ୟାମେରା ନଜରରେ ସବୁ ପରୀକ୍ଷା କେନ୍ଦ୍ରଗୁଡ଼ିକୁ ରଖାଯିବ। ପ୍ରଶ୍ନପତ୍ରରେ କ୍ୟୁଆର୍ କୋଡ୍ ବି ରହିବ। ପରୀକ୍ଷାରେ ସ୍ୱଚ୍ଛତା ଆଣିବା ସକାଶେ ନିଆଯାଇଥିବା ପ୍ରମୁଖ ପଦକ୍ଷେପ ମଧରେ କ୍ୟୁଆର୍ କୋଡ୍ ଓ ୱାଟରମାର୍କ ପ୍ରମୁଖ। ପ୍ରତି ପ୍ରଶ୍ନପତ୍ରର ପ୍ରତିଟି ପୃଷ୍ଠାରେ କ୍ୟୁଆର୍ କୋଡ୍ ଓ ୟୁନିକ୍ ସିରିଏଲ୍ ନମ୍ବର ରହିବ। ତା'ଛଡ଼ା ଯଦି କେହି ପ୍ରଶ୍ନପତ୍ରର ଫଟୋ ଉଠାଇ ଭାଇରାଲ୍ କରନ୍ତି, ତା'ହେଲେ ଉକ୍ତ ପ୍ରଶ୍ନପତ୍ରଟି କେଉଁ ସେଣ୍ଟରର ଓ କେଉଁ ପରୀକ୍ଷାର୍ଥୀଙ୍କର, ତାହା ବି କିଛି ମିନିଟ୍ ଭିତରେ ଜଣାପଡ଼ିଯିବ। ସେହିପରି ପରୀକ୍ଷା ହଲ୍ ଭିତରେ ଏଆଇଯୁକ୍ତ ସିସିଟିଭି ଲଗାଯିବ, ଯାହା ମାଧମରେ ପରୀକ୍ଷା ହଲ୍‌ର ପ୍ରତିଟି ମୁହୂର୍ତ୍ତ ଉପରେ ନଜର ରହିପାରିବ।

ଆହୁରି ଲାଇଭ୍ ୱେବ୍‌କାଷ୍ଟିଂ ବ୍ୟବସ୍ଥା ହୋଇଛି। ରାଜ୍ୟର ୩୦୮୨ଟି ମାଟ୍ରିକ ପରୀକ୍ଷା କେନ୍ଦ୍ରରେ ସିଧାସଳଖ ଲାଇଭ୍ ସିସିଟିଭି ମନିଟରିଂ କରାଯାଇ ସେସବୁକୁ କଣ୍ଟ୍ରୋଲ ରୁମ୍ ସହ ଯୋଡ଼ାଯିବ। ତା'ଛଡ଼ା ପ୍ରଶ୍ନପତ୍ର ପାଇଁ ଡିଜିଟାଲ୍ ଲକ୍ ସିଷ୍ଟମ୍ ହୋଇଛି। ପ୍ରଶ୍ନପତ୍ର ପ୍ୟାକେଟ୍‌ରେ ମଲ୍ଟି-ଲେୟାର୍ ପାସୱାର୍ଡ ଓ ଡିଜିଟାଲ୍ ଲକ୍ ରହିବ। ନିର୍ଦ୍ଧାରିତ ସମୟ ପୂର୍ବରୁ ଏହାକୁ କେହି ଖୋଲିପାରିବେ ନାହିଁ। ପଞ୍ଚମରେ ଜିପିଏସ୍ ଟ୍ରାକିଂ ବ୍ୟବସ୍ଥା ହୋଇଛି। ପ୍ରଶ୍ନପତ୍ର ନେଇ ଯାଉଥିବା ଗାଡ଼ିଗୁଡ଼ିକରେ ଜିପିଏସ୍ ଲଗାଯିବ, ➪ପୃଷ୍ଠା-୬



# ଲୋକସଭା ବାଚସ୍ପତିଙ୍କ ବିରୋଧରେ ଆସିଲା ଅନାସ୍ଥା

### ସଂସଦ ଇତିହାସରେ ଚତୁର୍ଥ ଘଟଣା

### ପ୍ରସ୍ତାବ ଉପରେ ନିଷ୍ପତ୍ତି ନ ହେବା ପର୍ଯ୍ୟନ୍ତ ଗୃହକୁ ଆସିବେନି

**ନୂଆଦିଲ୍ଲୀ,୧୦।୨:** ଆଜି ବିରୋଧୀ କଂଗ୍ରେସ ନେତୃତ୍ୱରେ ବିଭିନ୍ନ ବିରୋଧୀ ଦଳର ସଦସ୍ୟମାନେ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଛନ୍ତି। ଏ ସଂକ୍ରାନ୍ତରେ ଏକ ନୋଟିସ୍ ଲୋକସଭାରେ କଂଗ୍ରେସର ମୁଖ୍ୟ ସଚେତକ କୋଡିକୁନିଲ୍ ସୁରେଶ ଓ ଦଳୀୟ ସଚେତକ ମହମ୍ମଦ ଜାଭେଦ୍ ଅହମ୍ମଦ ମହାସଚିବ ଉତ୍ପଲ କୁମାର ସିଂହଙ୍କୁ ପ୍ରଦାନ କରିଛନ୍ତି। ଏହି ନୋଟିସ୍ ଦାଖଲ ହେବା ପରେ ବାଚସ୍ପତି ଗୃହ କାର୍ଯ୍ୟକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ତେବେ ଏହି ପ୍ରସ୍ତାବ ଆଗତ ହେବା ପରେ ଏହାର ପୁଙ୍ଖାନୁପୁଙ୍ଖ ଯାଞ୍ଚ ପାଇଁ ବାଚସ୍ପତି ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଏହି ପ୍ରସ୍ତାବ ଉପରେ କୌଣସି ନିଷ୍ପତ୍ତି ନ ହେବା ପର୍ଯ୍ୟନ୍ତ ବାଚସ୍ପତି ନୈତିକ ଦୃଷ୍ଟିକୋଣରୁ ଲୋକସଭାରୁ ଦୂରେଇ ରହିବେ ବୋଲି ନିର୍ଦ୍ଦିଷ୍ଟ ସୂତ୍ରରୁ ଜଣାପଡ଼ିଛି।

ଏହି ପ୍ରସଙ୍ଗରେ ଲୋକସଭା ବାଚସ୍ପତିଙ୍କ ବିରୋଧରେ କଂଗ୍ରେସ ସାଂସଦ ଗୌରବ ଗୋଗୋଇ ପକ୍ଷପାତ ନୀତି ଅବଲମ୍ବନ କରୁଥିବା ଅଭିଯୋଗ ଆଣିବା ସହ ବିରୋଧୀ ସାଂସଦମାନଙ୍କୁ ଲୋକସଭାରେ ମତାମତ ରଖିବାର ସୁଯୋଗ ଦିଆଯାଉନାହିଁ ବୋଲି କହିବା ସହ ଓମ୍ ବିର୍ଲାଙ୍କୁ ତାଙ୍କ ପଦରୁ ହଟାଇବା ସକାଶେ ଆଜି ଅପରାହ୍ନ ୧ଟା ୧୪ ମିନିଟ୍‌ରେ ଅନାସ୍ଥା ପ୍ରସ୍ତାବ ଦାଖଲ କରାଯିବା ସହ ଏଥିରେ ବାଚସ୍ପତିଙ୍କୁ ପଦରୁ ହଟାଇବା ସକାଶେ ଦାବି କରାଯାଇଛି ବୋଲି ଶ୍ରୀ ଗୋଗୋଇ କହିଛନ୍ତି।

ଏହି ନୋଟିସ୍‌ରେ ମୋଟ ଡିଏମ୍‌କେର ଟିଆର୍ ବାଲୁ ଓ ସମାଜବାଦୀ ପାର୍ଟି ଡିମ୍ପଲ ଯାଦବଙ୍କ ସମେତ ୧୧୯ ଜଣ ସାଂସଦ ଦସ୍ତଖତ କରିଥିବା ବେଳେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏହାଠାରୁ ନିଜକୁ ଦୂରେଇ ରଖିଛି। କାରଣ ଏହି ଦଳର ଜଣେ ବି ସାଂସଦ ଉକ୍ତ ନୋଟିସ୍‌ରେ ଦସ୍ତଖତ କରିନାହାନ୍ତି। ଏପରିକି ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ୍ ଗାନ୍ଧି ବିଭିନ୍ନ ସମୟରେ ବାଚସ୍ପତିଙ୍କ ବିରୋଧରେ ପାତରଅନ୍ତର ନୀତି ଅବଲମ୍ବନ କରୁଥିବା ନେଇ ଅଭିଯୋଗ କରିଥିଲେ ମଧ ସେ ଏହି ନୋଟିସ୍‌ରେ ଦସ୍ତଖତ କରି ନ ଥିବା ଜଣାପଡ଼ିଛି। ଏଥିସହ ଚଳିତ ବଜେଟ୍ ଅଧିବେଶନ ସମୟରେ ଲୋକସଭାରେ ବିରୋଧୀ ଓ ସରକାରଙ୍କ ମଧରେ ବିବାଦ ଚରମ ସୀମାରେ ପହଞ୍ଚିଛି। ବିରୋଧୀ ଦଳର ଆଚରଣ ଉପରେ ପଦକ୍ଷେପ ନେବାକୁ ଯାଇ ଗତ ସପ୍ତାହରେ ବାଚସ୍ପତି ୮ ଜଣ ବିରୋଧୀ ସାଂସଦଙ୍କୁ ନିଲମ୍ବନ କରିଥିଲେ। ➪ପୃଷ୍ଠା-୬

### ମୁଖ୍ୟ ଶାସନ ସଚିବ-ମିଲର୍ସ ସଂଘ ବୈଠକ ସଫଳ

# ଫିଟିଲା ସମାଧାନ ବାଟ ; ଉଠିବ ଧାନ

**ଭୁବନେଶ୍ୱର,୧୦।୨(ସଂଚାର ବ୍ୟୁରୋ):** ଧାନ ଉଠାଣ ସମସ୍ୟା ନେଇ ମିଲର୍ସ ସଂଘ ସହ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କର ଏକ ବୈଠକ ଆଜି ଅନୁଷ୍ଠିତ ହୋଇଛି। ଶ୍ରମତୀ ଗର୍ଗଙ୍କ ପ୍ରତିଶ୍ରୁତି ପରେ ଧାନ ଉଠାଣ ଜାରି ରହିବ ବୋଲି ମିଲର୍ସ ସଂଘ ସଭାପତି ସୂଚନା ଦେଇଛନ୍ତି। ମାତ୍ର କେନ୍ଦ୍ର ଚାଉଳ ଉଠାଉ ନ ଥିବାରୁ ଧାନ ଉଠାଣରେ ସାମାନ୍ୟ ବିଳମ୍ବ ହେଉଛି ବୋଲି ସେ କହିଛନ୍ତି। ସେ ଆହୁରି ମଧ କହିଛନ୍ତି ଯେ ଏ ବାବଦରେ ମୁଖ୍ୟ ଶାସନ ସଚିବ କେନ୍ଦ୍ର ସରକାରଙ୍କୁ ଅବଗତ କରାଇଛନ୍ତି। ଆଲୋଚନା ଚାଲିଛି, ଖୁବଶୀଘ୍ର ଚାଉଳ ଉଠିବ। ତେଣୁ ତା' ପରେ ଧାନକିଣା ତ୍ୱରାନ୍ୱିତ ହେବ। ଏଥିସହ ଗତ ୨ ବର୍ଷର ଦାବି ଯଥା ଚାଉଳ ଉଠିବା ଆଦି ପ୍ରସଙ୍ଗରେ ଆଲୋଚନା ହୋଇଛି। ମିଲିଂ ବାବଦ ପାଉଣା ବୃଦ୍ଧି ପାଇଁ ସଂଘ ଦାବି ରଖିଛି। ମୁଖ୍ୟ ଶାସନ ସଚିବଙ୍କୁ ସମସ୍ତ ମିଲର୍‌ଙ୍କ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯାଇଛି। ଏହି ସମସ୍ୟାର ଶୀଘ୍ର ସମାଧାନ ହେବ ବୋଲି ସଭାପତି ଆଶା ରଖିଥିବା କହିଛନ୍ତି। ଏହାଛଡ଼ା ଅଦ୍ୟାବଧି ରାଜ୍ୟରେ ଗତ ବର୍ଷଠାରୁ ଅଧିକ ଧାନ ଉଠିଛି ବୋଲି ମଧ ସେ ସ୍ପଷ୍ଟ କରିଛନ୍ତି। ଏଥିସହ ଟାର୍ଗେଟ୍ ପୂରଣ ହେବା ଯାଏ ସମସ୍ତ ଧାନ ଉଠିବ ବୋଲି ସଭାପତି କହିଛନ୍ତି।

### ବଜେଟ୍ ଅଧିବେଶନ

# ବିଜେଡି ପାଇଁ ହେବ ନିର୍ଣ୍ଣାୟକ

### ନିଜ ଅନୁଗତଙ୍କୁ ଚିହ୍ନିବେ ନବୀନ

### ପ୍ରମାଣିତ ହେବ ଦଳର ନୀତି ଓ ଆଦର୍ଶଗତ ସମନ୍ୱୟ




**ଭୁବନେଶ୍ୱର,୧୦।୨(ସଂଚାର ବ୍ୟୁରୋ):** ଆସନ୍ତା ବଜେଟ ଅଧିବେଶନ ମୁଖ୍ୟ ବିରୋଧୀ ଦଳ ବିଜେଡି ପାଇଁ ହେବ ନିର୍ଣ୍ଣାୟକ। ଦଳର ରାଜନୈତିକ ଆଭିମୁଖ୍ୟ ସହ ଭବିଷ୍ୟତ ଗତି ମଧ ପ୍ରମାଣିତ ହେବ। ଏଥିସହ ଏହି ଅଧିବେଶନ କାଳରେ ଦଳ ମଧରେ ଥିବା ଗୋଷ୍ଠୀଗତ ମତ ପାର୍ଥକ୍ୟ ବି ସ୍ପଷ୍ଟ ହେବ। ତା'ଛଡ଼ା ନିଜ ଅନୁଗତଙ୍କୁ ଚିହ୍ନଟ କରିବାରେ ଏହି ଅଧିବେଶନ ନବୀନଙ୍କୁ ସୁଯୋଗ ଦେବ ବୋଲି ଆକଳନ କରାଯାଉଛି।

ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ଓ ସାମାଜିକ ବିକାଶର ଗତି ନିର୍ଦ୍ଧାରଣ କରିବ ବିଧାନସଭାର ଆଗାମୀ ବଜେଟ୍ ଅଧିବେଶନ। କାରଣ ରାଜ୍ୟ ସରକାର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ନିଜର ବିକାଶ ନୀତିକୁ ଦିଶା ଦେବା ସହ ଏହି ଅଧିବେଶନରେ ବିରୋଧୀ ଦଳର ବିଶେଷକରି ବିଜେଡିର ଆଭିମୁଖ୍ୟ ମଧ ସ୍ପଷ୍ଟ ହେବ। ଗତ ଅଧିବେଶନରେ ବିଜେଡିରେ ମତଭେଦ ବାରି ହୋଇଥିଲା। ନେତାଙ୍କ ଭିତରେ ସମନ୍ୱୟ ନ ଥିଲା। ଏପରିକି ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ପ୍ରସଙ୍ଗରେ ଦୁଇ ବିରୋଧୀ ଦଳ ଏକମତ ହୋଇପାରି ନ ଥିଲେ। ଆସନ୍ତା ଅଧିବେଶନରେ ଦଳର ନୀତି ଓ ଆଦର୍ଶଗତ ସମନ୍ୱୟ ପ୍ରମାଣିତ ହେବ। ଏହି ଅଧିବେଶନ ସମୟରେ ହିଁ ରାଜ୍ୟସଭା ନିର୍ବାଚନ ହେବ। ଏହି ନିର୍ବାଚନ ଗଣିତକୁ ନେଇ ରାଜନୈତିକ ସମୀକ୍ଷକମାନେ ଭିନ୍ନ ଭିନ୍ନ ଆକଳନ କରୁଛନ୍ତି। ତେବେ ନବୀନଙ୍କ ପ୍ରାର୍ଥୀ ଚୟନ ବିଜେଡିର ଗତି ନିର୍ଦ୍ଧାରଣ କରିବ। ଚତୁର୍ଥ ଆସନ ପାଇଁ ବିଜେଡି ବିଜେପିକୁ ସମର୍ଥନ କରିବା ଏକପ୍ରକାର ସ୍ପଷ୍ଟ। ଏଭଳି ସ୍ଥିତିରେ କଂଗ୍ରେସ ଓ ବିଜେପି ନେତାଙ୍କ କଟାକ୍ଷର ବିଜେଡି ନେତାମାନେ କି ଜବାବ ଦେବେ, ତାହା ଦେଖିବାର କଥା।

ସେହିଭଳି କେନ୍ଦ୍ରୀୟ ବଜେଟ ଆଧାରରେ ପ୍ରସ୍ତୁତ ହୋଇଥିବା ରାଜ୍ୟ ବଜେଟ ଉପରେ ବିଜେଡି ନେତାଙ୍କ ବକ୍ତବ୍ୟ ମଧ ଅନେକ ବାର୍ତ୍ତା ଦେବ। କେନ୍ଦ୍ରୀୟ ବଜେଟର ବିଭିନ୍ନ ଦିଗକୁ ନେଇ ବିଜେପି ସରକାର ସମାଲୋଚିତ ହେଉଛି। ଏଭଳି ସ୍ଥିତିରେ ରାଜ୍ୟ ବିଜେଡି ନେତାଙ୍କ ବଜେଟ୍ ସମୀକ୍ଷା ଦଳର ଭବିଷ୍ୟତ ନିର୍ଦ୍ଧାରଣର ଅନ୍ୟତମ କାରଣ ହେବ। ଏମିତି କିଛି ଦୃଷ୍ଟିକୋଣରୁ ଆସନ୍ତା ବଜେଟ ଅଧିବେଶନ ବିଜେଡି ପାଇଁ ନିର୍ଣ୍ଣାୟକ ହେବ ବୋଲି ଆକଳନ କରାଯାଉଛି।

# ଦନ୍ତା ନେଲା ୩ ମହିଳାଙ୍କ ଜୀବନ, ତିନି ଗୁରୁତର

### ଜଙ୍ଗଲକୁ କାଠ ପାଇଁ ଯାଇଥିଲେ

**ଢେଙ୍କାନାଳ,୧୦।୨(ସଂଚାର ବ୍ୟୁରୋ):** ଆଜି ଢେଙ୍କାନାଳରେ ୬ ଜଣ ମହିଳା ହାତୀ ସାମ୍ନାରେ ପଡ଼ିଯିବା ଫଳରେ ସେମାନଙ୍କ ମଧରୁ ୩ ଜଣ ମୃତ୍ୟୁବରଣ କରିଥିବା ବେଳେ ୩ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଢେଙ୍କାନାଳ ସଦର ରେଞ୍ଜ ପାଟପୁରୀ ସଂରକ୍ଷିତ ଜଙ୍ଗଲରେ ଏପରି ଅଘଟଣ ଘଟିଛି। ସଦର ରେଞ୍ଜ ଲୋଚାପଲି ଗ୍ରାମର ମହିଳା ଓ ପୁରୁଷ ନିକଟସ୍ଥ ପାଟପୁରା ଗ୍ରାମ୍ୟ ଜଙ୍ଗଲକୁ କାଠ ସଂଗ୍ରହ କରିବାକୁ ଯାଇଥିଲେ। ତେବେ ସେମାନେ ହଠାତ୍ ଏକ ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ସେମାନେ ଖସି ପଳାଇଯିବାକୁ ଉଦ୍ୟମ କରୁଥିଲେ ହେଁ ହାତୀ ଆକ୍ରମଣରୁ ବର୍ତ୍ତିପାରିନଥିଲେ। ସେମାନଙ୍କୁ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ୩ ଜଣଙ୍କର ମୃତ୍ୟୁ ହୋଇଯାଇଛି। ମୃତ୍ୟୁବରଣ କରିଥିବା ମହିଳାମାନେ ହେଲେ ଲୋଚାପଲ୍ଲୀ ଗାଁର ଇନ୍ଦୁମତୀ ପ୍ରଧାନ, ଟୁନି ବେହେରା ଓ କୁନ୍ତଳା ପ୍ରଧାନ। ଏନେଇ ଖବର ପାଇବା ପରେ ସ୍ଥାନୀୟ ପୁଲିସ୍ ଓ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି।

• ଧାନମଣ୍ଡିରେ ଚାଷୀଙ୍କ ଶୋଷଣର ପ୍ରତିବାଦ

## ଜିଲ୍ଲା କଂଗ୍ରେସ ପକ୍ଷରୁ କୃଷି ଓ ଯୋଗାଣ ମନ୍ତ୍ରୀଙ୍କ କୁଶପୁତଳିକା ଦାହ



**କେନ୍ଦ୍ରାପଡ଼ା,୧୦।୨ (ସଂଚାର ବ୍ୟୁରୋ):** ପ୍ରଦେଶ କଂଗ୍ରେସ କମିଟିର ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ ପକ୍ଷରୁ ଧାନମଣ୍ଡିରେ ଚାଷୀଙ୍କ ଶୋଷଣ କରାଯିବା ପ୍ରତିବାଦରେ ମଙ୍ଗଳବାର କେନ୍ଦ୍ରାପଡ଼ା ସହରର ପୁରୁଣାବସଷ୍ଟାଣ୍ଡରେ କୃଷି ଓ ଯୋଗାଣ ମନ୍ତ୍ରୀଙ୍କ କୁଶପୁତଳିକା ଦାହ କରାଯାଇଛି । ଜିଲ୍ଲା କଂଗ୍ରେସ କିଷାନ ସେଲ ସଭାପତି ଜୟଦେବ ପରିଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଡ. ସିପ୍ରା ମଲ୍ଲିକ, ପୂର୍ବତନ ବିଧାୟକ ବିଜୟ ପ୍ରସାଦ ବେହେରା, ପୂର୍ବତନ ଜିଲ୍ଲା କଂଗ୍ରେସ ସଂଯୋଜକ ପ୍ରଫୁଲ୍ଲ କୁମାର ଦାସ, ବରିଷ୍ଠ କଂଗ୍ରେସ ନେତା ଫକୀର ଚରଣ ଖଟୁଆ, ମହମ୍ମଦ ଆକବର ଅଲ୍ଲୀ, ଭାଗିରଥି ଜେନା, ସନ୍ତୋଷ କୁମାର ବେହେରା, ବିଧୁଭୂଷଣ ମହାପାତ୍ର, ଦିଲ୍ଲିପ ପ୍ରଧାନ, ହିମାଂଶୁଭୂଷଣ ନନ୍ଦ, ଗୌରାଙ୍ଗ ଖଟୁଆ, ବିଜୟ ମଲ୍ଲିକ, ରଶ୍ମିରଞ୍ଜନ ଚୌଧୁରୀ, ପ୍ରଭାତ ରାଉତ, ରଞ୍ଜନ ରାଉତ, ନାରାୟଣ ରାଉତ, ପ୍ରଦିପ ରାଉତ, ଉମେଶ ପାଢ଼ୀ ପ୍ରମୁଖ ଯୋଗଦେଇ ବିଜେପି ସରକାରର କୃଷକମାରଣ ନୀତିକୁ ସମାଲୋଚନା କରିବା ସହିତ କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ କୁଶପୁତଳିକା ଦାହ କରିଥିଲେ ।

• ରାଷ୍ଟ୍ରୀୟ ସଙ୍ଗୀତ ବନ୍ଦେ ମାତରମର ୧୫୦ତମ ବାର୍ଷିକ ଉତ୍ସବ

## ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ



**ଆଳି,୧୦।୨ (ସଂଚାର ବ୍ୟୁରୋ):** ରାଷ୍ଟ୍ରୀୟ ସଙ୍ଗୀତ ବନ୍ଦେ ମାତରମ ର ୧୫୦ତମ ବାର୍ଷିକ ଅବସରରେ ଆଳି ବ୍ଲକ ପ୍ରଶାସନ ପକ୍ଷରୁ ଦୁଇଶହରୁ ଊର୍ଦ୍ଧ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ନେଇ ବିଭିନ୍ନ ପ୍ରକାର ପ୍ରତିଯୋଗିତା କରା ଯାଇଥିଲା । ଏହି ପ୍ରତିଯୋଗିତାରେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ଆଳି ବ୍ଲକ ପ୍ରଶାସନ ପକ୍ଷରୁ ପୁରସ୍କୃତ କରାଯାଇଛି । ଆଳି ଆଦର୍ଶ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ଉତ୍ସବରେ ଆଳି ବିଡ଼ିଓ ଅବିନାଶ ବିଶ୍ୱଜିତ ସେଠୀ,ତହସିଲଦାର ସୁମନ ଘୋଷ,ଅଧକ୍ଷ ମନୋରଞ୍ଜନ ସାମଲ, ଉପାଧକ୍ଷ ମିନତୀ ବାରିକ,ଏବିଓ ଜ୍ୟୋତିପୁଷ୍ପା ମହାନ୍ତି, ଆଦର୍ଶ ବିଦ୍ୟାଳୟ ଅଧକ୍ଷ ପ୍ରତାପ ସାହୁ,ସେଗାହି ସମିତି ସଭ୍ୟ ସନ୍ତୋଷ ବେହୁରିଆ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମକୁ ଆଳି ବ୍ଲକର ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ ।

## 'ଏକ ଦେଶ ଏକ ନିର୍ବାଚନ' ପାଇଁ ଦସ୍ତଖତ ଅଭିଯାନ

**ନିଶ୍ଚିନ୍ତକୋଇଲି,୧୦।୨(ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ବିଭିନ୍ନ ମହାବିଦ୍ୟାଳୟରେ ଏକ ଦେଶ ଏକ ନିର୍ବାଚନ ପାଇଁ ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଦସ୍ତଖତ ଅଭିଯାନ ନିଶ୍ଚିନ୍ତକୋଇଲି ବ୍ଲକ ସଂଯୋଜକ ସିପ୍ନା ମଲିକଙ୍କ ସଂଯୋଜନାରେ ପଞ୍ଚାୟତ ପ୍ରଜ୍ଞାନ ମହାବିଦ୍ୟାଳୟ, ସୁଭଦ୍ରା ମହତାବ ମହାବିଦ୍ୟାଳୟ ଓ ବଲ୍ଲଭୀଦେବୀ ମହିଳା ମହାବିଦ୍ୟାଳୟ ଛାତ୍ର ଛାତ୍ରୀମାନଙ୍କୁ ନେଇ ଏକ ଦେଶ ଏକ ନିର୍ବାଚନ ସମ୍ପର୍କରେ ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର କର୍ତ୍ତୃପକ୍ଷ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ପୂର୍ଣ୍ଣ ସହଯୋଗ କରିଛନ୍ତି। ଏହି କାର୍ଯ୍ୟକ୍ରମ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସଂଯୋଜକ ଶ୍ରୀ ମଲିକ ସୂଚନା ଦେଇଥିବା ବେଳେ ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ଗଢ଼ି ତୋଳିବାରେ ଯୁବ ପିଢ଼ୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ମଲିକ ମତବ୍ୟକ୍ତ କରିଥିଲେ।

## ଇଣ୍ଟରନ୍ୟାସନାଲ ହ୍ୟୁମାନ ରାଇଟ ଫୋର୍ସ କେନ୍ଦ୍ରାପଡ଼ା ଜିଲ୍ଲାର ନୂତନ କର୍ମକର୍ତ୍ତାଙ୍କ ଦାୟିତ୍ୱ ଗ୍ରହଣ



**ପଟ୍ଟାମୁଣ୍ଡାଇ,୧୦।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ର ଇଣ୍ଟର ନେସନାଲ ହ୍ୟୁମାନ ରାଇଟ ଫୋର୍ସ ତରଫରୁ ଆଜି କେନ୍ଦ୍ରାପଡ଼ା ଜିଲ୍ଲା ଦୁହୁରିଆ ସ୍ଥିତ ଆଇ ଏଚ ଆର ଏଫ ଅଫିସ ରେ କେନ୍ଦ୍ରାପଡ଼ା ଜିଲ୍ଲା ରେ ନିର୍ବାଚିତ ନୂତନ କର୍ମକର୍ତ୍ତା ଙ୍କ ର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଅଛି। ଏହି ସଭାରେ ମୁଖ୍ୟ ଅତିଥି ଭାବେ ୱେଷ୍ଟ ଜୋନ ର ମହିଳା ସଭାପତି ମୋନାଲିସା ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଇଣ୍ଟର୍ ନେସନାଲ ହ୍ୟୁମାନ ରାଇଟ ଫୋର୍ସ ର ନିର୍ବାଚିତ ଜିଲ୍ଲା କର୍ମକର୍ତ୍ତା ଙ୍କୁ ଫୁଲ ତୋଡା ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଇଣ୍ଟର୍ ନେସନାଲ ହ୍ୟୁମାନ ରାଇଟ ଫୋର୍ସ କେନ୍ଦ୍ରାପଡ଼ା ଜିଲ୍ଲା ଶାଖାରେ ନୂତନ ଜିଲ୍ଲା ସଭାପତି ଭାବେ ସଞ୍ଜୟ କୁମାର ପଣ୍ଡା, ଜିଲ୍ଲା ସମ୍ପାଦକ ଭାବେ ପ୍ରମୋଦ କୁମାର ଜେନା, ମହିଳା ସଭାପତି ଭାବେ ମିନତି ସୁନ୍ଦର ରାୟ,ମହିଳା ଏକ୍ଜିକ୍ୟୁଟିଭ ସଭାପତି ଭାବେ ସ୍ୱୟଂପ୍ରଭା ମିଶ୍ର, ମହିଳା ଉପସଭାପତି ଭାବେ ପ୍ରଭାତୀ ସାହୁ ନିର୍ବାଚିତ ହୋଇ ଥିଲେ। ନୂତନ ଜିଲ୍ଲା ସଭାପତି ଭାବେ ସଞ୍ଜୟ କୁମାର ପଣ୍ଡା ଓ ଜିଲ୍ଲା ମହିଳା ସଭାପତି ଭାବେ ମିନତୀ ସୁନ୍ଦର୍ ରାୟ, ଜିଲ୍ଲା ସମ୍ପାଦକ ଭାବେ ପ୍ରମୋଦ ଜେନା ଓ ଜିଲ୍ଲା ଏକ୍ସକୁ୍ୟଇଭିସଭାପତି ଭାବେ ସ୍ୱଂୟପ୍ରଭା ମିଶ୍ର ଓ ମହିଳା ଉପସଭାପତି ଭାବେ ପ୍ରଭାତୀ ସାହୁ ନିର୍ବାଚିତ ହୋଇଥିଲେ। କେନ୍ଦ୍ରାପଡ଼ା ଜିଲ୍ଲାର ଉପସଭାପତି ଧନ୍ୟବାଦ୍ ଦେଇ ସଭା ଭଙ୍ଗ କରିଥିଲେ। ନୂତନ ଜିଲ୍ଲା ସଭାପତି, ସଂପାଦକ, ମହିଳା ଜିଲ୍ଲା ସଭାପତି ନିଯୁକ୍ତି ପରେ କେନ୍ଦ୍ରାପଡ଼ା ଜିଲ୍ଲାର ବୁଦ୍ଧିଜୀବୀ, ସମାଜସେବୀ, ପ୍ରଶାସନ, ସଚେତନ ନାଗରିକ ଜିଲ୍ଲା କମିଟି ଇଣ୍ଟର ନେସନାଲ ହ୍ୟୁମାନ ରାଇଟ ଫୋର୍ସ ତରଫରୁ ଅଭିନନ୍ଦନ ଜଣାଇଛନ୍ତି।

## ଜଗନ୍ନାଥପୁରରେ ପାନୀୟ ଜଳ ସଙ୍କଟ

# ପାଞ୍ଚଶହରୁ ଊର୍ଦ୍ଧ୍ୱ ଲୋକ ହନ୍ତସନ୍ତ

**ଡେରାବିଶ,୧୦।୨(ସଂଚାର ବ୍ୟୁରୋ):** ଗ୍ରାମାଞ୍ଚଳ ଜନସାଧାରଣଙ୍କୁ ପାନୀୟ ଜଳ ଯୋଗାଣ ପାଇଁ ସରକାର ତତ୍ପର ଥିବା କହୁଛନ୍ତି । ପ୍ରତ୍ୟେକଙ୍କ ଘରକୁ ନଳ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଇଥିବା ନେଇ ଘୋଷଣା ମଧ କରାଯାଇଛି। ମାତ୍ର ବାସ୍ତବ ଚିତ୍ର ଭିନ୍ନ। ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି କେନ୍ଦ୍ରାପଡା ଜିଲା ଡେରାବିଶ ବ୍ଲକ ନହଙ୍ଗ ପଞ୍ଚାୟତରେ।

ଏହି ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଜଗନ୍ନାଥପୁର ଗ୍ରାମର ଦୁଇଟି ୱାର୍ଡ ଥିବାବେଳେ ପ୍ରାୟ ୫ ଶହରୁ ଊର୍ଦ୍ଧ ଜନସାଧାରଣ ପାନୀୟ ଜଳ ପାଇଁ ଦହଗଞ୍ଜ ହେଉଛନ୍ତି । ଏହି ଗ୍ରାମରେ ପାନୀୟ ଜଳ ଯୋଗାଇବା ପାଇଁ ଜଳ ଉତ୍ସ ସହିତ



ଓଭରହେଡ ପାଣି ଟାଙ୍କି ନିର୍ମାଣ କରାଯାଇଥିଲେ ମଧ ଜନସାଧାରଣଙ୍କ ତୃଷ୍ଣା ମେଣ୍ଟାଇବାରେ ଏହା ସହାୟକ ହେଉନାହିଁ। ୨୦୨୨ରେ ଜନସାଧାରଣଙ୍କୁ ପାନୀୟ ଜଳ ଯୋଗାଣ ନିମନ୍ତେ ଏହି ଜଳଉତ୍ସ ସହିତ ଓଭରହେଡ ପାଣି ଟାଙ୍କି ନିର୍ମାଣ କରାଯାଇଥିଲା। ପ୍ରାୟ ୧ କୋଟି ୪୫ ଲକ୍ଷ ୯୯ ଜଳଉତ୍ସର ଜଳସ୍ତର

### ବିଭାଗୀୟ ଯନ୍ତ୍ରୀ ସବୁ ଜାଣି ଚୁପ୍

ହଠାତ୍ ତଳକୁ ଖସିଯିବା ଯୋଗୁଁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଏହି ପ୍ରକଳ୍ପ କାର୍ଯ୍ୟ କରିଥିବା ଠିକା ସଂସ୍ଥାର ରକ୍ଷଣାବେକ୍ଷଣର ଦାୟିତ୍ୱ ଥିବା ବେଳେ ଦୁଇଦିନ ଭିତରେ ଏହି ସମସ୍ୟାର ସମାଧାନ ହୋଇଯିବ ବୋଲି ସହକାରୀ ଯନ୍ତ୍ରୀ ଶ୍ରୀ ଦାଶ କହିଛନ୍ତି । ତେବେ ଆଗକୁ ଗ୍ରୀଷ୍ମ ପ୍ରବାହ ଥିବା ବେଳେ ଜନସାଧାରଣ ଏହାକୁ ସହଜରେ ଗ୍ରହଣ କରିପାରି ନାହାନ୍ତି। ଯଦି ଏବେଠାରୁ ଏଭଳି ସମସ୍ୟା ଦେଖାଦେଇଛି ତେବେ ଆଗକୁ କ'ଣ ହେବ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ତେଣୁ ତୁରନ୍ତ ଗ୍ରାମବାସୀଙ୍କ ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ସାଧାରଣରେ ଦାବି ହୋଇଛି।

## ସିହୋପଡ଼ା ମଣ୍ଡିରୁ ଉଠୁନି ଧାନ, ଚାଷୀ ହନ୍ତସନ୍ତ

**କେନ୍ଦ୍ରାପଡା, ୧୦।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ସିହୋପଡା ସମବାୟ ସମିତିରୁ ଧାନ ଉଠୁନଥିବାରୁ ଚାଷୀମାନେ ହନ୍ତସନ୍ତ ହେଉଥିବା କେନ୍ଦ୍ରାପଡା ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀଙ୍କୁ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ଗତ ଜାନୁଆରୀ ମାସର ୧୦ ଓ ୧୨ ତାରିଖ ପାଇଁ ଟାର୍ଗେଟ୍ ଆସିଥିଲା । ଉକ୍ତ ଟାର୍ଗେଟ୍‌ର ଚାଷୀମାନେ ତାଙ୍କ ଧାନ ନେଇ ମଣ୍ଡିରେ ପହଁଚିବା ପରେ



ଏ ପର୍ଯ୍ୟନ୍ତ ମଣ୍ଡିରୁ ଧାନ ଉଠିନାହିଁ । ଏ ବିଷୟରେ ସମବାୟ ସମିତି ସମ୍ପାଦକଙ୍କୁ ପଚାରିଲେ ସମବାୟ ସମିତି ସମ୍ପାଦକ କହିବା ଅନୁଯାୟୀ ଜରିବସ୍ତାରେ ମିଲର୍ ମାଲିକ ଧାନ ନେବାକୁ ରାଜି ହେଉନାହାଁନ୍ତି । ତେଣୁ ଝୋଟ ବସ୍ତାରେ ଧାନ ପୁରାଇ ଆଣିବାକୁ ସେ କହୁଛନ୍ତି । ଶହ ଶହ ବସ୍ତା ଧାନ ଓଜାଡି ପୁଣି ଝୋଟ ବସ୍ତାରେ ଧାନ ପୁରାଇବା କାଠିକର ପାଠ। ତୁରନ୍ତ ଧାନ ମଣ୍ଡିରୁ ଉଠାଇବା ସହିତ ଚାଷୀମାନଙ୍କୁ ସମସ୍ତ ଅସୁବିଧାରୁ ରକ୍ଷା କରିବା ପାଇଁ ପୂର୍ବତନ ସରପଂଚ ପ୍ରଦୀପ କୁମାର ବେହୁରାଙ୍କ ସମେତ ଧର୍ମଜୟ ସାମଲ, ସୂର୍ଯ୍ୟକାନ୍ତ ବାରିକ, ବ୍ରଜ କିଶୋର ନାୟକ, କମ୍ବୁ ଚରଣ ବାରିକ, ରବିନ୍ଦ୍ର ନାୟକ, ମନୋରଞ୍ଜନ ମହାନ୍ତ, ସୁରେନ୍ଦ୍ର ମଲ୍ଲିକ, ତପନ ମହାପାତ୍ର, ସୁଦର୍ଶନ ବେହୁରା ପ୍ରମୁଖ ଦାବି କରିଛନ୍ତି ।

## ବିରସ୍ୱତୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଚଳାବସ୍ଥା

**କେନ୍ଦ୍ରାପଡା,୧୦।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଓସ୍ତପୁର ପଞ୍ଚାୟତ ଅନ୍ତର୍ଗତ ବିରସ୍ୱତୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ୟାପକ ଅବ୍ୟବସ୍ଥା ନେଇ ସ୍କୁଲ୍ ପରିଚାଳନା କମିଟି ଓ ଅଭିଭାବକ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଛୁଟିରେ ଥିବାବେଳେ ସହକାରୀ ଶିକ୍ଷୟିତ୍ରୀଙ୍କୁ ସମ୍ପୂର୍ଣ୍ଣ ଦାୟିତ୍ୱ ଦିଆଯାଇନଥିବାରୁ ପରିଚାଳନା ପରିଷଦ କମିଟିଙ୍କ ମଧ୍ୟରେ ଅସନ୍ତୋଷ ପାଇବା ସହ ସ୍କୁଲ ଛାତ୍ର ଛାତ୍ରୀଙ୍କ ପାଇଁ ଆସୁଥିବା ପୋଷାକ ବଂଟନ ହୋଇପାରୁନାହିଁ କିମ୍ବା ପୋଷାକ ଦେଇଥିବ। ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଠାରୁ ପୋଷାକ ଗ୍ରହଣ କରିବା ପାଇଁ କେହି ରାଜି ନ ହେବାରୁ ଆଜି ପରିଚାଳନା



ପରିଷଦ କମିଟି ସ୍ଥାନୀୟ ସରପଂଚ ଓ ଅଭିଭାବକ ମାନେ ସ୍କୁଲରେ ପହଁଚି ତୁରନ୍ତ ସମସ୍ୟା ସମାଧାନ କରି ପୋଷାକ ବଂଟନ କରିବା ପାଇଁ ସିଆର୍‌ସିସିଙ୍କ ସହିତ ଆଲୋଚନା କରିଛନ୍ତି । ସ୍କୁଲର ଅବ୍ୟବସ୍ଥା ପାଇଁ ବାରମ୍ବାର ମଣ୍ଡଳ ଶିକ୍ଷା ଅଧିକାରୀ କୌଣସି ପଦକ୍ଷେପ ନ ନେବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

### ଅସୁରେଶ୍ୱରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ

## ମାହାଙ୍ଗା ମାଟିର ବିକାଶ ହିଁ ଏକମାତ୍ର ଲକ୍ଷ୍ୟ: ବିଧାୟକ ଶାରଦା



**ନିଶ୍ଚିନ୍ତକୋଇଲି,୧୦।୨ (ସଂଚାର ବ୍ୟୁରୋ):** ମଙ୍ଗଳବାର ପୂର୍ବାହ୍ନରେ ମାହାଙ୍ଗା ବିଧାୟକ ଶ୍ରୀଯୁକ୍ତ ଶାରଦାପ୍ରସାଦ ପ୍ରଧାନ ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ଅସୁରେଶ୍ୱର ପଞ୍ଚାୟତର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପ୍ରଥମେ ବିଧାୟକ ଶ୍ରୀ ପ୍ରଧାନ ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗର ଅସୁରେଶ୍ୱର ଠାରୁ ପାଇକରାପୁର ଭାୟା ରଥ ଦାଣ୍ଡ ନୂତନ ରାସ୍ତା ନିର୍ମାଣ କାର୍ଯ୍ୟର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ବିଧାୟକ ଶ୍ରୀ ପ୍ରଧାନ ଅସୁରେଶ୍ୱର ପଞ୍ଚାୟତର ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଅସୁରେଶ୍ୱର ବାର୍ଷିକ ଉତ୍ସବ ୨୦୨୫-୨୬ ଏବଂ ସୁଭଦ୍ରା ମହତାବ ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଛାତ୍ର ଛାତ୍ରୀଙ୍କ ଶୈକ୍ଷିକ ବିକାଶ ପାଇଁ ସମସ୍ତ ଗୁରୁଜୀ ଗୁରୁମା ଏବଂ ଅଭିଭାବକ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି ବୋଲି ମତପ୍ରକାଶ କରିବା ସହିତ ଯାହାକିଛି ସରକାରୀ ସୁବିଧା ସୁଯୋଗ ଆବଶ୍ୟକ ତାହାକୁ ଯୋଗାଇଦେବାକୁ ପ୍ରସ୍ତୁତ ଅଛନ୍ତି ବୋଲି କହିଥିଲେ। ବିଧାୟକଙ୍କ ସହିତ ବ୍ଲକ ଉପାଧକ୍ଷ ନୃସିଂହଚରଣ ମିଶ୍ର, ଅଶୋକ ଓଝା, ସମାଜସେବୀ ରମେଶଚନ୍ଦ୍ର ସ୍ୱାଇଁ, ପିଏମଶ୍ରୀ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କୁନ୍ତଳା ଖଟୁଆ, ଶିକ୍ଷୟିତ୍ରୀ ମନୋରମା ପ୍ରଧାନ, ସୁପ୍ରିୟା ସାହୁ, ଅରୁନ୍ଧତୀ ଐଶ୍ୱର୍ଯ୍ୟାରାଣୀ ଦାସ, ସୁନିଲ କୁମାର ଲେଙ୍କା, ସୁଭଦ୍ରା ମହତାବ ମହାବିଦ୍ୟାଳୟର ଅଧକ୍ଷା, ଅଧାପକ, କର୍ମଚାରୀଙ୍କ ସମେତ ଅସୁରେଶ୍ୱର ସରପଞ୍ଚ ଗୌତମୀ ଦାସଙ୍କ ସମେତ ବିଧାୟକଙ୍କ ବହୁ ସମର୍ଥକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ପିଇଓଙ୍କ କାମୁଡ଼ାରେ ସରପଞ୍ଚ ଆହତ

**ଡେରାବିଶ,୧୦।୨ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଛୋଟି ପଞ୍ଚାୟତ କାର୍ଯ୍ୟାଳୟରେ ଆଜି ସରପଞ୍ଚ ଓ ପିଇଓଙ୍କ ମଧ୍ୟରେ ତୁମୁଳକାଣ୍ଡ ଘଟି ମାମଲା ପହଞ୍ଚିଛି ନିକିରେଇ ଥାନାରେ। ଉଭୟଙ୍କ ପକ୍ଷରୁ ଏ ନେଇ ନିକିରେଇ ଥାନାରେ ଦିଆଯାଇଥିବା ଏତଲା ଅନୁଯାୟୀ ପୃଥକ ପୃଥକ ମାମଲା ରୁଜୁ କରାଯାଇଥିବା ନିକିରେଇ ଥାନା ଅଧିକାରୀ ବିମଳ କୁମାର ମଲିକ ପ୍ରକାଶ କରିଛନ୍ତି। ଥାନରେ ଛୋଟି ସରପଞ୍ଚ ରଜନୀ ମଲିକଙ୍କ ଅଭିଯୋଗ ଅନୁଯାୟୀ ସରକାରଙ୍କ



ନିୟମ ଅନୁସାରେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆଜି ସିସିଟିଭି ଲଗାଯାଉଥିଲା। ସିସିଟିଭି ଟେକନିସିଆନ୍ ପଞ୍ଚାୟତର ପିଇଓ ସୁଲେଖା ମଲିକଙ୍କ କାର୍ଯ୍ୟାଳୟ ପରିସରକୁ ଯାଇ ସିସିଟିଭି ଲଗାଇଲା ବେଳକୁ ଏହି କାର୍ଯ୍ୟାଳୟ ପରିସରରେ ଥିବା ସୁଲେଖା ଓ ତାଙ୍କ ସ୍ୱାମୀ ସିସିଟିଭି ଲଗାଇବାକୁ ବାରଣ କରିଥିଲେ। ଏ ସମ୍ପର୍କରେ ଟେକନିସିଆନ୍‌ଙ୍କ ପାଖରୁ ଖବର ପାଇ ସେଠାରେ ପହଞ୍ଚି ସୁଲେଖାଙ୍କୁ ପଚାରିବାରୁ ପିଇଓ ସୁଲେଖା ଓ ତାଙ୍କ ସ୍ୱାମୀ ସରପଞ୍ଚ ରଜନୀଙ୍କୁ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବକୁ ଉଦ୍ୟତ ହୋଇଥିଲେ। ଏହି ସମୟରେ ସୁଲେଖା ରଜନୀଙ୍କ ବେକକୁ କାମୁଡ଼ିବାକୁ ଯିବା ବେଳେ ରଜନୀ ହାତ ଦେଖାଇ ଦେବାକୁ ସୁଲେଖାଙ୍କ କାମୁଡ଼ାରେ ରଜନୀଙ୍କ ହାତ କ୍ଷତାକ୍ତ ହୋଇପଡ଼ିଥିବା ନେଇ ରଜନୀ ଅଭିଯୋଗ କରିଛନ୍ତି। ରଜନୀଙ୍କ ଅଭିଯୋଗକୁ ଭିତିକରି ନିକିରେଇ ଥାନାରେ ୪୧/୨୬ରେ ଏକ ମାମଲା ରୁଜୁ କରାଯାଇଥିବା ଜଣାଯାଇଛି।

## ପ୍ରତିଭା ସମ୍ମାନ ପରିଷଦ ତରଫରୁ କବିତା ପାଠୋତ୍ସବ, ସାରସ୍ୱତ ମିଳନ ଓ ସମ୍ବର୍ଦ୍ଧନା ପର୍ବ

**ପଟ୍ଟାମୁଣ୍ଡାଇର,୧୦।୨ (ସଂଚାର ବ୍ୟୁରୋ):** ଅଗ୍ରଣୀ ସାହିତ୍ୟାନୁଷ୍ଠାନ ପ୍ରତିଭା ସମ୍ମାନ ପରିଷଦ ତରଫରୁ କବିତା ପାଠୋତ୍ସବ, ସାରସ୍ୱତ ମିଳନ ଓ ସମ୍ବର୍ଦ୍ଧନା ପର୍ବ ସ୍ଥାନୀୟ ଆଶୀର୍ବାଦ ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ବିଶିଷ୍ଟ ପ୍ରାବନ୍ଧିକ ତଥା କଥାକାର ପ୍ରାଧ୍ୟାପକ ଡଃ ନୀଳମଣି ଲେଙ୍କାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାୱେ ବିଶିଷ୍ଟ କବି ତଥା ପରିବେଶବିତ୍ ଡାଃ ମନୋରଞ୍ଜନ ଦାଶ ଓ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଆନନ୍ଦ ଚନ୍ଦ୍ର ମହାପାତ୍ର ଯୋଗ ଦେଇ ସାହିତ୍ୟ ଆମ ଜାତିର ଅସ୍ମିତା । ସାରସ୍ୱତ ମିଳନରେ ସମାଜର ବୌଦ୍ଧିକ ବିକାଶ ଘଟିଥାଏ ଏବଂ ବ୍ୟକ୍ତିତ୍ୱର ପ୍ରତିଭାକୁ ସମ୍ମାନ ପ୍ରଦାନରେ ସାରସ୍ୱତ ସାଧନାର ପରିପୁଷ୍ଟ ସହ





ଅନୁଷ୍ଠାନର ମର୍ଯ୍ୟାଦା ବଢ଼ିଥାଏ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇଥିୱା ସଙ୍ଗୀତଗୁରୁ ରବୀନ୍ଦ୍ର ନାଥ ମିଶ୍ରଙ୍କୁ 'ସାବିତ୍ରୀ ଦେବୀ ସ୍ମୃତି ସମ୍ମାନ' ଓ ସୁ -କୱୟିତ୍ରୀ ତଥା ଗବେଷିକା ଅଧ୍ୟାପିକା ଡଃ ଚିତ୍ରାକାନ୍ତି ସେଠୀଙ୍କୁ ସୋହମ୍ ସାହିତ୍ୟ ପତ୍ରିକା ତରଫରୁ 'ପ୍ରଭାବତୀ ଦେବୀ ସ୍ମୃତିସମ୍ମାନ' ପ୍ରଦାନ କରାଯାଇଥିଲା। ଏହାପରେ ଡ଼ଃ ଚିତ୍ରାକାନ୍ତି ସେଠୀଙ୍କ ରଚିତ କବିତା ସଂକଳନ "ଖରାଦିନ ଛୁଟି " ଉନ୍ମୋଚିତ ହୋଇଥିଲା। ତାପରେ ଏକ ମନୋଜ୍ଞ କବିତା ପାଠୋତ୍ସବ ବହୁ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ।

## ମେଣ୍ଟପୁର ପ୍ରିମିୟର ଲିଗ: ଇଲେଭେନ ଷ୍ଟାରକୁ ହରାଇଲା ଜିପି ସୁପର କିଙ୍ଗ

**ଆଳି,୧୦।୨(ସଂଚାର ବ୍ୟୁରୋ):** ଆଳି ବ୍ଲକ ମେଣ୍ଟପୁର ପଞ୍ଚାୟତ କଳାପାହାଡ଼ ଖେଳ ପଡିଆ ଠାରେ କଳାପାହାଡ଼ ୟୁଥ କ୍ଲବ ଆନୁକୂଲ୍ୟରେରେ ମେଣ୍ଟପୁର ପ୍ରିମିୟର ଲିଗ ସିଜିନ-୨ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଏହି



ଟୁର୍ଣ୍ଣାମେଣ୍ଟରେ ଚଳିତ ଥର କଳାପାହାଡ଼ ଫାଇଟର୍ସ, ଇଲେଭେନ ଷ୍ଟାର, କଣ୍ଟିପୁର ବାଜିଗର ୱାରୀୟର୍ସ, ଜିପି ସୁପରକିଙ୍ଗ, କଳିଙ୍ଗବୁଲସ, ତାଜ ୱାରିୟର୍ସ ଟି ଟିମ ଭାଗ ନେଇଛନ୍ତି। ମଙ୍ଗଳବାର ଦିନ ଜିପି ସୁପର କିଙ୍ଗ ଓ ଇଲେଭେନ ଷ୍ଟାର ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଜିପି ସୁପରକିଙ୍ଗ ପ୍ରଥମେ ବ୍ୟାଟିଙ୍ଗ କରି ୮ ଓଭରରେ ୪ ଉଇକେଟ ହରାଇ ୯୩ ରନ ସଂଗ୍ରହ କରିଥିବା ବେଳେ ଏହାର ଜବାବରେ ଇଲେଭେନ ଷ୍ଟାର ୮ ଓଭରରେ ୭ଟି ଉଇକେଟ ହରାଇ ୬୩ ରନ କରି ହାରି ଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ପ୍ରଣବ ଶୁକ୍ଲା, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ପ୍ରଭୁ କଲ୍ୟାଣ ସେନାପତି, ଡାକ୍ତର ବିଶ୍ୱଜୟ ଶର୍ମା ପ୍ରମୁଖ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ମ୍ୟାନ ଅଫ ଦି ମ୍ୟାଚ ସେକ ଅକତରଙ୍କୁ ଟ୍ରଫି ପ୍ରଦାନ କରା ଯାଇଥିଲା। ଅମ୍ପାୟାର ଭାବେ ରାଶିଦ ଇକବାଲ ଖାନ, ସେକ ରଫିକ ଖେଳ ପରିଚାଳନା କରିଥିବା ବେଳେ କଳାପାହାଡ଼ ୟୁଥ କ୍ଲବର ସଦସ୍ୟ ମାନେ ଖେଳ ପରିଚାଳନା କରିଥିଲେ ।

## ଜିଲ୍ଲାସ୍ତରୀୟ ସୁରକ୍ଷିତ ଇଣ୍ଟରନେଟ୍ ଦିବସ ପାଳିତ

**କେନ୍ଦ୍ରାପଡ଼ା,୧୦।୨(ସଂଚାର ବ୍ୟୁରୋ):** ଜିଲ୍ଲାସ୍ତରୀୟ ସୁରକ୍ଷିତ ଇଣ୍ଟରନେଟ୍ ଦିବସ-୨୦୨୬ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସରକାରୀ ପଲିଟେକ୍ନିକ୍ କଲେଜ, କେନ୍ଦ୍ରାପଡ଼ାଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ାର ଜିଲ୍ଲାପାଳ ରଘୁରାମ ଆର. ଆୟରର ସାଇବର ସୁରକ୍ଷା ଏବଂ ଇଣ୍ଟରନେଟ୍ ବ୍ୟବହାରର ସର୍ବୋମ ବ୍ୟବହାର ସମ୍ପର୍କରେ ଗୁରୁତ୍ୱ ଦେଇ, ନିଜ ଅନୁଭବ ଆଧାରରେ ମୂଲ୍ୟବାନ ମତାମତ ରଖିଥିଲେ । ସାଇବର ଠକାମୀର ଶିକାର ହେଲେ ଜଣେ ବ୍ୟକ୍ତି ଯଦି ୩୦ ମିନିଟ ସମୟ(ଗୋଲଡେନ ଆୱାର) ମଧ୍ୟରେ ସାଇବର ଥାନାରେ ଠକାମୀର ଅଭିଯୋଗ ଦାଖଲ କରେ, ତେବେ ଅଭିଯୁକ୍ତକୁ ଧରିବା ପାଇଁ ପୋଲିସକୁ ସହଜସାଧ ହୋଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ଶୁଭେନ୍ଦୁ ଶେଖର ସାହୁ ଇଣ୍ଟରନେଟ୍‌ର ସୁରକ୍ଷିତ ବ୍ୟବହାର ଉପରେ ଏକ ବିସ୍ତୃତ ପ୍ରସ୍ତୁତିକରଣ ଦେଇଥିଲେ ।

## ଏବେ ବି ବଞ୍ଚିଛି ଜାତିପ୍ରଥା

# ଦଳିତ ସହାୟିକାଙ୍କ ନିଯୁକ୍ତି ପରେ ଅଙ୍ଗନବାଡ଼ିକୁ ଆସୁନାହାନ୍ତି ଶିଶୁ

◆ ଗର୍ଭବତୀ, ପ୍ରସୂତି ମହିଳା ଓ ଶିଶୁ ନେଉନାହାନ୍ତି ଖାଦ୍ୟ ◆ ୮୨ ଦିନ ହେଲା ଅଙ୍ଗନବାଡ଼ିରେ ତାଲା

**ରାଜନଗର,୧୦।୨ (ସଂଚାର ବ୍ୟୁରୋ):** ଆଜିର ଡିଜିଟାଲ ଯୁଗରେ ଜାତିପ୍ରଥା ବଞ୍ଚିଛି। ଅଙ୍ଗନବାଡି କେନ୍ଦ୍ରରେ ଦଳିତ ଯୁବତୀ ସହାୟିକା ଭାବେ ନିଯୁକ୍ତି ପାଇଲେ ବୋଲି ଅଙ୍ଗନବାଡି କେନ୍ଦ୍ରକୁ ଶିଶୁଙ୍କୁ ପଢ଼ିବାକୁ ଛାଡୁ ନାହାନ୍ତି ଗ୍ରାମବାସୀ। ଏପରିକି ସହାୟିକାଙ୍କ ହାତରୁ ଗର୍ଭବତୀ ଓ ପ୍ରସୂତି ମହିଳା ଏବ୍ଂ ଶିଶୁମାନଙ୍କ ପାଇଁ ଆସୁଥିବା ଖାଦ୍ୟ ମଧ ଗ୍ରହଣ କରୁନାହାନ୍ତି। ପରମ୍ପରା ଓ ଜାତିପ୍ରଥାକୁ ନେଇ ୮୨ ଦିନ ହେଲା ଅଙ୍ଗନବାଡି କେନ୍ଦ୍ରରେ ତାଲା ଝୁଲୁଛି । ଏ ନେଇ ଅଙ୍ଗନବାଡି କର୍ମୀଙ୍କ ଠାରୁ ଆରମ୍ଭ କରି ସୁପରଭାଇଜର ଓ ସିଡିପିଓ ବାରମ୍ବାର ଗାଁକୁ ଯାଇ ଗାଁ ମୁରବି ଓ ଲୋକଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ ମଧ ଗ୍ରାମବାସୀ ପରମ୍ପରା ଓ ଜାତିପ୍ରଥାକୁ ଧରି ଶିଶୁଙ୍କୁ ପଢ଼ିବାକୁ ଛାଡୁନାହାନ୍ତି କି ଖାଦ୍ୟ ଗ୍ରହଣ କରୁନାହାନ୍ତି। ଏଭଳି ଅଭାବନୀୟ ଘଟଣା କେନ୍ଦ୍ରାପଡା ଜିଲ୍ଲା ରାଜନଗର ଥାନା ଅନ୍ତର୍ଗତ ଘଡିଆମାଳ ପଞ୍ଚାୟତ ନୂଆଗାଁରେ ଘଟିଛି। ଆଜି ରାଜନଗର ତହସିଲଦାର ଯୀଶୁକୃଷ୍ଣ ଦାସ ଗାଁରେ ପହଞ୍ଚି ଲୋକଙ୍କୁ ବୁଝାଇବାକୁ ଉଦ୍ୟମ କରିଛନ୍ତି।

ରାଜନଗର ବ୍ଲକ ଘଡିଆମାଳ ପଞ୍ଚାୟତ ନୂଆଗାଁ ଅଙ୍ଗନବାଡି କେନ୍ଦ୍ରରେ ସହାୟିକା ପଦବୀ ଦୀର୍ଘଦିନ ହେବ ଖାଲିପଡିଛି। ୨୦୨୪ ରେ ସହାୟିକା ପଦ ନିମନ୍ତେ ବିଜ୍ଞାପନ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀଙ୍କ କାର୍ଯ୍ୟଳୟ ପକ୍ଷରୁ ପ୍ରକାଶ ପାଇଥିଲା। କେହି ଏନେଇ ଆବେଦନ କରିନଥିଲେ। ୨୦୦୫ ନଭେମ୍ବରରେ ପୁନର୍ବାର ବିଜ୍ଞାପନ ପ୍ରକାଶ ପାଇଥିଲା। ଗାଁର ଶର୍ମିଷ୍ଠା ଶେଠୀ ଏକମାତ୍ର ପାର୍ଥୀ ଭାବେ ଆବେଦନ କରିଥିଲେ। ଗ୍ରାମବାସୀମାନେ ସିଡିପିଓଙ୍କ ନିକଟରେ ଶର୍ମିଷ୍ଠାଙ୍କୁ ନିଯୁକ୍ତି ନଦେବାକୁ ଲିଖିତ ଭାବେ ଜଣାଇଥିଲେ। ପଦବୀ ପାଇଁ ଜଣେ ମାତ୍ର ଆବେଦନ କରିଥିବା ଶର୍ମିଷ୍ଠାଙ୍କୁ ୨୦ ନଭେମ୍ବର ୨୦୨୫ରେ ନୂଆଗାଁ ଅଙ୍ଗନବାଡି କେନ୍ଦ୍ରର ସହାୟିକା ଭାବେ ନିଯୁକ୍ତି ଦିଆଯାଇଥିଲା। ଶର୍ମିଷ୍ଠା ନିଯୁକ୍ତି ପାଇ ଅଙ୍ଗନବାଡି କେନ୍ଦ୍ରକୁ ଯିବା ପରେ ଆଉ କୌଣସି ଶିଶୁ ପାଠ ପଢ଼ିବାକୁ ଅଙ୍ଗନବାଡି କେନ୍ଦ୍ରକୁ ଆସୁନାହାନ୍ତି। ନଭେମ୍ବର ୨୧ ତାରିଖ ଠାରୁ ଆଜିଯାଏଁ ୮୨ ଦିନ ହେଲା ଅଙ୍ଗନବାଡି କେନ୍ଦ୍ରକୁ ଗାଁର କୌଣସି ଶିଶୁ ପଢ଼ିବାକୁ ଆସୁନାହାନ୍ତି। ଏହି ଅଙ୍ଗନବାଡି କେନ୍ଦ୍ରକୁ ୨୦ ଜଣ ୩ରୁ ୬ ବର୍ଷ ବୟସର ଶିଶୁ ପଢ଼ିବାକୁ ଆସୁନାହାନ୍ତି। ଏଥିସହିତ ଶର୍ମିଷ୍ଠା ଦଳିତ ଯୁବତୀ ହୋଇଥିବାରୁ ତାଙ୍କ ହାତରୁ କୌଣସି ଖାଦ୍ୟ ସାମଗ୍ରୀ ଗାଁ ଲୋକେ ଗ୍ରହଣ କରୁନାହାନ୍ତି। ସେଥିପାଇଁ ଡିସେମ୍ବର ମାସ ଠାରୁ ଗାଁର ଗର୍ଭବତୀ , ପ୍ରସୂତି ମହିଳା, ୬ ମାସରୁ ୩ ବର୍ଷ ଯାଏଁ ଶିଶୁ ଓ କିଶୋରୀ ବାଳିକା ମାନେ ଶୁଖିଲା ଖାଦ୍ୟ ମଧ ନେଉନାହାନ୍ତି।

ଏ ସମ୍ପର୍କରେ ଅଙ୍ଗନବାଡି କର୍ମୀ ଲିଖିତ ଭାବେ ସିଡିପିଓଙ୍କୁ ଜଣାଇବା ପରେ ସିଡିପିଓ ଲିଖିତ ଭାବେ ଜିଲ୍ଲା ସାମାଜମଙ୍ଗଳ ଅଧିକାରିଣୀ, ଉପଜିଲ୍ଲାପାଳଙ୍କୁ ଜଣାଇଛନ୍ତି। ଅଙ୍ଗନବାଡି କର୍ମୀଙ୍କ ଠାରୁ ଆରମ୍ଭ କରି ସୁପରଭାଇଜର ଓ ସିଡିପିଓ ବାରମ୍ବାର ଗାଁରେ ପହଞ୍ଚି ଲୋକଙ୍କୁ ବୁଝାଇଥିଲେ ମଧ ଗ୍ରାମବାସୀ ନିଜ ଜିଦରେ ଅଟଳ। ଶିଶୁଙ୍କୁ ପଢ଼ିବାକୁ କେନ୍ଦ୍ରକୁ ଛାଡିବେ ନାହିଁ କି କୌଣସି ଖାଦ୍ୟ ସାମଗ୍ରୀ ଗ୍ରହଣ କରିବେ ନାହିଁ ବୋଲି ରୋକଠୋକ ଶୁଣାଇ ଦେଇଛନ୍ତି।

ଏ ସମ୍ପର୍କରେ ଗାଁର ମୁରବି ନିର୍ମଳ ବାରିକଙ୍କୁ ପଚାରିବାରୁ ଗାଁରେ ଅଙ୍ଗନବାଡି କେନ୍ଦ୍ର ୩ ମାସ ହେଲା ବନ୍ଦ ରହିଛି। ଯେଉଁ ପିଲା ପୋଷ୍ଟିଂ ପାଇଛି ତାକୁ ଗାଁ ଲୋକେ ଆସେପ୍ଟ କରୁନାହାନ୍ତି। ଗାଁରେ ପରମ୍ପରା ଅଛି, ଜାତିପ୍ରଥା ଅଛି। ଯଦି ସେ ଜିନିଷ ଗମେଣ୍ଟ ଉଠାଇ ଦେଇଛି। ସେ ପିଲା ଚାକିରି କରିଛି କରୁ , ଆମ ପିଲା ଅଙ୍ଗନବାଡି ଯିବେ ନାହିଁ ବୋଲି କହିଛନ୍ତି।


**AFFIDAVIT**

By virtue of an affidavit sworn before Executive Magistate, KHALLIKOTE, GANJAM, 75AA 366127, dated 02.12.2025.

I, Eeshworee Das, Daughter of Bhimasen Das, permanent resident of village: Keshpur, PO: Khallikote RS, PS: Khallikote, Dist: Ganjam, Odisha, 761030, currently residing at Kesapur, PO: Khallikote RS, PS: Khallikote, Dist: Ganjam, Odisha, 761029, declare that I have changed my name from Eswari Das to Eeshworee Das. Henceforth, I shall be known as Eeshworee Dasfor all purposes.

EESHWOREE DAS

## ୧୨ରେ ମଧ୍ୟାହ୍ନଭୋଜନ ପାଚିକା ସହାୟିକା ସଂଘର ଆନ୍ଦୋଳନ



**ଭୁବନେଶ୍ୱର,୧୦।୨(ସଂଚାର ବ୍ୟୁରୋ):** ଆସନ୍ତା ୧୨ ତାରିଖରେ ଧର୍ମଘଟ ଡାକରା ଦେଇଛି ମଧ୍ୟାହ୍ନଭୋଜନ ପାଚିକା ସହାୟିକା ସଂଘ ମିଳିତ ମଞ୍ଚ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ବିଦ୍ୟାଳୟରେ ଯେପରି ମଧ୍ୟାହ୍ନ ଭୋଜନ ବ୍ୟବସ୍ଥାର ବିକଳ୍ପ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ରାଜ୍ୟ ପ୍ରକଳ୍ପ ସଂଯୋଜକ କାର୍ଯ୍ୟାଳୟ (ପ୍ରଧାନମନ୍ତ୍ରୀ ପୋଷଣ) ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଏନେଇ ଚିଠି ଲେଖାଯାଇଛି।

# ବକେୟା ଚାଲାଣ ପୈଠ ନ କଲେ ମିଳିବନି ପିୟୁସିସି

### ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଲେ ହାଇକୋର୍ଟ

**କଟକ,୧୦।୨(ସଂଚାର ବ୍ୟୁରୋ):** ପ୍ରଦୂଷଣ ପ୍ରମାଣପତ୍ର (ପିୟୁସିସି) ପାଇବାକୁ ହେଲେ କୌଣସି ଗାଡ଼ି ଚାଳକଙ୍କୁ ବକେୟା ଚାଲାଣ ପୈଠ କରିବାକୁ ହେବ। ମଙ୍ଗଳବାର ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇବା ସହ ଏ ସମ୍ପର୍କିତ ଜନସ୍ୱାର୍ଥ ମାମଲା (ପିଆଇଏଲ)ର ଅନ୍ତ ଘଟାଇଛନ୍ତି ହାଇକୋର୍ଟ। ସେଣ୍ଟ୍ରାଲ ମୋଟର ଭେହିକିଲ ରୁଲ୍-୧୯୮୯ ର ରୁଲ୍ ୧୨ ଅନୁସାରେ ବକେୟା ଚାଲାଣ ଥିଲେ ପିୟୁସିସି ପାଇଁ ଆବେଦନ କରିହେବନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଅବଶ୍ୟ ଗତ ୨୭ ତାରିଖରେ ହାଇକୋର୍ଟ ଯେଉଁ ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ, ସେହି ମୁତାବକ ପିୟୁସିସି ନ ଥିଲେ ପେଟ୍ରୋଲ ମିଳିବ ନେଇ ଜାରି ହୋଇଥିବା କଟକଣା କାର୍ଯ୍ୟକାରୀ ହୋଇନଥିଲା। କିନ୍ତୁ ନିକଟରେ ପରିବହନ ବିଭାଗ ପକ୍ଷରୁ ଏକ ସତ୍ୟପାଠ ଦାଖଲ କରାଯାଇଛି, ଯେଉଁଥିରେ ସଂଶୋଧିତ ମୋଟର ଭେହିକିଲ ରୁଲ୍ ବାବଦରେ କୋର୍ଟଙ୍କୁ ଅବଗତ କରାଯାଇଛି, ଯାହା ସମ୍ପର୍କରେ ମଙ୍ଗଳବାର ଆଡଭୋକେଟ୍ ଜେନେରାଲ କୋର୍ଟରେ ଯୁକ୍ତି ଉପସ୍ଥାପନ କରିଥିଲେ। ହାଇକୋର୍ଟ ଏହାକୁ ଗ୍ରହଣ କରିବା ସହ ଦାୟର ଜନସ୍ୱାର୍ଥ ମାମଲାରେ ଆଜି




ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ଗତବର୍ଷ ଡିସେମ୍ବର ୨୦ ତାରିଖରେ ଜାରି ହୋଇଥିବା ନିର୍ଦ୍ଦେଶନାମାରେ ଉଲ୍ଲେଖ ଥିଲା ଯେ ଗାଡ଼ି ମାଲିକଙ୍କ ନିକଟରେ ପିୟୁସିସି ନ ଥିଲେ ତାଙ୍କୁ ପେଟ୍ରୋଲ କି ଡିଜେଲ ମିଳିବ ନାହିଁ। ଏନେଇ ସରକାର ବିଭିନ୍ନ ତୈଳ ବିକ୍ରୟକାରୀ କମ୍ପାନୀଙ୍କୁ ଲେଖିଥିବା ଚିଠିକୁ ବିରୋଧ କରି ହାଇକୋର୍ଟରେ ଏକ ପିଆଇଏଲ୍ ଦାୟର ହୋଇଥିଲା। ମୋଟର ଯାନ ଆଇନ-୧୯୮୮ ଓ କେନ୍ଦ୍ରୀୟ ମୋଟର ଯାନ ନିୟମାବଳୀ-୧୯୮୯ ଉଲ୍ଲଂଘନ କରି ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି ବୋଲି ଉକ୍ତ ମାମଲାରେ ଉଲ୍ଲେଖ କରାଯାଇଥିଲା। ଗାଡ଼ିର ପିୟୁସିସି ନଥିବା ଯାନ ମାଲିକଙ୍କୁ ପେଟ୍ରୋଲ ଡିଜେଲ ବିକ୍ରି ନ କରିବା ଗାଡ଼ି ମାଲିକଙ୍କର ମୌଳିକ ଅଧିକାରକୁ ଉଲ୍ଲଂଘନ କରୁଥିବା କୋର୍ଟଙ୍କୁ ଦର୍ଶାଇଥିଲେ ଆବେଦନ କରିଥିବା ଆଇନଜୀବୀ। ଏସବୁ ଗାଡ଼ିର ପ୍ରଦୂଷଣ ପରୀକ୍ଷା ପୂର୍ବରୁ କୌଣସି ଚାଲାଣ ନ ଥିବା ନେଇ ଯେଉଁ ସର୍ତ୍ତ ରଖାଯାଇଥିଲା, ତାହା ବେଆଇନ ବୋଲି ଆବେଦନକାରୀ ଦର୍ଶାଇଥିଲେ।

### ପଞ୍ଜିକା ସମୀକରଣ ବୈଠକ ଅନୁଷ୍ଠିତ

## ନିର୍ଭୁଲ ତଥ୍ୟ ପ୍ରକାଶନ ପାଇଁ ୫ ପ୍ରକାଶକଙ୍କୁ ଅନୁମତି

**ପୁରୀ,୧୦।୨(ସଂଚାର ବ୍ୟୁରୋ):** ଆଜି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଦ୍ୱିତୀୟ ପଞ୍ଜିକା ସମୀକରଣ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଅଧକ୍ଷତା କରିଥିଲେ। ଗତ ୨୯ ତାରିଖରେ



ସୁଦ୍ଧା ଅନେକ ପଞ୍ଜିକା ପ୍ରକାଶନ ସଂସ୍ଥା ଆସୁନାହାନ୍ତି। ୨୦୨୫ରେ ପୟାଶ୍ରାଦ୍ଧ, ସରସ୍ୱତୀ ପୂଜା, କାଳୀପୂଜା, ଶିବରାତ୍ରି, ଜନ୍ମାଷ୍ଟମୀ ବିଭିନ୍ନ ପର୍ବ ପର୍ବାଣିକୁ ନେଇ ଦ୍ୱନ୍ଦ୍ୱ ଦେଖାଯାଇଥିଲା। ଏଥର ତ୍ରୁଟିଶୂନ୍ୟ ତାରିଖ ଓ ତିଥି ବାରକୁ ନେଇ ଆଜିର ବୈଠକରେ ଆଲୋଚନା

ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୮ ଜଣ ପଞ୍ଜିକାରଙ୍କୁ ଡକାଯାଇଥିଲେ ମଧ ୫ ଜଣ ପଞ୍ଜିକାର ସେମାନଙ୍କ ପାଣ୍ଡୁଲିପି ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଦାଖଲ କରିଥିଲେ। ଅନ୍ୟପଟେ ଓଡ଼ିଶାର ସମସ୍ତ ସ୍ଥାନରୁ ପ୍ରକାଶ ପାଉଥିବା ପାଞ୍ଜି ଗୁଡ଼ିକ ନିର୍ଭୁଲ ଓ ତ୍ରୁଟିଶୂନ୍ୟ କିଭଳି ହୋଇପାରିବ, ଦୀର୍ଘ ବର୍ଷ ଧରି ଏହା ଉପରେ ତର୍କବିତର୍କ ଚାଲିଛି। ତ୍ରୁଟିଯୁକ୍ତ ପାଞ୍ଜି ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଶ୍ରୀମନ୍ଦିର ଆଇନରେ ବ୍ୟବସ୍ଥା କରିବାକୁ ଗତ ବୈଠକରେ ଦାବି ହୋଇଥିଲା। ତେବେ ନିର୍ଭୁଲ ପଞ୍ଜିକା ପାଇଁ ଶ୍ରୀମନ୍ଦିର ପ୍ରଶାସନ ବାରମ୍ବାର ବୈଠକ କରି ପଞ୍ଜିକା ସମନ୍ୱୟ ସମୀକରଣ କଲେ କରାଯିବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୫ଟି ସ୍ୱୀକୃତିପ୍ରାପ୍ତ ପଞ୍ଜିକାକୁ ନେଇ ସ୍ଥିରୀକୃତ ପର୍ବପର୍ବାଣି ଅନୁସାରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନୀତି ନିର୍ଦ୍ଧାରଣ କରାଯିବ। ଏହି ପଞ୍ଜିକାଗୁଡ଼ିକ ହେଲା କୋହିନୂର, ରାଧାରମଣ, ଭାଗ୍ୟଦୀପ, ଅରୁଣୋଦୟ ଓ ଜିଏନ୍ ତ୍ରିପାଠୀ।

## ଏନ୍‌ପିଏସ୍ ସଂକ୍ରାନ୍ତ ଦକ୍ଷତା ବିକାଶ ଓ ସଚେତନତା କାର୍ଯ୍ୟକ୍ରମ

- ୧୬୫ ଡିଡିଓଙ୍କ ଯୋଗଦାନ
- ସଚେତନତା ମାଧ୍ୟମରେ କାର୍ଯ୍ୟକାରୀ କରିବା ଲକ୍ଷ୍ୟ

**ଭୁବନେଶ୍ୱର,୧୦।୨(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ଅଧୀନସ୍ଥ କୋଷାଗାର ନିର୍ଦ୍ଦେଶାଳୟର ଭୁବନେଶ୍ୱର ସ୍ୱତନ୍ତ୍ର କୋଷାଗାର ନଂ-୧ ପକ୍ଷରୁ ଅର୍ଥନୀତି ଓ ପରିସଂଖ୍ୟାନ ଭବନ ସଭାଗୃହରେ ଦକ୍ଷତା ବିକାଶ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମକୁ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡ. ବିଜୟ ଭୂଷଣ ନନ୍ଦ ଉଦଘାଟନ କରି କହିଛନ୍ତି ଯେ ଏପରି ଦକ୍ଷତା ବିକାଶ କାର୍ଯ୍ୟକ୍ରମ ବିଭାଗୀୟ ଅଧିକାରୀଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବା ସହ ଏନପିଏସକୁ ନେଇ ଅଧିକ ସଚେତନତା ସୃଷ୍ଟି କରିବ। ଏହାଦ୍ୱାରା ପ୍ରତ୍ୟେକ କାର୍ଯ୍ୟାଳୟରେ ଅଧିକାରୀ ଓ କର୍ମଚାରୀମାନେ ପରୋକ୍ଷରେ ଉପକୃତ ହେବେ। ଏହି ସଚେତନତା କାର୍ଯ୍ୟକ୍ରମରେ ରାଜକୋଷ ଓ ପରିଦର୍ଶନ ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ ପ୍ରାଣବନ୍ଧୁ ବିମଲ୍ ଓ ଆକାଉଣ୍ଟ୍ସ ଅଫିସର୍ ଅଭୟ କୁମାର ବେହେରା ଏନପିଏସ୍ ସମ୍ପର୍କିତ ବିଭିନ୍ନ ତଥ୍ୟ ପ୍ରଦାନ ସହ ଆଲୋଚନା କରିଛନ୍ତି। ଭୁବନେଶ୍ୱର ସ୍ୱତନ୍ତ୍ର କୋଷାଗାର ନଂ.୧ର ଟ୍ରେଜେରୀ ଅଫିସର ଜ୍ୟୋତିର୍ମୟ ନାୟକ, ଅତିରିକ୍ତ ଟ୍ରେଜେରୀ ଅଫିସର୍ ମଧୁସୂଦନ ରାଉତ, ତନ୍ମୟା ଦାଶ ପ୍ରମୁଖ ଉପସ୍ଥିତ



ରହି ଏହି ସଚେତନତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଭୁବନେଶ୍ୱରର ସ୍ୱତନ୍ତ୍ର କୋଷାଗାର ନଂ.୧ ଅଧୀନରେ ଥିବା ବିଭିନ୍ନ କାର୍ଯ୍ୟାଳୟର ୧୬୫ ଜଣ ଡିଡିଓ ଏଥିରେ ଅଂଶଗ୍ରହଣ କରିଥିଲେ। ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜନା ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନ ସବୁର ସରଳ ସମାଧାନ ସମ୍ପର୍କିତ ଏକ ମାର୍ଗଦର୍ଶିକା ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ ଯେ ଏନପିଏସ୍‌ରେ ଅନ୍ତର୍ଭୁକ୍ତ ରାଜ୍ୟ ସରକାରଙ୍କ ସମସ୍ତ କର୍ମଚାରୀ ଓ ସଂଲଗ୍ନ ଉଠାଣ ଓ ବିତରଣ ଅଧିକାରୀ (ଡିଡିଓ)ଙ୍କ ନିମନ୍ତେ ଗତକାଲିଠାରୁ ଆରମ୍ଭ ହୋଇଥିବା ବେଳେ ଏହା ଆସନ୍ତା ୧୩ ତାରିଖରେ ଉଦ୍‌ଯାପିତ ହେବ। ଏଥିରେ ସମସ୍ତ କୋଷାଗାରରେ ହେଲ୍ପଡେସ୍କ୍ ଖୋଲାଯାଇଛି, ଯେଉଁଥିରେ ଏନ୍‌ପିଏସ୍ ସମ୍ବନ୍ଧୀୟ ସନ୍ଦେହ ଦୂର କରାଯିବ।

## ମନରେଗା ବଞ୍ଚାଅ ସଂଗ୍ରାମ କମିଟି ବୈଠକ

**ଭୁବନେଶ୍ୱର,୧୦।୨(ସଂଚାର ବ୍ୟୁରୋ):** ଆଜି କଂଗ୍ରେସ ଭବନଠାରେ 'ମନରେଗା ବଞ୍ଚାଅ ସଂଗ୍ରାମ' କମିଟି ଅଧକ୍ଷ ଶରତ ରାଉତଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଛି। ମନରେଗାକୁ ଉଦ୍‌ଜୀବିତ ରଖିବା ନିମନ୍ତେ ବିଭିନ୍ନ କାର୍ଯ୍ୟକୁ ରାଜ୍ୟରୁ ପଞ୍ଚାୟତ ସ୍ତର ପହଞ୍ଚାଇବା ଆଲୋଚନା କରାଯିବା ସହ ଖୁବଶୀଘ୍ର ମହାପଞ୍ଚାୟତ ପରି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ କରାଯିବା ନେଇ ନିଷ୍ପତ୍ତି ହୋଇଛି। ବିଜେପିର ଶ୍ରମିକ ବିରୋଧୀ ଭିବି ଜି ରାମ୍ ଜି'ର ସତ୍ୟାସତ୍ୟ ଲୋକଲୋଚନକୁ ଆସିବା ପର୍ଯ୍ୟନ୍ତ ଏହି ଲଢେଇ ରାଜ୍ୟରୁ ପଞ୍ଚାୟତ ସ୍ତର ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହି ବୈଠକରେ ପୂର୍ବତନ ମନ୍ତ୍ରୀ ତଥା ମନରେଗା କମିଟି ରାଜ୍ୟ ଅଧକ୍ଷ ଶ୍ରୀ ରାଉତଙ୍କ ସହ ପୂର୍ବତନ ମନ୍ତ୍ରୀ ଅମରନାଥ ପ୍ରଧାନ, ନଗେନ୍ଦ୍ର ପ୍ରଧାନ, ଜିୟା ଉଲ୍ ହକ୍, ବାଙ୍କନିଧି ବେହେରା, ମନୋରଞ୍ଜନ ଦାଶ, ତରୁଣକାନ୍ତ ମିଶ୍ର, ମାନସ ମଲ୍ଲିକ, ହଳଧର ସେଠୀ, ଜୟଶ୍ରୀ ପାତ୍ର, ସତ୍ୟବ୍ରତ ନାୟକ, ସୁଦର୍ଶନ ଦାସ ପ୍ରମୁଖ ସଦସ୍ୟ ଉପସ୍ଥିତ ରହି ଏହି ଆଲୋଚନାରେ ଭାଗ ନେଇଥିଲେ।

### କାନ୍ଥ ତାଡ଼ି ଲୁଟିନେଲେ କୋଟିଏ ଟଙ୍କାର ଅଳଙ୍କାର



**ସୋର,୧୦।୨(ସଂଚାର ବ୍ୟୁରୋ):** କାନ୍ଥ ତାଡ଼ି ଲୁଟିନେଲେ କୋଟିଏ ଟଙ୍କାର ଅଳଙ୍କାର। ବାଲେଶ୍ୱର ଜିଲ୍ଲା ସୋର ଥାନା କେଶରୀପୁର ଫଟାଅର୍ଜୁନ ଛକସ୍ଥିତ ନୀଳମଣି ଜୁଏଲାରୀରୁ ହୋଇଛି ବଡ଼ ଧରଣର ଲୁଟ୍। ଗତକାଲି ଦୋକାନ ବନ୍ଦ କରି ମାଲିକ ନିଜ ଘରକୁ ଯାଇଥିବା ସମୟରେ ଲୁଟେରାମାନେ କାନ୍ଥ ତାଡ଼ି ୫୦୦ ଗ୍ରାମ ସୁନା ଓ ୫ କେଜି ରୁପା ଲୁଟିନେଇଛନ୍ତି ଦୁର୍ବୃତ୍ତ। ନଗଦ ୧୦ ହଜାର ଟଙ୍କା ଲୁଟ ହୋଇଥିବା ନେଇ ସୋର ଥାନାରେ ଅଭିଯୋଗ। ଅଭିଯୋଗ ପରେ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ କରୁଛି।

- ଶ୍ରୀ ଗୁରୁଭାଗବତର ୨୫ତମ ପୂର୍ତ୍ତି

### 'ଆସ ଗୁରୁ ଭାଗବତ ପଢ଼ିବା' ପ୍ରଦର୍ଶିତ



**ଭୁବନେଶ୍ୱର,୧୦।୨(ସଂଚାର ବ୍ୟୁରୋ):** ପୂଜ୍ୟ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ରଚିତ ଜ୍ଞାନ ଭକ୍ତି ଆଧାରିତ ଧର୍ମ ସାହିତ୍ୟ ଶ୍ରୀ ଗୁରୁଭାଗବତର ୨୫ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ଗତ ୮ ତାରିଖରେ ଗୋପାଳପୁରସ୍ଥିତ ଶ୍ରୀ ଗୁରୁଭାଗବତ ଟୁଙ୍ଗୀ ତରଫରୁ ଓ ରଘୁନାଥପୁର ସରପଞ୍ଚ, ବ୍ଲକ ବିଡିଓ ତଥା ଗ୍ରାମବାସୀଙ୍କ ସହଯୋଗରେ ସ୍ଥାନୀୟ ନନ୍ଦନକାନନ ନିକଟସ୍ଥ ରଘୁନାଥପୁରର ଭାଗବତ ଘରେ ଏକ ପଥପ୍ରାନ୍ତ ନାଟକ- 'ଆସ ଗୁରୁଭାଗବତ ପଢ଼ିବା' ପ୍ରଦର୍ଶିତ ହୋଇଛି।

ସାମାନ୍ୟ ଗାର୍ହସ୍ଥ ଜୀବନଠାରୁ ଆରମ୍ଭ କରି ଆଭିଜାତ୍ୟସମ୍ପନ୍ନ ବ୍ୟକ୍ତି ମଧ ଦୈନନ୍ଦିନ ସମସ୍ୟା ଘେରରେ ରହି ଶାନ୍ତିର ଜୀବନ ଅତିବାହିତ କରିବାକୁ ଇଛା କରୁଥିବା ବେଳେ ଏହି ଯୁଗୋପଯୋଗୀ ଧର୍ମ ସାହିତ୍ୟ ଉପଦେଶାବଳୀ ମାଧମରେ କିପରି ଦୁଃଖ କଷ୍ଟ ଓ ଯନ୍ତ୍ରଣାକୁ ଲାଘବ କରି ସତ୍ୟ ଶାନ୍ତି ପଥର ସନ୍ଧାନ ଦେଉଛି, ତାହା ଏଥିରେ ବ୍ୟାଖ୍ୟା କରାଯାଇଛି।

ଏଥିରେ ଭାଗବତ ଟୁଙ୍ଗୀର ସମସ୍ତ ସଦସ୍ୟା ଭାଗ ନେଇଥିଲେ। ଗତ ୭ ବର୍ଷ ହେଲା ଏହି ଟୁଙ୍ଗୀ ନିଜର ୟୁଟ୍ୟୁବ୍, ମାଗାଜିନ, ବିଭିନ୍ନ ସ୍ଥାନ ତଥା ବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କରେ ଏହି ଧର୍ମ ସାହିତ୍ୟର ପାରାୟଣ, ଆଲୋଚନାଚକ୍ର ଓ ସେବାଭିତ୍ତିକ କାର୍ଯ୍ୟ କରି ଗୁରୁଜୀଙ୍କର ବାର୍ତ୍ତା ବହନ କରି ଆସୁଛନ୍ତି। କାର୍ଯ୍ୟକ୍ରମରେ ରଘୁନାଥପୁରବାସୀଙ୍କ ସହଯୋଗକୁ ପ୍ରଶଂସା କରାଯାଇଛି।

## ମାନାବାର-ଜରତି ଷ୍ଟେସନରେ ନବନିର୍ମିତ ଦ୍ୱିତୀୟ ଲାଇନ ଯାଞ୍ଚ୍



**ଭୁବନେଶ୍ୱର,୧୦।୨(ସଂଚାର ବ୍ୟୁରୋ):** ଦକ୍ଷିଣ-ପୂର୍ବ ସର୍କଲର ରେଳ ସୁରକ୍ଷା କମିଶନର (ସିଆର୍‌ଏସ୍) ବ୍ରିଜେଶ କୁମାର ମିଶ୍ର ଗତକାଲି ମାନବାର ଓ ଜରତି ଷ୍ଟେସନ ମଧ୍ୟରେ ନବନିର୍ମିତ ଦ୍ୱିତୀୟ ରେଳ ଲାଇନର ଏକ ବିସ୍ତୃତ ବୈଧାନିକ ଯାଞ୍ଚ କରିଥିଲେ। ପୂର୍ବତଟ ରେଳପଥର ୱାଲଟେୟାର ମଣ୍ଡଳ ଅନ୍ତର୍ଗତ ପ୍ରାୟ ୧୦ କିମି ଦୈର୍ଘ୍ୟବିଶିଷ୍ଟ ଏହି ଲାଇନ କୋଟ୍ଟାଭାଲସା-କିରାଣ୍ଡୁଲ ଦୋହରୀକରଣ ପ୍ରକଳ୍ପର ଏକ ଅଂଶ। ଏହି ସେକ୍ସନଟି ୬୦ କିଗ୍ରା ରେଲରେ ନିର୍ମିତ ଓ ଏହି ସେକ୍ସନରେ ୨୫ଟି ଆକ୍ସଲ୍ ଲୋଡ୍ ମାନଦଣ୍ଡ ଅନୁଯାୟୀ ନିର୍ମିତ ଦୁଇଟି ପ୍ରମୁଖ ସେତୁ ରହିଛି। ଭାରତୀୟ ରେଳପଥର ଆଧୁନିକୀକରଣ ଲକ୍ଷ୍ୟ ଅନୁଯାୟୀ ଦ୍ରୁତ ଗତି, ଭାରୀ ଆକ୍ସଲ୍ ଲୋଡ୍ ଓ ଉନ୍ନତ ସୁରକ୍ଷା ମାନଦଣ୍ଡକୁ ସମର୍ଥନ କରିବା ପାଇଁ ଭିତ୍ତିଭୂମି ଡିଜାଇନ୍ କରାଯାଇଛି। ଟ୍ରାକ୍, ସେତୁ, ସିଗନାଲିଂ ବ୍ୟବସ୍ଥା ଓ ଅନ୍ୟାନ୍ୟ ସୁରକ୍ଷା ପରିମାପକଗୁଡ଼ିକର ବିସ୍ତୃତ ପରୀକ୍ଷା ସମେତ ବ୍ୟାପକ ବୈଧାନିକ ଯାଞ୍ଚ କରାଯାଇଥିଲା। କୌଣସି ସମସ୍ୟା ବିନା ବେଗର ପରୀକ୍ଷଣ ସଫଳତାର ସହ ପାସ୍ କରିଛି, ଯାହା ଫଳରେ ଏହି ସେକ୍ସନଟିକୁ ପୂର୍ଣ୍ଣ କମିଶନିଂ ପାଇଁ ଅନୁମୋଦନ ମିଳିଛି। ଏହି ମାଇଲଖୁଣ୍ଟ ନିର୍ମାଣ ସଂଗଠନ,ସିଭିଲ୍ ଇଞ୍ଜିନିୟରିଂ, ସଙ୍କେତ ଓ ଦୂରସଞ୍ଚାର ଓ ବିଦ୍ୟୁତ ବିଭାଗ ୱାଲଟେୟାର ମଣ୍ଡଳର ପରିଚାଳନା ଓ ଟ୍ରାଫିକ୍ ବିଭାଗ ସହ ଘନିଷ୍ଠ ସମନ୍ୱୟର ସମର୍ପିତ ପ୍ରୟାସକୁ ପ୍ରତିଫଳିତ କରୁଛି, ଯାହା ଫଳରେ ଏହି ସଫଳତା ମିଳିପାରିଛି। ଏହି ଦ୍ୱିତୀୟ ଲାଇନ କାର୍ଯ୍ୟକ୍ଷମ ହେବା ଦ୍ୱାରା ସେକ୍ସନାଲ କ୍ଷମତା ଯଥେଷ୍ଟ ବୃଦ୍ଧି ପାଇବ। ଯାତ୍ରୀ ଓ ମାଲବାହୀ ଟ୍ରେନଗୁଡ଼ିକର ସୁଗମ ଓ ଦ୍ରୁତ ଗତିବିଧିକୁ ସହଜ କରିବ। କୋଟ୍ଟାଭାଲସା-କିରାଣ୍ଡୁଲ୍ ସେକ୍ସନରେ ସୁରକ୍ଷିତ ଓ ଅଧିକ ନିର୍ଭରଯୋଗ୍ୟ ଟ୍ରେନ ପରିଚାଳନା ସୁନିଶ୍ଚିତ କରିବା ସହ ଅଞ୍ଚଳର ବର୍ଦ୍ଧିତ ପରିବହନ ଚାହିଦା, ବିଶେଷକରି ଖଣିଜ ଓ ଶିଳ୍ପ ଜାତୀୟ ଦ୍ରବ୍ୟର ସୁଗମ ପରିବହନରେ ଏହି ଦୋହରୀକରଣ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ।

## ବେସାମରିକ ବିମାନବନ୍ଦର ସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ




**ଭୁବନେଶ୍ୱର,୯।୨(ସଂଚାର ବ୍ୟୁରୋ):** ସ୍ଥାନୀୟ ବିଜୁ ପଟ୍ଟନାୟକ ରାଜ୍ୟ ପୁଲିସ ପ୍ରଶିକ୍ଷଣ କେନ୍ଦ୍ର (ବିପିଏସ୍‌ପିଏ) ପରିସରରେ ଆଜି ପୂର୍ବାହ୍ନରେ 'ବେସାମରିକ ବିମାନବନ୍ଦର ସୁରକ୍ଷା ପ୍ରଶିକ୍ଷଣ' ଶିବିର ଉଦ୍‌ଘାଟିତ ହୋଇଛି। ପୁଲିସ ଏଡିଜି (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ଶିବିର ଦୁଇ ସପ୍ତାହ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ଏଥିରେ ଝାରସୁଗୁଡ଼ା, ରାଉରକେଲା, ଜୟପୁର (କୋରାପୁଟ) ଓ ଉତ୍କେଳା (କଳାହାଣ୍ଡି) ବିମାନବନ୍ଦରରୁ ମୋଟ ୪୦ ଜଣ ପୁଲିସ ସୁରକ୍ଷା କର୍ମୀ ପ୍ରଶିକ୍ଷଣ ନେଉଛନ୍ତି। ଏହି ଅବସରରେ ଉଦବୋଧନ ଦେଇ ସଞ୍ଜୟ କୁମାର ପ୍ରଶିକ୍ଷାର୍ଥୀମାନଙ୍କୁ ନିଷ୍ଠାର ସହ ପ୍ରଶିକ୍ଷଣ ନେଇ ଆଦର୍ଶ ସୃଷ୍ଟି କରିବାକୁ ପରାମର୍ଶ ଦେଇଛନ୍ତି। 'ବ୍ୟୁରୋ ଅଫ୍ ସିଭିଲ ଆଭିଏସନ ସିକ୍ୟୁରିଟି' (ବିସିଏଏସ୍)ର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଦୀପ ବାକ୍ସଲା ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣର ବିଭିନ୍ନ ବୈଷୟିକ ଦିଗ ସମ୍ପର୍କରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ବିଭାଗର ସ୍ୱତନ୍ତ୍ର ସଚିବ ତଥା ରାଜ୍ୟ ସରକାରଙ୍କ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶିକା ଦେବଦତ୍ତା ସୁରଞ୍ଜିତା ଜେନା, ଏସପି ୟୁଏସ୍ ମିଶ୍ର, ବିମାନ ଚଳାଚଳ ପରାମର୍ଶଦାତା ସୁରେଶ ଚନ୍ଦ୍ର ହୋତା ଉପସ୍ଥିତ ଥିଲେ। ଉପକମାଣ୍ଡାଣ୍ଟ ଲଳିତେନ୍ଦୁ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### 'ସୋଭା' ପକ୍ଷରୁ ଖାଉଟି ସଚେତନତା କାର୍ଯ୍ୟକ୍ରମ




**କଣାସ,୧୦।୨(ସଂଚାର ବ୍ୟୁରୋ):** ସୋସିଆଲ ଅର୍ଗାନାଇଜେସନ ଫର୍ ଭଲ୍ୟୁଣ୍ଟାରୀ ଆକ୍ସନ (ସୋଭା) ପକ୍ଷରୁ ଏକ ଖାଉଟି ସଚେତନତା କାର୍ଯ୍ୟକ୍ରମ କଣାସ ବ୍ଲକ୍ ସିରେଇ ପଞ୍ଚାୟତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସରପଞ୍ଚଙ୍କ ପ୍ରତିନିଧି ଦେବଦତ୍ତ ପରିଡ଼ା, ସମ୍ମାନିତ ଅତିଥି ଭାବେ ବୈଧମାପ ବିଜ୍ଞାନ ବିଭାଗର ସହ ନିରୀକ୍ଷକ ପାଉଲିନା ଜଗଦେବ, ମୁଖ୍ୟବକ୍ତା ଭାବେ ଟିପୁରୀ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିଶିର କୁମାର ସାହୁ, ବୈଧମାପ ବିଜ୍ଞାନ ବିଭାଗର ସହାୟକ ଯନ୍ତ୍ରୀ ଦେବାଶିଷ ମହାପାତ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନ ସମ୍ପାଦିକା ମଣିମାଳା ସେନାପତି ସ୍ୱାଗତ ଭାଷଣ ଓ ଅତିଥିଙ୍କ ପରିଚୟ ଦେଇଥିଲେ। ଆଇଡବ୍ଲ୍ୟୁଡବ୍ଲ୍ୟୁର ସମ୍ପାଦକ ଶିବ ପ୍ରସାଦ ପାଟ୍ଟଯୋଶୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ନେଇ ସୂଚନା ଦେଇଥିଲେ। ବଜାରରୁ କିଣୁଥିବା ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ, ସୁନା, ରୁପା, ଗ୍ୟାସ ସିଲିଣ୍ଡର ଆଦିରେ ଉପଭୋକ୍ତା ଯେପରି ଠକେଇର ଶିକାର ନ ହେବେ ଓ ନିଜର ଅଧିକାର ସଠିକ୍ ଭାବେ ସାବ୍ୟସ୍ତ କରିପାରିବେ, ସେନେଇ ଅତିଥିମାନେ ସୂଚନା ଦେଇଥିଲେ। ସେହିପରି 'ସୋଭା' ପକ୍ଷରୁ ଟିପୁରୀ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ 'ଖାଉଟି ସଚେତନତା' ସଂକ୍ରାନ୍ତ ରଚନା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଲକ୍ଷ୍ମୀଧର ପାଢ଼ୀ, ଦୀନବନ୍ଧୁ ବସ୍ତିଆ, ସାଗରିକା ଚିନ୍ନରା, ସ୍ଥାନୀୟ ୱାର୍ଡମେମ୍ବର ଓ ଏସ୍‌ଏଚ୍‌ଜିର ସଦସ୍ୟାମାନେ ଯୋଗ ଦେଇଥିଲେ।

### ଚାଷୀଙ୍କୁ ସାମ୍ବିଧାନିକ ଅଧିକାର ଦାବି

## ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲା କଂଗ୍ରେସ

**ଭୁବନେଶ୍ୱର,୧୦।୨(ସଂଚାର ବ୍ୟୁରୋ):** ରାଜ୍ୟରେ ଧାନକ୍ରୟ ସମସ୍ୟା ଓ ମଣ୍ଡି ଅବ୍ୟବସ୍ଥା ନେଇ ଚାଷୀ ଅସନ୍ତୋସ ବଢ଼ିଚାଲିଛି। ସରକାର ସମସ୍ୟାର ସମାଧାନ ପରିବର୍ତ୍ତେ ମିଛ କହିବା ଅତ୍ୟନ୍ତ ଲଜ୍ଜାଜନକ। ଧାନ କିଣାବିକାରେ ସରକାର,




ପ୍ରଶାସନ, ମିଲରଙ୍କ ସଲାସୁତରା ଯୋଗୁଁ ବ୍ୟାପକ ହେରଫେର, କ୍ୱିଣ୍ଟାଲ ପିଛା ୫ରୁ ୧୦ କେଜି କଟନୀ ଛଟନୀ, ମିଲରଙ୍କ ମନମାନୀରେ ଧାନ ଉଠିବା, ଟୋକନ ଇସ୍ୟୁରେ ବିଳମ୍ବ, ନିର୍ଦ୍ଧାରିତ ସମୟରେ ଧାନ କିଣାଯାଉନଥିବାରୁ ଟୋକନ ଲାପ୍ସ, ଗୋଦାମ ଘର ଅଭାବ ଯୋଗୁଁ ଧାନକିଣା ଶିଥିଳ ହେବା ଆଦି ସମସ୍ୟା ପ୍ରତି ସରକାର ଉଦାସୀନ ରହିଥିବାରୁ ଏହାକୁ କଂଗ୍ରେସ ସମାଲୋଚନା କରିଛି।

ରାଜ୍ୟ ସରକାର ଚାଷୀଙ୍କୁ ଭୁଲାଉଛନ୍ତି। ଧାନକିଣା କ୍ଷେତ୍ରରେ ସରକାରଙ୍କ ବାଚାଳାମି ଯୋଗୁଁ ଗଣତନ୍ତ୍ରରେ ଚାଷୀର ଅଧିକାର କ୍ଷୁଣ୍ଣ ହେଉଛି। ତେଣୁ କାଳବିଳମ୍ବ ନ କରି ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ମଣ୍ଡିଗୁଡ଼ିକରେ ସ୍ପେଶାଲ ସ୍କ୍ୱାଡ୍ ନିୟୋଜିତ, ୧୫୦ କ୍ୱିଣ୍ଟାଲ ସିଲିଂ ସର୍ତ୍ତ ତୁରନ୍ତ ପ୍ରତ୍ୟାହାର, ରେଜେଷ୍ଟ୍ରିଭୁକ୍ତ ସମସ୍ତ ଚାଷୀଙ୍କଠାରୁ ସବୁ ଧାନ କିଣିବା, ବିଜେପିର ନିର୍ବାଚନ ପ୍ରତିଶ୍ରୁତି ଅନୁଯାୟୀ ଚାଷୀଙ୍କଠାରୁ ଧାନ ସଂଗ୍ରହର ୪୮ ଘଣ୍ଟା ମଧ୍ୟରେ ଡିବିଟି ମାଧ୍ୟମରେ ପ୍ରାପ୍ୟ ପ୍ରଦାନ, କଟନୀ ଛଟନୀ ସମ୍ପୂର୍ଣ୍ଣ ବନ୍ଦ ଓ ଟୋକନ୍ ଲାପ୍ସ କ୍ଷେତ୍ରରେ ପୁନଶ୍ଚ ଟୋକନ ଅବଧିକୁ ଆଉ ମାସେ ବୃଦ୍ଧି କରିବା ପାଇଁ ପିସିସି ସମବାୟ ପ୍ରକୋଷ୍ଠ ପକ୍ଷରୁ ଏକ ଦାବିପତ୍ର ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଛି।

ଆଜି ଏହି ମର୍ମରେ ପ୍ରକୋଷ୍ଠ ଅଧକ୍ଷ ତଥା ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଅମୀୟ କୁମାର ପଟ୍ଟନାୟକ, ପି. ଦେବେନ୍ଦ୍ର କୁମାର ରାଓ, ଭବାନୀ ଶଙ୍କର ତ୍ରିପାଠୀ, ସୁବାଷ ରାଉତ, ବୃନ୍ଦାବନ ଖଟେଇ, ପଦ୍ମଚରଣ ସାହୁ, ଗୋବିନ୍ଦ ପଟେଲ, ଦୟାସାଗର ମେଣ୍ଡଲୀ, ଉତ୍ତମ ତ୍ରିପାଠୀ, ମହେନ୍ଦ୍ର ପରିଡ଼ା, ସଦାନନ୍ଦ ଓଝା, ଅରବିନ୍ଦ ସାମଲ, ବସନ୍ତ ପରିଡ଼ା, ରତିକାନ୍ତ ଗଡ଼ନାୟକ, ଗୋବିନ୍ଦ ମିଶ୍ର, ସାନନ୍ଦ ମିଶ୍ର, ସ୍ୱପ୍ନେଶ୍ୱର ପୃଷ୍ଟି, ରଘୁନାଥ ପଲିଆ, ଧ୍ରୁବ ଚରଣ ପରିଡ଼ା ପ୍ରମୁଖ ସରକାରଙ୍କ ନୀତିକୁ ନାପସନ୍ଦ କରିଛନ୍ତି।

# ୧୨ ଧର୍ମଘଟ ପାଇଁ ସପକ୍ଷବାଦୀ ଓ ବିରୋଧୀଙ୍କ ପ୍ରସ୍ତୁତି

**ଭୁବନେଶ୍ୱର,୧୦।୨:** ଆସନ୍ତା ୧୨ ତାରିଖ ଗୁରୁବାର ହେବାକୁ ଥିବା ଧର୍ମଘଟ ଓ ବନ୍ଦ ପାଳନରେ ଓଡ଼ିଶା ସମେତ ସାରା ଦେଶ ପ୍ରଭାବିତ ହେବ ବୋଲି ନିଖିଳ ଭାରତ ଶ୍ରମିକ କଂଗ୍ରେସ (ଏଆଇଟିୟୁସି)ର ସାଧାରଣ ସମ୍ପାଦକ ଅମରଜିତ କୌର ଘୋଷଣା କରିଥିବା ପରିପ୍ରେକ୍ଷୀରେ ରାଜ୍ୟରେ ଏହି ବନ୍ଦ ସାଧାରଣ ଜନଜୀବନକୁ କେତେଦୂର ପ୍ରଭାବିତ କରିବ, ତାହା ଉପରେ ସମସ୍ତଙ୍କ ନଜର। ଉଲ୍ଲେଖନୀୟ ଯେ ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ୍ ପକ୍ଷରୁ ଏହି ରାଷ୍ଟ୍ରବ୍ୟାପି ଧର୍ମଘଟର ଡାକରା ଦିଆଯାଇଛି ଓ ଏଥିରେ ପ୍ରାୟ ୬୦୦ଟି ଜିଲ୍ଲାର ୩୦ କୋଟିରୁ ଅଧିକ ଶ୍ରମିକ ଅଂଶଗ୍ରହଣ କରିବେ ବୋଲି ବନ୍ଦ ଡାକରା ଦେଇଥିବା ଶ୍ରମିକ ସଂଗଠନମାନେ ଆଶା ବ୍ୟକ୍ତ କରିଛନ୍ତି।

ଇତିମଧ୍ୟରେ କଂଗ୍ରେସ ଓ ବାମପନ୍ଥୀଙ୍କ ସମେତ ବିଭିନ୍ନ ରାଜନୈତିକ ଦଳ, ଶ୍ରମିକ ସଂଗଠନ, ଗଣସଂଗଠନ ଆଦି ପକ୍ଷରୁ ଫେବୃଆରୀ ୧୨ର ଧର୍ମଘଟକୁ ସମ୍ପୂର୍ଣ୍ଣ ସଫଳ କରିବା ଲାଗି ନିବେଦନ କରାଯାଇଛି। ଏମିତିକି କେତେକ ସଂଗଠନ ପକ୍ଷରୁ ମଧ ଏହାର ସଫଳତା ପାଇଁ ବ୍ୟାପକ ପ୍ରସ୍ତୁତି ଚାଲୁଛି। ଗତବର୍ଷ ଜୁଲାଇ ମାସରେ ମଧ ଶ୍ରମିକ ସଂଗଠନଗୁଡ଼ିକ ପକ୍ଷରୁ ଧର୍ମଘଟର ଆହ୍ୱାନ ଦିଆଯାଇଥିଲା। ବିଶେଷ କରି କେନ୍ଦ୍ର ସରକାର ପ୍ରଣୟନ କରିଥିବା ଶ୍ରମ ସଂକ୍ରାନ୍ତୀୟ କେତେକ ଆଇନ୍‌କୁ ପ୍ରତ୍ୟାହାର ଦାବି ସହିତ ଆଉ କେତେକ ନୂଆ ବିଲ୍‌କୁ ବିରୋଧ କରି ଶ୍ରମିକ ସଂଗଠନଗୁଡ଼ିକ ପକ୍ଷରୁ ଏହି ବନ୍ଦ ଡାକରା ଦିଆଯାଇଛି। ଏହାଛଡ଼ା କେନ୍ଦ୍ର ସରକାର ଏମ୍‌ଜିନରେଗା ବଦଳରେ ଭିବି-ଜି ରାମ-ଜି ଆଇନ୍ ପ୍ରଣୟନ କରିଥିବା ଘଟଣାକୁ ମଧ ଏହି ଶ୍ରମିକ ସଂଗଠନମାନେ ବିରୋଧ କରି ପୁଣି ଏମ୍‌ଜି ନରେଗା ଲାଗୁ କରିବାକୁ ଦାବି ରଖିଛନ୍ତି।

କେନ୍ଦ୍ରୀୟ ଶ୍ରମିକ ସଂଗଠନଗୁଡ଼ିକର ଧର୍ମଘଟ ଡାକରା ପରିପ୍ରେକ୍ଷୀରେ ଆଇନ୍‌ଶୃଙ୍ଖଳା ବ୍ୟବସ୍ଥା ରକ୍ଷା ପାଇଁ ରାଜ୍ୟରେ ବ୍ୟାପକ ବନ୍ଦୋବସ୍ତ ହେଉଛି। ଏହି ଧର୍ମଘଟକୁ କେନ୍ଦ୍ରକରି ଓଡ଼ିଶାରେ ଶାସକ ଓ ବିରୋଧୀ ଦଳ ଏକ ପ୍ରକାର ମୁହାଁମୁହିଁ ଅବସ୍ଥାରେ ଅଛନ୍ତି। ଓଡ଼ିଶା ଓ ଆସାମରେ ଏହି ବନ୍ଦ ସମ୍ପୂର୍ଣ୍ଣ ସଫଳ ହେବ ଏବଂ ଅନ୍ୟ ବିଜେପି ଶାସିତ ରାଜ୍ୟଗୁଡ଼ିକ ଉପରେ ଏହାର ପ୍ରଭାବ ପଡ଼ିବ ବୋଲି ଏଆଇଟିୟୁସି ପକ୍ଷରୁ ଯେଉଁ ଦାବି କରାଯାଇଛି ତାହା ଶାସକ ବିଜେପି ପାଇଁ ଏକ ଆହ୍ୱାନ ହୋଇଛି ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ କହୁଛନ୍ତି। ପ୍ରତି ଥର ଭଳି ଏଥର ବି ଧର୍ମଘଟ ଓ ବନ୍ଦ ପାଳନକୁ ଆଖି ଆଗରେ ରଖି ବ୍ୟାପକ ପ୍ରତିଷେଧମୂଳକ ବ୍ୟବସ୍ଥା ଗ୍ରହଣ କରାଯାଉଛି। ଏଥିପାଇଁ ରାଜ୍ୟ ଓ ଜିଲ୍ଲା ସ୍ତରରେ ସତର୍କତାମୂଳକ ପଦକ୍ଷେପମାନ ଗ୍ରହଣ କରାଯାଉଛି। ତେବେ ଉଦ୍ୟୋକ୍ତାମାନେ କହୁଛନ୍ତି ଯେ ଏହି ବନ୍ଦ ଓ ଧର୍ମଘଟ ଶାନ୍ତିପୂର୍ଣ୍ଣ ଭାବେ ଜନସହଯୋଗ ଆଧାରରେ ସମ୍ପୂର୍ଣ୍ଣ ହେବ ବୋଲି ସେମାନଙ୍କ ପୂରା ବିଶ୍ୱାସ ରହିଛି। (ତଥ୍ୟ)

জীবন অমৃত অনুচিন্তা

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ବୁଧବାର ୧୧ ଫେବ୍ରୁଆରୀ ୨୦୨୬, ଭୁବନେଶ୍ୱର

Wednesday 11 February 2026, Bhubaneswar

# ମହାକାଶ ଅଭିଯାନରେ ଇତିହାସ

ଭାରତୀୟ ମହାକାଶ ଅଭିଯାନର ଇତିହାସରେ ନଭେମ୍ବର ୨, ୨୦୨୫ ଏକ ସୁବର୍ଣ୍ଣ ଦିନ ହୋଇ ରହିବ। ସତିଶ ଧୱନ୍ ସ୍ପେସ୍ ସେଣ୍ଟର, ଶ୍ରୀହରିକୋଟାରୁ ଆଇଏସ୍ଆର୍ଓ ପ୍ରକ୍ଷେପଣ କରିଥିବା ଜିଏସ୍ଏଟି-୭ଆର୍ (ସିଏମ୍ଏସ୍-୦୩) ଉପଗ୍ରହ ଭାରତର ସ୍ୱଦେଶୀ ଉପଗ୍ରହ ନିର୍ମାଣ ଓ ପ୍ରଯୁକ୍ତି କ୍ଷେତ୍ରରେ ଏକ



ନୂତନ ଇତିହାସ ରଚନା କରିଛି। ପ୍ରାୟ ୪,୪୦୦ କିଲୋଗ୍ରାମ୍ ଓଜନର ଏହି ଉପଗ୍ରହ ଭାରତୀୟ ଭୂମିରୁ ପ୍ରକ୍ଷେପଣ ହୋଇଥିବା ସବୁଠୁ ଭାରୀ ସ୍ୱଦେଶୀ ଯୋଗାଯୋଗ ଉପଗ୍ରହ ଭାବେ ପରିଗଣିତ ହୋଇଛି। ଏହା କେବଳ ଏକ ରକେଟ୍ ଉତକ୍ଷେପଣ ନୁହେଁ, ବରଂ ଆତ୍ମନିର୍ଭର ଭାରତର ଏକ ଉଜ୍ଜ୍ୱଳ ପ୍ରତୀକ ଏବଂ ଜାତୀୟ ସ୍ୱାଭିମାନର ପ୍ରକାଶ।

ଏହି ଉପଗ୍ରହ ଭାରତୀୟ ନୌସେନାର ପାଇଁ ବିଶେଷ ଭାବେ ନିର୍ମିତ ହୋଇଛି। ଏହା ଭାରତୀୟ ମହାସାଗର ଅଞ୍ଚଳରେ ସୁରକ୍ଷିତ ଯୋଗାଯୋଗ ବ୍ୟବସ୍ଥା ପ୍ରଦାନ କରିବା ଜାହାଜ, ସବମେରିନ୍, ବିମାନ ଏବଂ ମେରିଟାଇମ୍ ଅପରେସନ୍ ସେଣ୍ଟର ମଧ୍ୟରେ ଭଏସ୍, ଡାଟା ଓ ଭିଡିଓ ସମ୍ପର୍କ ସ୍ଥାପନ କରି ସାମୁଦ୍ରିକ ଡୋମେନ୍ ସଚେତନତାକୁ ମଜବୁତ୍ କରିବ। ୧୫ ବର୍ଷ ଆୟୁଷ କାଳ ବିଶିଷ୍ଟ ଏହି ଉପଗ୍ରହ ପୂର୍ବତନ ଜିଏସ୍ଏଟି-୭ (ରୁକ୍ମିଣୀ)ର ସ୍ଥାନ ନେବ ଏବଂ ଦେଶର ସୁରକ୍ଷା ସ୍ଥାପତ୍ୟକୁ ନୂଆ ମାତ୍ରା ପ୍ରଦାନ କରିବ। ସମସ୍ତ ଉପାଦାନ-ଆଣ୍ଟେନା, ପ୍ରପଲ୍ସନ୍ ସିଷ୍ଟମ୍, କମ୍ୟୁନିକେସନ୍ ପେଲୋଡ୍ ଆଦି-ପୂର୍ଣ୍ଣ ସ୍ୱଦେଶୀ ହୋଇଥିବାରୁ ଏହା ଆତ୍ମନିର୍ଭରତାର ଏକ ଜୀବନ୍ତ ଉଦାହରଣ ପାଲଟିଛି।

ଭାରତର ସ୍ୱଦେଶୀ ଉପଗ୍ରହ ଯାତ୍ରା ଅତ୍ୟନ୍ତ ପ୍ରେରଣାଦାୟକ। ୧୯୭୫ ମସିହାରେ ଆର୍ଯ୍ୟଭଟ୍ଟ ଉପଗ୍ରହ ପ୍ରକ୍ଷେପଣ ସହିତ ଆରମ୍ଭ ହୋଇଥିବା ଏହି ଯାତ୍ରା ୧୯୮୦ ରେ ରୋହିଣୀ ଉପଗ୍ରହ ଏବଂ ସ୍ୱଦେଶୀ ଏସ୍ଏଲ୍ଭି-୩ ରକେଟ୍ ସହିତ ଏକ ନୂଆ ମୋଡ଼ ନେଇଥିଲା। ଭାରତ ସପ୍ତମ ଦେଶ ଭାବେ ନିଜ ରକେଟ୍ ଦ୍ୱାରା ନିଜ ଉପଗ୍ରହ ପ୍ରକ୍ଷେପଣ କରିଥିଲା। ଆଜି ଆମେ ଏହି ପରମ୍ପରାର ଫଳ ଭୋଗ କରୁଛୁ। ନାଭିକ (ଆଇଆର୍ଏନ୍ଏସ୍ଏସ୍) ଭଳି ସ୍ୱତନ୍ତ୍ର ନେଭିଗେସନ୍ ସିଷ୍ଟମ୍, ବିଭିନ୍ନ ଇଓଏସ୍ (ପୃଥିବୀ ପର୍ଯ୍ୟବେକ୍ଷଣ) ଉପଗ୍ରହ ଏବଂ ଜିଏସ୍ଏଟି ଶ୍ରେଣୀର ଯୋଗାଯୋଗ ଉପଗ୍ରହଗୁଡ଼ିକ ଦେଶର କୃଷି, ଦୁର୍ଯୋଗ ପରିଚାଳନା, ପରିବେଶ ନିରୀକ୍ଷଣ ଏବଂ ସୁରକ୍ଷା କ୍ଷେତ୍ରରେ ବିପ୍ଳବ ଆଣିଛନ୍ତି।

ଜିଏସ୍ଏଟି-୭ଆର୍ ର ସଫଳତା ଅର୍ଥନୈତିକ ଓ ରଣନୈତିକ ଭାବେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଦେଶୀ ପ୍ରଯୁକ୍ତି ଉପରେ ନିର୍ଭରଶୀଳତା କମିବା ସହିତ ଏହା ଦେଶୀୟ ଶିଳ୍ପ, ଷ୍ଟାର୍ଟଅପ୍ ଏବଂ ବୈଜ୍ଞାନିକମାନଙ୍କୁ ପ୍ରୋତ୍ସାହନ ଦେଇଛି। ଇନ୍-ସ୍ପେସ୍ ଏବଂ ନ୍ୟୁସ୍ପେସ୍ ଇଣ୍ଡିଆ ଲିମିଟେଡ୍ ଭଳି ପଦକ୍ଷେପ ମାଧ୍ୟମରେ ବେସରକାରୀ କ୍ଷେତ୍ରର ଅଂଶଗ୍ରହଣ ବଢ଼ୁଛି। ଏହା ସ୍ପେସ୍ ଇକୋନମିକୁ ବଢ଼ାଇବ ଏବଂ ରୋଜଗାର ସୃଷ୍ଟି କରିବ। ଭୂ-ରାଜନୈତିକ ଅସ୍ଥିରତାର ଏହି ସମୟରେ ସ୍ୱଦେଶୀ ଉପଗ୍ରହ ବ୍ୟବସ୍ଥା ଦେଶର ସାର୍ବଭୌମତ୍ୱ ଓ ସୁରକ୍ଷା ପାଇଁ ଅପରିହାର୍ଯ୍ୟ।

ତଥାପି ଆଗକୁ ଯିବାକୁ ଅନେକ ଚ୍ୟାଲେଞ୍ଜ ରହିଛି। ଅଧିକ ଶକ୍ତିଶାଳୀ କ୍ରାୟୋଜେନିକ୍ ଇଞ୍ଜିନ୍, ହେଭି ଲିଫ୍ଟ କ୍ଷମତା ବୃଦ୍ଧି ଏବଂ ମାନବ ମହାକାଶ ଯାତ୍ରା (ଗଗନଯାନ) ପାଇଁ ପ୍ରସ୍ତୁତି ଜରୁରୀ। ଭାରତୀୟ ସ୍ପେସ୍ ଷ୍ଟେସନ, ଚନ୍ଦ୍ର ମିଶନ୍ ଏବଂ ଶୁକ୍ର ଅଭିଯାନ ଭଳି ଲକ୍ଷ୍ୟ ହାସଲ ପାଇଁ ଏହି ସଫଳତା ଏକ ଦୃଢ଼ ଭିତ୍ତି ସ୍ଥାପନ କରିଛି।

ଏହି ଐତିହାସିକ ସଫଳତା ସମଗ୍ର ଦେଶବାସୀଙ୍କୁ ଗର୍ବାନ୍ୱିତ କରିଛି। ଡକ୍ଟର ବିକ୍ରମ୍ ସାରାଭାଇଙ୍କ ସ୍ୱପ୍ନ ଆଜି ବାସ୍ତବରୂପ ନେଉଛି। ଆଇଏସ୍ଆର୍ଓ ର ବୈଜ୍ଞାନିକ, ଯନ୍ତ୍ରୀ ଏବଂ କର୍ମଚାରୀମାନଙ୍କୁ ହୃଦୟରୁ ଅଭିନନ୍ଦନ। ଏହି ସଫଳତା ଯୁବପିଢ଼ିଙ୍କୁ ବିଜ୍ଞାନ ପ୍ରତି ଆକୃଷ୍ଟ କରୁ ଏବଂ ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ପୂରଣରେ ସହାୟକ ହେଉ।

# କେନ୍ଦ୍ର ବଜେଟ୍: ଶିକ୍ଷା ଓ ମହିଳା ସଶକ୍ତିକରଣରେ ଏକ ନୂଆ ଦିଗ



ରାଜେଶ କୁମାର ତ୍ରିପାଠୀ

କେନ୍ଦ୍ର ବଜେଟ୍ ୨୦୨୬–୨୭ ଭାରତର ଭବିଷ୍ୟତ ଗଢ଼ିବାର ଏକ ଦୃଢ଼ ସଂକଳ୍ପ ଭାବରେ ପ୍ରକାଶିତ । ସିଧା ସଳଖ ତଥା ସାଧାରଣ ଭାବେ ଲାଭ ଦେଉନଥିବା ଏହି ବଜେଟ୍ ଶିକ୍ଷା, ନବାଚାର, ମହିଳା ସଶକ୍ତିକରଣ, ଏବଂ ଯୁବପିଢ଼ିଙ୍କୁ କେନ୍ଦ୍ର କରି ଭାରତକୁ ଜ୍ଞାନ–ଭିତ୍ତିକ ଏବଂ ଆତ୍ମନିର୍ଭର ଦେଶ ଭାବେ ଗଢ଼ିବାର ଉଦ୍ଦେଶ୍ୟ ଏବଂ ପ୍ରତିବଦ୍ଧତାକୁ ପ୍ରଦର୍ଶନ କରୁଛି। ଜ୍ଞାନ ଆଧାରିତ ଅର୍ଥନୀତି ଆଡକୁ ଦେଶ। ଭାରତ ସବୁବେଳେ ଜ୍ଞାନ ଆଧାରିତ ଅର୍ଥନୀତି ରାଷ୍ଟ୍ର ଭାବେ ପରିଚିତ। ଚାଣକ୍ୟ ଅର୍ଥଶାସ୍ତ୍ରରେ କୁହାଯାଇଛି:

"ନ ହି ଜ୍ଞାନେନ ସଦୃଶଂ
ପବିତ୍ରମିହ ବିଦ୍ୟତେ"

ଅର୍ଥାତ୍, ଜ୍ଞାନ ସମାନ ପବିତ୍ର ଓ ଶକ୍ତିଶାଳୀ କିଛି ନାହିଁ। ଏହି ନୀତିକୁ ଆଧାର କରି, ବଜେଟ୍ ୨୦୨୬–୨୭ ଶିକ୍ଷା, ଗବେଷଣା, STEM, AVGC, ସେମିକଣ୍ଡକ୍ଟର, ଡିଜିଟାଲ୍ ଦକ୍ଷତା, ଓ ନବାଚାର ଉପରେ ମହତ୍ତ୍ୱ ଦେଇଛି। ଏହା ଦେଶକୁ ଜ୍ଞାନ–ଭିତ୍ତିକ ଅର୍ଥନୀତିରେ ବିଶ୍ୱ ନେତୃତ୍ୱ ନେବାରେ ପ୍ରସ୍ତୁତ କରିବ । ଭାରତ ପାଇଁ ଜ୍ଞାନ-ଭିତ୍ତିକ ଅର୍ଥନୀତି ମାନେ କେବଳ ଟେକ୍ନୋଲୋଜି ଓ ଇନୋଭେସନରେ ନିବେଶ ନୁହେଁ, ବରଂ ଏହା ଦେଶର ସମଗ୍ର ଶିକ୍ଷା ବ୍ୟବସ୍ଥାକୁ ଆକାର ଦେବା । ଆସନ୍ତା ୧୦–୨୦ ବର୍ଷରେ ଭାରତ ଯଦି ଜ୍ଞାନ-ଭିତ୍ତିକ କ୍ଷେତ୍ରରେ ନିବେଶକୁ ଶକ୍ତିଶାଳୀ କରିନିଏ , ତେବେ ଏହାର ପ୍ରଭାବରେ ଜ୍ଞାନ-ଭିତ୍ତିକ ଉଦ୍ୟମ ଓ ଇନୋଭେସନ ଦେଶର ଉତ୍ପାଦନ କ୍ଷମତା ବଢ଼ାଇବ ଏବଂ ନୂଆ ଶିଳ୍ପ ଓ ନିଯୁକ୍ତି ସୃଷ୍ଟି କରିବ। ରୋବୋଟିକ୍ସ, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ବିଗ୍ ଡାଟା ଓ କ୍ଲାଉଡ୍ କମ୍ପ୍ୟୁଟିଂ ଭିତ୍ତିକ କ୍ଷେତ୍ରରେ ଭାରତ ବିଶ୍ୱ ଦରଜାରେ ନେତୃତ୍ୱ ନେବ । ଜ୍ଞାନ-ଭିତ୍ତିକ ଶିଳ୍ପ ଯୁବପିଢ଼ିଙ୍କୁ କେବଳ ନିଯୁକ୍ତି ଦେବ ତାହା ନୁହେଁ, ବରଂ ସେମାନଙ୍କୁ ନିଜ ଦକ୍ଷତା ଦ୍ୱାରା ନୂଆ ବ୍ୟବସାୟ ଓ ଷ୍ଟାର୍ଟଅପ୍ ସୃଷ୍ଟି କରିବାକୁ ସକ୍ଷମ କରିବ।ଜ୍ଞାନ ଓ ଟେକ୍ନୋଲୋଜିରେ ସଶକ୍ତ ଦେଶ ଭାବେ ଭାରତ ବିଶ୍ୱ ବଜାରରେ ଅଧିକ ଗୁରୁତ୍ୱ ପାଇବ, ଜାତୀୟ ଅର୍ଥନୀତି ବୃଦ୍ଧିକୁ କରିବା ସହ ଆନ୍ତର୍ଜାତୀୟ ସହଯୋଗକୁ ମଜବୁତ କରିବ। ଶିକ୍ଷା କ୍ଷେତ୍ରରେ ୮ ପ୍ରତିଶତ ବୃଦ୍ଧି, ୧ ଲକ୍ଷ ୩୯ ହଜାର ୨୮୦ କୋଟି ଟଙ୍କା ବ୍ୟୟବରାଦ । ୪୦,୦୦୦ କୋଟି ଟଙ୍କାର 'ଇଣ୍ଡିଆ ସେମିକଣ୍ଡକ୍ଟର ୨.୦' ମିଶନର ଶୁଭାରମ୍ଭ ଏବଂ ପ୍ରତି ଜିଲ୍ଲାରେ ଗୋଟିଏ ଲେଖାଏଁ ଛାତ୍ରୀନିବାସ ନିର୍ମାଣ, ଷ୍ଟେମ ଶିକ୍ଷାରେ ଛାତ୍ରୀମାନଙ୍କୁ ପ୍ରାଧାନ୍ୟ; ଏହାହିଁ ଦର୍ଶାଉଛି ଯେ ଚଳିତ ବଜେଟ ଭବିଷ୍ୟତବାଦୀ ଓ ଶିକ୍ଷା କେନ୍ଦ୍ରିକ। ଅଧୁନିକ ଗବେଷଣା, ଡିଜିଟାଲ ଲ୍ୟାବ୍, AVGC ଲ୍ୟାବ୍ ଏବଂ STEM ଶିକ୍ଷାରେ ନିବେଶ ଭାରତକୁ ଏକ ନବାଚାରଶୀଳ ଦେଶ ଭାବେ ସ୍ଥାପିତ କରିବ। ଜ୍ଞାନ-ଭିତ୍ତିକ ଅର୍ଥନୀତିରେ ଶକ୍ତିଶାଳୀ ଭାରତ ବିଶ୍ୱର ଆର୍ଥିକ ହବ୍ ଏବଂ ଗ୍ଲୋବାଲ୍ ମଞ୍ଚରେ ଏକ ମୁଖ୍ୟ ନେତୃତ୍ୱ ଦେଶ ଭାବେ ପରିଚିତ ହେବ। ପୁରାଣରେ କୁହାଯାଇଛି:

**"ସ୍ତ୍ରୀଣାମ୍ ଶିକ୍ଷା, ସମ୍ମାନଂ, ସ୍ୱାଧୀନତା,
ଦେଶମାତାର ଶକ୍ତିମୂଳ"
ଅର୍ଥାତ୍ – ମହିଳାଙ୍କର ଶିକ୍ଷା, ସ୍ୱାଧୀନତା ଓ
ସମ୍ମାନ ଦେଶର ସମୃଦ୍ଧି ଓ ଶକ୍ତିର ମୂଳ।**

ଯେଉଁଠାରେ ମହିଳାଙ୍କୁ ସମ୍ମାନ ମିଳେ, ସେଠାରେ ସମୃଦ୍ଧି ବସବାସ କରେ। ଏହି ବର୍ଷ ଏହି ବଜେଟ୍‌ରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ଏବେ ଆମର ସୌଭାଗ୍ୟ ଯେ ଭାରତର ଶୀର୍ଷ ସ୍ଥାନରେ ଅଛନ୍ତି ଜଣେ ମହିଳା ।ମହାମହିମ ରାଷ୍ଟ୍ରପତି ଓ ଦେଶର ଆର୍ଥମନ୍ତ୍ରୀ ମଧ ଜଣେ ମହିଳା। ଏହା ଏକ ସଂକେତ, ଯେ ଭାରତ ସରକାର ସବୁବେଳେ ମହିଳା ସଶକ୍ତିକରଣ ଓ ଜ୍ଞାନ ଆଧାରିତ ନୀତି ପ୍ରତି ସମର୍ପିତ। ପ୍ରତ୍ୟେକ ଜିଲ୍ଲାରେ ଗାର୍ଲସ୍ ହୋଷ୍ଟଲ ନିର୍ମାଣ, STEM ଶିକ୍ଷାରେ କନ୍ୟାଶିକ୍ଷାକୁ ପ୍ରାଧାନ୍ୟ, ଏବଂ ୧୫,୦୦୦ ବିଦ୍ୟାଳୟ ଓ ୫୦୦ କଲେଜରେ AVGC ଏବଂ ଡିଜିଟାଲ୍ ଲ୍ୟାବ୍ ସ୍ଥାପନ - ଏହି ପଦକ୍ଷେପ ଦେଖାଏ ଯେ ଭାରତ ଆଗାମୀ ଦିନରେ ଦକ୍ଷ, ପ୍ରଯୁକ୍ତିମୁଖୀ ଓ ନବାଚାରଶୀଳ ଯୁବପିଢ଼ି ତିଆରି କରିବାରେ ଲକ୍ଷ୍ୟ ଧରିଛି। ଯେଉଁଠି ମହିଳା ମଧ ସମାନ ଭାବେ ଆଗରେ ରହିବେ । ବଜେଟରେ SHE-MARTS, କନ୍ୟାଶିକ୍ଷା, ମହିଳା ଉଦ୍ୟମୀତା, ସ୍ୱୟଂ ସହାୟକ ଗୋଷ୍ଠୀ, ସମ୍ପୂର୍ଣ୍ଣ ମହିଳା ସଶକ୍ତି କରଣ ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ନୀତି କେବଳ ସାମାଜିକ ନୁହେଁ, ବରଂ ଏକ ଆର୍ଥିକ ବିପ୍ଳବ ସୃଷ୍ଟି କରିବା ନିମିତ୍ତ ଉଦିଷ୍ଟ । ମହିଳାଙ୍କ ଅଂଶଗ୍ରହଣ ବିନା ବିକଶିତ ଭାରତର ସ୍ୱପ୍ନ ଅଧୂରା ରହିବ।

ଦେଖିବାକୁ ଗଲେ ଏହି ବଜେଟ୍ ଦେଶକୁ ଏକ ଅଘୋଷିତ ନେତୃତ୍ୱ ଦେଉଛି ।ଶିକ୍ଷା–ଅର୍ଥନୀତି ପଥ ନିର୍ଦ୍ଦେଶ କରି, ଭାରତକୁ ଆଗାମୀ ଦଶକରେ ଗ୍ଲୋବାଲ ନେତୃତ୍ୱ ନେବାରେ ସମର୍ଥ କରୁଛି । ଏହି ବଜେଟ୍ ମାଧମରେ ଭାରତର ଯୁବପିଢ଼ି, ମହିଳା ଓ ନେତୃତ୍ୱ ଶକ୍ତି ଉନ୍ନତି ପାଇବ, ଏବଂ ଦେଶ ବିକଶିତ ଭାରତ ୨୦୪୭ର ଦୃଢ଼ ପଥରେ ଆଗକୁ ଚାଲିବ। ପୁରାଣ ଏବଂ ଚାଣକ୍ୟ ଅର୍ଥଶାସ୍ତ୍ରର ନୀତି, ଏବଂ ଆଧୁନିକ ନୀତିକୁ ଆଧାର କରି , ଏହି ବଜେଟ ଭାରତକୁ ଜ୍ଞାନ–ଭିତ୍ତିକ ଦେଶ ଓ ମହିଳା ସମୃଦ୍ଧିର ଭୂଖଣ୍ଡ ଭାବେ ଗଢ଼ି ତୋଳିବାକୁ ଯତ୍ନଶୀଳ ପ୍ରୟାସ କରିଛି।ଏହା ସମଗ୍ର ଭାବରେ, ଜ୍ଞାନ-ଭିତ୍ତିକ ଅର୍ଥନୀତି ଭାରତର ସ୍ଥାୟୀ ଉନ୍ନତି, ସମାଜିକ ସମୃଦ୍ଧି ଏବଂ ଗ୍ଲୋବାଲ୍ ପ୍ରଭାବରେ ଶକ୍ତିଶାଳୀ କରିବାରେ ମୁଖ୍ୟ ଭୂମିକା ନିଭାଇବ।

**ଭୁବନେଶ୍ୱର, ଓଡ଼ିଶା, ମୋବାଇଲ୍: ୯୬୯୨୩୩୩୦୩୧**

# ବିଭାଜନର ପରିବର୍ତ୍ତିତ ଚେହେରା: ହିନ୍ଦୁ-ମୁସଲିମରୁ ହିନ୍ଦୁ-ହିନ୍ଦୁ ପର୍ଯ୍ୟନ୍ତ

ଗୋପାଳ ମହାପାତ୍ର



ଏକ ସମୟରେ ବିଭାଜନର ରେଖା ମୁଖ୍ୟତଃ ହିନ୍ଦୁ-ମୁସଲିମ ସମୁଦାୟଙ୍କ ଭିତରେ ଟଣା ଯାଉଥିଲା ଏବଂ ରାଜନୀତି ସଂଖ୍ୟାଗରିଷ୍ଠଙ୍କ ଅସୁରକ୍ଷା ବନାମ ଅଳ୍ପ ସଂଖ୍ୟକ ଭୟର ସରଳ ସମୀକରଣକୁ ନେଇ ଖେଳା ଯାଉଥିଲା। କିନ୍ତୁ ଏବେ ସେଇ ରାଜନୀତି ସମାଜ ଭିତରେ ଗୋଟିଏ ଧାର୍ମିକ ପରିଚୟ ଭିତରେ ନୂଆ ବିଭାଜନର ରେଖା ଟାଣିବାକୁ ଯାଉଛି। ଆଜିର ଭାରତରେ ଧର୍ମ କେବଳ ଆସ୍ଥା ଓ ବିଶ୍ୱାସ ଭଳି ବ୍ୟକ୍ତିଗତ ପ୍ରସଙ୍ଗ ବା ବିଷୟ ହୋଇ ରହିନାହିଁ। ଏହା ଶାସନ, ପରିଚୟ, ମନଗଢ଼ା କାହାଣୀ ଏବଂ ସାମାଜିକ ନିୟନ୍ତ୍ରଣର ଏକ ପ୍ରଭାବୀ ଅସ୍ତ୍ର ପାଲଟିଯାଇଛି। ଏହି ବ୍ୟାପକ ପୃଷ୍ଠଭୂମିରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ର ଭେଦଭାବ- ନିରୋଧକ ଆଇନକୁ ବୁଝିବା ଏବଂ ପରଖିବା ଆବଶ୍ୟକ ହୋଇପଡ଼ିଛି। କାଗଜରେ ଏହି ନୂଆ ନିୟମ ସମାନତା, ମର୍ଯ୍ୟଦା, ନ୍ୟାୟର କଥା କହୁଛି। ଏହାର ଉଦେଶ୍ୟ ବିଶ୍ୱବିଦ୍ୟାଳୟ ପରିସର ମଧରେ ଜାତି, ଧର୍ମ, ଲିଙ୍ଗ, ଭାଷା, ଅଞ୍ଚଳ, ସାମାଜିକ ପୃଷ୍ଠଭୂମି ଅଥବା କୌଣସି ଅନ୍ୟ ଆଧାରରେ ହେଉଥିବା ଭେଦଭାବକୁ ରୋକାଯିବା। ଅଭିଯୋଗ ନିବାରଣର ସଂସ୍ଥାଗତ ବ୍ୟବସ୍ଥା ନିର୍ମାଣ କରାଯିବ ଯେଉଁଠି ଛାତ୍ର ଏବଂ ଶିକ୍ଷକଙ୍କୁ ଏକ ସୁରକ୍ଷିତ ଏବଂ ସମ୍ମାନଜନକ ବାତାବରଣ ମିଳିବ। କିନ୍ତୁ କୌଣସି ନୀତିର ମୂଲ୍ୟାଙ୍କନ କେବଳ ଘୋଷିତ ଉଦେଶ୍ୟରେ କରାଯାଏ ନାହିଁ ବରଂ ଏହାର କାର୍ଯ୍ୟକାରୀତା, ତାର ରାଜନୈତିକ ସନ୍ଦର୍ଭ ଏବଂ ତାହାର ସାମାଜିକ ପ୍ରଭାବକୁ ନେଇ କରାଯିବା ଉଚିତ୍।

ସମସ୍ୟା ହେଉଛି ସେଇ ବିଚାରଧାରା ଏବଂ ରାଜନୈତିକ ପରିସ୍ଥିତିରେ ଏହି ନିୟମକୁ ଲାଗୁ କରାଯାଉଛି। ବିଗତ ଏକ ଦଶନ୍ଧି ହେବ ଭାରତୀୟ ରାଜନୀତିରେ ପରିଚୟକୁ ନୀତିଠାରୁ ଅଧିକ ଗୁରୁତ୍ୱ ଦିଆଯାଉଛି। ସାମାଜିକ ପ୍ରଶ୍ନର ସଂରଚନାତ୍ମକ ସୁଧାର ପରିବର୍ତ୍ତେ ଭାବନାତ୍ମକ ଧୃବୀକରଣ ମାଧମରେ ସମ୍ବୋଧିତ କରାଯାଉଛି। ପୂର୍ବରୁ ଏହି ଧୃବୀକରଣ ହିନ୍ଦୁ ବନାମ ମୁସଲିମର ସ୍ପଷ୍ଟରେଖା ଉପରେ ଆଧାରିତ ଥିଲା। ମନ୍ଦିର, ମସଜିଦ୍, ଆସ୍ଥା, ଇତିହାସ ଏବଂ ରାଷ୍ଟ୍ରବାଦ ନାମରେ ସମାଜକୁ ଦୁଇ ଭାଗରେ ବଣ୍ଟାଯାଇଥିଲା। କିନ୍ତୁ ଯେତେବେଳେ ଏହି ଧୃବୀକରଣ ଚରମ ସ୍ତରରେ ପହଞ୍ଚିଲା ଏବଂ ଏହାର ନିର୍ବାଚନୀ ଉପଯୋଗୀତା ସିମୀତ ହେବାରେ ଲାଗିଲା ସେତେବେଳେ ରାଜନୀତି ଏକ ନୂଆ ବିଭାଜନ ସୃଷ୍ଟି କରିବା ଆରମ୍ଭ କରିଦେଲା। ଏବେ ଏହି ରାଜନୀତି ହିନ୍ଦୁ ସମାଜ ଭିତରେ ଜାତି, ଉପଜାତି, ସାମାଜିକ ସ୍ଥିତି, ସାଂସ୍କୃତିକ ପ୍ରଥା, ଖାଇବା ପିଇବା ପୋଷାକ, ଭାଷା ଏବଂ ଆଞ୍ଚଳିକ ପରିଚୟର ଆଧାରରେ ନୂଆ ରେଖା ଟାଣିବାକୁ ଯାଉଛି। ହିନ୍ଦୁ ସମାଜକୁ ଏକ ସମରୂପ, ଏକଜୁଟ ସଂସ୍ଥା ଭାବରେ ପ୍ରସ୍ତୁତ କରାଯାଉଛି। କିନ୍ତୁ ବାସ୍ତବିକତା ହେଉଛି ଯେ ଏହି ସମାଜ ସ୍ୱୟଂ ଐତିହାସିକ ରୂପରେ ବିଭାଜିତ, ସବର୍ଣ୍ଣ ଏବଂ ଅସବର୍ଣ୍ଣ, ଓବିସି ଏବଂ ଦଳିତ, ଆଦିବାସୀ ଏବଂ ଅଣଆଦିବାସୀ, ସହରୀ ଏବଂ ଗାଉଁଲି, ଉତ୍ତର ଓ ଦକ୍ଷିଣ ଏବଂ କେନ୍ଦ୍ର ଓ ପରିଧି।

ସମାଜର ଏହି ଅନ୍ତର୍ବିରୋଧିର ସମାଧାନ ପରିବର୍ତ୍ତେ ରାଜନୀତି ଏହି ବିଭାନକୁ ଅଧିକ ଗଭୀର କରୁଥିବା ଦେଖାଯାଉଛି। କାରଣ ହେଉଛି ସମାଜ ଏକଜୁଟ ରହିଲେ ପ୍ରଶ୍ନ କରିବ। କିନ୍ତୁ ବିଭାଜିତ ସମାଜକୁ ଭାବନା ମାଧମରେ ପରିଚାଳିତ କରିହେବ। ଏହି ରଣନୀତି ଅନୁସାରେ ଶିକ୍ଷା ସଂସ୍ଥାନ ବିଶେଷକରି ବିଶ୍ୱବିଦ୍ୟାଳୟ ଏକ ନୂଆ ରଣକ୍ଷେତ୍ରରେ ପରିଣତ ହେବାକୁ ଯାଉଛି। ବିଶ୍ୱବିଦ୍ୟାଳୟ କେବଳ ଡିଗ୍ରୀ ଦେଉଥିବା ଏକ କାରଖାନା ନୁହେଁ ବରଂ ବିଚାରର ନିର୍ମାଣ ଆଲୋଚନାତ୍ମକ ଚେତନା ଏବଂ ସାମାଜିକ ବମର୍ଷର କେନ୍ଦ୍ର ଅଟେ। କିନ୍ତୁ ସେହି ବିଶ୍ୱବିଦ୍ୟାଳୟ ଯେତେବେଳେ ପରିଚୟର ରାଜନୀତିର ଚାପରେ ଆସେ ସେତେବେଳେ ଶିକ୍ଷାର ମୂଳ ଉଦେଶ୍ୟ ସାଧିତ ହୋଇପାରେ ନାହିଁ। ୟୁଜିସିର ଭେଦଭାବ ନିରୋଧକ ନିୟମ ଏହି ସନ୍ଦର୍ଭରେ ଏକ ସମ୍ବେଦନଶୀଳ ଏବଂ ବିବାଦୀୟ ଅସ୍ତ୍ର ପାଲଟି ଯାଇପାରେ। ୟୁଜିସି ଆଇନର ସମର୍ଥକ ମାନଙ୍କ ଯୁକ୍ତି



ହେଉଛି ବିଶ୍ୱବିଦ୍ୟାଳୟ ପରିସରରେ ଦୀର୍ଘ ସମୟ ହେଲା ବଞ୍ଚିତ ଗୋଷ୍ଠୀଙ୍କ ସହ ଅନ୍ୟାୟ ହେଉଛି, ଭେଦଭାବ ବଢୁଛି ଏଣୁ ଏହି ନିୟମର ଆବଶ୍ୟକତା ରହିଛି। କିନ୍ତୁ ଏହି ଯୁକ୍ତ ନିରାଧାର ବୋଲି କୁହାଯାଇପାରେ।

ଭାରତର ସାମାଜିକ ଇତିହାସରୁସ୍ପଷ୍ଟ ଯେ ସଂସ୍ଥାଗତ ହସ୍ତକ୍ଷେପ ବିନା ସମାନତା କେବଳ ଏକ ଆଦର୍ଶ ଭାବେ ରହିଯାଇଥାଏ। ୟୁଜିସି ଆଇନ୍‌ର ଆଲୋଚକ ମାନଙ୍କ ପ୍ରଶ୍ନ ହେଉଛି ଯେ ଏହି ନୂଆ ଆଇନ୍ ବାସ୍ତବିକ୍‌ଭାବେ ଉତ୍ପିଡ଼ନକୁ ସମାପ୍ତ କରିବ ନା ପୁଣି ସେଇ ପରିଚୟର ରାଜନୀତିକୁ ଶିକ୍ଷାସଂସ୍ଥାନ ପରିସରରେ ସଂସ୍ଥାଗତ ରୂପ ଦେବ? ସମସ୍ୟା ସେତେବେଳେ ସୃଷ୍ଟି ହୁଏ ଯେତେବେଳେ ସବୁ ଅସହମତି, ସବୁ ବିଚାରଗତ ଲଢେଇ ଏବଂ ସବୁ ଅସୁବିଧାଜନକ ପ୍ରଶ୍ନକୁ ଭେଦଭାବର ଶ୍ରେଣୀରେ ରଖି ଦେଖା ଯାଏ। ବିଶ୍ୱବିଦ୍ୟାଳୟ ହେଉଛି ଚିନ୍ତନ-ମନ୍ଥନ, ବିଚାର-ବିମର୍ଷର ସ୍ଥାନ। ଏଠି ବିଚାର ମଧରେ ଲଢ଼େଇ ହୁଏ, ମତଭେଦ ମଧ ହୁଏ, ଅସହମତି ଥାଏ। ଯଦି ଏହି ସ୍ୱାଭାବିକ ପ୍ରକ୍ରିୟାକୁ ରାଜନୈତିକ ଦୃଷ୍ଟିରେ ଦେଖାଯାଏ ତେବେ ଭୁଲ ହୋଇଥାଏ।

ଯେତେବେଳେ ଅଭିଯୋଗ ନିବାରଣ ସଂସ୍ଥା ଆଲୋଚନାରେ ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ଦଣ୍ଡିତ କରିବାକୁ ଗୁରୁତ୍ୱ ଦିଅନ୍ତି ତେବେ ଭୟଙ୍କର ବାତାବରଣ ସୃଷ୍ଟି ହେବା ନିଶ୍ଚିତ। ଏଭଳି ଅବସ୍ଥା ସୃଷ୍ଟି ହେଲେ ସମ୍ବେଦନଶୀଳ ସାମାଜିକ ପ୍ରସଙ୍ଗକୁ ପଢ଼ାଇବା ବେଳେ ଶିକ୍ଷକ ଡ଼ରିବେ ଓ ଛାତ୍ର ପ୍ରଶ୍ନ ପଚାରିବା ପାଇଁ ମଧ ଡ଼ରିବେ। ଏହା ଦ୍ୱାରା ଏକାଡ଼େମୀକ ସ୍ୱତନ୍ତ୍ରତା ଦୁର୍ବଳ ହେବ।

ଭାରତରେ ଜାତିଗତ ଭେଦଭାବ ଏକ ଐତିହାସିକ ଏବଂ ସଂରଚନାତ୍ମକ ସତ୍ୟ ଅଟେ। ବିଶ୍ୱବିଦ୍ୟାଳୟ ପରିସରରେ ମଧ ଏଭଳି ଘଟୁଥିବାର ଉଦାହରଣ ରହିଛି ଯାହାକୁ ଗୁରୁତ୍ୱର ସହ ବିଚାର କରାଯିବା ଆବଶ୍ୟକ। କିନ୍ତୁ ସମସ୍ୟା ସେତିକିବେଳେ ସୃଷ୍ଟିହୁଏ ଯେତେବେଳେ ସବୁ ସାମାଜିକ ପ୍ରଶ୍ନର ସମାଧାନ ପରିବର୍ତ୍ତେ ଧୃବୀକରଣ କରାଯାଏ। ସମସ୍ୟା ସେତେବେଳେ ଉପୁଜେ ଯେତେବେଳେ ସମାନତାର ଭାଷା ଭିତରେ ଅସମାନତାର ନୂଆ ରୂପ ଜନ୍ମ ନିଏ। ସମସ୍ୟା ସେତେବେଳେ ହୁଏ ଯେତେବେଳେ କିଛି ସ୍ୱରକୁ ସଂରକ୍ଷିତ ବୋଲି ଗ୍ରହଣ କରାଯାଏ ଓ କିଛି ସ୍ୱରକୁ ସନ୍ଦେହ ଦୃଷ୍ଟିରେ ଦେଖାଯାଏ। ଏ ସବୁରେ ରାଜନୈତିକ ଦଳ ମାନଙ୍କର ଭୂମିକା ରହିଛି। ଶାସକ ଦଳ ଏହି ନିୟମକୁ ସାମାଜିକ ସମରସତ୍ତା ଏବଂ ସମାନ ଅବସର ଦିଗରେ ଐତିହାସିକ ପଦକ୍ଷେପ ଭାବେ ପ୍ରସ୍ତୁତ କରିଥାନ୍ତି। କିନ୍ତୁ ବିରୋଧି ଏହାକୁ ସଂସ୍ଥାନ ଉପରେ ନିୟନ୍ତ୍ରଣ, ବୈଚାରିକ ଦମନ ଏବଂ ଅସହମତିକୁ ଚାପି ଦେବାର ପ୍ରୟାସ ବୋଲି କହିଥାନ୍ତି। କିନ୍ତୁ ଶାସକ ଓ ବିରୋଧି ପ୍ରାୟତଃ ଏହି ମୂଳ ପ୍ରଶ୍ନକୁ ଅଣଦେଖା କରିଥାନ୍ତି ଯେ ଶିକ୍ଷା ବ୍ୟବସ୍ଥାକୁ ବାସ୍ତବିକ୍ ଭାବେ କେମିତି ସୁଧରା ଯାଇପାରିବ। ଶିକ୍ଷକ-ଛାତ୍ର ଅନୁପାତ କେମିତି ସୁଧୁରିବ। ଗବେଷଣା, ନବାଚାର ଏବଂ ବୌଦ୍ଧିକ ସ୍ୱତନ୍ତ୍ରତା କେମିତି ଆଗକୁ ବଢ଼ିବ। ସାମାଜିକ ବିବିଧତାକୁ ସମ୍ମାନ ସହ କେମିତି ସମାହିତ କରାଯିବ।

ଧର୍ମକୁ ନେଇ ରାଜନୀତିର ସବୁଠାରୁ ବିପଦଜନକ ପାର୍ଶ୍ୱ ହେଉଛି ଜଟିଳ ସଂରଚାତ୍ମକ ସମସ୍ୟାର ପରିଚୟକୁ ସହଜ ଲଢେଇରେ ପରିବର୍ତ୍ତନ କରିଦିଏ। ସେଠାରେ ସମାଧାନ ନାହିଁ ବରଂ ପକ୍ଷ ବାଛିବା ସବୁଠାରୁ ଗୁରୁତ୍ୱପୁର୍ଣ୍ଣ ହୋଇଯାଏ। ଏହି ପ୍ରବୃତ୍ତି ଏବେ ବିଶ୍ୱବିଦ୍ୟାଳୟରେ ପହଞ୍ଚିଛି। ଛାତ୍ର ଏବେ କେବଳ ବିଦ୍ୟାର୍ଥୀ ହୋଇ ରହିଯିବେନି ବରଂ ସେମାନେ ନିଜକୁ କୌଣସି ଏକ ନିର୍ଦ୍ଦିଷ୍ଟ ପରିଚୟର ପ୍ରତିନିଧି ଭାବେ ଦେଖିବେ। ଏହାଫଳରେ ସ୍ଥିତି ଯେ କେବଳ ଶିକ୍ଷା ପାଇଁ ବିଗିଡିବ ତା ନୁହେଁ ବରଂ ଗଣତନ୍ତ୍ର ପାଇଁ ଘାତକ ସାବ୍ୟସ୍ତ ହେବ। ବିଶ୍ୱବିଦ୍ୟାଳୟ ମାନେ ଭବିଷ୍ୟତର ନାଗରିକଙ୍କୁ ଗଢିଥାନ୍ତି, ଯଦି ସେଠାରେ ବିଭାଜନ, ସନ୍ଦେହ ଏବଂ ଭୟର ମାନସିକତା ଦେଖାଯିବ ତେବେ ସମାଜରୁ ସହିଷ୍ଣୁତା ଲୋପ ପାଇଯିବ। ଏଣୁ ୟୁଜିସିର ନୂଆ-ନିୟମ ବାବଦରେ ଗଭୀର ଭାବେ ତର୍ଜମା କରାଯିବାର ଆବଶ୍ୟକତା ରହିଛି। ଏ ପ୍ରସଙ୍ଗରେ ଆଗତ ଏକ ମାମଲାର ଶୁଣାଣୀବେଳେ ସୁପ୍ରିମ୍‌କୋର୍ଟର ମୁଖ୍ୟ ବିଚାରପତି କହିଛନ୍ତି ଯେ "ଆମେ ଜାତି ବିହୀନ ସମାଜ ଚାହୁଁଛୁ, ଆପଣ କ'ଣ ଦେଶକୁ ସେଇ ପୁରୁଣା ସମୟ ଆଡ଼କୁ ନେଇଯିବାକୁ ଚାହାଁନ୍ତି? ଏଣୁ ଏଥିରୁ ସ୍ୱଷ୍ଟ ଯେ ୟୁଜିସିର ନୂଆ ଆଇନର ଭିତରେ କ'ଣ କ'ଣ ସବୁ ରହିଛି।

**ରାମଚନ୍ଦ୍ରପୁର, ରଣପୁର
ମୋବାଇଲ୍:୯୪୩୮୪୮୫୦୯୪**

# ପରିବହନରୁ ପ୍ରଗତି: ଓଡ଼ିଶାର ଗତିଶୀଳତାକୁ ନୂଆ ଦିଗ ଦେଇଥିବା ଏକ ଦୂରଦର୍ଶୀ ଯାତ୍ରା

ପ୍ରଭାକର ସାହୁ



ଓଡ଼ିଶାର ଜୀବନ ଅସଲରେ ଏକ ନିରନ୍ତର ଯାତ୍ରା। ଏହି ଯାତ୍ରା ରାସ୍ତାରେ ଚାଲେ, ରେଳପଥରେ ଧାଉଁଥାଏ, ନଦୀ-ଜଳପଥରେ ଭାସେ ଏବଂ ଆକାଶରେ ଉଡ଼େ। ଭୋରୁ ସନ୍ଧ୍ୟା ପର୍ଯ୍ୟନ୍ତ ରାଜପଥରେ ବସ୍‌ର ଚକ ଗଡ଼େ, ସହର-ଗାଁ ମଧରେ ଲୋକଙ୍କ ଚଳାଚଳ ଅବ୍ୟାହତ ରହେ, ବିମାନ ନିର୍ଦ୍ଧାରିତ ସମୟରେ ଉଡ଼େ ଏବଂ ବନ୍ଦର ଅଞ୍ଚଳରେ ବାଣିଜ୍ୟର ଗତି ସ୍ୱାଭାବିକ ଭାବେ ଚାଲିଥାଏ। କିନ୍ତୁ କେତେବେଳେ ଏହି ଦୈନନ୍ଦିନ ଗତିଶୀଳତାର ଭିତରେ ଏକ ନିରବ ପରିବର୍ତ୍ତନ ଘଟୁଥାଏ—ଏମିତି ଏକ ପରିବର୍ତ୍ତନ, ଯାହାର ପ୍ରଭାବ ଲୋକଙ୍କ ଦୈନନ୍ଦିନ ଜୀବନରେ ଧୀରେ ଧୀରେ ଗଭୀର ହୋଇ ପ୍ରକାଶ ପାଏ। ବାଣିଜ୍ୟ ଓ ପରିବହନ ବିଭାଗରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ କାର୍ଯ୍ୟକାଳର ସମାପ୍ତି ଏହିପରି ଏକ ଅବସର, ଯେଉଁଠି ଓଡ଼ିଶାର ପରିବହନ ବ୍ୟବସ୍ଥାର ରୂପାନ୍ତରଣକୁ ଫେରି ଦେଖିବାର ସମୟ ମିଳେ। ତାଙ୍କ ନେତୃତ୍ୱରେ ପରିବହନ ଏକ ନିୟମାବଳୀ ଆଧାରିତ ବିଭାଗ ରହିନଥିଲା; ଏହା ମଣିଷଙ୍କ ଆବଶ୍ୟକତା, ସୁରକ୍ଷା, ସମାନ ସୁଯୋଗ ଏବଂ ଆର୍ଥିକ ଗତିଶୀଳତା ସହ ଗଭୀର ଭାବେ ଯୋଡ଼ିତ ଏକ ମିଶନ୍ ହୋଇ ଉଠିଥିଲା।

ଓଡ଼ିଶା ପରି ଏକ ରାଜ୍ୟରେ ପରିବହନ ମାନେ କେବଳ ଯାନବାହନ ନୁହେଁ-ଏହା ହେଉଛି ଜୀବିକାର ଦ୍ୱାର, ଶିକ୍ଷାର ରାସ୍ତା, ସ୍ୱାସ୍ଥ୍ୟ ସେବାକୁ ପହଞ୍ଚିବାର ସହଜ ମାଧମ ଏବଂ ସାମାଜିକ ସମ୍ପର୍କକୁ ସଜୀବ ରଖିବାର ଏକ ଅବଲମ୍ବନ। ଗୋଟିଏ ଛାତ୍ର ଦୂର ଗାଁରୁ କଲେଜକୁ ଯାଉଛି, ଗୋଟିଏ ଶ୍ରମିକ ନିଜ କାମକୁ ପହଞ୍ଚୁଛି, ଗୋଟିଏ ରୋଗୀ ହସ୍ପିଟାଲକୁ ଯାଉଛି-ସେଇ ଯାତ୍ରାର ପଛରେ ପରିବହନର ଭରସା ରହିଥାଏ। ଏହି ଦୃଷ୍ଟିକୋଣରୁ 'ମୁଖ୍ୟମନ୍ତ୍ରୀ ବସ୍ ସେବା'ର ସୁଦୃଢ଼ୀକରଣ କେବଳ ଏକ ଯାନ ଭିତ୍ତିକ ପ୍ରୟାସ ନୁହେଁ; ଏହା ରାଜ୍ୟର ଆନ୍ତରିକ ସଂଯୋଗକୁ ଅଧିକ ନିର୍ଭରଯୋଗ୍ୟ କରିବାର ଏକ





ପ୍ରୟାସ। ଏବଂ ଯାତ୍ରୀ-ଅନୁକୂଳ 'ଅଟଳ ବସ୍ ଷ୍ଟାଣ୍ଡ' ନିର୍ମାଣ ମାଧମରେ ପରିବହନ ସେବାକୁ ଏକ ମର୍ଯ୍ୟାଦାପୂର୍ଣ୍ଣ ଅନୁଭବ ଦେବାର ଉଦ୍ଦେଶ୍ୟ ମଧ ସ୍ପଷ୍ଟ ହୋଇଥିଲା। ଏମିତି ଢାଞ୍ଚାଗତ ସୁଧାର ସହରରେ ହେଉ କି ଜିଲ୍ଲା ମୁଖ୍ୟାଳୟରେ-ସମସ୍ତଠାରେ ଯାତ୍ରୀଙ୍କ ପାଇଁ ଏକ ସମାନ ଅନୁଭବ ଗଢ଼ିବାର ଦୃଷ୍ଟି ଥିଲା। ପରିବହନ ଖାତାକୁ ସାଧାରଣତଃ ପୁରୁଷ ପ୍ରଧାନ କ୍ଷେତ୍ର ଭାବେ ଦେଖାଯାଏ। ଏହି ଧାରଣାକୁ ଭାଙ୍ଗିବାରେ 'ଆମ ସୁବାହକ' ଏକ ଅତ୍ୟନ୍ତ ଅର୍ଥପୂର୍ଣ୍ଣ ଉଦାହରଣ। ମହିଳାମାନେ ଯେତେବେଳେ ସୁବାହକ ଭାବେ ନିଯୁକ୍ତ ହେଲେ, ସେହି ଦୃଶ୍ୟଟି କେବଳ ଗୋଟିଏ ଚାକିରିର କଥା ନୁହେଁ-ଏହା ଏକ ସାମାଜିକ ସନ୍ଦେଶ ଥିଲା। ଏହି ପଦକ୍ଷେପ ମହିଳାଙ୍କ ଆର୍ଥିକ ସ୍ୱାଧୀନତାକୁ ମଜବୁତ କରିବା ସହ ସେମାନଙ୍କୁ ସାର୍ବଜନୀନ କ୍ଷେତ୍ରରେ ଏକ ନୂଆ ପରିଚୟ ଦେଇଛି। ଏହା ଓଡ଼ିଶାର ପରିବହନ ବ୍ୟବସ୍ଥାରେ ଏକ ଅନ୍ତର୍ଭୁକ୍ତିମୂଳକ ମୂଲ୍ୟବୋଧ ଯୋଗ କରିଛି।

ସଡ଼କ ସୁରକ୍ଷା କ୍ଷେତ୍ରରେ 'କମ୍ ହୋମ୍ ସେଫ୍' ଅଭିଯାନ ଏକ ଭିନ୍ନ ଦୃଷ୍ଟିକୋଣ ନେଇଆସିଥିଲା। ଓଡ଼ିଶା ପରି ଏକ ବୃହତ ରାଜ୍ୟରେ ସଡ଼କ ଦୁର୍ଘଟଣା କେବଳ ସଂଖ୍ୟା ନୁହେଁ; ଏହା ଅସଂଖ୍ୟ ପରିବାରର ଅପୂରଣୀୟ ଆଘାତ। ଏହି ସତ୍ୟକୁ ମନେ ରଖି ଏହି ଅଭିଯାନ ସଡ଼କ ସୁରକ୍ଷାକୁ ଆଇନ ଭୟରୁ ନୁହେଁ, ବରଂ ଜୀବନ ପ୍ରତି ଦାୟିତ୍ୱବୋଧରୁ ଆସୁଥିବା ଏକ ସାମାଜିକ ପ୍ରତିଶ୍ରୁତିରେ ପରିଣତ କରିଥିଲା। ପ୍ରତି ଯାତ୍ରାର ଶେଷ ହେଉ ନିରାପଦ ଘରଫେରା-ଏହି ସରଳ ମନ୍ତ୍ରଟି ଲୋକଙ୍କ ମନରେ ଏକ ଗଭୀର ପ୍ରଭାବ ସୃଷ୍ଟି କରିଥିଲା।

ଓଡ଼ିଶାର ପରିବହନ ରୂପାନ୍ତରଣରେ ଆକାଶପଥ ମଧ ଏକ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ। B-MAAN ଅଧୀନରେ ନିଆଯାଇଥିବା ପଦକ୍ଷେପ ଦେଖାଇଲା ଯେ ବିମାନ ଚଳାଚଳ କେବଳ ଯୋଗାଯୋଗ ନୁହେଁ; ଏହା ହେଉଛି ଅର୍ଥନୀତିର ଏକ ନୂଆ ଦ୍ୱାର। 'ନୂତନ ଗନ୍ତବ୍ୟ ନୀତି' ମାଧମରେ ଓଡ଼ିଶା ଆଞ୍ଚଳିକ ସଂଯୋଗରେ ନୂଆ ସମ୍ଭାବନା ଖୋଲିଛି ଏବଂ MRO ଭଳି ଢାଞ୍ଚା ଉନ୍ନୟନ ଦ୍ୱାରା ରାଜ୍ୟରେ ନିଯୁକ୍ତି, ଦକ୍ଷତା ଓ ଶିଳ୍ପ ଅବସର ସୃଷ୍ଟିର ଭିତ୍ତି ମଜବୁତ ହୋଇଛି। ଆଦିବାସୀ ଯୁବତୀ ଓ ମହିଳାମାନଙ୍କୁ ପାଇଲଟ୍ ତାଲିମ ଦେବା ପଦକ୍ଷେପ ଏହି ଦୃଷ୍ଟିର ଏକ ଅତ୍ୟନ୍ତ ଦୂରଦର୍ଶୀ ପ୍ରତିଫଳନ-ଯେଉଁଠି ଆକାଶ କେବଳ ସୁବିଧାଭୋଗୀ ଲୋକଙ୍କ ସୀମାରେ ରହିବ ନାହିଁ, ବରଂ ସ୍ୱପ୍ନ ଓ ଦକ୍ଷତା ଥିବା ଯେକୌଣସି ମଣିଷ ପାଇଁ ଉନ୍ମୁକ୍ତ ରହିବ। ଓଡ଼ିଶା ଏକ ସମୁଦ୍ରତଟୀୟ ରାଜ୍ୟ ହେବାରୁ ଜଳପଥ ଓ ବନ୍ଦର ଅର୍ଥନୀତିର ସମ୍ଭାବନା ଏଠାରେ ବିଶାଳ। ଦୀର୍ଘଦିନରୁ ପଡ଼ି ରହିଥିବା ୫ ନମ୍ବର ଜାତୀୟ ଜଳପଥକୁ କାର୍ଯ୍ୟକ୍ଷମ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ଏହି ସମ୍ଭାବନାକୁ ଆହୁରି ଗତି ଦେଇଛି। ଏପରିକି ଏହି ଜଳପଥ କେନ୍ଦ୍ରୀୟ ବଜେଟରେ ସ୍ଥାନ ପାଇଥିବା ଘଟଣା ଓଡ଼ିଶା ପାଇଁ ଏକ ରଣନୀତିକ ସଫଳତା। ଶିଳ୍ପ ସଂସ୍ଥାଗୁଡ଼ିକ ସହ ସହଭାଗିତାରେ CTI ଓ OMA ମାଧମରେ ଦକ୍ଷତା ପ୍ରଶିକ୍ଷଣ, ଏବଂ ଭିତ୍ତିଭୂମି ତ୍ୱରାନ୍ୱିତ କରିବା ପାଇଁ SPV ଗଠନ ଏହି ରୂପାନ୍ତରଣକୁ ଏକ ଦୀର୍ଘମ୍ୟାଦୀ ଦୃଷ୍ଟିରେ ବାନ୍ଧି ରଖିଛି। ଏହି ପରିପ୍ରେକ୍ଷିତରେ ବାହୁଦା ବନ୍ଦରର ପରିକଳ୍ପନା ସଡ଼କ, ରେଳ, ଆକାଶ ଏବଂ ସମୁଦ୍ର ପଥକୁ ଏକ ସମନ୍ୱିତ ଭବିଷ୍ୟତ-ଉପଯୋଗୀ ଢାଞ୍ଚାରେ ଯୋଡ଼ି ରଖିବାର ଏକ ଚେଷ୍ଟା ଭାବେ ଦେଖାଯାଏ।

ଶ୍ରୀମତୀ ଉଷା ପାଢ଼ୀଙ୍କ କାର୍ଯ୍ୟକାଳର ସାରକଥା ହେଉଛି-ଏହା କେବଳ ରାସ୍ତା ତିଆରି କିମ୍ବା ନିୟମ ପରିବର୍ତ୍ତନର ଯାତ୍ରା ନୁହେଁ। ଏହା ହେଉଛି ଏକ ଏଭଳି ପ୍ରକ୍ରିୟା, ଯେଉଁଠି ପ୍ରଶାସନ ଜନସାଧାରଣଙ୍କ ମଧ୍ୟରେ ଭରସା ଗଢ଼ିଛି, ଏବଂ ପରିବହନ ଗତିଶୀଳତାକୁ ଏକ ମାନବୀୟ ଅର୍ଥ ଦେଇଛି। ଏହି ଭରସାର ଅର୍ଥ ହେଉଛି—ଗୋଟିଏ ମହିଳା ଯାତ୍ରୀ ରାତିରେ ନିର୍ଭୟ ଯାତ୍ରା କରିପାରିବେ; ଗୋଟିଏ ଛାତ୍ର ନିଶ୍ଚିତ ହୋଇ ନିଜ ଶିକ୍ଷାର ଗନ୍ତବ୍ୟକୁ ପହଞ୍ଚିପାରିବ; ଗୋଟିଏ ଶ୍ରମିକ ସମୟରେ କାମକୁ ପହଞ୍ଚି ନିଜ ଜୀବିକାକୁ ମଜବୁତ କରିପାରିବ; ଏବଂ ଗୋଟିଏ ପରିବାର ନିଶ୍ଚିତ ହୋଇ କହିପାରିବ-"ସେ ନିରାପଦ ଘରକୁ ଫେରିବେ।" ଆଗାମୀ ଦିନରେ ଓଡ଼ିଶାର ରାସ୍ତା ପ୍ରସାରିତ ହେବ, ଆକାଶ ଆହୁରି ଉନ୍ମୁକ୍ତ ରହିବ, ଏବଂ ସମୁଦ୍ର ପଥର ସମ୍ଭାବନା ମଧ ଆହୁରି ବିକଶିତ ହେବ। କିନ୍ତୁ ଏହି ଗତିଶୀଳତା ଯଦି ମଣିଷକୁ କେନ୍ଦ୍ରରେ ରଖି ଆଗକୁ ବଢ଼ିଥାଏ, ତେବେ ଏହା କେବଳ ପରିବହନର ବିକାଶ ନୁହେଁ-ଏହା ହେବ ଓଡ଼ିଶାର ସାମଗ୍ରିକ ପ୍ରଗତୀର ଏକ ଦୃଢ଼ ଭିତ୍ତି। ଏହିପରି ଏକ ଦୂରଦର୍ଶୀ ଯାତ୍ରାର ମୂଲ୍ୟ ରହିଛି ତାହାର ସଂଖ୍ୟାରେ ନୁହେଁ, ତାହାର ପ୍ରଭାବରେG-ଯେଉଁ ପ୍ରଭାବ ଓଡ଼ିଶାର ପ୍ରତ୍ୟେକ ଯାତ୍ରୀଙ୍କ ଜୀବନରେ ଏକ ନୂଆ ଭରସା, ଏକ ନୂଆ ସୁଯୋଗ ଏବଂ ଏକ ନୂଆ ଆଶା ଦେଇ ଯାଏ।

### ଶିଶୁ ନିଖୋଜ ମାମଲା ବୃଦ୍ଧି ପାଉଛି

# କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ତଦନ୍ତ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୦।୨: ଦେଶର ବିଭିନ୍ନ ସ୍ଥାନରେ ନିଖୋଜ ଶିଶୁଙ୍କ ସଂଖ୍ୟା ବୃଦ୍ଧି ପାଉଛି ଓ ମାମଲା ବଢ଼ିଚାଲିଛି। ମଙ୍ଗଳବାର ସୁପ୍ରିମକୋର୍ଟ ଏନେଇ କେନ୍ଦ୍ର ସରକାରଙ୍କୁ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ କରିଛନ୍ତି। ଏହି ଘଟଣା ପଛରେ ଦେଶବ୍ୟାପୀ ନେଟୱାର୍କ ଅଛି କି ନାହିଁ କିମ୍ବା ଏଗୁଡ଼ିକ କେବଳ ବିଭିନ୍ନ ରାଜ୍ୟରେ ଘଟୁଥିବା ପୃଥକ ଘଟଣା କି ନାହିଁ ତାହା ତଦନ୍ତ କରନ୍ତୁ ବୋଲି ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



**ସମସ୍ତ ରାଜ୍ୟରୁ ତଥ୍ୟ ସଂଗ୍ରହ ସହ ବିଶ୍ଳେଷଣ କରିବାକୁ କହିଲେ**

ବିଚାରପତି ବି.ଭି. ନାଗରତ୍ନା ଏବଂ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ କହିଛନ୍ତି ଯେ, ନିଖୋଜ ଶିଶୁ ମାମଲାରେ କୌଣସି ପ୍ୟାଟର୍ଣ୍ଣ ଅଛି କି ନାହିଁ ତାହା ଜାଣିବା ଅତ୍ୟନ୍ତ ଜରୁରି। କୋର୍ଟ କେନ୍ଦ୍ର ସରକାରଙ୍କୁ ସମସ୍ତ ରାଜ୍ୟରୁ ତଥ୍ୟ ସଂଗ୍ରହ ଏବଂ ବିଶ୍ଳେଷଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

କେନ୍ଦ୍ର ସରକାରଙ୍କ ପ୍ରତିନିଧିତ୍ୱ କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭାଟି କୋର୍ଟକୁ କହିଥିଲେ ଯେ, କିଛି ରାଜ୍ୟ ନିଖୋଜ ଶିଶୁ ଏବଂ ମାମଲା ସହିତ ଜଡିତ ତଥ୍ୟ ଦାଖଲ କରିଛନ୍ତି। କିନ୍ତୁ ପ୍ରାୟ ଏକ ଡଜନ ରାଜ୍ୟ ଏପର୍ଯ୍ୟନ୍ତ ତଥ୍ୟ ପ୍ରଦାନ କରିନାହାନ୍ତି। ସେ କହିଛନ୍ତି ଯେ, ସମସ୍ତ ରାଜ୍ୟରୁ ସମ୍ପୂର୍ଣ୍ଣ ସୂଚନା ନମିଳିବା ପର୍ଯ୍ୟନ୍ତ କୌଣସି ଠୋସ୍ ନିଷ୍କର୍ଷରେ ପହଞ୍ଚିବା କଷ୍ଟକର।

ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ସ୍ପଷ୍ଟ ଭାବରେ କହିଛନ୍ତି, ଆମେ ଜାଣିବାକୁ ଚାହୁଁଛୁ ଯେ ପିଲାମାନଙ୍କ ନିଖୋଜ ପଛରେ କୌଣସି ଜାତୀୟ ନେଟୱାର୍କ କିମ୍ବା ରାଜ୍ୟସ୍ତରୀୟ ଗ୍ୟାଙ୍ଗ ଅଛି କି ? ଏହା କ'ଣ ଏକ ପ୍ୟାଟର୍ଣ୍ଣ ନା କେବଳ ଏକ ସଂଯୋଗ ?" ଏହି ଘଟଣାଗୁଡ଼ିକ ପାଇଁ କିଏ ଦାୟୀ ତାହା ଜାଣିବା ପାଇଁ ଉଦ୍ଧାର ପିଲାମାନଙ୍କୁ ପଚରାଉଚରା କରିବା ପାଇଁ ମଧ କୋର୍ଟ ପରାମର୍ଶ ଦେଇଛନ୍ତି। ଏହା ବ୍ୟତୀତ, ତଥ୍ୟ ପ୍ରଦାନ କରି ନ ଥିବା ରାଜ୍ୟଗୁଡ଼ିକ ପ୍ରତି ଅସନ୍ତୋଷ ପ୍ରକାଶ କରି କୋର୍ଟ କହିଛନ୍ତି ଯେ ଆବଶ୍ୟକ ହେଲେ କଠୋର ନିର୍ଦ୍ଦେଶ ଜାରି କରାଯିବ। ଏହି ପ୍ରସଙ୍ଗ ଗୁରିଆ ସ୍ୱୟଂସେବୀ ଏନଜିଓ ଦ୍ୱାରା ଦାଖଲ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି ବେଳେ କୋର୍ଟ କହିଥିଲେ। ଆବେଦନରେ ଅନେକ ରାଜ୍ୟରେ ବହୁ ସଂଖ୍ୟକ ଶିଶୁ ନିଖୋଜ ଥିବା ପ୍ରସଙ୍ଗ ଉଠାଇଥିଲା। ବରିଷ୍ଠ ଓକିଲ ଅପର୍ଣ୍ଣା ଭଟ୍ଟ କହିଥିଲେ, ଯେ କେନ୍ଦ୍ର ସରକାର ଏହି ଦିଗରେ ପଦକ୍ଷେପ ନେଇଛନ୍ତି ଏବଂ ସମସ୍ତ ରାଜ୍ୟକୁ ତଥ୍ୟ ପ୍ରଦାନ କରିବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ଜାରି କରାଯିବା ଉଚିତ।

ଗତ ଡିସେମ୍ବର ୯ରେ, ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ଗତ ଛଅବର୍ଷ ଧରି ନିଖୋଜ ଶିଶୁଙ୍କ ଉପରେ ଜାତୀୟ ସ୍ତରୀୟ ତଥ୍ୟ ଦାଖଲ କରିବାକୁ ଏବଂ ଗୃହ ମନ୍ତ୍ରଣାଳୟରେ ଜଣେ ନୋଡାଲ ଅଧିକାରୀଙ୍କୁ ନିଯୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନଭେମ୍ବର ୧୮ରେ, କୋର୍ଟ ଦେଶରେ ପ୍ରତି ଆଠ ମିନିଟରେ ଜଣେ ଶିଶୁ ନିଖୋଜ ହେଉଥିବା ଏକ ରିପୋର୍ଟକୁ ଉଦ୍ଧୃତ କରି ଏହାକୁ ଏକ ଅତ୍ୟନ୍ତ ଗମ୍ଭୀର ପ୍ରସଙ୍ଗ ବୋଲି କହିଥିଲେ। କୋର୍ଟ ଏହା ମଧ ଉଲ୍ଲେଖ କରିଥିଲେ ଯେ, ପୋଷ୍ୟ ଗ୍ରହଣର ଜଟିଳ ପ୍ରକ୍ରିୟା ଲୋକଙ୍କୁ ବେଆଇନ ଉପାୟ ଅବଲମ୍ବନ କରିବାକୁ ବାଧ କରୁଛି। ଆବେଦନରେ ଉତ୍ତର ପ୍ରଦେଶର ପାଞ୍ଚଟି ମାମଲା ଉଲ୍ଲେଖ କରାଯାଇଥିଲା ଯେଉଁଠାରେ ନାବାଳକ ପିଲାମାନଙ୍କୁ ଅପହରଣ କରାଯାଇଥିଲା ଏବଂ ଏକ ନେଟୱାର୍କ ମାଧ୍ୟମରେ ଝାଡ଼ଖଣ୍ଡ, ମଧପ୍ରଦେଶ ଏବଂ ରାଜସ୍ଥାନ ଭଳି ରାଜ୍ୟକୁ ପଠାଯାଇଥିଲା।



# ରାସ୍ତାରେ ଓହ୍ଲାଇଲା ବିମାନ

### ବହୁ କାର୍ କ୍ଷତିଗ୍ରସ୍ତ

ଜର୍ଜିଆ,୧୦।୨: ଆମେରିକାର ଜର୍ଜିଆ ରାଜ୍ୟରେ ଏକ ବଡ଼ ଧରଣର ବିମାନ ଦୁର୍ଘଟଣାକୁ ଏଡାଇ ଦିଆଯାଇଛି। ଏକ ଛୋଟ ବିମାନକୁ ରାସ୍ତାରେ ଅବତରଣ କରିବାକୁ ପଡିଛି। ଇଞ୍ଜିନରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ପାଇଲଟ୍ ଏକ ବ୍ୟସ୍ତବହୁଳ ଛକରେ ବିମାନର ଜରୁରୀକାଳୀନ ଅବତରଣ କରିଥିଲେ। ଯାହା ଫଳରେ ଏହା ଅନେକ ଯାନ ସହିତ ଧକ୍କା ହୋଇଥିଲା। ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି ଯେଉଁଥିରେ ବିମାନଟି କାରଗୁଡ଼ିକ ସହ ଧକ୍କା ହେଉଥିବା ସ୍ପଷ୍ଟ ଭାବରେ ଦେଖାଯାଉଛି। ସୌଭାଗ୍ୟବଶତଃ, ଏହି ଦୁର୍ଘଟଣାରେ କେହି ପ୍ରାଣ ହରାଇ ନାହାନ୍ତି। ଦୁଇ ଆହତ ମଧ ସମ୍ପୂର୍ଣ୍ଣ ବିପଦମୁକ୍ତ ବୋଲି କୁହାଯାଉଛି।

ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୧:୫୦ ସମୟରେ ଜର୍ଜିଆର ଗେନ୍ସଭିଲ୍‌ର ବ୍ରାଉନ୍ସ ବ୍ରିଜ୍ ରୋଡ୍ ଓ ପର୍ଲ ନିକ୍ସ ପାର୍କୱେ ଛକରେ ଏହି ଘଟଣା ଘଟିଥିଲା। ସିଙ୍ଗଲ୍-ଇଞ୍ଜିନ୍ ହକର୍ ବିଚ୍‌କ୍ରାଫ୍ଟ ବିଇ-୩୬ ବିମାନ ଏକ ନିୟମିତ ଉଡ଼ାଣରେ ଲି ଗିଲମୋର୍ ମେମୋରିଆଲ୍ ବିମାନବନ୍ଦରରୁ କାଣ୍ଟନ୍ ଅଭିମୁଖେ ଉଡ଼ାଣ କରୁଥିଲା। ଉଡ଼ାଣ ଆରମ୍ଭ ହେବାର କିଛି ମିନିଟ୍ ପରେ ପାଇଲଟ୍ ହଠାତ୍ ଇଞ୍ଜିନ୍ କାମ କରୁନଥିବା ଅନୁଭବ କରିଥିଲେ। ସେ ବିମାନବନ୍ଦରକୁ ଫେରିବା ଅସମ୍ଭବ ମଧ ଥିଲା।

ଇଞ୍ଜିନ୍‌ର ଶକ୍ତି ହ୍ରାସ ପାଇବା ଯୋଗୁ ପାଇଲଟ୍ ବିମାନବନ୍ଦରରେ ପହଞ୍ଚିପାରି ନଥିଲେ। ତେଣୁ ବିମାନକୁ ଏକ ବ୍ୟସ୍ତବହୁଳ ରାସ୍ତାରେ ଅବତରଣ କରିବା ପାଇଁ ଅତ୍ୟନ୍ତ ସାହସିକ ନିଷ୍ପତ୍ତି ନେବାକୁ ବାଧ ହୋଇଥିଲେ। ଅବତରଣ ସମୟରେ ନିୟନ୍ତ୍ରଣ ହରାଇବାରୁ ବିମାନର ଡାହାଣ ଡେଣା ଏକ କାର୍‌କୁ ଧକ୍କା ଦେଇଥିଲା। ଯାହା ଫଳରେ ଏହାର ଇନ୍ଧନ ଟାଙ୍କି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ପରେ ବିମାନଟି ନିୟନ୍ତ୍ରଣ ବାହାରକୁ ଯାଇ ଏକ ଏସୟୁଭିର ପଛ ପାର୍ଶ୍ୱକୁ ଧକ୍କା ଦେଇଥିଲା। ବିମାନ ଦୁର୍ଘଟଣା ପରେ, ସ୍ଥାନୀୟ ପୁଲିସ ଏବଂ ଜରୁରୀକାଳୀନ ସେବା ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦେଇଥିଲେ। ଦୁର୍ଘଟଣା ଯୋଗୁ ରାସ୍ତାରେ ବ୍ୟାପକ ଟ୍ରାଫିକ୍ ଜାମ୍ ସୃଷ୍ଟି ହୋଇଥିଲା। ଫଳରେ କର୍ତ୍ତୃପକ୍ଷଙ୍କୁ ବ୍ୟସ୍ତବହୁଳ ରାସ୍ତାକୁ ଅସ୍ଥାୟୀ ଭାବରେ ବନ୍ଦ କରିବାକୁ ପଡିଥିଲା। ଏହି ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି, ଫେଡେରାଲ୍ ଏଭିଏସନ୍ ପ୍ରଶାସନ ଓ ଜାତୀୟ ପରିବହନ ସୁରକ୍ଷା ବୋର୍ଡ ଏକ ଉଚ୍ଚସ୍ତରୀୟ ବୈଷୟିକ ତଦନ୍ତ ଆରମ୍ଭ କରିଛନ୍ତି।

## କାନାଡାରେ ଭାରତୀୟ ଇଞ୍ଜିନିୟରଙ୍କୁ ହତ୍ୟା



ନୂଆଦିଲ୍ଲୀ, ୧୦।୨ : କାନାଡାରେ ପୁଣି ଭାରତୀୟଙ୍କୁ ହତ୍ୟା କରାଯାଇଛି। ରାଜଧାନୀ ଟରୋଣ୍ଟୋରେ ଜଣେ ୩୭ ବର୍ଷୀୟ ଆଇଟି ପ୍ରଫେସନାଲଙ୍କୁ ଗୁଳିକରି ହତ୍ୟା କରାଯାଇଛି। ସେ ଗାଡି ପାର୍କିଂ କରୁଥିବା ବେଳେ ତାଙ୍କ ଉପରେ ଗୁଳି ମାଡ଼ ହୋଇଥିଲା। ଯାହା ପରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପ୍ରାଣ ହରାଇଥିବା ବ୍ୟକ୍ତି ହେଲେ ଚନ୍ଦନ କୁମାର। କର୍ଣ୍ଣାଟକ ବେଙ୍ଗାଲୁରୁରେ ତାଙ୍କ ଘର। ଦୀର୍ଘବର୍ଷ ତଳେ ସେ କାନାଡା ଚାଲିଯାଇଥିଲେ। ଦୀର୍ଘ ୬ ବର୍ଷ ହେଲା ସେ ଟରୋଣ୍ଟୋରେ ଏକ ପ୍ରାଇଭେଟ୍ କମ୍ପାନୀରେ କାମ କରୁଥିଲେ। ଭାରତରେ ରହୁଥିବା ତାଙ୍କ ପରିବାର ସଦସ୍ୟଙ୍କୁ ଚନ୍ଦନଙ୍କ ହତ୍ୟାକାଣ୍ଡ ବାବଦରେ ଜଣାଇ ଦିଆଯାଇଛି। ଚନ୍ଦନଙ୍କ ବାପା ନନ୍ଦ କୁମାର ଜଣେ ଅବସରପ୍ରାପ୍ତ ଶିକ୍ଷକ। ତେବେ ଗତ ଫେବ୍ରୁଆରୀ ୭ ତାରିଖରେ ଏହି ହତ୍ୟାକାଣ୍ଡ ଘଟିଛି। ସେ ଟରୋଣ୍ଟୋରେ ଏକ ସପିଂ ମଲ୍ ଆଗରେ ନିଜ କାର୍ ପାର୍କ କରୁଥିଲେ। ଏତିକି ବେଳେ କିଛି ଦୁର୍ବୃତ୍ତ ଆସି ତାଙ୍କୁ ଗୁଳି କରିଥିଲେ। ତାଙ୍କ ଶରୀରରେ ଏକାଧିକ ଗୁଳି ବାଜିଛି। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଚନ୍ଦନଙ୍କୁ ହସ୍ପିଟାଲ ନେଇଥିଲେ ମଧ ସେତେବେଳକୁ ସେ ପ୍ରାଣ ହରାଇସାରିଥିଲେ। କେଉଁ କାରଣରୁ ଗୁଳିକାଣ୍ଡ ହେଲା ତାହାର କାରଣ ଜଣାପଡିନାହିଁ। ହତ୍ୟାକାଣ୍ଡରେ କେତେଜଣଙ୍କ ସଂପକ୍ତି ରହିଛି ସେନେଇ ମଧ ସୁରାକ୍ ମିଳିନି। ତେବା ତାଙ୍କୁ ଟାର୍ଗେଟ୍ କରି ଆକ୍ରମଣ କରାଯାଇଥିଲା। ଖୁବ୍ ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୁଲିସ ପ୍ରକାଶ କରିଛି।

### ବିରୋଧୀଙ୍କୁ କଡ଼ା ଚେତାବନୀ ଦେଲେ ଯୋଗୀ

## ନିର୍ମାଣ ହେବନାହିଁ ବାବ୍ରି ମସଜିଦ୍



ନୂଆଦିଲ୍ଲୀ,୧୦।୨: ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏକ ସାଧାରଣ ସଭାରେ ବିରୋଧୀଙ୍କୁ କଡ଼ା ଚେତାବନୀ ଦେଇଛନ୍ତି। କେବେହେଲେ ବାବ୍ରି ସଂରଚନା ପୁନଃନିର୍ମାଣ ହେବାର ପ୍ରଶ୍ନ ଉଠୁନାହିଁ ବୋଲି ବାରାବଙ୍କିଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗୀ କହିଛନ୍ତି। ଯେଉଁମାନେ ଏଭଳି ସ୍ୱପ୍ନ ଦେଖୁଛନ୍ତି, ସେମାନଙ୍କ ଆଶା କେବେବି ପୂରଣ ହେବନାହିଁ। ଯୋଗୀ କହିଛନ୍ତି ଯେ, ଭାଜପା ଯେଉଁ ପ୍ରତିଶ୍ରୁତି ଦିଏ ତାହା ପୂରଣ କରେ। ଆମେ କହିଥିଲୁ ରାମଲାଲା ଆସିବେ ଏବଂ ସେହି ସ୍ଥାନରେ ହିଁ ମନ୍ଦିର ଗଢ଼ାହେବ, ଏଥିରେ କୌଣସି ସନ୍ଦେହ ରହିଛି କି ବୋଲି ସେ ପ୍ରଶ୍ନ କରିଛନ୍ତି। ଅଯୋଧାରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଦ୍ୱାରା ଗୈରିକ ପତାକା ଉତ୍ତୋଳନକୁ ସେ ସନାତନର ପ୍ରତୀକ ଭାବେ ବର୍ଣ୍ଣନା କରିଛନ୍ତି। ଭାରତୀୟ ଐତିହ୍ୟ ଓ ସନାତନ ଧର୍ମକୁ ଅପମାନିତ କରୁଥିବା ଶକ୍ତିମାନଙ୍କୁ ସେ କଡ଼ା ସମାଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଇନ ମାନୁଥିବା ବ୍ୟକ୍ତି ଉପକୃତ ହେବେ। ମାତ୍ର ଆଇନ ହାତକୁ ନେଉଥିବା ଲୋକଙ୍କ ପାଇଁ ସ୍ଥାନ କେବଳ 'ନର୍କ'ରେ। ରାମଭକ୍ତଙ୍କ ଉପରକୁ ଗୁଳି ଚଳାଇଥିବା ଏବଂ ମନ୍ଦିର କାମରେ ବାଧା ସୃଷ୍ଟି କରୁଥିବା ଲୋକଙ୍କ ପାଇଁ ଆଉ କୌଣସି ସ୍ଥାନ ନାହିଁ। ପୂର୍ବ ସରକାର ଅମଳରେ ରାଜ୍ୟରେ ଲାଗି ରହୁଥିବା ଦଙ୍ଗା, କର୍ଫ୍ୟୁ ଏବଂ ଅସୁରକ୍ଷିତ ମାହୋଲ ବିଷୟରେ ସେ ମନେ ପକାଇ ଦେଇଥିଲେ।

## ଭାରତ ମହାସାଗରରୁ ମାଡ଼ିଆସୁଛି 'ଗେଜାନୀ'




ଜୋହାନ୍ସବର୍ଗ, ୧୦।୨ : ଭାରତ ମହାସାଗରରେ ହେବାକୁ ଯାଉଛି ବାତ୍ୟା। ସମୁଦ୍ରରୁ ସ୍ଥଳଭାଗ ଆଡେ ମୁହାଁଉଛି। କେତେବେଳେ ବି କରିପାରେ ଲ୍ୟାଣ୍ଡଫଲ୍। ପ୍ରବଳ ପବନ ଏବଂ ବର୍ଷାର ସମ୍ଭାବନା ବି ରହିଛି। ଆଫ୍ରିକାର ମାଡାଗାସ୍କର ଦ୍ୱୀପରେ ସମ୍ଭାବ୍ୟ ବାତ୍ୟାକୁ ନେଇ ଲୋକେ ଭୟଭୀତ ରହିଛନ୍ତି।

ରିପୋର୍ଟ ଅନୁସାରେ, ଭାରତ ମହାସାଗରର ଦକ୍ଷିଣ ପଶ୍ଚିମ ଦିଗରେ ଏକ ବାତ୍ୟା ସୃଷ୍ଟି ହୋଇଛି। ଏହା ଆଫ୍ରିକା ଆଡକୁ ମୁହାଁଉଛି। ସ୍ଥଳଭାଗଠୁ ବାତ୍ୟା ଗେଜାନୀ ଅଳ୍ପ କିଲୋମିଟର ଦୂରରେ ରହିଛି। ଏହା ମାଡାଗାସ୍କରରେ ପ୍ରଭାବ ପକାଇବା ନେଇ ପାଣିପାଗବିତ୍ ଆଶଙ୍କା କରୁଛନ୍ତି। ତେବେ ଦକ୍ଷିଣ ଆଫ୍ରିକାରେ ବାତ୍ୟା ଗେଜାନୀର ପ୍ରଭାବ କମ୍ ରହିପାରେ। ଦକ୍ଷିଣ ଆଫ୍ରିକା ପାଣିପାଗ ବିଭାଗର କହିବାନୁସାରେ, ଭାରତ ମହାସାଗରରେ ସୃଷ୍ଟ ବାତ୍ୟା ପୂର୍ବ ମାଡାଗାସ୍କର ଆଡକୁ ମୁହାଁଉଛି। ବାତ୍ୟା

**ମାଡାଗାସ୍କରରେ କରିବ ଲ୍ୟାଣ୍ଡଫଲ୍**

ପାଇଁ ଉପକୂଳ ପାଗ ରହିଛି। ବୁଧବାର ଅପରାହ୍ନରେ ଏହା ଲ୍ୟାଣ୍ଡଫଲ୍ କରିପାରେ। ଲ୍ୟାଣ୍ଡଫଲ ବେଳେ ପବନର ବେଗ ଘଣ୍ଟା ପ୍ରତି ୧୦୦ କିଲୋମିଟରରୁ ଅଧିକ ରହିପାରେ। ତେବେ ଗେଜାନୀ ଲ୍ୟାଣ୍ଡଫଲ୍ କରିବା ପରେ ଏହା ଦୁର୍ବଳ ହୋଇଯିବ । ଧୀରେ ଧୀରେ ଏହା ଦକ୍ଷିଣ ଆଫ୍ରିକାକୁ ମୁହାଁଇପାରେ। ପରେ ଏହା ମୋଜାମ୍ବିକ୍ ଚ୍ୟାନେଲ୍ ଆଡେ ଗତି କରିବ। କିନ୍ତୁ ଅନୁକୂଳ ପାଗ ରହିଲେ ହିଁ ବାତ୍ୟା ଆଗକୁ ବଢ଼ିପାରିବ। କିଛି ପାଣିପାଗ ବିଶେଷଜ୍ଞଙ୍କ କହିବାନୁସାରେ, ମୋଜାମ୍ବିକ ଉପକୂଳରେ ଏହା ମାଡ ହୋଇପାରେ। କିନ୍ତୁ ଏବେସୁଦ୍ଧା ଏହାର ଲ୍ୟାଣ୍ଡଫଲ୍ ସ୍ଥାନ ନିର୍ଦ୍ଧାରିତ ହୋଇପାରିନାହିଁ। ତଥାପି ଏହା ମାଡାଗାସ୍କରରେ ଲ୍ୟାଣ୍ଡଫଲ୍ କରିବା ଏକପ୍ରକାର ଥୟ ବୋଲି ବିଶେଷଜ୍ଞ ଅନୁମାନ ଲଗାଇଛନ୍ତି। ଯାହାକୁ ନଜରରେ ରଖି ସ୍ଥାନୀୟ ଲୋକଙ୍କୁ ସଜାଗ ରହିବାକୁ କୁହାଯାଇଛି। ପବନ ଏବଂ ଉଚ୍ଚ ଜୁଆର ପାଇଁ ସମୁଦ୍ର ମଧକୁ ନଯିବା ପାଇଁ ପରାମର୍ଶ ଦିଆଯାଇଛି।

## ପପୁ ଯାଦବଙ୍କୁ ମିଳିଲା ଜାମିନ



ପାଟନା,୧୦।୨: ମଙ୍ଗଳବାର ପାଟନା ସିଭିଲ୍ କୋର୍ଟ ପୂର୍ଣ୍ଣିଆ ସାଂସଦ ପପୁ ଯାଦବଙ୍କୁ ଜାମିନ ପ୍ରଦାନ କରିଛନ୍ତି। ତାଙ୍କ ଓକିଲମାନେ କୋର୍ଟରେ ଯୁକ୍ତି ଦର୍ଶାଇଥିଲେ ଯେ, ଯେଉଁ ମାମଲାରେ ତାଙ୍କୁ ଅଭିଯୁକ୍ତ କରାଯାଇଛି ସେଥିରେ ତାଙ୍କର ସିଧାସଳଖ ସମ୍ପୃକ୍ତିର ପର୍ଯ୍ୟାପ୍ତ ପ୍ରମାଣ ନାହିଁ ଏବଂ ସେ ତଦନ୍ତରେ ପୂର୍ଣ୍ଣ ସହଯୋଗ କରୁଛନ୍ତି। ପାଟନା ପୁଲିସ ତାଙ୍କୁ ଶୁକ୍ରବାର ମଧରାତ୍ରରେ ଏକ ୩୧ ବର୍ଷ ପୁରୁଣା ମାମଲାରେ ଗିରଫ କରିଥିଲା। ଶନିବାର ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା, ଯାହା ପରେ କୋର୍ଟ ତାଙ୍କୁ ଦୁଇଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଥିଲେ। ସାଂସଦ ପପୁ ଯାଦବଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାଙ୍କୁ ପିଏମସିଏଚ୍‌ର କଏଦୀ ୱାର୍ଡରେ ଭର୍ତ୍ତି କରାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିବା ପରେ, ତାଙ୍କୁ ରବିବାର ବେଉର ଜେଲକୁ ସ୍ଥାନାନ୍ତର କରାଯାଇଥିଲା। ମଙ୍ଗଳବାର ପାଟନା ସିଭିଲ୍ କୋର୍ଟରେ ସାଂସଦଙ୍କ ଜାମିନ ଆବେଦନର ଶୁଣାଣି ହୋଇଥିଲା। କୋର୍ଟ ତାଙ୍କୁ ଆଜି ଜାମିନ ପ୍ରଦାନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ୧୯୯୫ ମସିହାରେ ପାଟନାର ପୁନାଇଚକରେ ଏକ ଘର ଦଖଲ କରିଥିବା ଅଭିଯୋଗରେ ସାଂସଦ ପପୁ ଯାଦବଙ୍କ ବିରୋଧରେ ଶାସ୍ତ୍ରୀ ନଗର ଟିଓପି(ଟେମ୍ପରାରୀ ଆଉଟ୍ ପୋଷ୍ଟ)ରେ ଏକ ଏଫଆଇଆର ରୁଜୁ ହୋଇଥିଲା। ପରେ ମାମଲାଟି ଗର୍ଦାନିବାଗ ପୁଲିସ ଷ୍ଟେସନକୁ ସ୍ଥାନାନ୍ତରିତ ହୋଇଥିଲା। ଶାସ୍ତ୍ରୀ ନଗର ଟିଓପି ସେତେବେଳେ ଗର୍ଦାନିବାଗ ପୁଲିସ ଷ୍ଟେସନ ଅଧୀନରେ ଥିଲା।

### ବାଂଲାଦେଶରେ ଥମୁନି ହିଂସା

## ନିର୍ବାଚନ ପୂର୍ବରୁ ପୁଣି ହିନ୍ଦୁଙ୍କୁ ହତ୍ୟା



ଢାକା, ୧୦।୨: ଆସନ୍ତା ୧୨ ତାରିଖରେ ବାଂଲାଦେଶରେ ସାଧାରଣ ନିର୍ବାଚନ ହେବ। ହେଲେ ହିନ୍ଦୁ ବିରୋଧୀ ହିଂସା ବାଂଲାଦେଶରେ ଥମିବାର ନାଁ ଧରୁନି। ନିର୍ବାଚନର ୪୮ ଘଣ୍ଟା ପୂର୍ବରୁ ବାଂଲାଦେଶର ମୟମେନସିଂହ ଜିଲ୍ଲାରେ ଜଣେ ହିନ୍ଦୁ ବ୍ୟବସାୟୀଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ମୃତକ ଜଣଙ୍କ ହେଲେ ୬୨ ବର୍ଷୀୟ ସୁଶେନ ଚନ୍ଦ୍ର ସରକାର। ସେ ଜଣେ ଚାଉଳ ବ୍ୟବସାୟୀ। ତ୍ରିଶାଲ ଉପଜିଲ୍ଲାର ବୋଗାର ବଜାର ଛକ ନିକଟରେ ତାଙ୍କର ମେସର୍ସ ଭାଇ ଭାଇ ଏଣ୍ଟରପ୍ରାଇଜ ନାମକ ଗୋଟିଏ ଚାଉଳ ଗୋଦାମ ମଧ ରହିଛି। ସମାନ ଅଞ୍ଚଳରେ ଥିବା ସାଉଥକାଣ୍ଡା ଗାଁରେ ସେ ପରିବାର ଲୋକଙ୍କ ସହ ରହୁଥିଲେ। ସୋମବାର ରାତି ପ୍ରାୟ ୧୧ଟାରେ ସରକାର ନିଜ ଗୋଦାମ ଭିତରେ ରହିଥିଲେ। ଏହି ସମୟରେ କିଛି ଦୁର୍ବୃତ୍ତ ଧାରୁଆ ଅସ୍ତ୍ର ଧରି ସେଠାରେ ପହଞ୍ଚିଥିଲେ। କେହି କିଛି ବୁଝିବା ଆଗରୁ ଗୋଦାମ ଭିତରେ ପଶି ସେମାନେ ସରକାରଙ୍କୁ ହାଣି ପକାଇଥିଲେ। ଏହାପରେ ଗୋଦାମ ଭିତରେ ମୃତଦେହକୁ ରଖି ବାହାରୁ ଶଟର ପକାଇ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ହତ୍ୟାର କାରଣ ଜଣାପଡ଼ିନାହିଁ। ତଥାପି ପୁଲିସ୍ ଘଟଣାକୁ ସବୁ ଦିଗରୁ ତଦନ୍ତ କରୁଥିବା ସେ କହିଛନ୍ତି। ବାଂଲାଦେଶରୁ ହସିନା ସରକାର ବିତାଡ଼ିତ ହେବା ପରେ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ବଢ଼ିବାରେ ଲାଗିଛି। ବିଶେଷ କରି ଭାରତ ବିରୋଧୀ ଚିନ୍ତାଧାରା ରଖିଥିବା ନେତା ଶରିଫ ଉସମାନ ହାଡ଼ିର ମୃତ୍ୟୁ ପରେ ହିନ୍ଦୁଙ୍କ ଉପରେ ଆକ୍ରମଣ ବଢ଼ିଛି। ନିର୍ବାଚନ ପୂର୍ବରୁ ଏପରି ହିଂସାକାଣ୍ଡ ହିନ୍ଦୁମାନଙ୍କ ସୁରକ୍ଷା ଉପରେ ପୁଣି ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ପୁଣି ମଣିପୁରରେ ଉତ୍ତେଜନା

ଇମ୍ଫାଲ,୧୦।୨ : ପୁଣି ମଣିପୁରରେ ଦେଖାଦେଇଛି ଉତ୍ତେଜନା। ମଣିପୁରର ଉଖରୁଲ ଜିଲ୍ଲାରେ ସଶସ୍ତ୍ର ଆତଙ୍କବାଦୀମାନେ ଅନେକ ଘର ପୋଡ଼ି ଦେଇଛନ୍ତି ଏବଂ ଗୁଳି ଚଳାଇଛନ୍ତି। ଟାଙ୍ଗଖୁଲ ନାଗା ସମ୍ପ୍ରଦାୟର ଜଣେ ସଦସ୍ୟଙ୍କ ଉପରେ ଆକ୍ରମଣକୁ ନେଇ ଉତ୍ତେଜନା ବୃଦ୍ଧି ପାଉଥିବା ଜଣାପଡିଛି। ଏହି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାର ଜିଲ୍ଲାରେ ୫ ଦିନ ପାଇଁ ଇଣ୍ଟରନେଟ୍ ସେବା ବନ୍ଦ କରିଦେଇଛନ୍ତି ।

ସୂଚନାନୁଯାୟୀ, ସଶସ୍ତ୍ର ଲୋକମାନେ ଲିଟାନ ସାରିଖୋଙ୍ଗରେ କିଛି ଖାଲି ଘରେ ନିଆଁ ଲଗାଇ ଗୁଳି ଚଳାଇଛନ୍ତି। ଲିଟାନ ସାରିଖୋଙ୍ଗ ଅଞ୍ଚଳରେ ଗୁଳିକାଣ୍ଡ ଏବଂ ପୋଡ଼ାଜଳା ଦୁଇଟି ତାଙ୍ଗଖୁଲ ନାଗା ସଂଗଠନ ଉଖରୁଲ ଏବଂ କାମଜୋଙ୍ଗ ଜିଲ୍ଲାରେ କୁକି ସମ୍ପ୍ରଦାୟର ଗତିବିଧି ଉପରେ କଟକଣା ଲଗାଇବାର ଗୋଟିଏ ଦିନ ପରେ ଏହି ଘଟଣା ଘଟିଛି। ଏହାରି ମଧରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିବାରୁ ସୁରକ୍ଷା ବାହିନୀ ଏହାକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଛନ୍ତି ବୋଲି ଜଣେ ପୁଲିସ ଅଧିକାରୀ କହିଛନ୍ତି। ପ୍ରଶାସନ ସମଗ୍ର ଜିଲ୍ଲାରେ




କର୍ଫ୍ୟୁ ଜାରି କରିଛି। ଏଥିସହ ମଣିପୁର ସରକାର ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଉକ୍ତ ଜିଲ୍ଲାର ରାଜସ୍ୱ ଅଞ୍ଚଳରେ ୫ ଦିନ ପାଇଁ ବ୍ରଡବ୍ୟାଣ୍ଡ, ଭିପିଏନ ଏବଂ ଭି-ସାଟ୍ ଇଣ୍ଟରନେଟ୍ ସେବାକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ଗତ ୨ ଦିନ ଧରି ଲିଟାନ ଶ୍ରୀଖୋଙ୍ଗ ଏବଂ ଆଖପାଖର କୁକି-ଅଧିକୃତ ଗ୍ରାମରୁ ଶହ ଶହ କୁକି ଏବଂ ତାଙ୍ଗଖୁଲ ନାଗା ଗ୍ରାମବାସୀ ସୁରକ୍ଷିତ ସ୍ଥାନକୁ ପଳାଇଛନ୍ତି। ମଣିପୁର ମନ୍ତ୍ରୀ ଗୋବିନ୍ଦାସ କନ୍ଥୋଜାମ କହିଛନ୍ତି ଯେ, ଅତି କମରେ ଏହି ଆକ୍ରମଣରେ ୨୧ଟି ଘର ପୋଡି ଦିଆଯାଇଛି ଏବଂ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ସେ ଆହୁରି କହିଛନ୍ତି ଯେ, ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଅତିରିକ୍ତ ସୁରକ୍ଷା ବାହିନୀଙ୍କୁ ମଧ ମୁତୟନ କରାଯାଇଛି।

### ଗ୍ଲୋବାଲ୍ ଟ୍ରାନ୍ସପରେନ୍ସି ରିପୋର୍ଟ

# ଭାରତରେ କମିଛି ଦୁର୍ନୀତ

## ଆମେରିକା, ବ୍ରିଟେନରେ ବଢ଼ିଛି

**୧୮୨ ଦେଶକୁ ନେଇ ଜାରି ହେଲା ରିପୋର୍ଟ**

**ଡେନମାର୍କରେ ଦୁର୍ନୀତି ହାର ସବୁଠାରୁ କମ୍**

ନୂଆଦିଲ୍ଲୀ,୧୦।୨: ୟୁରୋପ ଓ ଆମେରିକାରେ ଦୁର୍ନୀତି ମାମଲା ବଢ଼ିଥିବା ବେଳେ, ଭାରତରେ ୨୦୨୪ ତୁଳନାରେ ୨୦୨୫ରେ ଦୁର୍ନୀତି ମାମଲା ହ୍ରାସ ପାଇଛି । ଗ୍ଲୋବାଲ୍ ଟ୍ରାନ୍ସପରେନ୍ସିର ଏକ ରିପୋର୍ଟରେ ଏହି ଦାବି କରାଯାଇଛି । ରିପୋର୍ଟ ଅନୁସାରେ, ୨୦୨୫ରେ ଭାରତର ସ୍କୋରରେ ସୁଧାର ଆସିଛି। ଏବେ ଭାରତ ଦୁନିଆରେ ଭ୍ରଷ୍ଟାଚାର ମାମଲାରେ ୯୧ତମ ସ୍ଥାନରେ ରହିଛି। ଗ୍ଲୋବାଲ୍ ଟ୍ରାନ୍ସପରେନ୍ସି ଅନୁସାରେ ଦୁନିଆରେ ଡେନମାର୍କ ଏକମାତ୍ର ଦେଶ, ଯେଉଥିରେ ଦୁର୍ନୀତିର ସବୁଠୁ କମ ମାମଲା ରହିଛି। ଦକ୍ଷିଣ ସୁଦାନ, ସୋମାଲିଆ ଦୁନିଆର ସବୁଠୁ ଦୁର୍ନୀତିଗ୍ରସ୍ତ ଦେଶ ଅଟେ। ଗ୍ଲୋବାଲ୍ ଟ୍ରାନ୍ସପରେନ୍ସି ଦୁନିଆର ୧୮୨ ଦେଶକୁ ନେଇ ଏହି ରିପୋର୍ଟ ଜାରି



କରିଛି। ଦୁର୍ନୀତିକୁ ନେଇ ଜାରି ରିପୋର୍ଟରେ କେବଳ ୭ଟି ଦେଶ ଅଛନ୍ତି, ଯେଉଁମାନଙ୍କ ସ୍କୋର ୮୦ରୁ ଅଧିକ ରହିଛି। ୟୁରୋପୀୟ ଦେଶରେ ଦୁର୍ନୀତିର ଚେର ବ୍ୟାପିବାରେ ଲାଗିଛି। ବ୍ରିଟେନ, ଫ୍ରାନ୍ସ, ଇଟାଲୀ ପରି ଦେଶର ସ୍କୋରରେ ହ୍ରାସ ରେକର୍ଡ ହୋଇଛି। କେବଳ ଜର୍ମାନୀରେ ଦୁର୍ନୀତି ମାମଲା ହ୍ରାସ ପାଇଛି। ସେପଟେ ବ୍ରିଟେନ ଶୀର୍ଷ-୨୦ ଦେଶର ତାଲିକାରୁ ବାହାର ହୋଇଛି। ଆମେରିକାର ସ୍କୋରରେ ବି ହ୍ରାସ ଘଟିଛି। ରାଷ୍ଟ୍ରପତି ଟ୍ରମ୍ପ ଦୁର୍ନୀତିକୁ ଶେଷ କରିବା କଥା କହୁଥିବା ବେଳେ ଏହି ତାଲିକାରେ ଆମେରିକା ଗୋଟିଏ ସ୍ଥାନ ତଳକୁ ଖସିଛି। ୨୦୨୪ରେ ଆମେରିକା ୨୮ତମ ସ୍ଥାନରେ ଥିଲା, ଏବେ ସେ ୨୯ତମ ସ୍ଥାନକୁ ଖସି ଆସିଛି। ସେପଟେ ସମସ୍ତ ପଦକ୍ଷେପ ସତ୍ତ୍ୱେ, ଚୀନରେ ଦୁର୍ନୀତି ମାମଲା ହ୍ରାସ ପାଇନାହିଁ। ଚୀନର ସ୍କୋର ୪୩ ସହ ସ୍ଥିର ରହିଛି। ଦୁର୍ନୀତି ଦୃଷ୍ଟିରୁ ଚୀନ୍ ୭୬ତମ ସ୍ଥାନରେ ଅଛି।

୨୦୨୪ ମସିହାରେ ଭାରତ ଦୁର୍ନୀତି ଦୃଷ୍ଟିରୁ ୯୩ତମ ସ୍ଥାନରେ ଥିଲା। ୨୦୨୫ ମସିହାରେ ଏହା ଗୋଟିଏ ପଏଣ୍ଟ ହ୍ରାସ ପାଇ ୯୧ତମ ସ୍ଥାନରେ ପହଞ୍ଚିଛି। ଭାରତର ସ୍କୋର ହେଉଛି ୩୯। ସାମଗ୍ରିକ ଭାବରେ, ଗତ ତିନିବର୍ଷ ମଧରେ ଦୁର୍ନୀତି ଉପରେ ଭାରତର ରାଙ୍କିଂରେ ଉନ୍ନତି ହୋଇଛି। ତେବେ ଏହି ଉନ୍ନତି କିପରି ହେଲା ସେ ବିଷୟରେ ବିବରଣୀ ପ୍ରଦାନ କରାଯାଇନାହିଁ। ତଥାପି ଦୁର୍ନୀତି ଦୂରକରିବା କ୍ଷେତ୍ରରେ ଭାରତ ଏବେ ବି ବିଶ୍ୱର ଅନ୍ୟ ଦେଶଠାରୁ ବହୁତ ପଛରେ ଅଛି, କାରଣ ଦୁର୍ନୀତି ସୂଚକାଙ୍କରେ ୩୯ ସ୍କୋରକୁ ବହୁତ ବିପଦପୂର୍ଣ୍ଣ ବୋଲି ବିବେଚନା କରାଯାଏ।

## 'ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ'

ନୂଆଦିଲ୍ଲୀ,୧୦।୨: ଲୋକସଭା ବାଚସ୍ପତି ଓମ ବିର୍ଲାଙ୍କ ବିରୋଧରେ ଅନାସ୍ଥା ଆଣିବାକୁ ବିରୋଧୀ ସଜବାଜ ହେଉଛନ୍ତି। ଏନେଇ ଏକ ନୋଟିସ୍ ଲୋକସଭାର ମହାସଚିବଙ୍କୁ ଦିଆଯାଇଛି। ଓମ ବିର୍ଲା ପକ୍ଷପାତିତା କରୁଛନ୍ତି ଏବଂ ନିଜ ପଦବୀର ଅପବ୍ୟବହାର କରୁଛନ୍ତି ବୋଲି ବିରୋଧୀ ଅଭିଯୋଗ ଆଣିଛନ୍ତି। ଏସବୁ ଚର୍ଚ୍ଚା ମଧରେ ଓମ ବିର୍ଲାଙ୍କ ପ୍ରତିକ୍ରିୟା ସାମ୍ନାକୁ ଆସିଛି। ସେହିଭଳି ସେ, ତାଙ୍କ ବିରୋଧରେ ଆସିଥିବା ନୋଟିସର ସମୀକ୍ଷା କରିବାକୁ ମଧ ନିର୍ଦ୍ଦେଶ ଦେଇଛନ୍ତି। ଓମ୍ ବିର୍ଲା ନୋଟିସର ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମହାସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କଂଗ୍ରେସ ସାଂସଦ କେ ସୁରେଶ, ଗୌରବ ଗୋଗୋଇ ଏବଂ ମହମ୍ମଦ ଜାଭେଦ ୧୧୮ ଜଣ ସାଂସଦଙ୍କ ସ୍ୱାକ୍ଷରିତ ଅନାସ୍ଥା ପ୍ରସ୍ତାବ ଲୋକସଭାର ମହାସଚିବ ଉତ୍ପଳ କୁମାର ସିଂହଙ୍କ ନିକଟରେ ଦାଖଲ କରିଛନ୍ତି। ତୃଣମୂଳ କଂଗ୍ରେସ (ଟିଏମସି) ସାଂସଦମାନେ ନୋଟିସରେ ଦସ୍ତଖତ କରିନାହାନ୍ତି। ଗୌରବ ଗୋଗୋଇ କହିଛନ୍ତି ଯେ, ସମ୍ବିଧାନର ଧାରା ୯୪(ଗ) ଅନୁଯାୟୀ ପ୍ରସ୍ତାବ ସମ୍ପର୍କରେ ନୋଟିସ ଲୋକସଭା ମହାସଚିବଙ୍କୁ ପ୍ରଦାନ କରାଯାଇଛି। ନୋଟିସରେ କୁହାଯାଇଛି, 'ଲୋକସଭାର ବାଚସ୍ପତିଙ୍କୁ ତାଙ୍କ ପଦବୀରୁ ବହିଷ୍କାର କରିବା ପାଇଁ ଆମେ ଏଠାରେ ଭାରତୀୟ ସମ୍ବିଧାନର ଧାରା ୯୪(ଗ) ଅନୁଯାୟୀ ଏକ ପ୍ରସ୍ତାବର ନୋଟିସ ଦେଉଛୁ। ବିରୋଧୀ ଦଳ ନୋଟିସରେ ଉଲ୍ଲେଖ କରିଛନ୍ତି ଯେ, ୨ ଫେବୃଆରୀ, ୨୦୨୬ରେ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ରାଷ୍ଟ୍ରପତିଙ୍କ ଅଭିଭାଷଣ ପାଇଁ ଧନ୍ୟବାଦ ପ୍ରସ୍ତାବ ଉପରେ ତାଙ୍କ ଭାଷଣ ସମାପ୍ତ କରିବାକୁ ଦିଆଯାଇ ନଥିଲା। ପ୍ରାୟ ସବୁବେଳେ ବିରୋଧୀ ଦଳ ନେତାଙ୍କୁ ଲୋକସଭାରେ କହିବାକୁ ଅନୁମତି ଦିଆଯାଉ ନାହିଁ।



**ଅନାସ୍ଥା ପ୍ରସ୍ତାବ ନୋଟିସ୍ ଉପରେ ଓମ୍ ବିର୍ଲାଙ୍କ ମତ**

### ୨୦୧୩ ନାବାଳିକା ଦୁଷ୍କର୍ମ ମାମଲା

# ପୋକ୍ସୋ କୋର୍ଟରେ ହାଜର ହେଲେ ମାଓନେତା ଆଜାଦ

**ରାୟଗଡ଼ା,୧୦।୨ (ସଂଚାର ବ୍ୟୁରୋ):** ଦୁଷ୍କର୍ମ ମାମଲାରେ ଆଜି ରାୟଗଡା ପୋକ୍ସୋ କୋର୍ଟରେ ହାଜର ହୋଇଛନ୍ତି ମାଓନେତା ଆଜାଦ ଓରଫ ଡୁନା କେଶବ ରାଓ। ୨୦୧୩ ମସିହାରେ ରାୟଗଡା ଜିଲ୍ଲା ବିଷମକଟକ ଥାନାରେ ଜଣେ ନାବାଳିକା ମାଓନେତା ଆଜାଦ ଏବଂ ତାଙ୍କର ସାଥୀ ତାଙ୍କୁ ଜୋରଜବରଦସ୍ତି ଜଙ୍ଗଲକୁ ନେଇ ବନ୍ଧୁକମୁନରେ ବାରମ୍ବାର ଦୁଷ୍କର୍ମ କରିଥିବା ଅଭିଯୋଗ କରିଥିଲେ।



ଆଜି ଏହି ମାମଲାରେ ଅତିରିକ୍ତ ଦୌରାଜଜ୍ ତଥା ପୋକ୍ସୋ କୋର୍ଟର ସ୍ୱତନ୍ତ୍ର ଜଜ୍ ଶ୍ୱେତା ମିଶ୍ର ଆଜାଦଙ୍କ ଓକିଲ ଦାଖଲ କରିଥିବା ପିଟିସନକୁ ଖାରଜ କରିଦେଇଛନ୍ତି। ଏହି ମାମଲାର ପରବର୍ତ୍ତି ଶୁଣାଣି ୨୭ ତାରିଖରେ ହେବ ବୋଲି ପୋକ୍ସୋ କୋର୍ଟର ସ୍ୱତନ୍ତ୍ର ପିପି ବିରଜା ପାତ୍ର ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ, କିଛଦିନ ତଳେ ଆତ୍ମସମର୍ପଣ କରିଥିବା ନିଖିଲ ଓରଫ ନିରଞ୍ଜନ ରାଉତ ମଧ ସେତେବେଳେ ବନ୍ଧୁକମୁନରେ ନାବାଳିକାଙ୍କୁ ଦୁଷ୍କର୍ମ କରିଥିବା ନାବାଳିକା ଅଭିଯୋଗ କରିଥିଲେ। ବିଷମକଟକ ଥାନାରେ ଏଫଆଇଆରରେ ନାବାଳିକା ଜଣଙ୍କ ଏନେଇ ଦର୍ଶାଇଥିଲେ। ତାଙ୍କୁ ଏକବର୍ଷ ପୂର୍ବରୁ ଘରୁ ନିଖିଲ, ଆଜାଦ, ସାଗର, ମିଟ୍ଠୁ, ସାଧୁ, ସୁବାସ ଏବଂ ଅନ୍ୟ ନକ୍ସଲମାନେ ବଳପୂର୍ବକ ଉଠାଇ ନେଇଥିଲେ। ନାବାଳିକା ବିରୋଧ କରିବାରୁ ନକ୍ସଲମାନେ ତାଙ୍କୁ ବନ୍ଧୁକ ଦେଖାଇ ଜଙ୍ଗଲ ମଧକୁ ନେଇଯାଇ ଦୁଷ୍କର୍ମ କରିଥିଲେ। ଏହା ପରେ ନକ୍ସଲମାନେ ନାବାଳିକାଙ୍କୁ ଚନ୍ଦ୍ରପୁର, ଫୁଲବାଣୀ, ଗଜପତି, କର୍ଲାଘାଟି ଓ ନିୟମଗିରି ଜଙ୍ଗଲରେ ବଳପୂର୍ବକ ରଖିଥିଲେ। ନିଖିଲ ୨ ଦଶନ୍ଧି ଧରି ବିଭିନ୍ନ ମାଓ କାର୍ଯ୍ୟକଳାପରେ ସଂପୃକ୍ତ ରହି ନିକଟରେ ଆତ୍ମସମର୍ପଣ କରି ଚର୍ଚ୍ଚାର କେନ୍ଦ୍ର ପାଲଟିଥିଲେ। ଏବେ ଦୀର୍ଘ ୧୩ ପରେ ଦୁଷ୍କର୍ମ ମାମଲାରେ ପୋକ୍ସୋ କୋର୍ଟରେ ତାଙ୍କ ନାମ ଆସିଥିବାରୁ ପୁଣି ଚର୍ଚ୍ଚା ଆରମ୍ଭ ହୋଇଛି।

### ରାଜ୍ୟସ୍ତରୀୟ ପୁଲିସ ଆଥ୍‌ଲେଟିକ ଚାମ୍ପିୟନସିପ

## ଉତ୍କର୍ଷତା ପ୍ରଦର୍ଶନ କରିବାକୁ ଡିଜିପିଙ୍କ ପରାମର୍ଶ



**କଟକ,୧୦।୨(ସଂଚାର ବ୍ୟୁରୋ):** କଟକ ବକ୍ସିବଜାରସ୍ଥିତ ରିଜର୍ଭ ପୁଲିସ ପଡିଆରେ ୭୪ତମ ରାଜ୍ୟସ୍ତରୀୟ ପୁଲିସ ଆଥଲେଟିକ ଚାମ୍ପିୟନସିପ ଉଦଯାପିତ ହୋଇଯାଇଛି। ସମାରୋହରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏକ ମନୋଜ୍ଞ ପରେଡରେ ଅଭିବାଦନ ଗ୍ରହଣ କରିବା ସହ ଶ୍ରେଷ୍ଠ କ୍ରୀଡାବିତମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ଖୁରାନିଆ ତାଙ୍କ ବକ୍ତବ୍ୟରେ ଖେଳାଳିମାନଙ୍କୁ ଆଗାମୀ ଦିନରେ ଉତ୍କର୍ଷତା ପ୍ରଦର୍ଶନ କରିବା ସହ ଓଡିଶା ପୁଲିସର ସୁନାମ ବଢାଇବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଡିଜିପି ଦ୍ରୁତତମ ପୁରୁଷ ଆଥଲେଟ ଭାବେ ବ୍ରହ୍ମପୁରର କନେଷ୍ଟବଳ ଅଭିଷେକ ଦଳବେହେରା, ଦ୍ରୁତତମ ମହିଳା ଆଥଲେଟ ଭାବେ କମିସନରେଟ, ଭୁବନେଶ୍ୱରର ଏ- ଟିମର ବନିତା ଲାକ୍ରା, ଅନ୍ତର୍ଜାତୀୟ ମାରାଥନ ରନର ତଥା ଶ୍ରେଷ୍ଠ ମାରାଥନ ରନର ଭାବେ ପଞ୍ଚମ ଆଇଆର ବାଟାଲିୟନର କନେଷ୍ଟବଳ ସୁଧାଂଶୁ ନାୟକ, ଶ୍ରେଷ୍ଠ ଡେକାଥଲନ ଆଥଲେଟ ଭାବେ କୋରାପୁଟ ଜିଲ୍ଲାର କନଷ୍ଟେବଳ ଅଂଶୁମାନ ରାୟଗୁରୁ, ୧୦,୦୦୦ ମିଟର ଏବଂ ୫୦୦୦ ମିଟର ଦୌଡରେ ଅଷ୍ଟମ ଏସଆଇଆରବିଏନ, ଭଞ୍ଜନଗରର କନେଷ୍ଟବଳ ଅଶୋକ ଦଣ୍ଡସେନା, ୩୦୦୦ ମିଟର ଷ୍ଟେପଲ ଚେଜରେ ପୁରୀ ଜିଲ୍ଲାର କୁନା ମାରାଣ୍ଡି, ପୁରୁଷ ବିଭାଗର ଶ୍ରେଷ୍ଠ ଆଥଲେଟ ଭାବେ ଓଏସଏପି ଷଷ୍ଠ ବାଟାଲିୟନ କଟକର ହାବିଲଦାର ବିଘ୍ନରାଜ ମିରିଡିଆ, ମହିଳା ବିଭାଗର ଶ୍ରେଷ୍ଠ ଆଥଲେଟ ଭାବେ ସୁନ୍ଦରଗଡ ଜିଲ୍ଲାର କନଷ୍ଟେବଳ ସବିତା ଟପୋ, ଉଦୀୟମାନ ଆଥଲେଟ ଭାବେ କେନ୍ଦୁଝର ଜିଲ୍ଲାର କନଷ୍ଟେବଳ ସୁଖି ବାସ୍କେ, ଶ୍ରେଷ୍ଠ ଜିଲ୍ଲା ଟିମ ଭାବେ କେନ୍ଦୁଝର ଡିଜିପି ପୁରସ୍କୃତ କରିଥିଲେ।

### ● ଚୌଦ୍ୱାର ଜେଲରୁ ମହିଳା ଅଭିଯୁକ୍ତଙ୍କ ସୁନା ହଜିବା ଘଟଣା

## ଡିଆଇଜି ନେଲେ ୭ ଦିନ ସମୟ



**କଟକ,୧୦।୨(ସଂଚାର ବ୍ୟୁରୋ):** କଟକ ଚୌଦ୍ୱାର ସର୍କଲ ଜେଲରେ ବିଭିନ୍ନ ଅନିୟମିତତା ଚାଲିଥିବା ଘଟଣା ପଦାକୁ ଆସିଲା ପରେ ଏବେ ଏହା ଚର୍ଚ୍ଚାର ବିଷୟ ପାଲଟିଛି ।ଗେତବର୍ଷ ସେପ୍ଟେମ୍ବର ୨୩ରେ ମାହାଙ୍ଗା ଅଞ୍ଚଳର ଜଣେ ମହିଳା ଇତିଶ୍ରୀ ମହାନ୍ତି କୌଣସି ଏକ ଘଟଣାରେ ଜେଲ ଯିବା ସମୟରେ ଜେଲ କର୍ତ୍ତୃପକ୍ଷଙ୍କୁ ନିଜର ହାତ ମୁଦି, କାନ ରିଙ୍ଗ ଓ ନାକର ରିଙ୍ଗ ଜମା କରିଥିଲେ । ଯାହାକି ସିସିଟିଭି ଓ ଏକ ରେଜିଷ୍ଟରରେ ଲିପିବଦ୍ଧ ହୋଇଥିଲା। ତିନି ମାସ ପରେ ଜେଲରୁ ସେ ଜାମିନରେ ଆସିଲା ପରେ ଜେଲ କର୍ତ୍ତୃପକ୍ଷ ଏହି ସୁନା ଅଳଙ୍କାର ପାଉନାହାନ୍ତି କହି ଦେଇନଥିଲେ। ପରେ ଦେବେ ବୋଲି ପ୍ରତିଶୃତି ଦେଇଥିଲେ । ବହୁ ଦିନ ପରେ ମହିଳା ଜେଲକୁ ଆସି ବାରମ୍ବାର ମାଗିଲା ପରେ କେହି ଶୁଣିନଥିଲେ। ଫଳରେ ଜେଲର ଡିଆଇଜି ଅନୁସୂୟା ଜେନାଙ୍କ ନିକଟରେ ଅଭିଯୋଗ କଲା ପରେ ଆଜି ଇତିଶ୍ରୀଙ୍କୁ ତଦନ୍ତ ପାଇଁ ଡକାଯାଇଥିଲା । କିନ୍ତୁ ଆଜି କୌଣସି ସୁନା ଅଳଙ୍କାର ଫେରାଇ ନଥିଲା ବେଳେ ପୁଣି ସାତ ଦିନ ସମୟ ମାଗିଥିଲେ। ସୁନା ଅଳଙ୍କାର ଫେରାଇବା ପାଇଁ ଏକ ଲିଖିତ ପ୍ରତିଶୃତି ଦେଇଥିଲେ। ଏହା ପରେ ଅଭିଯୋଗକାରୀ ଇତିଶ୍ରୀ ମହାନ୍ତି ଯଦି ତାଙ୍କ ସୁନା ଅଳଙ୍କାର ଫେରିପାଇବେ ନାହିଁ ତାହେଲେ ୭ ଦିନ ପରେ ଜେଲ ସମ୍ମୁଖରେ ଧାରଣା ଦେବା ସହ ଅଦାଲତର ଆଶ୍ରୟ ନେବେ ବୋଲି ଗଣମାଧମରେ ପ୍ରକାଶ କରିଛନ୍ତି।

### ● ୧୫ରେ ପାଳନ ହେବ ମହାଶିବରାତ୍ରୀ

## ରାତି ୧୦ଟାରେ ଉଠିବ ମହାଦୀପ

**ଭୁବନେଶ୍ୱର,୧୦।୨(ସଂଚାର ବ୍ୟୁରୋ):** ଆସନ୍ତା ୧୫ରେ ପାଳନ ହେବ ମହାଶିବରାତ୍ରି। ଏଥିରେ କୌଣସି ଦ୍ୱନ୍ଦ୍ୱ ନାହିଁ ବୋଲି ଲିଙ୍ଗରାଜ ମନ୍ଦିର ବ୍ରାହ୍ମଣ ନିଯୋଗ ସଭାପତି ଭାଗୀରଥୀ ମହାସୁଆର ସୂଚନା ଦେଇଛନ୍ତି।

ଜାଗର ଯାତ୍ରାକୁ ଆଉ ମାତ୍ର ୪ ଦିନ ବାକି ଥିବା ବେଳେ ଆଜି ଯେଉଁଦିନ ଚତୁର୍ଦ୍ଦଶୀରେ ବେଢ଼ା ପରିକ୍ରମା ପଡ଼ିଥାଏ, ସେହିଦିନ ହିଁ ମହାଶିବରାତ୍ରି ପାଳନ କରାଯାଏ।

ତେଣୁ ଆସନ୍ତା ୧୫ ତାରିଖରେ ପାଳନ ହେବ ମହାଶିବରାତ୍ରି ଓ ରାତି ୧୦ଟାରେ ଲିଙ୍ଗରାଜ ମନ୍ଦିରରେ ମହାଦୀପ ଉଠିବ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ମହାଶିବରାତ୍ରି ପାଇଁ ଗାଁଠୁ ସହରରେ ଥିବା ଶୈବପୀଠଗୁଡିକ ଏବେଠାରୁ ଚଳଚଞ୍ଚଳ ହୋଇଉଠିଛି। ଏପରିକି ଶୈବ ପୀଠଗୁଡ଼ିକରେ ନାମଯଜ୍ଞ, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

## ଜାତୀୟ ଉନ୍ନୟନ ପାର୍ଟି ଘୋଷିତ

**କୋଲକାତା,୧୦।୨(ସଂଚାର ବ୍ୟୁରୋ):** କୋଲକାତା ପ୍ରେସ୍ କ୍ଲବରେ ଜାତୀୟ ଉନ୍ନୟନ ପାର୍ଟି (ଜେୟୁପି) ଆନୁଷ୍ଠାନିକ ଭାବରେ ଘୋଷଣା କରାଯାଇଛି। ସୟଦ ରୁହୁଲ ଅମିନ ଏହି ଦଳର ସଭାପତି ଏବଂ ଫୈସଲ ଅଲି ଏହାର ନେତା। ପଶ୍ଚିମବଙ୍ଗର ରାଜନୀତିରେ ଏକ ନୂତନ ଶକ୍ତିର ଉଦୟ ହୋଇଛି। ଜେୟୁପି ନାମଟି ପ୍ରସିଦ୍ଧ ନାମ 'ଜାତୀୟ ସରକାର' ରୁ ଆସିଛି, ଯାହା ୧୭ ଡିସେମ୍ବର ୧୯୪୨ ମସିହାରେ ସତୀଶ ଚନ୍ଦ୍ର ସାମନ୍ତଙ୍କ ପରି ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କ ନେତୃତ୍ୱରେ ତତ୍କାଳୀନ ଅବିଭକ୍ତ ମେଦିନୀପୁର ଜିଲ୍ଲାର ତମଲୁକ ମହକୁମାରେ ଗଠିତ ହୋଇଥିଲା। ଏହାର ଲକ୍ଷ୍ୟ ଏବଂ ଘୋଷଣାପତ୍ର ପଶ୍ଚିମବଙ୍ଗର ସମୃଦ୍ଧ ବୌଦ୍ଧିକ ଐତିହ୍ୟ ଏବଂ ଶିଳ୍ପ ଏବଂ ସାମାଜିକ ଆଧୁନିକୀକରଣର ଜରୁରୀ ଆବଶ୍ୟକତା ମଧରେ ସନ୍ତୁଳନକୁ ପ୍ରତିଫଳିତ କରେ। ଜେୟୁପି ଏକ ଶକ୍ତିଶାଳୀ ତୃତୀୟ ମୋର୍ଚ୍ଚା ଗଠନ କରିବା ପଥରେ ଚାଲିଛି।

### ଆଜାଦ ନଗର ବିସ୍ଫୋରଣ ଘଟଣା

## ପୁଣି ଗଡ଼ିଲା ମୁଣ୍ଡ

**ଭୁବନେଶ୍ୱର,୧୦।୨(ସଂଚାର ବ୍ୟୁରୋ):** ଏୟାରଫିଲ୍ଡ ଥାନା ନିୟୁ ଆଜାଦନଗର ବିସ୍ଫୋରଣ ଘଟଣାରେ ପୁଣି ଗଡ଼ିଲା ଆଉ ଏକ ମୁଣ୍ଡ। ବିସ୍ଫୋରଣରେ ମୃତ ସେହେନାଜ ମଲ୍ଲିକ ଓରଫ ମଫିର ମା'ଙ୍କ ମୃତ୍ୟୁ ହୋଇଛି। ନିଜାତୁନ ବିବିଙ୍କ କଟକ ବଡ଼ ମେଡ଼ିକାଲରେ ମୃତ୍ୟୁ ହୋଇଛି। ଗତ ମାସ ୨୭ ତାରିଖରେ ବୋମା ଭିଡ଼ିବା ବେଳେ ହୋଇଥିଲା ଭୟଙ୍କର ବିସ୍ଫୋରଣ। ରାଜ୍ୟ ବାହାର ବିସ୍ଫୋରଣ ସହ ଏୟାରଫିଲଡ଼ ବିସ୍ଫୋରଣ ଲିଙ୍କ ନେଇ ପୂର୍ବରୁ ଚାଲିଥିଲା ଖୋଳତାଡ଼। ମୁଖ୍ୟ ଅଭିଯୁକ୍ତ ମଫିର ପୂର୍ବରୁ ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ହୋଇଥିଲା। ଦେଶଦ୍ରୋହ ସମ୍ପର୍କିତ ଲିଙ୍କ ଜଣାପଡିବା ପରେ ଖୋଳତାଡ଼ ବ୍ୟାପକ ହୋଇଥିଲା। ଘଟଣାସ୍ଥଳରୁ ଆରଡିଏକ୍ସ ଜବତହେବା ପରେ କେସକୁ ଗୁରୁତର ସହ ନେଇଥିଲା ଜାତୀୟ ତଦନ୍ତକାରୀ ସଂସ୍ଥା ବା ଏନଆଇଏ। ଫରେନସିକ ରିପୋର୍ଟ ଆସିବାକୁ ଅପେକ୍ଷା ଥିବା ବେଳେ ୨ ଜଣଙ୍କ ମୃତ୍ୟୁ ତଦନ୍ତରେ ବାଧକ ସାଜିବ ବୋଲି ଆଶଙ୍କା କରାଯାଉଛି।

### ସ୍ୱଚ୍ଛ ସର୍ବେକ୍ଷଣ-୨୦୨୫-୨୬

## ୱାର୍ଡର ବ୍ରାଣ୍ଡ ଆମ୍ବାସଡର ହେଲେ ସ୍ଥାନୀୟ କର୍ପୋରେଟର



**ଭୁବନେଶ୍ୱର,୧୦।୨(ସଂଚାର ବ୍ୟୁରୋ):** ନିଜ ନିଜ ୱାର୍ଡର ସ୍ୱଚ୍ଛ ସର୍ବକ୍ଷେଣ-୨୦୨୫-୨୬ ବ୍ରାଣ୍ଡ ଆମ୍ବାସଡର ହେଲେ ସ୍ଥାନୀୟ କର୍ପୋରେଟର। ନିଜ ୱାର୍ଡକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ କର୍ପୋରେଟରମାନେ ନିଜ ନିଜ ୱାର୍ଡର ଦାୟିତ୍ୱ ନେଇଛନ୍ତି। ନିଜ ୱାର୍ଡକୁ ଏକ ନମ୍ବର କରିବା ପାଇଁ ସେମାନେ ପ୍ରୟାସ କରିବେ। ସ୍ୱଚ୍ଛ ସର୍ବକ୍ଷେଣରେ ଭୁବନେଶ୍ୱର ମହାନଗର ନିଗମ ଯେପରି ଦେଶର ଏକ ନମ୍ବର ସ୍ୱଚ୍ଛ ସହର ହେବ, ସେଥିପାଇଁ ସମସ୍ତେ ଉଦ୍ୟମ କରିବାକୁ ଆହ୍ୱାନ ଦେଇଛନ୍ତି ମେୟର ଓ କମିଶନର। ଆଜି ଅପରାହ୍ନରେ ଭୁବନେଶ୍ୱର ମହାନଗର ନିଗମ ମୁଖ୍ୟାଳୟସ୍ଥିତ ଏକାମ୍ର ହଲରେ ସମସ୍ତ କର୍ପୋରେଟରମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମେୟର ସୁଲୋଚନା ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ଚଞ୍ଚଳ ରାଣା, ପରିମଳ ଷ୍ଟାଣ୍ଡିଂ କମିଟି ଅଧକ୍ଷ ବିରଞ୍ଚି ନାରାୟଣ ମହାସୂପକାର, ଅତିରିକ୍ତ କମିଶନର ରତ୍ନାକର ସାହୁ, କୈଳାସ ଚନ୍ଦ୍ର ଦାସ, ପରିମଳ ଉପାୟୁକ୍ତ ଏନ୍. ଗଣେଶ ବାବୁ ପ୍ରମୁଖ ମଞ୍ଚାସୀନ ଥିଲେ। ସ୍ୱଚ୍ଛତା ପ୍ରତି ଜନଜାଗରଣ ସୃଷ୍ଟି କରିବା କର୍ପୋରେଟରମାନଙ୍କର ପ୍ରମୁଖ କାର୍ଯ୍ୟ ହେବ। ବିଗତ ବର୍ଷଗୁଡିକରେ କର୍ପୋରେଟରଙ୍କ ସହଯୋଗ ପାଇଁ ଭୁବନେଶ୍ୱର ମହାନଗର ନିଗମ ୮୪ତମ ସ୍ଥାନରୁ ୯ମ ସ୍ଥାନରେ ପହଞ୍ଚି ପାରିଛି। ଚଳିତ ବର୍ଷ ଯେପରି ଏକ ନମ୍ବର ହେବ, ସେଥିପାଇଁ କର୍ପୋରେଟରମାନେ ପରିମଳ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଆଣିବାକୁ ଆହ୍ୱାନ ଦେଇଛନ୍ତି ମେୟର ଶ୍ରୀମତୀ ଦାସ। କାର୍ଯ୍ୟକ୍ରମ ଶେଷରେ କର୍ପୋରେଟରମାନଙ୍କୁ ସ୍ୱଚ୍ଛ ସର୍ବକ୍ଷେଣ ଶପଥ ପାଠ କରାଯାଇଥିଲା।

## ତିହାର ଜେଲରେ ରାଜପାଲ ଯାଦବ



**ମୁମ୍ବାଇ,୧୦।୨:** ବଲିଉଡ ଅଭିନେତା ରାଜପାଲ ଯାଦବ ନିଜର ଆର୍ଥିକ ସଂଘର୍ଷ କଥା ସର୍ବସମ୍ମୁଖରେ କହିଛନ୍ତି। ଦିଲ୍ଲୀର ତିହାର ଜେଲରେ ଫେବୃଆରୀ ୫ରୁ ସେ ବନ୍ଦୀ ଜୀବନ କାଟୁଛନ୍ତି। ଜେଲରେ ଆତ୍ମସମର୍ପଣ କରିବା ପୂର୍ବରୁ ସେ ନିଜ ଅନ୍ତରର ଦୁଃଖ ସମସ୍ତଙ୍କୁ ଜଣାଇଥିଲେ।

ଗୋଟିଏ ଚେକ ବାଉନ୍ସ ମାମଲାରେ ତାଙ୍କୁ ତିହାର ଜେଲରେ ଆତ୍ମସମର୍ପଣ କରିବାକୁ ପଡ଼ିଛି। ଏକାଧିକ ସୁପରହିଟ ବଲିଉଡ ସିନେମାରେ ଅଭିନୟ କରିଥିବା ୫୪ ବର୍ଷୀୟ ରାଜପାଲ କହିଛନ୍ତି ଯେ, ତାଙ୍କ ପାଖରେ କୌଣସି ଟଙ୍କା ନାହିଁ ଓ ତାଙ୍କର କେହି ବି ବନ୍ଧୁ ନାହାନ୍ତି। ତେଣୁ ଆତ୍ମସମର୍ପଣ ହିଁ ତାଙ୍କ ପାଖରେ ଏକମାତ୍ର ବିକଳ୍ପ। ଚେକ ବାଉନ୍ସ ମାମଲାରେ ଦିଲ୍ଲୀ ହାଇକୋର୍ଟରେ ସୁରକ୍ଷା ଆବେଦନ କରି ନିରାଶ ହେବା ପରେ ତିହାର ଜେଲରେ ରାଜପାଲ ଯାଦବଙ୍କୁ ଆତ୍ମସମର୍ପଣ କରିବାକୁ ପଡ଼ିଥିଲା। ରାଜପାଲଙ୍କୁ ଫେବୃଆରୀ ୪ ସୁଦ୍ଧା ଆତ୍ମସମର୍ପଣ କରିବାକୁ କୁହାଯାଇଥିଲା। କିନ୍ତୁ ସେ ନିର୍ଦ୍ଦେଶ ଅନୁସାରେ ଆତ୍ମସମର୍ପଣ କରି ନଥିଲେ। ଏଥିଯୋଗୁ କୋର୍ଟ ତାଙ୍କୁ ଆଉ ଅଧିକ ସୁରକ୍ଷା ପ୍ରଦାନ କରିବାକୁ ମନା କରି ଦେଇଛନ୍ତି।



# ମହାରାଷ୍ଟ୍ର ଗସ୍ତରେ ବାଚସ୍ପତି

### ବାଚସ୍ପତି କମିଟି ସମ୍ମିଳନୀରେ ଯୋଗଦେଲେ

**ଭୁବନେଶ୍ୱର, ୧୦।୨(ସଂଚାର ବ୍ୟୁରୋ):** ମହାରାଷ୍ଟ୍ର ବିଧାନସଭାଠାରେ ଭାରତୀୟ ସମ୍ବିଧାନର ଦଶମ ଅନୁସୂଚୀ ଅନୁଯାୟୀ ପ୍ରବର୍ତ୍ତିତ ଧାରା ଅନୁରୂପ ବିଧାନସଭା ଅଧକ୍ଷଙ୍କ କ୍ଷମତା ଓ ଦାୟିତ୍ୱର ସମୀକ୍ଷା ପାଇଁ ଦୁଇଦିନିଆ ବାଚସ୍ପତି କମିଟି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।

ମହାରାଷ୍ଟ୍ର ବିଧାନସଭାର ବାଚସ୍ପତି ରାହୁଲ ନରୱେକରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କର୍ଣ୍ଣାଟକର ବାଚସ୍ପତି ୟୁ.ଟି. ଖାଦିର ଫରିଦ୍ ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ ବିଷଦ ଭାବେ ବ୍ୟାଖ୍ୟା କରିବା ସହ ନାଗାଲାଣ୍ଡର ବାଚସ୍ପତି ସାରିଙ୍ଗେନ୍ ଲଙ୍ଗକୁମେର ଏହାର ପ୍ରଭାବ ଓ ଭବିଷ୍ୟତ ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ।

ଏହି ଅବସରରେ ଯୋଗଦେଇ ଓଡ଼ିଶାର ବାଚସ୍ପତି ସୁରମା ପାଢ଼ୀ କହିଲେ ଯେ, ଦଶମ ଅନୁସୂଚୀ ଯାହାକି ଦଳବଦଳ ନିରୋଧ ଆଇନ ଭାବେ ପରିଗଣିତ। ଏହା ୧୯୮୫ ମସିହାରେ ଆମ ସମ୍ବିଧାନର ୫୨ତମ ସଂଶୋଧନରେ ଲାଗୁ କରାଯାଇଛି। ଏହା ଦ୍ୱାରା ନିର୍ଦ୍ଦିଷ୍ଟ ଦଳ ମଧରେ ଘଟୁଥିବା ବିଶୃଙ୍ଖଳା ଓ ଦଳ ବିରୋଧୀ କାର୍ଯ୍ୟ କ୍ଷେତ୍ରରେ ବହୁମାତ୍ରାରେ ଅଙ୍କୁଶ ଲାଗିପାରୁଛି। ଏ କ୍ଷେତ୍ରରେ ସମ୍ବିଧାନ ତଥା ଆଇନର ବିଶାରଦମାନଙ୍କୁ ନେଇ କମିଟି ଗଠନ କରାଯାଇ ଏସବୁ ଆହ୍ୱାନର ମୁକାବିଲା ଦିଗରେ ସୁଚିନ୍ତିତ ପରାମର୍ଶ ଓ ପଦକ୍ଷେପ ଗ୍ରହଣ କରିବା ଦିଗରେ କାର୍ଯ୍ୟ କରିବା ଉଚିତ ଓ ଆଗାମୀ ଦିନରେ ଏହାକୁ କିପରି ଗଣତାନ୍ତ୍ରିକ ପରମ୍ପରାରେ ସୁରକ୍ଷିତ ରଖାଯାଇ ପାରିବ ଏ ଦିଗରେ ଯତ୍ନବାନ ହେବା ଆବଶ୍ୟକ ବୋଲି ବାଚସ୍ପତି ଶ୍ରୀମତୀ ପାଢ଼ୀ ମତ ଉପସ୍ଥାପନ କରିଛନ୍ତି।

### ବଦଲା ନେଲା ପାକିସ୍ତାନ

## ଆମେରିକାକୁ ୩୨ ରନରେ ଦେଲା ମାତ୍




**କଲୋମ୍ବୋ,୧୦।୨:** ୨୦୨୪ ଟି-୨୦ ବିଶ୍ୱକପ୍ ପରାଜୟର ମଧୁର ପ୍ରତିଶୋଧ ନେଲା ପାକିସ୍ତାନ। ୨୦୨୬ ଟି-୨୦ ବିଶ୍ୱକପରେ ଏକ ଲିଗ୍ ମ୍ୟାଚରେ ପାକିସ୍ତାନ ୩୨ ରନରେ ଆମେରିକାକୁ ହରାଇଛି। ଏହା ସହିତ ନିଜର ଦ୍ୱିତୀୟ ମ୍ୟାଚରେ ଦ୍ୱିତୀୟ ବିଜୟ ହାସଲ କରିଛି ପାକିସ୍ତାନ। ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ସାହିବଜାଦା ଫରହାନଙ୍କ ୭୩ ରନ, ବାବର ଆଜମଙ୍କ ୪୬ ରନ ଓ ସାଦାବ ଖାନଙ୍କ ବିସ୍ଫୋରକ ୩୦ ରନ ବଳରେ ୯ ବିକେଟ୍ ହରାଇ ୧୯୦ ରନ କରିଥିଲା। ଜବାବରେ ଆମେରିକା ୮ ବିକେଟ୍ ହରାଇ ୧୫୮ ରନ କରି ପାରିଛି। ଦଳ ପକ୍ଷରୁ ଶୁଭମନ ରଞ୍ଜନେ ୫୧ ରନ ଓ ଶୟାନ ଜାହାଙ୍ଗୀର ୪୯ ରନ କରିଥିଲେ। ଆମେରିକାକୁ ହରାଇ ଗ୍ରୁପ 'ଏ'ରୁ ପାକିସ୍ତାନ ଶୀର୍ଷକୁ ଉଠିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସଶକ୍ତ ହେବ...

ଦିଆଯାଉଛି। ଏହି ଆମ୍ବୁଲାନ୍ସ ସେବାଗୁଡ଼ିକ ରାଜ୍ୟବାସୀଙ୍କ ପାଇଁ ଏକ ଜୀବନରେଖା ଭାବେ କାମ କରୁଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କମ୍ ସମୟରେ ରୋଗୀଙ୍କୁ ହସ୍ପିଟାଲରେ ପହଞ୍ଚାଇ ମୃତ୍ୟୁହାର କମାଇବା ରାଜ୍ୟ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ସେଥିପାଇଁ ଆମ୍ବୁଲାନ୍ସ ସେବାକୁ ଅଧିକ ସୁଦୃଢ଼ ଏବଂ କାର୍ଯ୍ୟକ୍ଷମ କରିବା ଦିଗରେ ଲଗାତାର ପଦକ୍ଷେପ ନିଆଯାଉଛି। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ରାଜ୍ୟର ସବୁ ବ୍ଲକରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ କଟକ ବଡ ମେଡିକାଲ୍ ପର୍ଯ୍ୟନ୍ତ ନିରନ୍ତର ଆମ୍ବୁଲାନ୍ସ ସେବା ଜାରି ରଖିବାକୁ ପଦକ୍ଷେପ ନିଆଯାଉଛି। ଏହା ବ୍ୟତୀତ ବିମାନ ଯୋଜନା ମାଧମରେ ରାଉରକେଲା ଓ ଜୟପୁର ପରି ଏୟାରଷ୍ଟ୍ରିପ୍‌ରେ ମଧ ଆମ୍ବୁଲାନ୍ସର ସେବା ଯୋଗାଇଦିଆଯିବ। ସୂଚନାଯୋଗ୍ୟ ଯେ ବର୍ତ୍ତମାନ ରାଜ୍ୟର ବିଭିନ୍ନ ବିମାନବନ୍ଦର ନିମନ୍ତେ ୫ଟି ଆଡ୍‌ଭାନ୍ସଡ ଲାଇଫ୍ ସପୋର୍ଟ ବା (ALS) ଆମ୍ବୁଲାନ୍ସ ଏବଂ ଝାରସୁଗୁଡା ସ୍ଥିତ କ୍ୟାନସର ହସ୍ପିଟାଲ ପାଇଁ ୨ଟି ALS ଆମ୍ବୁଲାନସ ବର୍ତ୍ତମାନ ନିୟୋଜିତ ଅଛି। ସାରା ରାଜ୍ୟରେ ଆମ୍ବୁଲାନ୍ସ ଜରିଆରେ ଦିନକୁ ହାରାହାରି ୫ ହଜାରରୁ ଅଧିକ ରୋଗୀଙ୍କୁ ସରକାରୀ ହସ୍ପିଟାଲକୁ ନିଆଯାଉଛି। ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ଏକାମ୍ର ବିଧାୟକ ବାବୁ ସିଂ, ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଅଶ୍ୱତୀ ଏସ୍, ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶକ ଡକ୍ଟର ବୃନ୍ଦା ଡି ପ୍ରମୁଖ ଉପସ୍ଥିତ ଥିଲେ।

## ୧୧ ଜିଲ୍ଲାରେ...

ସୁଯୋଗ ସୃଷ୍ଟି ହେବ। ଏଥିସହ ଏହା ରାଜ୍ୟର ଏରୋସ୍ପେସ ଓ ପ୍ରତିରକ୍ଷା ଗବେଷଣା ଶିଳ୍ପ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ।

ସେହିଭଳି ନୌବାଣିଜ୍ୟ କ୍ଷେତ୍ରରେ ନର୍ଦର୍ନ ଏକ୍ସପ୍ରେସ ଇନ୍‌ଫ୍ରା ପକ୍ଷରୁ ଭଦ୍ରକଠାରେ ଜାହାଜ ନିର୍ମାଣ ଓ ମରାମତି କାରଖାନା ପ୍ରତିଷ୍ଠା ହେବ। ଏଥିରେ ୩୩୯ କୋଟିର ନିବେଶ ହେବ। ଏହାଦ୍ୱାରା ୫୦୦ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହାଛଡ଼ା ପୋଷକ ଓ ଟେକ୍ସଟାଇଲ୍ସ କ୍ଷେତ୍ରରେ ଜେପି ହୋଜିଏରୀ ଖୋର୍ଦ୍ଧାରେ ୧୪୯.୭୬ ନିୟୁ କପଡା ଉତ୍ପାଦନ କରିବାର ଲକ୍ଷ୍ୟ ରଖିଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବା ପରେ ପ୍ରାୟ ୨୩ ଶହ ୫୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏଥିପାଇଁ ପ୍ରାୟ ଶହେ କୋଟି ଟଙ୍କାର ପୁଞ୍ଜି ନିବେଶ କରିବ ହୋଜିଏରୀ। ଖୋର୍ଦ୍ଧାରେ ଆଲଭେଣ୍ଟା ଫାର୍ମା ପକ୍ଷରୁ ୧୦୦ କୋଟିର ନିବେଶ କରାଯିବ। ସେପଟେ ବ୍ଲ୍ୟୁ ମାଉଣ୍ଟ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ କଟକରେ ଏକ ସର୍ବୋଟେଲ ଉତ୍ପାଦନ ଶିଳ୍ପ ପ୍ରତିଷ୍ଠା କରାଯିବ। ଏଥିପାଇଁ ୧୦୦ କୋଟିର ପୁଞ୍ଜିନିବେଶ ହେବ। ଏଥିରେ ବାର୍ଷିକ ହାରାହାରି ୧୭ହଜାର ମେଟ୍ରିକ ଟନ ଔଷଧ ଉତ୍ପାଦନର ଲକ୍ଷ ରଖାଯାଇଛି।

ଆନୁଷଙ୍ଗିକ ଶିଳ୍ପରେ ସେହିଭଳି କଟକରେ ବ୍ଲୁ ମାଉଣ୍ଟ ଏନର୍ଜୀ କଟକରେ ଏକ ୧୭ହଜାର ୟୁନିଟ ଖ୍ୟାମତା ସମ୍ପନ୍ନ ସର୍ବଟେଲ ୟୁନିଟ ସ୍ଥାପନ କରିବାକୁ ଲକ୍ଷ ରଖାଯାଇଛି। ସର୍ଭେଶ ରିଫ୍ରାକଂଟ୍ରୋରିଜ୍,ରାମକୋ, ୟାସ ଫ୍ଲେକ୍ସି ପ୍ୟାକ୍ସ ଭଳି କମ୍ପାନୀ ମଧ ଓଡ଼ିଶାରେ ନିବେଶ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି।

## ମାଷ୍ଟରମାଇଣ୍ଡ...

ଆସିଥିଲା ତ୍ରିକୋଣୀୟ ପ୍ରେମ କାହାଣୀର ଚରମ ପରିଣତି।

କିଙ୍ଗପିନ୍ ଲିଜାକୁ ପୂର୍ବରୁ କାବୁ କରିଛି ପୁଲିସ। ପ୍ରେମ ରତୁରେ ପ୍ରେମିକା ଯେ କେତେ ଭୟଙ୍କର ସାଜିପାରେ ତା'ର ମଧ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି। ସେପଟେ ମୃତକ ଚଳାଉଥିବା ହୋଣ୍ଡା ସିଟି ଗାଡ଼ିକୁ ଫେରାର କରାଉଥିବା ବେଳେ ସୋମବାର ସକାଳୁ ଘଟିଥିଲା ଭୟଙ୍କର ଦୁର୍ଘଟଣା। କ୍ୟାପିଟାଲ ଥାନା ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିଛି। ଡ୍ରାଇଭରକୁ ବି ଅଟକ ରଖିଛି। ଦୁର୍ଘଟଣାରେ ଗାଡ଼ିର ଦୁଇଟି ସେଫ୍‌ଟି ବେଲୁନ ବାହାରି ପଡ଼ିଥିବା ବେଳେ ମାଲିକାଣୀଙ୍କୁ ଦ୍ୱିତୀୟ ଥର ପାଇଁ ଜେରା କରିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ। ଅନ୍ୟପକ୍ଷରେ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ମୃତକଙ୍କ ଭାଇ। ବିଗତ ୮ ମାସ ହେଲା ଦୀନେଶ ସହ ନିଳାଦ୍ରୀ ବିହାର ଘରେ ଲିଭ୍-ଇନରେ ରହୁଥିଲେ ଲିଜା। ପାର୍ଲରରେ କାମ କରୁଥିଲେ ମଧ ସଫ୍ଟୱେର କମ୍ପାନୀରେ କାମ କରୁଥିବା ଘର ମାଲିକଙ୍କୁ ଜଣାଇଥିଲେ। କିନ୍ତୁ ମୃତ ସତ୍ୟବ୍ରତ ଏସବୁ କେମିତି ଜାଣିପାରିନଥିଲେ, ତାହା ଏବେ ସୃଷ୍ଟି କରିଛି ବଡ଼ ପ୍ରଶ୍ନ।

ତେବେ ବିଳମ୍ବିତ ସମୟରେ ମିଳିଥିବା ସୂଚନାନୁସାରେ, ସତ୍ୟବ୍ରତ ହତ୍ୟାକାଣ୍ଡ ମାମଲାରେ ଆସିଛି ବଡ଼ ଟ୍ୱିଷ୍ଟ୍। ମୃତ ସତ୍ୟବ୍ରତ ପୂର୍ବରୁ ବିବାହିତ ଥିଲେ। ଏପରିକି ତାଙ୍କର ୩ ବର୍ଷର ପିଲାଟିଏ ମଧ ଅଛି । ଏ କଥା ଜାଣିବା ପରେ ପୁଲିସର ବି ଅକଲ ଗୁଡୁମ୍ ହୋଇଛି। କେବଳ ପୁଲିସ ନୁହେଁ, ସତ୍ୟବ୍ରତ ବିବାହ ସମ୍ପର୍କରେ ପ୍ରେମିକା ଲିଜା ବି ଜାଣିନଥିଲା। ଏ ସମ୍ପର୍କରେ ଜାଣିବା ପରେ ଦୁହିଁଙ୍କ ଭିତରେ ଝଗଡ଼ା ହୋଇଥିବା ଅନୁମାନ କରାଯାଉଛି।

## ଧରାପଡ଼ିଲେ...

ଯାହାଦ୍ୱାରା ରାସ୍ତାରେ ଗାଡ଼ି କେଉଁଠି ରହିଲା, ତା' ରିଅଲ୍-ଟାଇମ୍‌ରେ ଜଣାପଡ଼ିବ। ନୋଡାଲ୍ ସେଣ୍ଟରରୁ ସ୍କୁଲକୁ ପ୍ରଶ୍ନପତ୍ର ନେବା ଓ ଉତ୍ତର ଖାତା ଆଣିବା ସମୟରେ ପୁଲିସ ସୁରକ୍ଷାକୁ ବାଧତାମୂଳକ କରାଯାଇଛି। ସେହିପରି ପରୀକ୍ଷା ପାଇଁ ଦ୍ୱିସ୍ତରୀୟ ଯାଞ୍ଚ ବ୍ୟବସ୍ଥା ବି ହୋଇଛି। ଅର୍ଥାତ୍ ପରୀକ୍ଷା ହଲ୍ ଭିତରକୁ ଯିବା ପୂର୍ବରୁ ପରୀକ୍ଷାର୍ଥୀଙ୍କୁ ଦୁଇ ଥର ଯାଞ୍ଚ କରାଯିବ। ଛାତ୍ରୀଙ୍କୁ ଯାଞ୍ଚ୍ କରିବା ସକାଶେ ମହିଳା କର୍ମଚାରୀ ଉପସ୍ଥିତ ରହିବେ।

ସେହିପରି ପରୀକ୍ଷା ହଲ୍ ଭିତରକୁ କୌଣସି ମୋବାଇଲ ପ୍ରବେଶ ଉପରେ କଟକଣା ଲଗାଯାଇଛି। ଅର୍ଥାତ୍ ପରୀକ୍ଷାର୍ଥୀଙ୍କ ସହ ପରୀକ୍ଷା ଦାୟିତ୍ୱରେ ଥିବା ଶିକ୍ଷକ ଓ କର୍ମଚାରୀ ପରୀକ୍ଷା ହଲ୍ ଭିତରକୁ ମୋବାଇଲ୍ କି ସ୍ମାର୍ଟୱାଚ୍ ନେଇପାରିବେ ନାହିଁ। ସେହିପରି ପରୀକ୍ଷାର୍ଥୀଙ୍କ ଲାଗି ଜାରି ହୋଇଛି ହେଲ୍ପଲାଇନ ନମ୍ବର। ପରୀକ୍ଷାର୍ଥୀଙ୍କ ମାନସିକ ଚାପ ଦୂର କରିବା ଓ କୌଣସି ଅଭିଯୋଗ ପାଇଁ ସ୍ୱତନ୍ତ୍ର ହେଲ୍ପଲାଇନ ନମ୍ବର ଜାରି କରାଯାଇଛି। ନୋଡାଲ୍ ସେଣ୍ଟରରେ ପ୍ରଶ୍ନପତ୍ର ରହୁଥିବା ଷ୍ଟ୍ରଙ୍ଗ୍ ରୁମ୍‌ରେ ୨୪ ଘଣ୍ଟା ପୁଲିସ ପ୍ରହରା ରହିବ। ଫର୍ମ ପୂରଣଠାରୁ ପ୍ରାକ୍ଟିକାଲ୍ ମାର୍କ ଅପଲୋଡ୍ ପର୍ଯ୍ୟନ୍ତ ସବୁକିଛି ଅନଲାଇନ୍‌ରେ ହେବ। ଏହାଦ୍ୱାରା ହେରଫେରର ସମ୍ଭାବନାକୁ ସୀମିତ କରାଯାଇପାରିବ। ଅନ୍ୟ ଏକ ପଦକ୍ଷେପ ହେଉଛି ବ୍ଲୁ-ସ୍କ୍ୱାଡ୍ ଓ ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ବ୍ୟବସ୍ଥା। ପରୀକ୍ଷା କେନ୍ଦ୍ରଗୁଡ଼ିକରେ ହଠାତ୍ ଯାଞ୍ଚ କରିବା ପାଇଁ ଜିଲ୍ଲା ସ୍ତରରେ ବିଭିନ୍ନ ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ଗଠନ କରାଯାଇଛି। ପରୀକ୍ଷା କେନ୍ଦ୍ରକୁ ପରୀକ୍ଷାର୍ଥୀମାନେ ଅତି କମ୍‌ରେ ୩୦ରୁ ୪୫ ମିନିଟ୍ ପୂର୍ବରୁ ପହଞ୍ଚିବାକୁ ନିର୍ଦ୍ଦେଶ ଦିଆଯାଇଛି। ପରୀକ୍ଷା ଶେଷ ହେବା ମାତ୍ରେ ଉତ୍ତର ଖାତାଗୁଡ଼ିକୁ ସୁରକ୍ଷିତ ଭାବେ ସଂଗ୍ରହ କରାଯାଇ ମାର୍ଚ୍ଚ ପ୍ରଥମ ସପ୍ତାହରୁ ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ କରିବାକୁ ଲକ୍ଷ୍ୟ ରଖାଯାଇଛି।

ଅନ୍ୟପକ୍ଷରେ ମାଟ୍ରିକ୍ ପରୀକ୍ଷା ପାଇଁ ଆଜି ପରିଷଦ ପକ୍ଷରୁ ନୋଡାଲ୍ ସେଣ୍ଟର୍‌କୁ ପ୍ରଶ୍ନପତ୍ର ପଠାଯାଇଛି। କଟକ ବୋର୍ଡ ମୁଖ୍ୟ କାର୍ଯ୍ୟାଳୟ ଷ୍ଟ୍ରଙ୍ଗରୁମରୁ ପ୍ରଥମ ଦିନ ଦୂରଦୂରାନ୍ତରେ ଥିବା ୪ଟି ଜିଲ୍ଲାକୁ ପ୍ରଶ୍ନପତ୍ର ପଠାଯାଇଛି। ବୋର୍ଡ ଷ୍ଟ୍ରଙ୍ଗ ରୁମରୁ ନୋଡାଲ୍ ସେଣ୍ଟରକୁ ପ୍ରଶ୍ନପତ୍ର ନେବା ସକାଶେ ୪୯ଟି ଡେସପାଚ୍ ଟିମ୍ ଗଠନ କରାଯାଇଛି। ଏହାଛଡ଼ା ପ୍ରଶ୍ନପତ୍ର ନେବା ପାଇଁ ସେମି ଡିଜି ଲକର୍ ବ୍ୟବସ୍ଥା ହୋଇଛି। ପ୍ରଶ୍ନପତ୍ର ସୁରକ୍ଷିତ ଭାବେ ରଖିବା ପାଇଁ ରାଜ୍ୟରେ ମୋଟ ୩୨୨ଟି ନୋଡାଲ୍ ସେଣ୍ଟର ହୋଇଥିବା ବେଳେ ଏଥିରେ ୧୭ଟି ପୁଲିସ ଷ୍ଟେସନ ରହିଛି।

## ଲୋକସଭା...

ସେମାନଙ୍କ ମଧରେ କେବଳ କଂଗ୍ରେସର ୭ ଜଣ ସାଂସଦ ରହିଥିଲେ।

ତେବେ ବାଚସ୍ପତିଙ୍କ ବିରୋଧରେ ଆସିଥିବା ଏହି ଅନାସ୍ଥା ପ୍ରସ୍ତାବ କାଟ୍ ଖାଇବା ଏକପ୍ରକାର ନିଶ୍ଚିତ ବୋଲି କୁହାଯାଇପାରେ। କାରଣ ବାଚସ୍ପତିଙ୍କୁ ହଟାଇବା ସକାଶେ ଲୋକସଭାରେ ବହୁମତ ଅର୍ଥାତ ୨୭୨ରୁ ଅଧିକ ଭୋଟ୍ ଆବଶ୍ୟକ। ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାର ନିକଟରେ ଯଥେଷ୍ଟ ସଂଖ୍ୟାଗରିଷ୍ଠତା ରହିଛି।

ତେବେ ବିଶେଷଜ୍ଞମାନେ କହିଛନ୍ତି ଯେ ବିରୋଧୀ ଦଳ ଏହି ଗଣିତ ନେଇ ନିଶ୍ଚିତ ସଚେତନ। କିନ୍ତୁ ସେମାନେ ନିଜର ପ୍ରତିବାଦ ଜଣାଇବା ପାଇଁ ଏପରି ଏକ 'ସାଙ୍କେତିକ' ପଦକ୍ଷେପ ନେଇଛନ୍ତି। ତେବେ ବାଚସ୍ପତିଙ୍କ ବିରୋଧରେ ବିରୋଧୀ ଦଳ ଆଣିଥିବା ପକ୍ଷପାତ ଅଭିଯୋଗକୁ ଏନ୍‌ଡିଏର ମୁଖ୍ୟ ଦଳ ବିଜେପି ଖଣ୍ଡନ କରିଛି।

ସେହିପରି ଲୋକସଭାର ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ଆସିବା ଏହା ଚତୁର୍ଥ ଘଟଣା। ପୂର୍ବରୁ ୧୯୫୪ରେ ଜିଭି ମାଭଲାଙ୍କର, ୧୯୬୬ରେ ସର୍ଦ୍ଦାର ହୁକମ ସିଂହ ଓ ୧୯୮୭ରେ ବଳରାମ ଝାଖଡ଼ଙ୍କ ବିରୋଧରେ ବିରୋଧୀ ଦଳମାନେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ।

କିନ୍ତୁ ତିନିଥର ଯାକ ତତ୍କାଳୀନ ସରକାର ବାଚସ୍ପତିଙ୍କ ସପକ୍ଷରେ ବହୁମତ ଦେଇପାରିଥିବାରୁ ବିରୋଧୀଙ୍କୁ ନିରାଶ ହେବାକୁ ପଡ଼ିଥିଲା। ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ଆସିଲେ ଏହା ଶାସକ ଦଳ ପାଇଁ ଗୃହରେ ସରକାରଙ୍କ ବହୁମତ ସାବ୍ୟସ୍ତ କରିବା ଭଳି ସ୍ଥିତି ହୋଇଥାଏ। ତେଣୁ ଏହିପରି ପ୍ରସ୍ତାବକୁ ଖାରଜ କରିବା ସକାଶେ ସରକାର ଯଥାସାଧ ଉଦ୍ୟମ କରିଥାନ୍ତି।

# କିଶାନ କଂଗ୍ରେସ କମିଟି ପକ୍ଷରୁ ଯୋଗାଣମନ୍ତ୍ରୀ ଓ କୃଷିମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ



**ନୀଳଗିରି,୧୦।୨ (ସଂଚାର ବ୍ୟୁରୋ):** ନୀଳଗିରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ଦଳ ପକ୍ଷରୁ ସଭା ଓ କୁଶପୁତ୍ତଳିକା ଦାହ ହୋଇଯାଇଛି। ରାଜ୍ୟ କିଷାନକଂଗ୍ରେସ ପକ୍ଷରୁ ସମଗ୍ର ରାଜ୍ୟରେ ରାଜ୍ୟ ସରକାରଙ୍କ କୃଷକ ମାରଣ ନୀତି, ଟୁକନ ଅବ୍ୟବସ୍ଥା,ଚାଷୀଙ୍କ ଧାନର ଅଭାବୀ ବିକ୍ରି, ମଣ୍ଡିରେ କୃଷକର ଦୁର୍ଦ୍ଦଶା ପ୍ରତିବାଦରେ ବ୍ଲକ, ଉପଖଣ୍ଡ ଏବଂ ଜିଲ୍ଲାସ୍ତରରେ ପଥପ୍ରାନ୍ତ ପ୍ରତିବାଦ ସଭା ସହ ଅପରାହ୍ନ ୩ଘଟିକା ସମୟରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଯୋଗାଣ ମନ୍ତ୍ରୀ ଓ କୃଷି ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏହି ପଥପ୍ରାନ୍ତ ସଭା କିଷାନ କଂଗ୍ରେସର ରାଜ୍ୟ ଉପସଭାପତି ଯଶୋଦାନନ୍ଦନ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା।

ଏହି ସଭାରେ ଉପସ୍ଥିତ ବକ୍ତାମାନେ ପୂର୍ବ ୨୪ବର୍ଷର ବିଜେଡି ସରକାର ଓ ବର୍ତ୍ତମାନର ୧୮ ମାସର ବିଜେପି ସରକାରଙ୍କୁ ତୀବ୍ର ସମାଲୋଚନା କରିବାସହିତ ଉପରୋକ୍ତ ସମସ୍ୟା ଉପରେ ରାଜ୍ୟସରକାର ଉପଯୁକ୍ତ ପଦକ୍ଷେପ ନନେଲେ ଆଗାମୀ ଦିନରେ ଏହି ଆନ୍ଦୋଳନ ତୀବ୍ରତର ହେବବୋଲି ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପଞ୍ଚାୟତ ପରିଷଦ ସଭାପତି ନିରଞ୍ଜନ ବେହେରା, ରାଜ୍ୟକିଷାନ କଂଗ୍ରେସର ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଅରୁଣ ଜେନା, ରାଜ୍ୟକିଷାନ କଂଗ୍ରେସ ଜିଲ୍ଲା ସଭାପତି ଜୟନ୍ତ ମହାପାତ୍ର, ନବନିଯୁକ୍ତ ଜିଲ୍ଲା ସାଧାରଣ ସମ୍ପାଦକ ଆଶିଷ ପଟ୍ଟନାୟକ, ନବ ନିଯୁକ୍ତ ନୀଳଗିରି ବ୍ଲକ୍ ସଭାପତି ତପନ କୁମାର ରାଉତ, ଏନ୍ ଏ ସି ସଭାପତି ଉପେନ୍ଦ୍ର ବେହେରା, ଝିଙ୍କାରି ମହାଳିକ, ରତିକାନ୍ତ ବେହେରା, ପ୍ରଫୁଲ୍ଲ ଦାସବର୍ମ୍ମା, ଅଶ୍ୱିନୀ କୁମାର ପାତ୍ର, ଗୌରାଙ୍ଗ ନାୟକ, ମଣ୍ଟୁ ସିଂ, ବ୍ରଜକିଶୋର ପୃଷ୍ଟି, ରାଜାସ ମହାପାତ୍ର, ବୁଲୁ ପରିଡ଼ା, ପୂର୍ଣ୍ଣଚନ୍ଦ୍ର ସରଦାର ପିତାମ୍ବର ସିଂହ ସମେତ ବହୁ କଂଗ୍ରେସକର୍ମୀ ଓ ନେତା ଉପସ୍ଥିତ ଥିବା ଦେଖାଯାଇଥିଲା।

ଇଂରାଜୀ ବନାନରେ ସଂଶୋଧନ ପାଇଁ ଦାବି

## ହିଞ୍ଜିଳିକଟ୍‌ରୁ 'ହିଞ୍ଜିଳିକାଟୁ' କେବେ?




**ହିଞ୍ଜିଳିକାଟୁ,୧୦।୨ (ସଂଚାର ବ୍ୟୁରୋ):** ଆଖି ଯୁଆଡେ ବୁଲେଇବ, କେବଳ ଇଂରାଜୀ ଆଉ ଇଂରାଜୀ। ସେ ସରକାରୀ ହେଉ ଅବା ବେସରକାରୀ ସଂସ୍ଥାନ। ନିକଟ ଅତୀତରେ ସରକାର ଘୋଷଣା କରିଥିଲେ, ସରକାରୀ କାର୍ଯ୍ୟାଳୟରେ ଓଡ଼ିଆ ଭାଷାର ବ୍ୟବହାର ଓ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନରେ ସାଇନ ବୋର୍ଡ ଏବଂ ହୋର୍ଡିଙ୍ଗ ଓଡ଼ିଆ ଲେଖିବାକୁ ବାଧ୍ୟତାମୂଳକ କରାଯାଉ। ହେଲେ ଏହି ନିୟମକୁ ଦଳିମକ୍ଟି ଦିଆଯାଉଛି ହିଞ୍ଜିଳିକାଟୁ ସହରରେ। ଅନ୍ୟପଟେ ଗତକାଲି ୦ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ୭ ଜିଲ୍ଲାର ଇଂରାଜୀ ବନାନ ସଂଶୋଧନ ପାଇଁ ବିଜ୍ଞପ୍ତି ପ୍ରକାଶ ପରେ ହିଞ୍ଜିଳିକାଟୁ ମ୍ୟୁନିସିପାଲିଟି ଅଞ୍ଚଳର ବୁଦ୍ଧିଜୀବୀ ମହଲରୁ ବି ସମାନ ଅଭିଯୋଗ ଆସିଛି। ବର୍ତ୍ତମାନ ହିଞ୍ଜିଳିକାଟୁ ସରକାରୀ କାଗଜ ପତ୍ରରେ 'ହିଞ୍ଜିଳିକଟ' ଲେଖାଯାଉଥିଲେ ବି ତାହା 'ହିଞ୍ଜିଳିକାଟୁ' ହେବା ଉଚିତ ବୋଲି ସ୍ୱେଚ୍ଛାସେବୀ ସଂଗଠନ ଗୁଡିକ ମତ ରଖିଛନ୍ତି। ପୂର୍ବରୁ ଏ ନେଇ ହିଞ୍ଜିଳିକାଟୁର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତ୍ରିରଙ୍ଗା ସେବା ସଂଘ ପକ୍ଷରୁ ପ୍ରାକ୍ତନ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବି ଜଣାଯାଇଥିଲେ ମଧ୍ୟ ଶିଥିଳ ପଡିଛି।

● ଟୋଲ୍ ପ୍ଲାଜାରେ ଆଇନଜୀବୀଙ୍କୁ ଆକ୍ରମଣ

## ଓକିଲମାନଙ୍କ ରାସ୍ତା ଅବରୋଧ ଯୋଗୁଁ ଜାତୀୟ ରାଜପଥ ୨ ଘଣ୍ଟା ଅଚଳ



**ଯାଜପୁର,୧୦।୨ (ସଂଚାର ବ୍ୟୁରୋ):** ଆଜି ସକାଳ ସମୟରେ କୋର୍ଟ ଯାଉଥିବା ଜଣେ ଆଇନଜୀବୀ ଟୋଲ୍ ପ୍ଲାଜାରେ ଆକ୍ରମଣର ସମ୍ମୁଖୀନ ହେବା ଘଟଣା ଯାଜପୁର ଜିଲ୍ଲାରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଛି। ଏହାକୁ ନେଇ ଓକିଲମାନଙ୍କ ଭିତରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇ ଜାତୀୟ ରାଜପଥରେ ଦୁଇ ଘଣ୍ଟା ଧରି ଯାତାୟାତ ବ୍ୟାହତ ହୋଇଥିଲା। ପ୍ରାପ୍ତ ସୂଚନା ଅନୁଯାୟୀ, ଆଇନଜୀବୀ ଯଶୋବନ୍ତ କୁମାର ସାମଲ ସବୁଦିନ ପରି ଆଜି ସକାଳେ ନିଜ ଘରୁ ବାହାରି ଚଣ୍ଡିଖୋଲ କୋର୍ଟକୁ ଯାଉଥିଲେ। ସେହି ସମୟରେ ଶ୍ରୀରାମପୁର ଟୋଲ୍ ପ୍ଲାଜାରେ ବାଉନ୍ସର ଭାବେ ନିଯୁକ୍ତ କିଛି ବ୍ୟକ୍ତି ତାଙ୍କୁ ବିନା କାରଣରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଘଟଣାର ଖବର ପ୍ରଚାରିତ ହେବା ସହିତ ଚଣ୍ଡିଖୋଲର ସମସ୍ତ ଓକିଲମାନେ ଏକତ୍ରିତ ହୋଇ ଶ୍ରୀରାମପୁର ଟୋଲ୍ ପ୍ଲାଜାରେ ପହଞ୍ଚିଥିଲେ। ଆକ୍ରମଣକାରୀଙ୍କୁ ଅବିଳମ୍ବ ଗିରଫ କରାଯାଉ ବୋଲି ଦାବି କରି ସେମାନେ ରାସ୍ତା ଅବରୋଧ କରି ଆନ୍ଦୋଳନ ଆରମ୍ଭ କରିଥିଲେ। ଓକିଲମାନଙ୍କ ଆନ୍ଦୋଳନ ଫଳରେ ଜାତୀୟ ରାଜପଥରେ ପ୍ରାୟ ଦୁଇ ଘଣ୍ଟା ଧରି ଗାଡ଼ି ଚଳାଚଳ ପୂର୍ଣ୍ଣ ରୂପେ ଅଚଳ ହୋଇ ପଡ଼ିଥିଲା। ପରିସ୍ଥିତି ଗୁରୁତର ହେବା ପରେ ଏସଡିପିଓ ଶରତ ପାତ୍ର ଘଟଣାସ୍ଥଳରେ ହସ୍ତକ୍ଷେପ କରିଥିଲେ। ସେ ଧର୍ମଶାଳା ପୋଲିସକୁ ନିର୍ଦ୍ଦେଶ ଦେଇ ଅଭିଯୁକ୍ତମାନଙ୍କୁ ଅଟକ ରଖିବା ପରେ ଆନ୍ଦୋଳନକାରୀ ଓକିଲମାନେ ଆନ୍ଦୋଳନ ହଟାଇଥିଲେ।

ଅନ୍ତର୍ଜାତୀୟ କିକ ବକ୍ସିଂ ଚାମ୍ପିୟନସିପ

## ଢେଙ୍କାନାଳ ଜିଲ୍ଲାକୁ ୨୧ ପଦକ



**ଢେଙ୍କାନାଳ,୧୦।୨ (ସଂଚାର ବ୍ୟୁରୋ):** ଦିଲ୍ଲୀର କେ. ଡି. ଯାଦବ ଇଣ୍ଡୋର ଷ୍ଟାଡିଅମର ଇନ୍ଦିରା ଗାନ୍ଧୀ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ରେ ୫ମ ୱାକୋ ଇଣ୍ଡିଆ ଅନ୍ତର୍ଜାତୀୟ କିକ ବକ୍ସିଂ ଚାମ୍ପିୟନସିପ ଫେବୃଆରୀ ୪ରୁ ୮ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଖେଳାଳିମାନେ ଅଂଶ ଗ୍ରହଣ କରି ମୋଟ ୨୧ଟି ପଦକ ହାସଲ କରିଛନ୍ତି। ଏଥିରେ ମଧ୍ୟରୁ ଢେଙ୍କାନାଳ ଡାଇମଣ୍ଡ କିକ ବକ୍ସିଂ ଆସୋସିଏସନର ଖେଳାଳି ମାନେ ୨୧ଟି ପଦକ ହାସଲ କରିଛନ୍ତି। ସେଥିରୁ ଗୋଟିଏ ସ୍ୱର୍ଣ୍ଣ ଦଳଗତ ପଏଣ୍ଟ ଫାଇଟରେ ୯ ଟି ରୌପ୍ୟ ଏବଂ ୧୧ଟି କାଁସ୍ୟ ପଦକ (୧୦ଟି ବ୍ୟକ୍ତିଗତ ଏବଂ ଗୋଟିଏ ଦଳଗତ) ହାସଲ କରିଛନ୍ତି। ବାଳିକା ବିଭାଗରେ ସ୍ମୃତି ଭୋଇ -୫୦ କେଜି ବର୍ଗରେ ୨ଟି କାଂସ୍ୟ, ରୂପା ନାଏକ -୫୫ କେଜି ରେ ୧ ରୌପ୍ୟ ଓ ୧ କାଁସ୍ୟ, ମାନସୀ ସାହୁ -୫୫ କେଜି ରେ ୨ ଟି ରୌପ୍ୟ ଓ ୧ଟି କାଁସ୍ୟ, ରୋଜାଲିନ ସ୍ୱାଇଁ -୬୦ କେଜି ରେ ୩ଟି କାଁସ୍ୟ ବାଳକ ଜୁନିଅର ବିଭାଗ ରେ ଓମ ପ୍ରସାଦ ଭଞ୍ଜ -୬୩ କେଜି ରେ ୨ଟି କାଁସ୍ୟ ସେହିପରି ସିନିଅର ବାଳକ ବିଭାଗ ରେ ଶୁଭଙ୍କର ନାଏକ -୫୧ କେଜି ରେ ୧ଟି ରୌପ୍ୟ ପଦକ, ସୌଭାଗ୍ୟ ରଞ୍ଜନ ବେହେରା -୬୯ କେଜିରେ ୨ ଟି ରୌପ୍ୟ ଓ ୨ କାଁସ୍ୟ ପଦକ, ଦଳଗତ ବାଳିକା ବିଭାଗ ପଏଣ୍ଟ ଫାଇଟରେ ସ୍ୱର୍ଣ୍ଣ ପଦକ ଏବଂ ଦଳଗତ ମିକ୍ସ ମ୍ୟୁଜିକାଲ ଇଭେଣ୍ଟ ରେ କାଁସ୍ୟ ପଦକ ହାସଲ କରିଛନ୍ତି। କିର୍ତ୍ତୀ ରାଣୀ ସାହୁ ଟିମ କୋଚ ଭାବେ ଯୋଗ ଦେଇଥିଲେ।

## ମିଳିତ ସଂଗ୍ରାମ ମଞ୍ଚ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ପାଳନ



**ରାଇଘର,୧୦।୨ (ସଂଚାର ବ୍ୟୁରୋ):** ମିଳିତ ସଂଗ୍ରାମ ମଞ୍ଚ ପକ୍ଷରୁ ବିଭିନ୍ନ ଦାବୀ ନେଇ ଉମରକୋଟ ଓ ଝରୀଗାଁ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରାଇଘର, ଉମରକୋଟ, ଝରୀଗାଁ ଓ ଚନ୍ଦାହାଣ୍ଡି ବ୍ଲକରେ ଡାକରା ଦିଆଯାଇଥିବା ବନ୍ଦ ପାଳନ ରାଇଘର ବ୍ଲକରେ ସଫଳ ହୋଇଥିବା ଦେଖିବାକୁ ମିଳିଛି । ସକାଳ ୬ ଘଣ୍ଟିକା ଠାରୁ ସନ୍ଧ୍ୟା ୬ ଘଣ୍ଟିକା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ବନ୍ଦ ପାଳନ ସମୟରେ ଦୂର ଦୂରାନ୍ତରୁ ଆସୁଥିବା ଗାଡି ମୋଟର ରାଇଘର ହନୁମାନ ମନ୍ଦିର ମୁଖ୍ୟ ବଜାର ଉଭୟ ପାର୍ଶ୍ୱରେ ଅଟକି ରହିଥିବା ବେଳେ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇ ଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ମୁଖ୍ୟ ବଜାର ଛକ ଉପରେ କଂଗ୍ରେସ ଦଳ ପକ୍ଷରୁ ଟେଣ୍ଟ ମାରି ଧାରଣା ଦିଆ ଯାଇଥିଲା। ଉମରକୋଟ/ରାଇଘର ଅଞ୍ଚଳରେ ଦୀର୍ଘ ୭୦ ବର୍ଷ ଧରି ଭୁବନ୍ଦୋବସ୍ତ ହୋଇ ନଥିବାରୁ ଜନସାଧାରଣ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ମିଳିତ ସଂଗ୍ରାମ ମଞ୍ଚ ପକ୍ଷରୁ ମୁଖ୍ୟତଃ ଏହି ଅଞ୍ଚଳରେ ତୁରନ୍ତ ଭୁବନ୍ଦୋବସ୍ତ କରିବା, ମେଡିକାଲ କଲେଜ ସ୍ଥାପନ, ୪ଟି ବ୍ଲକରେ ଧାନ ଓ ମକାର ଅଭାବୀ ବିକ୍ରିର ତ୍ୱରିତ ସମାଧାନ ଓ ମକା ମଣ୍ଡି ସ୍ଥାପନ ଆଦି ଦାବୀ ନେଇ ଏହି ବନ୍ଦ ପାଳନ କରାଯାଇଥିଲା।

ଆଜିର ଏହି ବନ୍ଦ ପାଳନ ରେ କଂଗ୍ରେସ ନେତା ସୋନରାଜ ଗଣ୍ଡ, ମହେଶ ଗଣ୍ଡଙ୍କ ସମେତ ଶତାଧିକ ଲୋକ ସାମିଲ ହୋଇ ଥିବାବେଳେ ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଫୋର୍ସ ମୁତୟନ କରାଯାଇଥିଲା ।

## ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

**ରାଇଘର,୧୦।୨ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ରାଇଘର ବ୍ଲକ ସଦର ମହକୁମାରେ ଅବସ୍ଥିତ ସ୍ନାତକ ମହାବିଦ୍ୟାଳୟ ପରିସରରେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ଅଧ୍ୟୟନ କରୁଥିବା ବାଳିକା ମାନଙ୍କୁ ଆତ୍ମନିର୍ଭର ଓ ସୁରକ୍ଷିତ କରିବା ଉଦ୍ଦେଶ୍ୟରେ ଏକ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମକୁ ସ୍ନାତକ ମହାବିଦ୍ୟାଳୟର ଅଧକ୍ଷ କ୍ଷୀରୋଦ ଚନ୍ଦ୍ର ନାୟକ ପୌରାହିତ୍ୟ କରିଥିବାବେଳେ ପଂଚାୟତ ସମିତି ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ପରୀକ୍ଷିତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ବାଳିକା ମାନଙ୍କ ଆତ୍ମରକ୍ଷା କୌଶଳ ଶିକ୍ଷାର ଗୁରୁତ୍ୱ ଉପରେ ଜୋର ଦେଇଥିଲେ। ଏହି ଅବସରରେ କାର୍ଯ୍ୟକ୍ରମର ସଂଯୋଜିକା ମଧୁସ୍ମିତା ଦାସ, ଅଧାପକ ଚିତ୍ତରଞ୍ଜନ ଗଣ୍ଡ, ମୋନାଲିସା ବାଘ ସମେତ ଅନ୍ୟ ସମସ୍ତ ଅଧାପକ ଓ କର୍ମଚାରୀ ଉପସ୍ଥିତ ଥିଲେ




## ପିଏମଶ୍ରୀ ନିଗମାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ



**ଗୋପ,୧୦।୨ (ସଂଚାର ବ୍ୟୁରୋ):** ପିଏମଶ୍ରୀ ନିଗମାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟ, ଗୋପର ବାର୍ଷିକ ଉତ୍ସବ ମହାସମାରୋହରେ ସମାପ୍ତ ହୋଇଅଛି । ମାନ୍ୟବର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ ଦେଶର ଭବିଷ୍ୟତ ହିଁ ଆମ ଛାତ୍ରଛାତ୍ରୀମାନେ। ଐତିହ୍ୟ ସମ୍ପନ୍ନ ବୟାଅଶୀ ବର୍ଷର ଏହି ବିଦ୍ୟାଳୟର ଗୌରବକୁ ଅକ୍ଷୁର୍ଣ୍ଣ ରଖିବାକୁ ହେଲେ, ପିଲାମାନେ ସେମାନଙ୍କର ନୈତିକ ଓ ଚାରିତ୍ରିକ ମୂଲ୍ୟବୋଧ ଉପରେ ଗୁରୁତ୍ୱ ଦେବାକୁ ପଡିବ। ବାଲ୍ୟବିବାହ ଭଳି ଘୃଣ୍ୟ କାମକୁ ବିରୋଧ କରିବା ପାଇଁ ଜନସାଧାରଣମାନଙ୍କୁ ନିବେଦନ କରିଥିଲେ।

ପୁରୀ ଜିଲ୍ଲା ଶିକ୍ଷାଅଧିକାରୀ ଶ୍ରୀଯୁକ୍ତ ଦୀପକ କୁମାର ପାଢ଼ୀ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଶିକ୍ଷାର୍ଥୀ, ଶିକ୍ଷକ ଓ ଜନସାଧାରଣମାନେ ଶୈକ୍ଷିକ ତ୍ରିଭୁଜର ତିନୋଟି ଶୀର୍ଷବିନ୍ଦୁ ବୋଲି ମତ ଦେଇଥିଲେ । ବିଶିଷ୍ଟ ଶିଶୁ ସାହିତ୍ୟିକ ଡା. ଲକ୍ଷ୍ମୀକାନ୍ତ ଖୁଣ୍ଟିଆ ସମ୍ମାନୀତ ଅତିଥିଭାବେ ଯୋଗଦେଇ ପିଲାମାନଙ୍କ ଉଦେଶ୍ୟରେ କହିଥିଲେ ପିଲାମାନେ ମୋବାଇଲ ଉପରେ ଗୁରୁତ୍ୱ ନଦେଇ ପୁସ୍ତକ ଅଧୟନ ଉପରେ ଗୁରୁତ୍ୱ ଦେବା ଉଚିତ । ଅନ୍ୟ ସମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ଗୋପ ମଣ୍ଡଳ ଉନ୍ନୟନ ଅଧିକାରୀ ଛବିରାଣୀ ସାହୁ, ସରପଞ୍ଚ ସୁଲୋଚନା ଦାସ, ଗୋପ ସାଂସଦ ପ୍ରତିନିଧି ତଥା ଯୁବନେତା ସୁଶାନ୍ତ ସ୍ୱାଇଁ, ଆଞ୍ଚଳିକ ସାଧନାକେନ୍ଦ୍ର ସଂଯୋଜକ ଦୀପକ ସେନାପତି ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀମତୀ ବିଜୟିନୀ ଶତପଥୀ ପିଲାମାନେ ହିଁ ଅସୀମ ଶକ୍ତିର ଅଧାର ବୋଲି କହିଥିଲେ । ପ୍ରତ୍ୟକ ପିଲା ଗୁରୁଜନଙ୍କ କଥା ମାନି ବାପା ମାଆଙ୍କ ସେବା କରିପାରିଲେ ଜଣେ ଜଣେ ଶ୍ରବଣ କୁମାର ହୋଇପାରିବ ବୋଲି ମତ ରଖିଥିଲେ । ବରିଷ୍ଠ ଶିକ୍ଷକ ସୁବାସ ଚନ୍ଦ୍ର ପ୍ରଧାନ ମଞ୍ଚ ସଂଚାଳନା କରିଥିବା ବେଳେ ଶିକ୍ଷକ ସୁବ୍ରଜିତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଅବକାରୀ ବିଭାଗରେ ଅଭିଯୋଗ ପରେ ଓଲଟା ନ୍ୟାୟ

### ଅଭିଯୋଗ ପରେ ନ୍ୟାୟ ନୁହେଁ, ଅଭିଯୋଗକାରିଣୀଙ୍କୁ କୈଫିୟତ




**ଯାଜପୁର,୧୦।୨ (ସଂଚାର ବ୍ୟୁରୋ):** ଯାଜପୁର ଅବକାରୀ ବିଭାଗରେ କାର୍ଯ୍ୟରତ ଜଣେ ମହିଳା କର୍ମଚାରୀ ନିଜ ଉପରେ ହୋଇଥିବା କଥିତ ମାନସିକ ଓ ଶାରୀରିକ ଅତ୍ୟାଚାର ସମ୍ବନ୍ଧରେ ଲିଖିତ ଅଭିଯୋଗ କରିଥିବା ପରେ ତାଙ୍କୁ ହେଉଥିବା ବ୍ୟବହାରକୁ ନେଇ ବିଭାଗ ମଧ୍ୟରେ ଓ ସାଧାରଣ ମଣିଷଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଛି।

ସୂଚନା ଅନୁସାରେ, ଯାଜପୁର ରେଞ୍ଜ କାର୍ଯ୍ୟାଳୟରେ କାମ କରୁଥିବା ସୁଚିତ୍ରା ନାୟକ ନାମକ ମହିଳା କର୍ମଚାରୀ ୧୫ ନଭେମ୍ବର ୨୦୨୫ ତାରିଖରେ ଯାଜପୁର ଟାଉନ ଥାନା ସହିତ ବିଭାଗର ଉପରିସ୍ଥ ଅଧିକାରୀମାନଙ୍କ ନିକଟରେ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ସେଠାରେ ସେ କିଛି ଅବକାରୀ କର୍ମଚାରୀ ଓ ଅଧିକାରୀଙ୍କ ବିରୋଧରେ ମାନସିକ ଓ ଶାରୀରିକ ଉତ୍ପୀଡନର ଅଭିଯୋଗ ଉଠାଇଥିବା କୁହାଯାଉଛି। ଅଭିଯୋଗ ପରେ ତାଙ୍କୁ ନ୍ୟାୟ ମିଳିବାର ବଦଳରେ ଓଲଟି ତାଙ୍କୁ ହଇରାଣ କରାଯାଉଥିବା ଦେଖା ହେଉଛି।

ସୂତ୍ର ଅନୁଯାୟୀ, ତାଙ୍କୁ ଅଫିସର ରେକର୍ଡ ରୁମର ଚାବି ନ ଦେବା, କାର୍ଯ୍ୟାଳୟ ଭିତରେ ବସିବାକୁ ନ ଦେଇ ବାହାରେ ବସାଇବା, ଅଧିକାରୀଙ୍କ ରେଡ୍ ସମୟରେ ଦଳରେ ସାମିଲ ନ କରିବା ପରି ପଦକ୍ଷେପ ନିଆଯାଇଥିବା ଅଭିଯୋଗ ଆସିଛି। ଏହା ସହ ତାଙ୍କ ବିରୋଧରେ ଭିନ୍ନ ଭିନ୍ନ ମିଥ୍ୟା ଅଭିଯୋଗ ଲଗାଇ ମନୋବଳ ଭାଙ୍ଗିବା ଚେଷ୍ଟା ହେଉଥିବା ସେ ଦାବି କରିଛନ୍ତି। ଏପରିକି, ବିଭାଗୀୟ କେସ ରେକର୍ଡ ଓ ରେଜିଷ୍ଟର ସମ୍ବନ୍ଧରେ କିଛି ଅନିୟମିତତା ନେଇ ମଧ ଅଭିଯୋଗ ଉଠିଛି। କିଛି ଦଲିଲ ନଷ୍ଟ ହୋଇଥିବା ଆଶଙ୍କା ମଧ ବ୍ୟକ୍ତ କରାଯାଉଛି। ଏହା ଉପରେ ଖୋଳତାଡ ହେବାକୁ ଥିବା ସମୟରେ ଅଭିଯୋଗକାରିଣୀଙ୍କୁ ଓଲଟି କୈଫତ ମାଗାଯାଉଥିବା କଥା ସମ୍ନାକୁ ଆସିଛି। ଏହି ସମସ୍ତ ଅଭିଯୋଗ ସମ୍ପର୍କରେ ସମ୍ବନ୍ଧିତ ଅଧିକାରୀଙ୍କ ପକ୍ଷରୁ ସ୍ପଷ୍ଟ ପ୍ରତିକ୍ରିୟା ମିଳି ପାରିନାହିଁ। ଘଟଣାର ସତ୍ୟାସତ୍ୟ ନେଇ ସଠିକ ତଦନ୍ତ ହେବାକୁ ଦାବି ଜୋର ଧରୁଛି। ମହିଳା କର୍ମଚାରୀଙ୍କ ସୁରକ୍ଷା ଓ କାର୍ଯ୍ୟସ୍ଥଳରେ ସମ୍ମାନ ନିଶ୍ଚିତ କରିବାକୁ ନେଇ ଏହି ଘଟଣା ପୁଣିଥରେ ପ୍ରଶ୍ନ ଉଠାଇଛି।

## ଶାନ୍ତିସ୍ତୁପ ନିକଟରେ ଜାତୀୟ ସେବା ଯୋଜନାରେ ସଫେଇ କାର୍ଯ୍ୟକ୍ରମ

**ବାଲିଅନ୍ତା,୧୦।୨ (ସଂଚାର ବ୍ୟୁରୋ):** ଆମ ଐତିହ୍ୟ ପୀଠର ସଂରକ୍ଷଣ ଆମର ଦାୟିତ୍ୱ। ଶାନ୍ତିସ୍ତୁପ ନିକଟସ୍ଥ ଧଉଳି ଚାରୁକଳା ମହାବିଦ୍ୟାଳୟର ଏନ ଏସ ଏସ ସ୍ୱେଚ୍ଛାସେବୀମାନେ ଧଉଳି ପାହାଡ଼ ନିକଟସ୍ଥ ସଙ୍କଟେଶ୍ୱର୍ ଶିବ ମନ୍ଦିର ପରିସର ଓ ଆଖପାଖ ଅଞ୍ଚଳକୁ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ଜାତୀୟ ସେବା ଯୋଜନାରେ ଏକ ସଫେଇ କାର୍ଯ୍ୟକ୍ରମ କରିଛନ୍ତି। ଏହି ଅବସରରେ ମନ୍ଦିର




ପରିସର ଓ ଆଖପାଖ ଅଞ୍ଚଳରୁ ବହୁ ପଲିଥିନ ବ୍ୟାଗ ଓ ପ୍ଲାଷ୍ଟିକ ବୋତଲକୁ ଗୋଟେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ପ୍ଲାଷ୍ଟିକ ବର୍ଜନ ପାଇଁ ସଚେତନତା ସୃଷ୍ଟି କରିଥିଲେ। ଏହି ଅବସରରେ ୨୫ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନିଜ ଶ୍ରମଦାନ କରିଥିଲେ । କାର୍ଯ୍ୟକ୍ରମ ଅବସରରେ ମହାବିଦ୍ୟାଳୟ ଅଧକ୍ଷ ଚିତ୍ରଶିଳ୍ପୀ ଡ. ପଞ୍ଚାନନ ସାମଲ, ଅଧାପକ ଭୂପତିଭୂଷଣ ପଣ୍ଡା, ଲକ୍ଷ୍ମୀଧର ସ୍ୱାଇଁ,ପ୍ରଫୁଲ୍ଲ ପ୍ରଧାନ ଓ ବିଚିତ୍ର କାଣ୍ଡି ପ୍ରମୁଖ ସ୍ୱେଚ୍ଛାସେବୀ ମାନଙ୍କ ସହ ଶ୍ରମଦାନ ପୂର୍ବକ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ।

## ୫ଟି କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଦେବେ ୧୦୫୩ ଜଣ

### ସିସିଟିଭି ନଜରରେ ରହିବ ପରୀକ୍ଷା କେନ୍ଦ୍ର

**କାକଟପୁର/ଅସ୍ତରଙ୍ଗ,୧୦।୨ (ସଂଚାର ବ୍ୟୁରୋ):** ଓଡିଶା ମାଧମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଆସନ୍ତା ୧୯ତାରିଖ ଠାରୁ ଆରମ୍ଭ ହେବ। ଏଥର ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଅସ୍ତରଙ୍ଗ ଉଚ୍ଚ ବିଦ୍ୟାଳୟ ନୋଡାଲ ସେଣ୍ଟର ଅଧୀନ ୧ହଜାର ୫୩ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବେ। ପରୀକ୍ଷାକୁ ଖୁବ କମ୍ ଦିନ ବାକିଥିବା ବେଳେ ଜିଲ୍ଲା ଶିକ୍ଷାବିଭାଗ ପ୍ରସ୍ତୁତିକୁ ଜୋରଦାର କରିଛି। ପରୀକ୍ଷା ପରିଚାଳନା ପାଇଁ ନିୟୋଜିତ ସୁପରିଟେଣ୍ଡେ ମାନଙ୍କୁ ବୋର୍ଡ ପକ୍ଷରୁ ତାଲିମ୍ ଦିଆସରିଛି। ସ୍ୱଚ୍ଛ ପରୀକ୍ଷା ପରିଚାଳନା ଓ ପ୍ରଶ୍ନପତ୍ର ସୁରକ୍ଷା କୁ ଅଧିକ ଗୁରୁତ୍ୱ ଦିଆଯାଇଛି।

ଚଳିତ ବର୍ଷ ପୁରୀ ଜିଲ୍ଲା ଅସ୍ତରଙ୍ଗ ଉଚ୍ଚ ବିଦ୍ୟାଳୟ ନୋଡାଲ ସେଣ୍ଟର ଅଧୀନ ୫ଟି ପରୀକ୍ଷା କେନ୍ଦ୍ରରେ ୧୦୫୩ଜଣ ଛାତ୍ର, ଛାତ୍ରୀ ମାଟ୍ରିକ ପରୀକ୍ଷା ଦେବେ। ତନ୍ମଧ୍ୟରୁ ୮୧୬ଜଣ ରେଗୁଲାର ଓ ଏକ୍ସ ରେଗୁଲାର ରହିଛନ୍ତି। ଏମାନଙ୍କ ବ୍ୟତୀତ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ (ଏସଓଏସସି )ପରୀକ୍ଷା ୨୩୭ ଜଣ ଛାତ୍ରଛାତ୍ରୀ ରହିଛନ୍ତି। ପ୍ରତି ପରୀକ୍ଷା କେନ୍ଦ୍ର ପାଇଁ ଜଣେ ଲେଖାଏଁ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ନିଯୁକ୍ତ କରାଯାଇଛି। ୧୯ତାରିଖ ରୁ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୨ତାରିଖ ପର୍ଯ୍ୟନ୍ତ ଚାଲିବ। ପୂର୍ବାହ୍ନ ୯ଟାରୁ ପରୀକ୍ଷା ଆରମ୍ଭ ହୋଇ ଦିନ ୧୧ ଟା ୩୦ମିନିଟରେ ସରିବ। ଗଣିତ ପରୀକ୍ଷା ପାଇଁ କେବଳ ୧୫ମିନିଟ ସମୟ ଦିଆଯିବ। ପରୀକ୍ଷାରେ କପି ରୋକିବାକୁ ସ୍ୱତନ୍ତ୍ର ସ୍କ୍ୱାର୍ଡ, ରାଜ୍ୟ ସ୍ତରୀୟ ସ୍କ୍ୱାର୍ଡ, ଜିଲ୍ଲାସ୍ତରୀୟ ସ୍କ୍ୱାର୍ଡ ଓ ଫ୍ଲାଇଂ ସ୍କ୍ୱାର୍ଡ ଏପରି ୪ସ୍ତରୀୟ ସ୍କ୍ୱାର୍ଡ ବ୍ୟବସ୍ଥା କରାଯାଇଛି।

ପରୀକ୍ଷାର ପ୍ରାୟ ୧ଘଣ୍ଟା ପୂର୍ବରୁ ପରୀକ୍ଷାର୍ଥୀ ମାନେ ପରୀକ୍ଷା କେନ୍ଦ୍ରରେ ପ୍ରବେଶ କରିବେ। ସିସିଟିଭି ସର୍ଭେଲାନ୍ସରେ ସମସ୍ତ ପରୀକ୍ଷା କେନ୍ଦ୍ର ରହିବ। ପରୀକ୍ଷା କେନ୍ଦ୍ର ଗୁଡିକରେ ଲାଗିଥିବା କ୍ୟାମେରା, ବୋର୍ଡ କ୍ୟାମେରା ସହ ଲିଙ୍କ କରାଯାଇଛି। ଫଳରେ ବୋର୍ଡ କାର୍ଯ୍ୟାଳୟରେ ମଧ ପରୀକ୍ଷା ପରିଚାଳନା ସମ୍ବନ୍ଧିୟ ସମସ୍ତ ଗତିବିଧି ନିରୀକ୍ଷଣ କରିହେବ। ପରୀକ୍ଷା କେନ୍ଦ୍ରକୁ ମୋବାଇଲି ଫୋନ ସମ୍ପୂର୍ଣ୍ଣ ଭାବେ ବାରଣ କରାଯାଇଛି। ପରୀକ୍ଷା କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ପରୀକ୍ଷା ପରିଚାଳନା କରିବା ପାଇଁ କେବଳ ମୋବାଇଲି ବ୍ୟବହାର କରି ପାରିବେ।

ସୁଭଦ୍ରା ଶକ୍ତି ମେଳାର ଦ୍ୱିତୀୟ ସନ୍ଧ୍ୟା

## କନ୍ଧମାଳ ଜିଲ୍ଲା ମହିଳା ସଶକ୍ତିକରଣରେ ଆଗୁଆ: ଉପ ମୁଖ୍ୟମନ୍ତ୍ରୀ




**ଫୁଲବାଣୀ,୧୦।୨ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ବାଲିଗୁଡ଼ାର ଦଣ୍ଡପଦର ସ୍ଥିତ ଯାତ୍ରା ପଡ଼ିଆ ଠାରେ ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ବିଭାଗ ପକ୍ଷରୁ ଜିଲ୍ଲା ସ୍ତରୀୟ ସୁଭଦ୍ରା ଶକ୍ତି ମେଳାର ଦ୍ୱିତୀୟ ସନ୍ଧ୍ୟାରେ ଓଡିଶା ସରକାରଙ୍କ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗଦେଇ କହିଛନ୍ତି କନ୍ଧମାଳ ଜିଲ୍ଲା ମହିଳା ସଶକ୍ତି କରଣରେ ସବୁଠାରୁ ଆଗୁଆ ଜିଲ୍ଲା । ଏଠିକାର ମହିଳା ସ୍ୱୟଂ ସହାୟକ ଗ୍ରୁପର ଉତ୍ପାଦିତ ସାମଗ୍ରୀ ବିଶ୍ୱ ବଜାରରେ ଏକ ଚାହିଦା ଅଛି। ଏଠିକାର ହଳଦୀ, ଷ୍ଟ୍ରବେରି, ସୋରିଷ ସମେତ ଅନ୍ୟାନ୍ୟ ଜୈବିକ ପରିବା ଚାଷ ବେଶ ପରିଚିତ । ଏଠିକାର ମହିଳାମାନେ ଜଣେ ଜଣେ ଲକ୍ଷପତି ଦିଦି ତିଆରି ହେବେ ବୋଲି ମୁଁ ଆଶାବାଦୀ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ। ଏହି ସଭାରେ ଜିଲ୍ଲା ମିଶନ ଶକ୍ତିର ନିର୍ଦ୍ଦେଶକ ତଥା କନ୍ଧମାଳ ଜିଲ୍ଲାପାଳ ବେଦ ଭୂଷଣ ସଭାପତିତ୍ୱ କରିଥିବା ବେଳେ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ, ଜି ଉଦୟଗିରୀ ବିଧାୟକ ପ୍ରଫୁଲ ଚନ୍ଦ୍ର ପ୍ରଧାନ ଅତିଥି ଭାବରେ ଯୋଗ ଦେଇ ଉପସ୍ଥିତ ଦର୍ଶକ ଓ ମହିଳା ଉଦ୍ୟୋଗୀ ମାନଙ୍କୁ ଏହି ମେଳାର ଉଦେଶ୍ୟ ମହିଳା ମାନଙ୍କର ଆର୍ଥିକ ସ୍ୱାବଲମ୍ବୀ ଓ ସ୍ୱଦେଶୀ ଉତ୍ପାଦକୁ ପ୍ରୋତ୍ସାହନ ଉଦେଶ୍ୟରେ ଏହି ମେଳା ଅନୁଷ୍ଠିତ ହେଉଥିବା କହିଥିଲେ। ଏହି କାର୍ଯ୍ୟକ୍ରମର ଶେଷରେ ବାଲିଗୁଡା ଉପଜିଲ୍ଲାପାଳ ପ୍ରଣିତା ଦାସ ଧନ୍ୟବାଦ ପ୍ରଦାନ କରିଥିଲେ ।

ଖେଳ ହେଲା କାଳ

## ସଂଘବଦ୍ଧ ଆକ୍ରମଣରେ ଛାତ୍ର ଗୁରୁତର



**ନୀଳଗିରି, ୧୦।୨ (ସଂଚାର ବ୍ୟୁରୋ):** ନୀଳଗିରି ଉପଖଣ୍ଡ ଅଧିନସ୍ଥ ଶନ୍ତରା ଗଡିଆ ହାଇସ୍କୁଲରେ ଏକ ଅଭାବନୀୟ ଘଟଣା ଘଟି ଯାଇଛି। ଫୁଟବଲ ଖେଳରେ ପରସ୍ପର ଫାଉଲ ମରାକୁ କେନ୍ଦ୍ରକରି ଜଣେ ଛାତ୍ରଙ୍କୁ ସହପାଠୀମାନେ ସଂଘବଦ୍ଧ ଭାବେ ଆକ୍ରମଣ କରିଛନ୍ତି। ଏଥିରେ ନବମଶ୍ରେଣୀ ଛାତ୍ର ଅଭିରାମ ଦାସ ଗୁରୁତରହୋଇ ବାଲେଶ୍ୱର ଫକୀର ମୋହନ ମେଡିକାଲ୍ କଲେଜରେ ଭର୍ତ୍ତି ହୋଇଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ନୀଳଗିରି ଥାନା ସନ୍ତରାଗଡିଆ ହାଇସ୍କୁଲରେ । ଗତ ଶୁକ୍ରବାର ଦିନ ହାଇସ୍କୁଲ ପରିସରରେ ନବମଶ୍ରେଣୀର ଏ' ସେକ୍ସନ ଓ ବି'ସେକ୍ସନ ମଧ୍ୟରେ ଫୁଟବଲ ଖେଳ ଅନୁଷ୍ଠିତ ହୋଇଥିଲା। ଖେଳସମୟରେ ଛାତ୍ରଛାତ୍ରଙ୍କ ମଧ୍ୟରେ ଫାଉଲ ହୋଇଥିଲା। ଉକ୍ତ ଫାଉଲ୍ ପାଇଁ ବାରୁଦଖାନା ଗାଁର ଜୟଦେବ ଦାସଙ୍କ ପୁଅ ଅଭିରାମକୁ ବି'ସେକ୍ସନର ୪ରୁ୫ଜଣ ଛାତ୍ରମିଶି ଆକ୍ରମଣ କରିଥିଲେ। ତାଙ୍କୁ ପ୍ରଥମେ ସନ୍ତରାଗଡିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯିବା ପରେ ଫକୀରମୋହନ ମେଡିକାଲକଲେଜକୁ ସ୍ଥାନାନ୍ତରିତ କରାଯାଇଛି। ଆକ୍ରମଣ ସମୟରେ ଖେଳପଡିଆରେ କାମ କରୁଥିବା ଶ୍ରମିକମାନେ ଛାତ୍ରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାରକରି ଅଭିଭାବକଙ୍କୁ ଜଣାଇବାପରେ ଘଟଣା ପ୍ରଘଟ ହୋଇଥିଲା। ସେପଟେ ସ୍କୁଲକର୍ତ୍ତୃପକ୍ଷଙ୍କ ପକ୍ଷରୁ ଏନେଇ କୌଣସି ଠୋସ୍ ପଦକ୍ଷେପ ନିଆଯାଇନଥିବା ଅଭିଯୋଗ ହୋଇଛି। ଖବରଲେଖା ହେବାବେଳକୁ ଥାନାରେ କୌଣସି ଅଭିଯୋଗ ହୋଇନଥିବା ସୂଚନା ମିଳିଛି।

# ଗ୍ରାମୀଣ ଯୁବକ-ଯୁବତୀମାନଙ୍କୁ ମାଗଣା କୋଚିଂ ଦେଉଛି 'ସମର୍ଥ ଯୁବ ବିକାଶ କେନ୍ଦ୍ର'




**ପାରାଦୀପ, ୧୦।୨ (ସଂଚାର ବ୍ୟୁରୋ):** ଜେଏସ୍‌ଡବ୍ଲୁ ଫାଉଣ୍ଡେସନ, ପାରାଦୀପ ପକ୍ଷରୁ ଅକ୍ଟୋବର ୨୦୨୩ ଠାରୁ ଷ୍ଟିଲ୍ ପ୍ଲାଣ୍ଟ ପରିଧି ଅଞ୍ଚଳର ନୁଆଗାଁ ଗାଁରେ "ସମର୍ଥ ଯୁବ ବିକାଶ କେନ୍ଦ୍ର" ସ୍ଥାପନ କରାଯାଇଛି। ଏହି ପ୍ରୟାସର ଏକାଡେମିକ୍ ସହଭାଗୀ ଭାବେ ଏମ୍‌ଏସ୍ ଗୁରୁକୁଳ ଫାଉଣ୍ଡେସନ କାର୍ଯ୍ୟ କରୁଛି। ଜଗତସିଂହପୁର ଜିଲ୍ଲା ପ୍ରଶାସନଙ୍କ ସହଯୋଗରେ ନୁଆଗାଁର ଏକ ବନ୍ଦ ପ୍ରାଥମିକ ବିଦ୍ୟାଳୟ ଭବନ କେନ୍ଦ୍ର ପାଇଁ ଆବଣ୍ଟନ କରାଯାଇଥିଲା, ଯାହାକୁ ଜେଏସ୍ ଫାଉଣ୍ଡେସନ ପକ୍ଷରୁ ସମ୍ପୂର୍ଣ୍ଣ ପୁନର୍ନିର୍ମାଣ କରି କେନ୍ଦ୍ର ସ୍ଥାପନ କରାଯାଇଛି। ଏହି ପ୍ରକଳ୍ପ ଅନ୍ତର୍ଗତ ଯୋଗ୍ୟ ଯୁବକ-ଯୁବତୀମାନଙ୍କୁ ରାଜ୍ୟ ଓ କେନ୍ଦ୍ର ସରକାରୀ ସଂସ୍ଥା ଦ୍ୱାରା ପରିଚାଳିତ ଅଟେକ୍ନିକାଲ୍ ପ୍ରତିଯୋଗିତା ପରୀକ୍ଷା ପାଇଁ ପ୍ରସ୍ତୁତି, କମ୍ପ୍ୟୁଟର ଶିକ୍ଷା, ପ୍ରାକ୍ଟିସ୍ ଟେଷ୍ଟ ଏବଂ ବ୍ୟକ୍ତିତ୍ୱ ବିକାଶ ପ୍ରଶିକ୍ଷଣ ଦିଆଯାଉଛି। ପ୍ରତ୍ୟେକ ୬ ମାସର ବ୍ୟାଚରେ ସର୍ବାଧିକ ୬୦ ଜଣ ପ୍ରାର୍ଥୀ ଅଂଶଗ୍ରହଣ କରନ୍ତି।

ଏହି କେନ୍ଦ୍ରରେ ଗ୍ରାମୀଣ ଯୁବମାନଙ୍କୁ ସମ୍ପୂର୍ଣ୍ଣ ନିଶୁଳ୍କ କୋଚିଂ ଦିଆଯାଉଛି। ବର୍ତ୍ତମାନ ୫ମ ବ୍ୟାଚ୍ ଚାଲୁଛି। ଗତ ଦୁଇ ବର୍ଷରେ ୩୦୦ରୁ ଅଧିକ ଛାତ୍ରଛାତ୍ରୀ ଏହି ପ୍ରକଳ୍ପରୁ ଲାଭାନ୍ୱିତ ହୋଇଛନ୍ତି। ଜେଏସ୍‌ଡବ୍ଲୁ ଫାଉଣ୍ଡେସନ ବ୍ୟାଚ୍ ସମାପ୍ତି ପରେ ମଧ ଛାତ୍ରମାନଙ୍କ ଅଗ୍ରଗତି ଉପରେ ନିୟମିତ ନଜର ରଖୁଛି। ସ୍ୱୟଂଅଧ୍ୟୟନ ପାଇଁ କେନ୍ଦ୍ରର ଲାଇବ୍ରେରୀ ବ୍ୟବହାରକୁ ପ୍ରୋତ୍ସାହନ ଦିଆଯାଉଛି। ବର୍ତ୍ତମାନ ପ୍ରାୟ ୨୫ ପ୍ରତିଶତ ଛାତ୍ର ବହୁ ଦୂରରୁ ଆସି ନୁଆଗାଁରେ ରହି ପଢୁଛନ୍ତି।

ଏହି କେନ୍ଦ୍ର ମହିଳା ଛାତ୍ରୀମାନଙ୍କ ପାଇଁ ବିଶେଷ ଉପକାରୀ ହୋଇଛି। ନୁଆଗାଁର ସଫଳତାରୁ ପ୍ରେରିତ ହୋଇ ପାରାଦୀପ ଓ ଜଗତସିଂହପୁର ଜିଲ୍ଲାର ଅନ୍ୟାନ୍ୟ ବଡ଼ କମ୍ପାନୀମାନେ ଏପରି ନିଶୁଳ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ସମର୍ଥ ଯୁବ ବିକାଶ କେନ୍ଦ୍ରକୁ ଜେଏସ୍‌ଡବ୍ଲୁ ଫାଉଣ୍ଡେସନର ପାଇଁ ଏକ ଅଗ୍ରଣୀ ସିଏସ୍‌ଆର୍ ପ୍ରୟାସ ଭାବେ ଦେଖାଯାଉଛି।

## ହୃଦ୍‌ଘାତରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ମୃତ



**ଧାମନଗର, ୧୦।୨ (ସଂଚାର ବ୍ୟୁରୋ):** ଧାମନଗର ଏନଏସି କାର୍ଯ୍ୟାଳୟର କାର୍ଯ୍ୟରତ ଚତୁର୍ଥ ଶ୍ରେଣୀ କର୍ମଚାରୀ ଫକୀର ମହାପାତ୍ର(୫୮) ବର୍ଷ ବୟସରେ ହଟାଠ ଅସୁସ୍ଥ ହୋଇ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଖବର ନେବାରୁ ଯାହା ଜଣାଯାଏ ସୋମବାର କାର୍ଯ୍ୟାଳୟରେ ସର୍ଗତ ମହାପାତ୍ର କାର୍ଯ୍ୟରତ ଥାଇ ମଧାହ୍ନ ଭୋଜନ ଖାଇ ସାରି ଅଫିସକୁ ଫେରିବା ସମୟରେ ଦିନ ପ୍ରାୟ ୨ଟା ସମୟରେ କାର୍ଯ୍ୟାଳୟ ଗେଟ୍ ସମ୍ମୁଖରେ ହଠାତ୍ ପଡ଼ିଯାଇ ଚେତାଶୂନ୍ୟ ହୋଇଯାଇଥିଲେ। ତୁରନ୍ତ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ଧାମନଗର ଡାକ୍ତରଖାନାକୁ ନେଇ ଥିଲେ। ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ସଙ୍ଗେ ସଙ୍ଗେ ଭଦ୍ରକ ଡାକ୍ତରଖାନାକୁ ପଠାଇ ଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଏହି ଦୁଖଦ ଖବର ପ୍ରସାରିତ ହେବା ପରେ ବିଭିନ୍ନ କାର୍ଯ୍ୟାଳୟ ଓ ଅଧିକାରୀ ମହଲରେ ଗଭୀର ଦୁଃଖ ପ୍ରକାଶ ପାଇଥିବା ବେଳେ ଶୋକର ଛାୟାଖେଳିଯାଇଛି। ମୃତ ଫକିର ମହାପାତ୍ରଙ୍କ ଘର ବାଙ୍କୀ ଥାନା ଅଞ୍ଚଳର ବୋଲି ସୂଚନା ଦିଆଯାଇଛି।



### ବସ୍‌ରେ ଯୁବତୀଙ୍କୁ ଅସଦାଚରଣର ପ୍ରତିବାଦ

## ଛୁରାମାଡ଼ରେ ଯୁବକ ଗୁରୁତର

ବୌଦ୍ଧ,୧୦।୨(ସଂଚାର ବ୍ୟୁରୋ): ଘରୋଇ ବସ୍‌ରେ ଜଣେ ମଦ୍ୟପ ଯୁବକଙ୍କ ଉନ୍ମତକାଣ୍ଡ। ଜଣେ ଯୁବକଙ୍କୁ ଛୁରାରେ ଆକ୍ରମଣ କରି ଲହୁ ଲୁହାଣ କରିଛି। ଖୋର୍ଦ୍ଧା-ବଲାଙ୍ଗିର ୫୭ ନଂ. ଜାତୀୟ ରାଜପଥ ସାହାଜପାଲ ଠାରେ ବସ୍ ଭିତରେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିଛି ଏହି ମଦ୍ୟପ ଯୁବକ। ବସ୍‌ରେ ଜଣେ ଯୁବତୀଙ୍କୁ ଅସଦାଚରଣ କରିବାରୁ ଜଣେ ଯୁବକ ଏହାର ପ୍ରତିବାଦ କରିଥିଲେ। ପ୍ରତିବାଦ କରିବାରୁ ମଦ୍ୟପ ଜଣକ ଛୁରାମାଡ଼ କରି ତାଙ୍କୁ ଗୁରୁତର କରିଛନ୍ତି। ତାଙ୍କୁ ବାଉଁଶୁଣି ମେଡିକାଲରେ ଭର୍ତ୍ତି କରାଯାଇଛି। ଯୁବକଙ୍କ ବେକରେ ଗଭୀର ଆଘାତ ହୋଇଥିବା ସୂଚନା ମିଳିଛି। ଛୁରାମାଡ଼ କରିଥିବା ବ୍ୟକ୍ତି ବାଉଁଶୁଣି ଥାନାରେ ଅଟକ ରହିଛି। ବସ୍‌କୁ ଅଟକ ରଖି ତଦନ୍ତ କରୁଛି ପୁଲିସ।

## ୫୦ ଲକ୍ଷରୁ ଅଧିକ ଟଙ୍କାର ଗୁଟ୍‌ଖା ଜବତ

### ଅଭିଯୁକ୍ତଙ୍କୁ ବାନ୍ଧିଲା ପୁଲିସ

ନୟାଗଡ଼,୧୦।୨ (ସଂଚାର ବ୍ୟୁରୋ): ନୟାଗଡ ଜିଲ୍ଲା ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୫୦ ଲକ୍ଷରୁ ଅଧିକ ଟଙ୍କାର ଗୁଟଖା ଜବତ କରିଛି। ନୟାଗଡ ଟାଉନ ଥାନା, ସଦର ଥାନା ଏବଂ ଇଟାମାଟି ଥାନାରେ ଏନେଇ ତିନୋଟି ମାମଲା ରୁଜୁ ହୋଇଥିବା ବେଳେ ୬ ଜଣଙ୍କୁ ଗିରଫ କରାଯାଇଛି। ଗୁଟଖା ବ୍ୟବସାୟର କିଙ୍ଗପିନ୍ କମଳ ସାହୁ, ତା'ର ଭାଇ ପ୍ରକାଶ ସାହୁ ଏବଂ ଅନ୍ୟ ୪ ଜଣଙ୍କୁ ଗିରଫ କରାଯାଇଥିବା ଏସଡିପିଓ ପ୍ରେସମିଟ୍ କରି ସୂଚନା ଦେଇଛନ୍ତି। ଏହି ଘଟଣାରେ ଦୁଇଟି ବଲେରୋ ଭ୍ୟାନ୍, ଗୋଟିଏ ପିକ୍‌ଅପ୍ ଭ୍ୟାନ୍ ଏବଂ ଗୋଟିଏ ଆଇଚର୍ ଗାଡି ଜବତ କରିଛି ପୁଲିସ। ଜିଲ୍ଲା ଭିତରେ ଏବଂ ବାହାରେ ଚାଲିଥିବା ବେଆଇନ ଗୁଟଖା କାରବାରକୁ ରୋକିବା ପାଇଁ ପୁଲିସର ଏକ ଟିମ୍ ଗଠନ କରାଯାଇ ଇଟାମାଟି, ବାଲୁଗାଁ ଏବଂ ଖୁଣ୍ଟୁବନ୍ଧ ଠାରେ ଚଢ଼ାଉ କରାଯାଇଥିଲା। ବିଭିନ୍ନ ସ୍ଥାନରୁ ଗୁଟଖା, ଖଇନି ଆଦି ଆଣି ନୟାଗଡ ସମେତ ୩ଟି ଜିଲ୍ଲାକୁ ଏହାକୁ ଯୋଗାଣ କରାଯାଉଥିଲା।





ନୂଆଦିଲ୍ଲୀ ସ୍ଥିତ ହଜଖାସ୍ ଶ୍ରୀ ଜଗନ୍ନାଥ ମନ୍ଦିରରେ ପୁରୀ ଗୋବର୍ଦ୍ଧନ ପୀଠର ଜଗଦଗୁରୁ ପରମପୂଜ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜାଙ୍କୁ ଭେଟି ଆଶୀର୍ବାଦ ନେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

### ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ୨୦୨୭ ମାର୍ଚ୍ଚ ସୁଦ୍ଧା ସବୁ ଗାଁକୁ ପାଇପ୍ ଜଳ: ମୁଖ୍ୟମନ୍ତ୍ରୀ

**ରାଜ୍ୟ ସରକାରଙ୍କ ୫୪ ହଜାର କୋଟି ଟଙ୍କାର ଯୋଜନା**

**କୌଣସି ରାଜସ୍ୱ ଗ୍ରାମ ପାନୀୟ ଜଳଯୋଗାଣରୁ ବାଦ୍ ଯିବନି**

ଭୁବନେଶ୍ୱର,୧୦।୨(ସଂଚାର ବ୍ୟୁରୋ): ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଗ୍ରାମୀଣ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରି ୨୦୨୭ ମାର୍ଚ୍ଚ ସୁଦ୍ଧା ରାଜ୍ୟର ସବୁ ଗ୍ରାମକୁ ପାଇପ୍ ଜଳ ଯୋଗାଣ ସୁବିଧା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ମିଶନ୍ ମୋଡ୍‌ରେ କାର୍ଯ୍ୟକାରୀ କରି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଯେପରି ସମସ୍ତ ଗ୍ରାମଗୁଡ଼ିକୁ ପାନୀୟ ଜଳ ସୁବିଧା ଯୋଗାଇ ଦିଆଯିବ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ବିଭାଗକୁ ପରାମର୍ଶ ଦେଇଛନ୍ତି। ବୈଠକରୁ ଜଣାଯାଇଛି ଯେ, ବର୍ତ୍ତମାନ ରାଜ୍ୟର ୪୬, ୫୩୧ ଟି ଗ୍ରାମ ମଧ୍ୟରୁ ୨୧, ୭୨୧ ଟି ଗ୍ରାମରେ ପାଇପ ଜଳ ଯୋଗାଣ ବ୍ୟବସ୍ଥା ଉପଲବ୍ଧ ଅଛି। ଏହା ସହିତ ସୌରଶକ୍ତି, ମେଗା ପାନୀୟ ଜଳ ପ୍ରକଳ୍ପ ଆଦି ବିଭିନ୍ନ ପ୍ରକଳ୍ପ ଗୁଡ଼ିକ



ନିର୍ମାଣାଧୀନ ଅଛି। ସମସ୍ତ ପ୍ରକଳ୍ପ ଗୁଡ଼ିକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରି ୨୦୨୭ ମାର୍ଚ୍ଚ ସୁଦ୍ଧା ରାଜ୍ୟର ସମସ୍ତ ଗ୍ରାମକୁ ପାଇପ ଜଳ ଯୋଗାଣ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ସୂଚନାଯୋଗ୍ୟ ଯେ, ଓଡ଼ିଶାରେ ପାଇପ ପାଣି ବ୍ୟବସ୍ଥା ସମ୍ପୂର୍ଣ୍ଣ କରିବା ପାଇଁ ରାଜ୍ୟ ସରକାର ୫୪ ହଜାର କୋଟି ଟଙ୍କାର ଯୋଜନା କରିଛନ୍ତି। ତନ୍ମଧ୍ୟରୁ ଜଳ ଜୀବନ ମିଶନ୍ ଯୋଜନାରେ ୩୨, ୧୨୮ କୋଟି ଟଙ୍କାର ପ୍ରାବଧାନ ରହିଥିବା ବେଳେ ଅବଶିଷ୍ଟ ୨୧, ୧୦୯ କୋଟି ଟଙ୍କା ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ଯୋଗାଇ ଦେଉଛନ୍ତି। ବୈଠକରୁ ଆହୁରି ମଧ ଜଣାଯାଇଛି ଯେ, ୨୦୧୭ରୁ ୧୨ ଜୁନ ୨୦୨୪ ମଧ୍ୟରେ ରାଜ୍ୟରେ ୩ଟି ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଜୁନ ୨୦୨୪ରୁ ବର୍ତ୍ତମାନ ସୁଦ୍ଧା ୨୩ଟି ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ସେହିଭଳି, ଜୁନ ୨୦୨୪ ପରେ ବର୍ତ୍ତମାନ ପର୍ଯ୍ୟନ୍ତ ଅର୍ଥାତ୍ ମାତ୍ର ୨୦ ମାସ ମଧ୍ୟରେ ରାଜ୍ୟରେ ୨, ୯୫୧ଟି ଏକକ ଗ୍ରାମ ପ୍ରକଳ୍ପ, ୨, ୭୦୨ଟି ସୌର ଶକ୍ତି ପାନୀୟ ଜଳପ୍ରକଳ୍ପ, ଏବଂ ୨୬, ୧୩୭ଟି ନଳକୂପ ସ୍ଥାପିତ ହୋଇଛି। ବୈଠକରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ. ସିଂ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର ତଥା ଶାସନ ସଚିବ ଗିରୀଶ ଏସ୍.ଏନ୍, ନିର୍ଦ୍ଦେଶକ ପାନୀୟ ଜଳ ଓ ପରିମଳ ବିନୀତ ଭରଦ୍ୱାଜ ପ୍ରମୁଖ ଉପସ୍ଥିତ ଥିଲେ।

## ଏମ୍‌କେସିଜିରେ ବିକ୍ରମ ଓ ମଦନ

**● ପୀତବାସ ପଣ୍ଡା ହତ୍ୟା ମାମଲା**



ବ୍ରହ୍ମପୁର,୧୦।୨(ସଂଚାର ବ୍ୟୁରୋ): ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା। ବିକ୍ରମଙ୍କ ପେଟରେ ଗଲ୍ ବ୍ଲାଡର ଷ୍ଟୋନ୍ ଓ ପାଇଲ୍ସର ଚିକିତ୍ସା ପାଇଁ ଏମକେସିଜିରେ ପହଞ୍ଚିଛନ୍ତି। କୋର୍ଟଙ୍କ ଅନୁମତି ପରେ ମଙ୍ଗଳବାର ଏମ୍‌କେସିଜି ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ବିକ୍ରମଙ୍କୁ ସର୍ଜରୀ ବିଭାଗର ୱାର୍ଡରେ ଭର୍ତ୍ତି କରାଯାଇଛି। ସେହିଭଳି, ବିଜେଡି ନେତା ମଦନ ଦଳେଇ ମଧ ଏମ୍‌କେସିଜି ମେଡିକାଲର ଅସ୍ଥି ଶଲ୍ୟ ବିଭାଗରେ ଭର୍ତ୍ତି ହୋଇଛନ୍ତି। ମଦନଙ୍କ ଗୋଡ଼ରେ ପୂର୍ବରୁ ହୋଇଥିବା ଅସ୍ତ୍ରୋପଚାରରେ ସମସ୍ୟା ଯୋଗୁଁ ତାଙ୍କୁ ଏମ୍‌କେସିଜି ଅଣାଯାଇଛି। ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାରେ ଗିରଫ ହୋଇ ବ୍ରହ୍ମପୁର ଜେଲ୍‌ରେ ଅଛନ୍ତି ବିକ୍ରମ ପଣ୍ଡା ଓ ମଦନ ଦଳେଇ।

## ଜାତୀୟ କୃମି ନାଶକ ଦିବସ ପାଳିତ



କଟକ,୧୦।୨(ସଂଚାର ବ୍ୟୁରୋ): ଜାତୀୟ କୃମି ନାଶକ ଦିବସ ପାଳନ ଅବସରରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଆଜି ନୂଆବଜାର ସ୍ଥିତ ନେହେରୁ ନୋଡାଲ ଉଚ୍ଚ ବିଦ୍ୟାପୀଠ ପରିସରରେ ଏକ ସଚେତନତାମୂଳକ କାର୍ଯ୍ୟକ୍ରମ ସହ କୃମି ନାଶକ ଔଷଧ ବଣ୍ଟନ କରାଯାଇଥିଲା । ୧ ବର୍ଷରୁ ୧୯ ବର୍ଷ ବୟସର ଶିଶୁ ଓ କିଶୋର–କିଶୋରୀ ଏବଂ ୨୦ବର୍ଷରୁ ୨୪ବର୍ଷ ବୟସର ପ୍ରଜନନକ୍ଷମ ମହିଳାମାନଙ୍କୁ କୃମି ରୋଗରୁ ସୁରକ୍ଷା ଦେବା ସହ ସୁସ୍ଥ ଜୀବନଶୈଳୀ ପ୍ରତି ସଚେତନ କରାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଏହି ଅବସରରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଚିନ୍ତାମଣି ମିଶ୍ର , ଜିଲ୍ଲା ଜନକଲ୍ୟାଣ ଅଧିକାରୀ ସୁଶ୍ରୀ ମଧୁସ୍ମିତା ମହାପାତ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ରଶ୍ମିତା ମହାନ୍ତି, ଜିଲ୍ଲା ମାତୃସ୍ୱାସ୍ଥ୍ୟ ପରିଚାଳକ ମିନାକ୍ଷୀ ବରାଳ, ଜିଲ୍ଲା କାର୍ଯ୍ୟ ପରିଚାଳକ ଟି.ନାରାୟଣ ରାଓ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମନୋରଞ୍ଜନ ବାରିକ, ପ୍ରଧାନଶିକ୍ଷୟିତ୍ରୀ ବାସନ୍ତୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ବିଧାୟକଙ୍କୁ ବିଜେଡିର ନୂତନ କର୍ମକର୍ତ୍ତାଙ୍କ କୃତଜ୍ଞତା

କଟକ,୧୦।୨(ସଂଚାର ବ୍ୟୁରୋ): କଟକ ଜିଲ୍ଲା କମିଟିର ଶିବେନ୍ଦ୍ର ହାତୀ ଉପସଭାପତି, ପ୍ରଫୁଲ୍ଲ ବେହେରା ଉପସଭାପତି, ମହେନ୍ଦ୍ର ନାୟକ ସାଧାରଣ ସମ୍ପାଦକ, ଶୁଭେନ୍ଦୁ ସାମଲ ସାଧାରଣ ସମ୍ପାଦକ, ତାପସ ମହାନ୍ତି ସାଧାରଣ ସମ୍ପାଦକ, ଦେବେନ୍ଦ୍ର କାହାଳୀ ସମ୍ପାଦକ ଭାବେ ନିଯୁକ୍ତି ପାଇଥିବାରୁ କଟକ ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ ଏବଂ କଟକ ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂହଙ୍କୁ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ କୃତଜ୍ଞତା ଜ୍ଞାପନ କରିଥିଲେ। ଉକ୍ତ ସମ୍ବର୍ଦ୍ଧନା ସଭାରେ ରାଜେନ୍ଦ୍ର ରଣା, ଇଂ. ଆଶିଷ କୁମାର ସ୍ୱାଇଁ, ବିଭୂତି ଭୂଷଣ ବେହେରା, ସ୍ମୃତି ରଞ୍ଜନ ନାୟକ, ବିଭୂତି ସ୍ୱାଇଁ, ଯୁଧିଷ୍ଠିର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

**● ନିଶାସକ୍ତ ପ୍ରଧାନଶିକ୍ଷକଙ୍କୁ ବିରୋଧ**

## ସ୍କୁଲରେ ତାଲା ପକାଇଲେ ଗ୍ରାମବାସୀ

କଟକ,୧୦।୨(ସଂଚାର ବ୍ୟୁରୋ): କଟକ ଜିଲ୍ଲା ଟାଙ୍ଗୀ ଚୌଦ୍ୱାର ବ୍ଲକରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡି ଯାଇଥିଲା ବେଳେ ଏବେ ଜଣେ ନିଶାସକ୍ତ ପ୍ରଧାନ ଶିକ୍ଷକଙ୍କୁ ସେହି ସ୍କୁଲର ଛାତ୍ରଛାତ୍ରୀମାନେ ଅଭିଭାବକଙ୍କ ଦ୍ୱାରା ଘଉଡ଼ାଇ ସ୍କୁଲରେ ତାଲା ପକେଇବା ଘଟଣା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛି । ପ୍ରକାଶ ଯେ, ଏହି ବ୍ଲକ ଶାଳ ଗାଁ ପଞ୍ଚାୟତର ଜୟପୁର ପ୍ରାଥମିକ ସରକାରୀ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଯାଏ ଶ୍ରେଣୀ ଥିବା ବେଳେ ଏଠାରେ ଦୁଇଜଣ ଶିକ୍ଷକ ଦାୟିତ୍ୱରେ ଅଛନ୍ତି। ଏମାନଙ୍କ ମଧ୍ୟରୁ ପ୍ରଧାନ ଶିକ୍ଷକ ବାବୁଲି ସିଂ ପ୍ରତିଦିନ ମଦ୍ୟପାନ କରି ସ୍କୁଲକୁ ଆସୁଥିବା ବେଳେ ଆଜି ସ୍କୁଲର ଛାତ୍ରଛାତ୍ରୀମାନେ ବିରକ୍ତି ପ୍ରକାଶ କରି ନିଜର ପରିବାରକୁ ଜଣାଇଥିଲେ । ଖବର ପାଇ ସ୍କୁଲ କମିଟି ଓ ଗ୍ରାମବାସୀ ସ୍କୁଲରେ ତାଲା ପକାଇବା ସହ ବ୍ଲକ ଶିକ୍ଷା ମଣ୍ଡଳ ଅଧିକାରୀଙ୍କୁ ଖବର ଦେଇଥିଲେ । ଘଟଣାସ୍ଥଳରେ ଶିକ୍ଷା ଅଧିକାରୀ ପହଞ୍ଚି ଶିକ୍ଷା କମିଟି ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିବା ପରେ ନିଶାସକ୍ତ ପ୍ରଧାନ ଶିକ୍ଷକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ପ୍ରକାଶ କରିଥିଲେ ।

### ଏସ୍‌ସିବି ମେଡିକାଲ୍ ମେଡିସିନ୍ ଆଇସିୟୁର ବିକଳ ଚିତ୍ର

# ଛଟପଟ ହୋଇ ଖଟିଆରୁ ଖସିପଡ଼ିଲେ ରୋଗୀ

କଟକ,୧୦।୨(ସଂଚାର ବ୍ୟୁରୋ): ସଂକଟାପନ୍ନ ରୋଗୀଙ୍କୁ ଉନ୍ନତ ଚିକିତ୍ସା ପାଇଁ ଆଇସିୟୁରେ ଭର୍ତ୍ତି କରାଯାଇଛି। ହେଲେ ଆଇସିୟୁରେ ଗୁରୁତର ରୋଗୀଙ୍କର ଅସହାୟ ଅବସ୍ଥା ଓ ବିକଳ ଚିକିତ୍ସା ବ୍ୟବସ୍ଥାର ଏଭଳି ଚିତ୍ର ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଛି। ଭାଇରାଲ୍ ଦୃଶ୍ୟ ଏସ୍‌ସିବି ମେଡିସିନ୍ ବିଭାଗର ବୋଲି ଜଣାପଡ଼ିଛି। ମେଡିସିନ୍ ବିଭାଗର ଦ୍ୱିତୀୟ ମହଲାରେ ଥିବା ଆଇସିୟୁରେ ରୋଗୀଙ୍କ ଦୟନୀୟ ଅବସ୍ଥାର ଏ ଫଟୋ ବୋଲି ଖବର ମିଳିଛି । ଭିଡିଓର ତଦନ୍ତ ଲାଗି ଏସ୍‌ସିବି ଅଧୀକ୍ଷକ ଅତିରିକ୍ତ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅତିରିକ୍ତ ଅଧୀକ୍ଷକ ତଦନ୍ତ ଆରମ୍ଭ କରି ସିସିଟିଭି ଯାଞ୍ଚ କରୁଛନ୍ତି। ରୋଗୀ ଖସିଥିବା ସମୟରେ ଆଇସିୟୁ ଡ୍ୟୁଟି ରେଜିଷ୍ଟରରୁ ଅତିରିକ୍ତ ଅଧୀକ୍ଷକ ଡାକ୍ତର ଏବଂ ନର୍ସିଂଷ୍ଟାଫ୍‌ଙ୍କ ସମେତ ଆଟେଣ୍ଡାଣ୍ଟଙ୍କ ନାଁ ସଂଗ୍ରହ କରିଛନ୍ତି। ବେଡ୍‌ରୁ ଖସି ପଡ଼ିଥିବା ମହିଳା ରୋଗୀ ରାସାୟନିକ ବିଷକ୍ରିୟା ଜନିତ ରୋଗରେ ପୀଡ଼ିତ ଏବଂ ତାଙ୍କୁ ଫିଡ୍‌ସ୍ ବା ବାତମାରେ ତଦନ୍ତରୁ ଜଣାପଡ଼ିଛି। ବାତ ମାରିବା ସମୟରେ ସମ୍ପୃକ୍ତ ରୋଗୀ ଘୋଡ଼େଇ ହୋଇଥିବା ବେଡ୍‌ସିଟ୍ ଗୁଡ଼େଇ ହୋଇ ବେଡ୍‌ରୁ ତଳକୁ ଖସିପଡ଼ିଥିବା ତଦନ୍ତରୁ ଜଣାଯାଇଛି ବୋଲି ମେଡିସିନ୍ ବିଭାଗର ଜଣେ ଡାକ୍ତର କହିଛନ୍ତି। ଘଟଣାର ତଦନ୍ତ ଚାଲିଛି, ଏଥିରେ କର୍ତ୍ତବ୍ୟରେ ଅବହେଳା ଜଣାପଡ଼ିଲେ ନିୟମ ଅନୁସାରେ ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ଅଧୀକ୍ଷକ ଡାକ୍ତର ଜ୍ୟୋତିର୍ମୟ ନାୟକ କହିଛନ୍ତି। ଆଇସିୟୁରେ ଶହ ଶହ ରୋଗୀ ଚିକିତ୍ସିତ ହେଉଛନ୍ତି। ଏଭଳି ଅବହେଳାକୁ ସାଧାରଣରେ ସମାଲୋଚନା କରାଯାଇଛି।



### ଉନ୍ନତ ରୋଗୀସେବା ଲକ୍ଷ୍ୟ

## ଏସ୍‌ସିବିରେ କର୍ମଚାରୀ ପରିବର୍ତ୍ତନ

କଟକ,୧୦।୨(ସଂଚାର ବ୍ୟୁରୋ): ଏସିସିବି ମେଡିକାଲ ଓ ହସ୍ପିଟାଲର ମେଡିସିନ ଆଇସିୟୁରେ ରୋଗୀ ସେବାରେ ଅବହେଳା ପ୍ରଦର୍ଶନ ସମ୍ବନ୍ଧୀୟ ଅଭିଯୋଗ ଓ ଖବର ହସ୍ତଗତ ହେବା ପରେ ଏସସିବି ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି। ଘଟଣାକୁ ଗୁରୁତର ସହ ବିଚାର କରି ମେଡିକାଲ କର୍ତ୍ତୃପକ୍ଷ ମେଡିସିନ୍ ଆଇସିୟୁ ସହ ବିଭିନ୍ନ ଆଇସିୟୁରେ କାର୍ଯ୍ୟରତ ନର୍ସିଂ କର୍ମଚାରୀମାନଙ୍କୁ ବଦଳାଇ ଦେଇଛନ୍ତି। ଏହି କର୍ମଚାରୀ ପରିବର୍ତ୍ତନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ରୋଗୀସେବା କ୍ଷେତ୍ରରେ ଉନ୍ନତି ଆଣିବା, ରୋଗୀମାନଙ୍କୁ ସମୟୋପଯୋଗୀ, ସଠିକ୍ ଏବଂ ଦାୟିତ୍ୱପୂର୍ଣ୍ଣ ସେବା ଯୋଗାଇବା। ଆଇସିୟୁ ଭଳି ସମ୍ବେଦନଶୀଳ ୟୁନିଟରେ କୌଣସି ପ୍ରକାର ଅବହେଳା କିମ୍ବା ଦାୟିତ୍ୱହୀନତାକୁ ଗୁରୁତର ସହ ଗ୍ରହଣ କରାଯିବ।

## ଆୟୋଜକଙ୍କୁ ଜେଲ୍, ନିଶାଙ୍କୁ ମିଳିଲା ବେଲ୍

**ଅଶ୍ଳୀଳ ନୃତ୍ୟ ପରିବେଷଣ ଅଭିଯୋଗରେ ମାମଲା**



ବଲାଙ୍ଗିର,୧୦।୨(ସଂଚାର ବ୍ୟୁରୋ): ବଲାଙ୍ଗିର ଏସଡିଜେଏମ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି ଯାତ୍ରା ଅଭିନେତ୍ରୀ ନିଶା ମହାରଣା। ପୂର୍ବରୁ ହାଇକୋର୍ଟ ନିଶାଙ୍କୁ ଦେଇଥିଲେ ସର୍ତ୍ତମୂଳକ ଜାମିନ। ମଙ୍ଗଳବାର କୋର୍ଟରେ ଆତ୍ମସମର୍ପଣ ପରେ ତାଙ୍କୁ ମିଳିଛି ଜାମିନ।

ସୂଚନାଯୋଗ୍ୟ ଯେ, ବଲାଙ୍ଗିର ସଦର ଥାନା ଚନ୍ଦନଭାଟି ଗାଁରେ ଗତ ଡିସେମ୍ବର ୧୨ ରାତିରେ ଅଶ୍ଳୀଳ ନୃତ୍ୟ ପରିବେଷଣ ମାମଲାରେ ବଲାଙ୍ଗିର କୋର୍ଟରେ ହାଜର ହୋଇଥିଲେ ନିଶା । ଡିସେମ୍ବର ୧୪ରେ ତତ୍କାଳୀନ ଚନ୍ଦନଭାଟି ଫାଣ୍ଡି ଅଧିକାରୀ ରଞ୍ଜିତ ପଧାନ ଏ ନେଇ ବଲାଙ୍ଗିର ସଦର ଥାନାରେ ଅଭିଯୋଗ କରିଥିଲେ । ସଦର ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଡିସେମ୍ବର ୧୫ରେ ଯାତ୍ରା କମିଟି ସଭାପତି ଓ ସଂପାଦକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗିରଫଦାରୀ ଭୟରେ ନିଶା ଉଚ୍ଚ ନ୍ୟାୟାଳୟରେ ଆଗୁଆ ଜାମିନ ଆବେଦନ କରିଥିଲେ । ଉଚ୍ଚ ନ୍ୟାୟାଳୟ ନିଶାଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ ସହ ବଲାଙ୍ଗିର ଏସଡିଜେଏମ କୋର୍ଟରେ ହାଜର ହେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ମଙ୍ଗଳବାର ଏହି ମାମଲାରେ ନିଶାଙ୍କୁ ଜାମିନ ମିଳିଛି । ୨୦ ହଜାର ଟଙ୍କା ଜରିମାନା ସହ ନିଶାଙ୍କୁ ଜାମିନ ପ୍ରଧାନ କରିଛନ୍ତି କୋର୍ଟ। ସେପଟେ ନିଶା କହିଛନ୍ତି, ଆୟୋଜକଙ୍କ ଡିମାଣ୍ଡରେ ମୁଁ ଷ୍ଟେଜକୁ ଯାଇଥିଲି। ଯେତେବେଳେ ମୁଁ ପ୍ରଥମେ ଷ୍ଟେଜକୁ ଯାଉଥିଲି ସେହି ସମୟରେ ସେଭଳି ଡ୍ରେସ୍ ପିନ୍ଧି ନଥିଲି। ଯାତ୍ରା ଆୟୋଜକ କମିଟି ଆସି ଲୋକ ଟଙ୍କା ଦେଇ ଟିକେଟ୍ କାଟିଛନ୍ତି ଆପଣଙ୍କୁ ଆଇଟମ୍ ଡ୍ୟାନ୍ସ ଓ ଅନ୍ୟ ପୋଷାକରେ ଦେଖିବା ପାଇଁ। ସେମିତି ନହେଲେ ଲୋକ ଆମକୁ ବାଡେଇବେ । ତା ପରେ ପୁଣି ପୋଷାକ ଚେଞ୍ଜ କରି ସେ ଷ୍ଟେଜକୁ ଯାଇଥିବା କହିଥିଲେ ନିଶା।

### ୧୪ ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତିରେ ଅହେତୁକ ବିଳମ୍ବ ପ୍ରସଙ୍ଗ

# ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲା ବିଜେଡି

- ଦୀର୍ଘ ୧୪ ମାସ ହେଲା ଓଡ଼ିଆ ବିଶ୍ୱବିଦ୍ୟାଳୟରେ କୁଳପତି ନାହାନ୍ତି
- ଶିକ୍ଷାନୁଷ୍ଠାନଗୁଡିକୁ ଗୈରୀକକରଣ ପାଇଁ ଉଦ୍ୟମ ହେଉଛି
- କୁଳପତିଙ୍କ ଅନୁପସ୍ଥିତିରେ ବିଶ୍ୱବିଦ୍ୟାଳୟରେ ଅରାଜକତା ଦେଖାଦେଇଛି



ଭୁବନେଶ୍ୱର,୧୦।୨(ସଂଚାର ବ୍ୟୁରୋ): ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ରାଜ୍ୟର ଉଚ୍ଚଶିକ୍ଷା ବ୍ୟବସ୍ଥା ଦିନକୁ ଦିନ ଅଧୋଗତି ଘଟୁଛି ବୋଲି ଅଭିଯୋଗ କରି ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ ଓ ଛାତ୍ର ବିଜୁ ଜନତା ଦଳର ସଭାପତି ଇପ୍ସିତା ସାହୁଙ୍କ ନେତୃତ୍ୱରେ ବିଜୁ ଯୁବ ଓ ଛାତ୍ର ଜନତା ଦଳର ଏକ ପ୍ରତିନିଧି ମଣ୍ଡଳୀ ଆଜି ଓଡ଼ିଶାର ରାଜ୍ୟପାଳ ଡ଼ ହରିବାବୁ ଖମ୍ଭମପତିଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ରାଜ୍ୟର ୧୪ଟି ବିଶ୍ୱବିଦ୍ୟାଳୟରେ ପୂର୍ଣ୍ଣକାଳୀନ କୁଳପତି ନିଯୁକ୍ତିରେ ଅହେତୁକ ବିଳମ୍ବ ଯୋଗୁ ରାଜ୍ୟର ଉଚ୍ଚଶିକ୍ଷା ବ୍ୟବସ୍ଥା ଏକ ପ୍ରକାର କୋମାରେ ରହିଛି ବୋଲି ଦଳ ତରଫରୁ ଅଭିଯୋଗ କରାଯାଇଛି। ଦୀର୍ଘ ସମୟ ଧରି କୁଳପତି ନରହିବା କାରଣରୁ, ବିଶ୍ୱବିଦ୍ୟାଳୟ ଗୁଡିକରେ ପ୍ରଶାସନିକ ସ୍ଥାଣୁତା, ଦାୟିତ୍ୱହୀନତା ଶିକ୍ଷାନୁଶାସନ, ଗବେଷଣା କାର୍ଯ୍ୟରେ ବାଧା, ପରୀକ୍ଷା ପରିଚାଳନାରେ ବିଭ୍ରାଟ ଓ ନିଯୁକ୍ତିରେ ବିଳମ୍ବ ସହ ଛାତ୍ରଛାତ୍ରୀ ଓ ଶିକ୍ଷକ-କର୍ମଚାରୀମାନେ ଗଭୀର ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ସ୍ମାରକପତ୍ରରେ କୁହାଯାଇଛି। ଯୁବ ଓ ଛାତ୍ର ନେତାମାନେ ଉଲ୍ଲେଖ କରିଥିଲେ ଯେ ନବୀନ ସରକାରଙ୍କ ସମୟରେ, ୨୦୨୦ ମସିହାର ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ ଅଣାଯାଇଥିଲା, ଯାହା ମାଧ୍ୟମରେ କୁଳପତି ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା, ମେରିଟ୍ ଆଧାରିତ ଚୟନ ଓ ସଂସ୍ଥାଗତ ଦାୟିତ୍ୱବୋଧକୁ ସୁନିଶ୍ଚିତ କରିଥିଲା। କିନ୍ତୁ ୨୦୨୪ ପରବର୍ତ୍ତୀ ସଂଶୋଧନଗୁଡ଼ିକ ଏହି ସୁରକ୍ଷା ବ୍ୟବସ୍ଥାକୁ ଦୁର୍ବଳ କରିବା ସହିତ ସର୍ଚ୍ଚ କମିଟି ଗଠନରେ ସ୍ୱଚ୍ଛତା ଓ ନ୍ୟାୟ ସଙ୍ଗତତାକୁ ନେଇ ଗମ୍ଭୀର ପ୍ରଶ୍ନ ଉଠାଇଛି ।

## ୧୦ରୁ ଅଧିକ ଶ୍ରମିକ ଓ ଚାଷୀ ସଂଗଠନର ଆନ୍ଦୋଳନ

### ଶ୍ରମକୋଡ୍ ପ୍ରତ୍ୟାହାର ଦାବିରେ ୧୨ରେ ଦେଶବ୍ୟାପୀ ଧର୍ମଘଟ

ଭୁବନେଶ୍ୱର,୧୦।୨(ସଂଚାର ବ୍ୟୁରୋ): କେନ୍ଦ୍ର ସରକାର ଲାଗୁ କରିଥିବା ୪ ଶ୍ରମକୋଡ୍ ଶ୍ରମିକ ବିରୋଧୀ। ଶ୍ରମିକ ବିରୋଧୀ ଏହି ଶ୍ରମକୋଡ୍ ପ୍ରତ୍ୟାହାର ଦାବିରେ ଦେଶବ୍ୟାପୀ ଫେବ୍ରୁଆରି ୧୨ ତାରିଖରେ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଧର୍ମଘଟ ଡାକରା ଦିଆଯାଇଛି ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଞ୍ଚ ଓ ସ୍ୱାଧୀନ ଫେଡେରେସନ୍ ସମୂହ ପକ୍ଷରୁ କୁହାଯାଇଛି। ମହାତ୍ମା ଗାନ୍ଧୀ ମାର୍ଗସ୍ଥିତ ଆଇଏନ୍‌ଟିୟୁସି ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସଂଗଠନର ନେତୃବୃନ୍ଦ ଅଭିଯୋଗ କରିଛନ୍ତି, ଏ ପର୍ଯ୍ୟନ୍ତ ଶ୍ରମିକମାନଙ୍କୁ ଆଇନଗତ ସୁରକ୍ଷା ଓ ଅଧିକାର ପ୍ରଦାନ କରି ଆସୁଥିବା ସମସ୍ତ ୨୯ଟି ଶ୍ରମ ଆଇନକୁ କେନ୍ଦ୍ର ସରକାର ଉଚ୍ଛେଦ କରି ୪ ନୂଆ ଶ୍ରମକୋଡ୍ ଲାଗୁ କରିଛନ୍ତି। ଏହି କୋଡ୍ ଶ୍ରମିକମାନଙ୍କର ଏକ ବଡ଼ ଅଂଶକୁ 'ଶ୍ରମିକ' ପରିସରରୁ ବାହାର କରିଦେବ, ଯଦ୍ୱାରା ସେମାନଙ୍କ ଅସ୍ତିତ୍ୱ ବିପଦରେ ପଡ଼ିବ। ଉଚ୍ଛେଦ ୨୯ଟି ଶ୍ରମ ଆଇନ ବ୍ରିଟିସ୍ ଶାସନ ବିରୋଧରେ ଭାରତୀୟ ଜନତାଙ୍କ ସଂଗ୍ରାମ ଓ ବଳିଦାନରୁ ହାସଲ ହୋଇଥିଲା। ଏହି କୋଡ୍ ଶିଳ୍ପପତି ଓ ମାଲିକଙ୍କ ସ୍ୱାର୍ଥ ସାଧନ କରିବ। ଚାଷୀଙ୍କୁ ଏମ୍‌ଏସ୍‌ପିର ଗ୍ୟାରେଣ୍ଟି ମିଳିଲା ନାହିଁ, ଓଲଟା ଆମେରିକା ସହ ହୋଇଥିବା ଚୁକ୍ତିରେ ଆମେରିକୀୟ କୃଷିଜାତ ଦ୍ରବ୍ୟ ପାଇଁ ଭାରତୀୟ ବଜାରକୁ ଖୋଲି ଦିଆଗଲା। ଏହାଦ୍ୱାରା ଦେଶର କୃଷିଭିତ୍ତିକ ଅର୍ଥନୀତି ବରବାଦ ହେବ ଓ ଚାଷୀଙ୍କ ସଙ୍କଟ ବୃଦ୍ଧି ପାଇବ। ମନରେଗାରେ ନିଶ୍ଚିତ କର୍ମନିଯୁକ୍ତିକୁ ହଟାଇ ଭିବିଜିରାମଜି ଆଇନ-୨୦୨୫ ପ୍ରଣୟନ କରି ଆର୍ଥିକ ବୋଝ ରାଜ୍ୟଗୁଡ଼ିକ ଉପରେ ଲଦି ଦିଆଯାଉଛି। ଏହାର ପ୍ରତିବାଦରେ ଏହି ଧର୍ମଘଟ ଡାକରା ଦିଆଯାଇଛି।




### ରୋଗୀଙ୍କ ଜୀବନ ସହ ସାଙ୍ଘାତିକ ଖେଳ

## ସର୍ଜରୀ ପରେ ପେଟରେ ଛାଡ଼ିଦେଲେ କପଡ଼ା

**ସିଡିଏମ୍‌ଓଙ୍କ ତଦନ୍ତ ନିର୍ଦ୍ଦେଶ**

ସମ୍ବଲପୁର,୧୦।୨(ସଂଚାର ବ୍ୟୁରୋ): ସମ୍ବଲପୁର ଡିଏଚଏଚରେ ରୋଗୀଙ୍କ ଜୀବନ ସହ ସାଙ୍ଘାତିକ ଖେଳ ଖେଳାଯାଇଥଇବା ଅଭିଯୋଗ ହୋଇଛି। ପ୍ରସବ ସର୍ଜରୀ ପରେ ପେଟରେ ଡାକ୍ତର ଛାଡିଦେଲେ କପଡା। ୮ ଦିନ ବ୍ୟବଧାନରେ ପ୍ରସୂତିଙ୍କ ପେଟରୁ ବାହାରିଲା ଦୁଇଟି କପଡା। ଗୋଟିଏ କପଡା ପ୍ରସୂତିଙ୍କ ଘରେ ବାହାରିଥିବା ବେଳେ ଅନ୍ୟ କପଡାଟି ସୋମବାର ମେଡିକାଲରେ ବାହାରିଛି। ସମ୍ବଲପୁର ମୁଖ୍ୟ ଚିକିତ୍ସାଳୟର ଜଣେ ମହିଳା ପ୍ରସୂତି ଡାକ୍ତରଙ୍କ ନାଁରେ ଆସିଛି ସାଙ୍ଘାତିକ ଅଭିଯୋଗ। ଦୁଇ ମାସ ଧରି ପେଟ ଯନ୍ତ୍ରଣାରେ ଘାଣ୍ଟି ହୋଇ ମହିଳା ଜଣକ ବହୁ କଷ୍ଟ ପାଇବା ପରେ ମଙ୍ଗଳବାର ଡିଏଚଏଚକୁ ଆଡମିଟ୍ ପାଇଁ ଆସି ନିରାଶ ହୋଇଛନ୍ତି।

ସୂଚନାଯୋଗ୍ୟ ଯେ, ଗତ ୨୪ ସେପ୍ଟେମ୍ବରରେ ଡିଏଚଏଚରେ ସିଜରିଆନ ଜରିଆରେ ଶିଶୁ ପୁତ୍ରକୁ ଜନ୍ମ ଦେଇଥିଲେ। ହେଲେ ଦେଢ଼ ମାସ ପରେ ଅସହ୍ୟ ଯନ୍ତ୍ରଣା ହେବାରୁ ସମ୍ପୃକ୍ତ ଡାକ୍ତର ପାଖକୁ ଆସିଥିଲେ। ତେବେ ସେ ଏହା ସ୍ତ୍ରୀ ଓ ପ୍ରସୂତି ବିଭାଗ ସମ୍ବନ୍ଧୀୟ ନୁହଁ ଓ ଅନ୍ୟତ୍ର ଦେଖାଇବାକୁ ପରାମର୍ଶ ଦେଇଥିଲେ। ପରେ ସେ ଅଲଟ୍ରାସାଉଣ୍ଡ କରିବା ପରେ ଶରୀରରେ କିଛି ବସ୍ତୁ ଥିବା ଜାଣିବାକୁ ପାଇଥିଲେ। ହେଲେ ଡାକ୍ତର ତାକୁ ଠିକ୍ ସେ ଅନୁଧାନ ନକରି ସର୍ଜରୀରେ ଦେଖାଇବାକୁ କହିବା ପରେ ସେ ପୁଣି ଅନ୍ୟ ଡାକ୍ତରଙ୍କୁ ଦେଖାଇଥିଲେ ବି ଉପଶମ ହେଲା ନାହିଁ। ଶେଷରେ ମଳ ଯୋଗେ ୮ ଦିନ ବ୍ୟବଧାନରେ ୨ଟି କପଡା ବାହାରିଛି। ସେପଟେ ଘଟଣାକୁ ନେଇ ପ୍ରସୂତୀ ଓ ତାଙ୍କ ପରିବାର ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଯାଇ ସିଡିଏମଓଙ୍କୁ ଅଭିଯୋଗ କରିଛନ୍ତି। ତେବେ ଅଭିଯୋଗ ପରେ ଘଟଣାର ତଦନ୍ତ କରାଯିବ ବୋଲି ସିଡିଏମଓ କହିଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# କମିଗଲା ସୁନା-ରୁପା ମୂଲ୍ୟ




ମୁମ୍ବାଇ, ୧୦।୨: ରେଟ୍ ବୃଦ୍ଧିରେ ରେକର୍ଡ କରିବା ପରେ ଏବେ ଚମକ ହରାଇଛନ୍ତି ସୁନା ଏବଂ ରୁପା। ଲଗାତାର କିଛି ଦିନ ବଢ଼ିବା ପରେ ଏବେ କମୁଛନ୍ତି ଦୁଇ ଦାମୀ ଧାତୁ। ସୋମବାର ଦାମରେ ସାମାନ୍ୟ ଉପର ତଳ ହେଲା ପରେ ମଙ୍ଗଳବାର ଦରରେ ଅହେତୁକ ହ୍ରାସ ପରିଲକ୍ଷିତ ହୋଇଛି।

ମଙ୍ଗଳବାର କାରବାର ଆରମ୍ଭରେ ଏମସିଏକ୍ସ ବା ମଲ୍ଟି କମୋଡିଟି ଏକ୍ସଚେଞ୍ଜରେ ରୁପା କେଜି ପିଛା ୫୫୦୦ ଟଙ୍କା ହ୍ରାସ ପାଇଛି। ସେହିପରି ସୁନା ମଧ୍ୟ ୧୦ ଗ୍ରାମ୍ ପିଛା ୨ ହଜାର ଟଙ୍କା ଶସ୍ତା ହୋଇଛି। ରେକର୍ଡ ଦରରୁ ଦୁଇ ଧାତୁ ଏବେ ଖୁବ୍ ଶସ୍ତାରେ ପହଁଚିଯାଇଛନ୍ତି। ରୁପା ପ୍ରାୟ ଲକ୍ଷେ ୬୩ ହଜାର ଟଙ୍କା ହ୍ରାସ ପାଇଛି। ଏହି ଖବରଟି ପଢ଼ନ୍ତୁ... ଏହି ରାଜ୍ୟରେ ବାର୍ଡ ଫ୍ଲୁ ଆତଙ୍କ : ୧୫୦୦ କାଉ ମରିବା ପରେ ପ୍ରଶାସନ ଆକ୍ଟିଭ୍, ଲ୍ୟାବ୍ ରିପୋର୍ଟ ବଢ଼ାଇଲା ଚିନ୍ତା ବଜେଟ୍ ପରେ ସୁନା ଏବଂ ରୁପାର ଦାମ୍ କ୍ରାଶ୍ କରିଯାଇଥିଲା। ପରେ ଏଥିରେ ସାମାନ୍ୟ ବୃଦ୍ଧି ପରିଲକ୍ଷିତ ହୋଇଥିଲା। ଗତ ଜାନୁଆରୀ ୨୯ରେ ରୁପା ପ୍ରଥମ ଥର ପାଇଁ ୪ ଲକ୍ଷ ଟଙ୍କା ଛୁଇଁଥିଲା। ଏପରିକି ୪ ଲକ୍ଷ ୨୦ ହଜାରରେ ପହଁଚି ଯାଇଥିଲା। ଏହାର ପରଦିନ ଅର୍ଥାତ ଜାନୁଆରୀ ୩୦ ତାରିଖରେ ହିଁ ଦାମ୍ କ୍ରାଶ୍ କରିଯାଇଥିଲା।

ସୋମବାର ଏମସିଏକ୍ସରେ ରୁପା ୨ ଲକ୍ଷ ୬୨ ହଜାର ୬୨୦ ଟଙ୍କାରେ ବନ୍ଦ ହୋଇଥିଲା। ମଙ୍ଗଳବାର ଏହା ୨ ଲକ୍ଷ ୫୬ ହଜାରରେ ଟ୍ରେଡ୍ କରୁଛି। ଗୋଟିଏ ଝଟକାରେ ଦାମ୍ ପ୍ରାୟ ୫ ହଜାର ଟଙ୍କା କମିଯାଇଛି। ରୁପା ପରେ ସୁନା ଦାମରେ ମଧ୍ୟ ହ୍ରାସ ଦେଖିବାକୁ ମିଳିଛି। ସୋମବାର ଏମସିଏକ୍ସରେ ୧୦ ଗ୍ରାମ୍ ସୁନା ଲକ୍ଷେ ୫୮ ହଜାର ଥିଲା। ମଙ୍ଗଳବାର ଏହା ଲକ୍ଷେ ୫୬ ହଜାରକୁ ଖସି ଆସିଛି। ରୁପା ଭଳି ଗତ ଜାନୁଆରୀ ୨୦ରେ ସୁନା ଲକ୍ଷେ ୯୩ ହଜାରରେ ପହଁଚିଥିଲା। ଏହାପରେ ଦାମ୍ କ୍ରାଶ୍ କରିଯାଇଥିଲା। ସେବେଠୁ ଏବେସୁଦ୍ଧା ସୁନା ପ୍ରାୟ ୩୭ ହଜାର ଟଙ୍କା ଶସ୍ତା ହେଲାଣି।

ଅନିଲ ଅଗ୍ରୱାଲଙ୍କ ଦାବି



# ତୈଳ ଓ ଗ୍ୟାସ୍ ଉତ୍ତୋଳନ ନିୟମ କୋହଳ ହେଉ

ନୂଆଦିଲ୍ଲୀ, ୧୦।୨: ଦେଶରେ ତୈଳ ଓ ପ୍ରାକୃତିକ ଗ୍ୟାସ୍ ଉତ୍ତୋଳନ ପାଇଁ ଥିବା ନିୟମଗୁଡ଼ିକୁ କୋହଳ କରିବାକୁ ବେଦାନ୍ତ ଅଧ୍ୟକ୍ଷ ଅନିଲ ଅଗ୍ରୱାଲ ଦାବି କରିଛନ୍ତି। ସେ କହିଛନ୍ତି ଯେ ଭାରତରେ ଥିବା ପ୍ରାକୃତିକ ଖଣିଜ ସଂପଦ ମଧ୍ୟରୁ ଏବେବି ଅନେକର ଉପଯୁକ୍ତ ଉତ୍ତୋଳନ ଓ ଅର୍ଥନୈତିକ ବିନିଯୋଗ ହୋଇପାରି ନାହିଁ। ଅନ୍ୟପକ୍ଷେ ଏଗୁଡ଼ିକର ଉପଯୁକ୍ତ ବିନିଯୋଗ ହୋଇ ପାରିଲେ ଦେଶ ତୈଳ ଓ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭର ହୋଇପାରିବ ବୋଲି ସେ କହିଛନ୍ତି। କିନ୍ତୁ ଏ କ୍ଷେତ୍ରରେ ରହିଥିବା ଅନେକ ପୁରୁଣା ନିୟମ ଓ କଠୋର ବ୍ୟବସ୍ଥା ପୁଞ୍ଜିନିବେଶ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରୁଛି। ଯାହାର ଫଳ ସ୍ୱରୂପ ଆମ ଦେଶର ପ୍ରାକୃତିକ ତୈଳ ସଂପଦରୁ ଆମେ ଫାଇଦା ହାସଲ କରି ପାରୁ ନାହୁଁ କିମ୍ବା ଶକ୍ତି ଉତ୍ପାଦନ କ୍ଷେତ୍ରରେ ସ୍ୱାଧୀନତା ପାଇପାରୁ ନାହୁଁ। ଭାରତ ଶକ୍ତି କ୍ଷେତ୍ରରେ ସ୍ୱାବଲମ୍ବୀ ହେବାକୁ ହେଲେ ଅଧିକ ତୈଳ, ଗ୍ୟାସ୍ ଓ ଖଣିଜ ସଂପଦ ଉତ୍ତୋଳନ କରିବାକୁ ହେବ। ଏହା ଦ୍ୱାରା ଭାରତକୁ ଏହି ସବୁ କ୍ଷେତ୍ରରେ ଆଉ ଅନ୍ୟ ଦେଶ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। 'ଏକ୍ସ'ରେ ପୋଷ୍ଟ କରି ଅନିଲ ଲେଖିଛନ୍ତି ଯେ ଭାରତ ଏହାର ଆବଶ୍ୟକତାର ୯୦ ପ୍ରତିଶତ ପର୍ଯ୍ୟନ୍ତ ତୈଳ ଓ ଗ୍ୟାସ୍ ଆମଦାନି କରୁଛି। ତେବେ ଆନ୍ତର୍ଜାତିକ ସ୍ତରରେ ସାମରିକ କ୍ଷେତ୍ରରେ ଅସ୍ଥିରତା ସମୟରେ ଏହାର ସର୍ବାଧିକ ପ୍ରତିକୂଳ ପ୍ରଭାବ ପଡ଼ୁଛି। ତେଣୁ ଏସବୁ କ୍ଷେତ୍ରରେ ଅଧିକ ଉତ୍ପାଦନ ହିଁ ସମସ୍ୟାର ସମାଧାନ କରି ପାରିବ ବୋଲି ସେ କହିଛନ୍ତି।

# ବିମାନ ଇନ୍ଧନରେ ବ୍ୟବହାର ହେଉଛି ଖାଇବା ତେଲ



ନୂଆଦିଲ୍ଲୀ, ୧୦।୨: ବିଶ୍ୱ ଖାଇବା ତେଲ ବଜାରରେ ଅସ୍ଥିରତା ଦେଖାଦେଇଛି। ଖାଇବା ତେଲ ଏବେ କେବଳ ଖାଦ୍ୟ ପାଇଁ ନୁହେଁ ବରଂ ଜୈବ ଇନ୍ଧନ ଭାବରେ ମଧ୍ୟ ବ୍ୟବହୃତ ହେଉଛି। ଅଟୋମୋବାଇଲ ଠାରୁ ଆରମ୍ଭ କରି ବିମାନର ଇନ୍ଧନରେ ବ୍ୟବହାର କରାଯାଉଛି ଖାଇବା ତେଲ। ଏହି କାରଣରୁ ଏହାର ମୂଲ୍ୟରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଘଟୁଛି।ଭାରତରେ ଖାଇବା ତେଲ ଉତ୍ପାଦନକାରୀ କମ୍ପାନୀଗୁଡ଼ିକର ଏକ ସଂଘ, ଇଣ୍ଡିଆନ୍ ଭେଜିଟେବଲ୍ ଅଏଲ୍ ପ୍ରଡ୍ୟୁସର୍ସ ଆସୋସିଏସନ୍ର ସଭାପତି କହିଛନ୍ତି ଯେ, ଖାଇବା ତେଲ ମୂଲ୍ୟରେ ଅସ୍ଥିରତା ଜାରି ରହିବ। କୁଆଲାଲମ୍ପୁରରେ ୟୁଓବି କେ ହିଆନ୍ ସମ୍ମିଳନୀରେ ସମ୍ବୋଧିତ କରି ସେ କହିଛନ୍ତି ଯେ, ବାଣିଜ୍ୟରେ ପରିବର୍ତ୍ତନ, ଜୈବ ଇନ୍ଧନର ଚାହିଦା ବୃଦ୍ଧି ଏବଂ ଯୋଗାଣରେ ଅଭାବ ଯୋଗୁଁ ଏହି ପରିସ୍ଥିତି ସୃଷ୍ଟି ହୋଇଛି।

ବିଶ୍ୱରେ ଭୂରାଜନୈତିକ ପରିବର୍ତ୍ତନ ବାଣିଜ୍ୟ ଢାଞ୍ଚାକୁ ପରିବର୍ତ୍ତନ କରିଛି। ଏହା ସୁଯୋଗକୁ ହ୍ରାସ କରିଛି। ବର୍ତ୍ତମାନ ଶୁଳ୍କ ନିୟମ କିମ୍ବା ବାଣିଜ୍ୟ ଅଭ୍ୟାସରେ ଛୋଟ ପରିବର୍ତ୍ତନ ମଧ୍ୟ ସମଗ୍ର ଯୋଗାଣ ଶୃଙ୍ଖଳରେ ମୂଲ୍ୟରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ସୃଷ୍ଟି କରୁଛି। ସେ କହିଛନ୍ତି ଯେ, ୨୦୨୫-୨୬ ସୁଦ୍ଧା ଚାରୋଟି ମୁଖ୍ୟ ଖାଇବା ତେଲର ଉତ୍ପାଦନ ୨୦୮.୪ ମିଲିୟନ ଟନ୍ ପହଞ୍ଚିବ ବୋଲି ଆକଳନ କରାଯାଇଛି। ଏହା ଗତ ବର୍ଷ ତୁଳନାରେ ଏକ ସାମାନ୍ୟ ବୃଦ୍ଧି। ପାମ୍ ଅଏଲ ଏବଂ ରେପସିଡ୍ ତେଲ ଉତ୍ପାଦନ ବୃଦ୍ଧି ପାଉଛି। କିନ୍ତୁ ସୂର୍ଯ୍ୟମୁଖୀ ତେଲ ଉତ୍ପାଦନ ସୀମିତ ରହିଛି।

ସେ ଆହୁରି ମଧ୍ୟ କହିଛନ୍ତି, 'ଖାଇବା ତେଲ ଉତ୍ପାଦନରେ ଏହି ଧୀର ଅଭିବୃଦ୍ଧି ପାଗ ଏବଂ ସରକାରୀ ନୀତିରେ କୌଣସି ବ୍ୟାଘାତ ଯୋଗୁଁ ହୋଇଛି। ଏହା ବିଶ୍ୱ ଯୋଗାଣକୁ ଦୁର୍ବଳ କରିପାରେ। ଫଳରେ ତୈଳ ମୂଲ୍ୟ ଅସ୍ଥିର ରହିବ।' ଉଲ୍ଲେଖନୀୟ ଯେ, ଏହି ସମୟରେ ସୂର୍ଯ୍ୟମୁଖୀ ତେଲ ମୂଲ୍ୟ ଅଧିକ ରହିଛି। ବର୍ତ୍ତମାନ ଜୈବ ଇନ୍ଧନର ବର୍ଦ୍ଧିତ ଚାହିଦା ଯୋଗୁଁ ଖାଇବା ତୈଳ ମୂଲ୍ୟ ପ୍ରଭାବିତ ହେଉଛି। କେବଳ ଇଣ୍ଡୋନେସିଆ ଏହାର ଜୈବ ଡିଜେଲ କାର୍ଯ୍ୟକ୍ରମରେ ପ୍ରାୟ ୧୪ ନିୟୁତ ଟନ୍ ପାମ୍ ଅଏଲ ବ୍ୟବହାର କରେ।

ଆମେରିକାର ଜୈବ ଇନ୍ଧନ ନୀତି ସୋୟାବିନ୍ ତେଲ ମୂଲ୍ୟକୁ ପ୍ରଭାବିତ କରୁଛି। ଖାଇବା ତେଲ ଆଉ କେବଳ ଖାଦ୍ୟ ସାମଗ୍ରୀ ନୁହେଁ, ବରଂ ଶକ୍ତିର ଅତ୍ୟାବଶ୍ୟକୀୟ ପଦାର୍ଥ ପାଲଟିଛି। ଭାରତରେ ୨୦୨୫-୨୬ ତୈଳ ବର୍ଷ (ଅକ୍ଟୋବର-ସେପ୍ଟେମ୍ବର) ରେ ଘରୋଇ ଖାଇବା ତେଲ ଉତ୍ପାଦନ ୯.୬ ନିୟୁତ ଟନ୍ ହେବ ବୋଲି ଆକଳନ କରାଯାଇଛି। ଏହା ଏହାର ମୋଟ ଘରୋଇ ଆବଶ୍ୟକତାର ମାତ୍ର ୪୦%। ତେଣୁ, ଭାରତକୁ ଏହି ବର୍ଷ ପ୍ରାୟ ୧୬.୭ ନିୟୁତ ଟନ୍ ଖାଇବା ତେଲ ଆମଦାନି କରିବାକୁ ପଡିବ। ଏଥିରେ ୮-୮.୫ ନିୟୁତ ଟନ୍ ପାମ୍ ତେଲ, ୫-୫.୫ ନିୟୁତ ଟନ୍ ସୋୟାବିନ୍ ତେଲ, ୨.୮-୩ ନିୟୁତ ଟନ୍ ସୂର୍ଯ୍ୟମୁଖୀ ତେଲ ଏବଂ ପ୍ରାୟ ୨୦୦,୦୦୦ ଟନ୍ ଅନ୍ୟାନ୍ୟ ତେଲ ଅନ୍ତର୍ଭୁକ୍ତ।

ଏପ୍ରିଲ ପହିଲାରୁ ବଦଳିବ ବ୍ୟାଙ୍କ ନିୟମ

# ନଗଦ ଜମା ଓ ଉଠାଣ ପାଇଁ ଆସିବ ନୂଆ ଗାଇଡ୍ ଲାଇନ୍

ନୂଆଦିଲ୍ଲୀ, ୧୦।୨: ଏପ୍ରିଲ ପହିଲାରୁ ବଦଳିବ ବ୍ୟାଙ୍କ ନିୟମ। ନଗଦ ଜମା ଓ ଉଠାଣ ପାଇଁ ଆସିବ ନୂଆ ଗାଇଡ୍ ଲାଇନ୍। ଆୟକର ବିଭାଗ ପକ୍ଷରୁ 'ଡ୍ରାଫ୍ଟ ଇନକମ୍ ଟ୍ୟାକ୍ସ ରୁଲ୍ସ, ୨୦୨୬' ଜାରି କରାଯାଇଛି। ଯାହା ୧ ଏପ୍ରିଲ ୨୦୨୬ ରୁ ଲାଗୁ ହେବାକୁ ଯାଉଛି। ଏହି ନୂଆ ନିୟମରେ ବ୍ୟାଙ୍କରେ ନଗଦ ଟଙ୍କା ଜମା ଏବଂ ଉଠାଣ ପାଇଁ ପାନ୍ କାର୍ଡର ବ୍ୟବହାରକୁ ନେଇ ବଡ଼ ପରିବର୍ତ୍ତନ ପ୍ରସ୍ତାବ ଦିଆଯାଇଛି। ବ୍ୟାଙ୍କରେ ଦିନକୁ ୫୦ହଜାର ଟଙ୍କାରୁ ଅଧିକ ନଗଦ ଜମା କଲେ ପାନ୍ କାର୍ଡ ଦେବା ବାଧ୍ୟତାମୂଳକ। ତେବେ ବର୍ଷକୁ ୧୦ ଲକ୍ଷରୁ କମ୍ କାରବାର କରୁଥିବା ବ୍ୟକ୍ତିଙ୍କୁ ଆଉ ବାରମ୍ବାର ପାନ୍ ଦେବାକୁ ପଡ଼ିବ ନାହିଁ। ସାଧାରଣ ଲୋକଙ୍କ ପାଇଁ କାଗଜପତ୍ର କାମ କମାଇବା ଏବଂ କେବଳ ବଡ଼ ଧରଣର କାରବାର ଉପରେ ନଜର ରଖିବା ପାଇଁ ସରକାର ଏହି ନିଷ୍ପତ୍ତି ନେଇଛନ୍ତି।ନଗଦ ଉଠାଣ ଉପରେ ଲାଗୁ ହେଉଥିବା ଟିଡିଏସ ନିୟମରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ଏହି ନିୟମ ଏବେ 'ଡ୍ରାଫ୍ଟ' ବା ଚିଠା ରୂପରେ ଅଛି। ସାଧାରଣ ଜନତା ୨୨ ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ଏହା ଉପରେ ନିଜର ମତାମତ ଦେଇପାରିବେ। ଏହାପରେ ମାର୍ଚ୍ଚ ମାସରେ ଚୂଡ଼ାନ୍ତ ନିୟମ ଘୋଷଣା କରାଯିବ। ମଧ୍ୟମ ଓ ସ୍ୱଳ୍ପ ଆୟକାରୀ ଯେଉଁମାନେ ବ୍ୟାଙ୍କରେ ନିୟମିତ ନଗଦ କାରବାର କରନ୍ତି ସେମାନଙ୍କ ପାଇଁ ଏହା ଏକ ଭଲ ଖବର।



# ବଢ଼ିଲା ଅନିଲ ଅମ୍ବାନୀଙ୍କ ଅଡୁଆ

ନୂଆଦିଲ୍ଲୀ, ୧୦।୨: ବଢ଼ିବାରେ ଲାଗିଛି ଅନିଲ ଅମ୍ବାନୀ ଏବଂ ତାଙ୍କ ପରିବାର ପାଇଁ ସମସ୍ୟା। ମନି ଲଣ୍ଡରିଂ ମାମଲାରେ ପଚରାଉଚରା ପାଇଁ ସୋମବାର ଅନିଲଙ୍କ ପତ୍ନୀ ଟିନା ଅମ୍ବାନୀଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସମନ କରିଥିଲା। ହେଲେ ସେ ହାଜର ହୋଇନାହାଁନ୍ତି। ଫଳରେ ମଙ୍ଗଳବାର ପୁଣି ଇଡି ତାଙ୍କ ବିରୋଧରେ ଏକ ନୂତନ ସମନ ଜାରି କରି ଫେବୃଆରୀ ୧୭ ତାରିଖରେ ହାଜର ହେବାକୁ କହିଛି।

ଏହା ସହିତ ଇଡି, ଅନିଲ ଅମ୍ବାନୀଙ୍କୁ ଫେବୃଆରୀ ୧୮ରେ ହାଜର ହେବାକୁ କହିଛି। ତେବେ ଏପର୍ଯ୍ୟନ୍ତ ଅନିଲ ଅମ୍ବାନୀଙ୍କ ରିଲାଏନ୍ସ ଗ୍ରୁପ ପକ୍ଷରୁ କୌଣସି ସ୍ପଷ୍ଟୀକରଣ ଆସିନାହିଁ। କୁହାଯାଉଛି ନ୍ୟୁୟର୍କର ମ୍ୟାନହାଟନରେ ଏକ ବିଳାସପୂର୍ଣ୍ଣ ଫ୍ଲାଟ କାରବାର ମାମଲାରରେ ଟିନାଙ୍କୁ ସମନ କରାଯାଇଛି।

ସୂଚନାଥାଉକି, ରିଲାଏନ୍ସ ଗ୍ରୁପର ଅନେକ କମ୍ପାନୀ ଏବଂ ସେମାନଙ୍କ ଦ୍ୱାରା ହୋଇଥିବା ବ୍ୟାଙ୍କ ଋଣ ମାମଲାରେ ଗତ ବର୍ଷ ଅନିଲ ଅମ୍ବାନୀଙ୍କୁ ଇଡି ଅନେକ ପଚରାଉଚରା କରିଥିଲା। ଏହି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ସମ୍ପ୍ରତି ପୂର୍ବତନ ରିଲାଏନ୍ସ କମ୍ୟୁନିକେସନ୍ସ ଅଧ୍ୟକ୍ଷ ପୁନିତ ଗର୍ଗଙ୍କୁ ଗିରଫ କରିଛି।

ପୂର୍ବ ଏକ ବିବୃତ୍ତିରେ ଇଡି ଦାବି କରିଥିଲା ଯେ, ୨୦୨୩ରେ ପୁନିତ ଗର୍ଗ ଆରସିଓଏମର କର୍ପୋରେଟ୍ ଇନସଲଭେନ୍ସି ସମାଧାନ ପ୍ରକ୍ରିୟା ସମୟରେ ନ୍ୟୁୟର୍କରେ ଥିବା ସମ୍ପତ୍ତିକୁ ଚଞ୍ଚକତା କରି ବିକ୍ରି କରିଦେଇଥିଲେ। କୁହାଯାଉଛି ଆରସିଓଏମ ୨୦୨୫ରେ ଏହି ବିକ୍ରୟ ବିଷୟରେ ଷ୍ଟକ୍ ଏକ୍ସଚେଞ୍ଜକୁ ସୂଚନା ଦେଇଥିଲା। ଏଜେନ୍ସି ଦାବି କରିଛି ଯେ, ଏହି ବିକ୍ରିରୁ ୮.୩ ବିଲିୟନ ଡଲାର ଅର୍ଥାତ୍ ୨୦୨୩ରେ ପ୍ରାୟ ୬୯.୫୫ କୋଟି ଟଙ୍କାର ମିଳିଥିଲା। ଯାହାକୁ ଏକ ମିଥ୍ୟା ନିବେଶ ଆଳରେ ଆମେରିକାରୁ ପଠାଯାଇଥିଲା। ଏହି ପୂରା ପ୍ରକ୍ରିୟା ପାକିସ୍ତାନ ସହ ସମ୍ପର୍କ ଥିବା ଜଣେ ବ୍ୟକ୍ତିଙ୍କ ଦ୍ୱାରା ନିୟନ୍ତ୍ରିତ ହୋଇଥିଲା ଏବଂ ବିନା ଅନୁମୋଦନରେ କରାଯାଇଥିଲା।



## ପତ୍ନୀଙ୍କୁ ଇଡିର ସମନ

ଉଲ୍ଲେଖଯୋଗ୍ୟ, ଅନିଲ ଧୀରୁଭାଇ ଅମ୍ବାନୀ ଗ୍ରୁପ୍ ବିରୁଦ୍ଧରେ ବ୍ୟାଙ୍କ ଠକେଇ ଏବଂ ସମ୍ପୃକ୍ତ ଆର୍ଥିକ ଅନିୟମିତତାର ଅନେକ ମାମଲାର ତଦନ୍ତ ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଇଡି ସମ୍ପ୍ରତି ଏକ ସ୍ୱତନ୍ତ୍ର ତଦନ୍ତ ଦଳ (ଏସଆଇଟି) ଗଠନ କରିଛି। ଏହି ତଦନ୍ତର ଏକ ଅଂଶ ସ୍ୱରୂପ, ଇଡି ପ୍ରାୟ ୧୨ ହଜାର କୋଟି ଟଙ୍କାର ସମ୍ପତ୍ତି ଆଟାଚ୍ କରିଛି ଏବଂ ରିଲାଏନ୍ସ ଗ୍ରୁପ୍ କମ୍ପାନୀ ବିରୁଦ୍ଧରେ ତିନୋଟି ଇସିଆଇଆର (ତଦନ୍ତ ଅଭିଯୋଗ) ଦାଖଲ କରିଛି।

ଆସିବ ନୂଆ ମୋବାଇଲ ଆପ୍ଲିକେସନ

# ୟୁପିଆଇ ଜରିଆରେ ଉଠାଇ ହେବ ଇପିଏଫ୍ ଟଙ୍କା

ନୂଆଦିଲ୍ଲୀ, ୧୦।୨: କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଙ୍ଗଠନ (ଇପିଏଫ୍ଓ) ଏହାର ହିତାଧିକାରୀଙ୍କ ଲାଗି ଶୀଘ୍ର ଏକ ମୋବାଇଲ ଆପ୍ଲିକେସନ ଆଣିବ। ଏହାଦ୍ୱାରା ୟୁପିଆଇ ଜରିଆରେ ଇପିଏଫ୍ ଟଙ୍କା ଉଠାଇ ହେବ। ମନିକଣ୍ଟ୍ରୋଲ ରିପୋର୍ଟ ମୁତାବକ, ଇପିଏଫ୍ଓର ଏହି ଆପ୍ଲିକେସନ ଚଳିତ ବର୍ଷ ମାର୍ଚ୍ଚ-ଏପ୍ରିଲରେ ଆସିବାକୁ ଯାଉଛି। ବର୍ତ୍ତମାନ ଏହାର ପରୀକ୍ଷଣ ହେଉଛି। ଇପିଏଫ୍ଓ ଆପ୍ଲିକେସନ ଉମଙ୍ଗ ଆପ୍ଲିକେସନ ଠାରୁ ଭିନ୍ନ ରହିବ। ଆପ୍ଲିକେସନଟି ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟ ସହ ଲିଙ୍କ୍ ରହିବ। ଏହା ସହ ଏହା ଭୀମ ଏବଂ ଅନ୍ୟ ୟୁପିଆଇ ଆପ୍ଲିକେସନ ସହ ମଧ୍ୟ ଯୋଡ଼ି ହେବ। ଫଳରେ ସଦସ୍ୟ ମାନେ ଭବିଷ୍ୟନିଧି ଅର୍ଥକୁ ୟୁପିଆଇ ଜରିଆରେ ସିଧା ବ୍ୟାଙ୍କ ଆକାଉଣ୍ଟକୁ ସ୍ଥାନାନ୍ତର କରିବାର ସୁବିଧା ପାଇବେ। ଏଥିଲାଗି ସଦସ୍ୟଙ୍କୁ ଆପ୍ଲିକେସନରେ ଲଗ୍ ଇନ୍ କରିବାକୁ ହେବ। ଏହାଦ୍ୱାରା ସଦସ୍ୟ ନିଜର ଯୋଗ୍ୟ ଇପିଏଫ୍ ବାଲାନ୍ସ ଦେଖିପାରିବେ। ୟୁପିଆଇ ପିନ୍ ଦେଇ ନେଣଦେଣକୁ ସମ୍ପୂର୍ଣ୍ଣ କରିପାରିବେ। ଅର୍ଥ ତୁରନ୍ତ ଯୋଡ଼ି ହୋଇଥିବା ବ୍ୟାଙ୍କ ଆକାଉଣ୍ଟକୁ ଆସିଯିବ। ପାସ୍ ବୁକ ବାଲାନ୍ସ ଚେକ୍ କରିବା ଭଳି ଅନ୍ୟ ସେବା ମଧ୍ୟ ଏହି ଆପ୍ଲିକେସନରେ ମିଳିବ। ୧୦୦ ଆକାଉଣ୍ଟରେ ଏହାକୁ ପରୀକ୍ଷଣ କରାଯାଉଛି। ଶ୍ରମ ମନ୍ତ୍ରଣାଳୟ ଏହି ପ୍ରକଳ୍ପ ଉପରେ କାମ କରୁଛି। ଚୂଡ଼ାନ୍ତ ପରୀକ୍ଷଣ ପରେ ଏହାକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରାଯିବ। ଇପିଏଫ୍ଓର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଜମାର କିଛି ଅଂଶ ଫ୍ରିଜ କରାଯିବ। ଅର୍ଥାତ ନିର୍ଦ୍ଦିଷ୍ଟ ସ୍ତର ଯାଏ ରାଶି ଉଠାଣ ହୋଇପାରିବ। ଅନୁମୋଦିତ ଅଂଶକୁ ବ୍ୟାଙ୍କ ଆକାଉଣ୍ଟରେ ୟୁପିଆଇ ଜରିଆରେ ଉଠାଇ ହେବ। ପିଏଫ୍ ଉଠାଣ ଏହା ଦ୍ୱାରା ସହଜ ହେବ। ଚିକିତ୍ସା, ପାଠପଢ଼ା, ବିବାହ, ଘରୋଇ ଆବଶ୍ୟକତା କ୍ଷେତ୍ରରେ ଅର୍ଥ ଶୀଘ୍ର ମିଳିବ।






# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୨,୩୫୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୯,୬୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୨,୩୫୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୩୯,୬୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୫୨,୩୫୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୩୯,୬୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୫୨,୫୦୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୩୯,୮୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୦୪୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୧,୨୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୨,୩୫୦ ଓ ୧,୩୯,୬୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୭୫,୦୦୦ ଟଙ୍କା ହୋଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୬ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୪ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

## ଉପଖଣ୍ଡସ୍ତରୀୟ ତିନିଦିନିଆ କୃଷି ଯନ୍ତ୍ରପାତି ମେଳା



**ନୀଳଗିରି,୧୦।୨ (ସଂଚାର ବ୍ୟୁରୋ):**ଆଜି ନୀଳଗିରି ଉପଖଣ୍ଡ ସଦର ମହକୁମାରେ ତିନିଦିନିଆ ଉପଖଣ୍ଡ ସ୍ତରୀୟ କୃଷି ଯନ୍ତ୍ର ପାତି ମେଳା-୨୦୨୫-୨୬ ଶୁଭାରମ୍ଭ ହୋଇଯାଇଛି। ଉକ୍ତ ମେଳାକୁ ସ୍ଥାନିୟ ବିଧାୟକ ମାନ୍ୟବର ସନ୍ତୋଷ ଖଟୁଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ତାଙ୍କ କର କମଳରେ ଶୁଭ ଉଦଘାଟିତ କରିଥିଲେ। ଉକ୍ତ ମେଳାରେ ଆୟୋଜିତ ଏକ ସାଧାରଣ ସଭାରେ କୃଷି ଯନ୍ତ୍ର ପାତି ମେଳାର ଅଧକ୍ଷ ତଥା ଉପଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ ଅଧକ୍ଷତା କରିଥିଲେ। ପ୍ରାରମ୍ଭରେ ସଭା କାର୍ଯ୍ୟ ପୂର୍ବରୁ ମୁଖ୍ୟ ଅତିଥି ସମେତ ଅନ୍ୟାନ୍ୟ ବରେଣ୍ୟ ଅତିଥି ଗଣ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତୀ ନିକଟରେ ଧୂପ ଦୀପ ପୁଷ୍ପାଞ୍ଜଳି ସହ ବୃକ୍ଷରେ ଜଳ ଅର୍ପଣ କରିଥିଲେ । ପରେ ପରେ ନୀଳଗିରି ଡ଼ିଗ୍ରୀ କଲେଜ ଛାତ୍ର ଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରି ଥିଲେ। ଏହି କାର୍ଯ୍ୟକ୍ରମରେ ବରେଣ୍ୟ ମୁଖ୍ୟ ଅତିଥି ମାନ୍ୟବର ବିଧାୟକ ସନ୍ତୋଷ ଖଟୁଆ ସମେତ ସମ୍ମାନୀତ ଅତିଥି ଭାବେ ଉଭୟ ନୀଳଗିରି ଓ ଔପଦା ପଞ୍ଚାୟତି ସମିତିର ଅଧକ୍ଷା ଶ୍ରୀମତୀ ଶୁଭଲକ୍ଷ୍ମୀ ମାଝୀ, ସୁଶ୍ରୀ ବି. ସି. ବିଷ୍ଣୁ ପାତ୍ର,ଏନ୍. ଏ. ସି. ର କାର୍ଯ୍ୟ ନିର୍ବାହୀ ଅଧକ୍ଷ ମହେନ୍ଦ୍ର ନାଥ ବେହେରା, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସରୋଜ କୁମାର ବେହେରା, ଅବସରପ୍ରାପ୍ତ ପୂ. ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ତୁଷାର କାନ୍ତି ତୁଙ୍ଗ,ନୀଳଗିରି ବ୍ଲକ କୃଷି ପରାମର୍ଶ ଅଧକ୍ଷ କୃତିବାସ ବେହେରା, ବାଲେଶ୍ୱର ଜିଲ୍ଲା ପରିଷଦ କୃଷି ପରାମର୍ଶ କେନ୍ଦ୍ରର ଅଧକ୍ଷ ଗତିକୃଷ୍ଣ ନନ୍ଦ, ଉଦ୍ୟାନ କୃଷି ସହକାରୀ ଉପ ନିର୍ଦ୍ଦେଶକ ଗୋପୀନାଥ କର, କୃଷି ଜିଲ୍ଲା ଅଧିକାରୀ ଡ.ସମତା ମହାନ୍ତ, ସହକାରୀ ଉପଜିଲ୍ଲାପାଳ ଦେବୀଦତ୍ତ ପ୍ରୀତି ରଞ୍ଜନ ବେହେରା ପ୍ରମୁଖ ସମସ୍ତଙ୍କୁ ପୁଷ୍ପ ଗୁଚ୍ଛ,ପୁଷ୍ପ ଚାରା,ଉତ୍ତରୀୟ ସହ ମାଣ୍ଡିଆ ଜାତ ଦ୍ରବ୍ୟ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା।

ଏହି ତିନିଦିନିଆ କୃଷି ଯନ୍ତ୍ର ପାତି ମେଳା ଓ କୃଷି ପାଠଶାଳା ଉଦ୍ଘାଟନୀ ଉତ୍ସବରେ କୃଷି ଜିଲ୍ଲା ଅଧିକାରୀ ଡ. ସମତା ମହାନ୍ତ ମେଳା ଆୟୋଜନର ଉଦ୍ଦେଶ୍ୟ ଏବଂ ଆଭିମୁଖ୍ୟ ସଂପର୍କରେ ସମ୍ୟକ୍ ବକ୍ତବ୍ୟ ରଖିଥିଲେ। ଏହି ମେଳାରେ କୃଷି ଯନ୍ତ୍ର ପାତିର ପ୍ରଦର୍ଶନୀ ଓ ବିକ୍ରୟ ସହିତ କୃଷି ଏବଂ ଆନୁଷଙ୍ଗିକ ବିଭାଗର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆୟୋଜନ କରାଯିବ ବୋଲି ପ୍ରକାଶ କରିଥିଲେ। ପ୍ରଥମ ଦିନ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉଭୟ ନୀଳଗିରି ଓ ଔପଦା ବ୍ଲକର ଅଗ୍ରଣୀ କୃଷି ହିତାଧିକାରୀଙ୍କୁ ମୁଖ୍ୟ ଅତିଥି ମାନପତ୍ର, ଉପଢୌକନ ଏବଂ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା।

## ଇଣ୍ଡିଆନ ଆଇଡଲ୍-୧୬ ଫାଇନାଲରେ ନୀଳଗିରି ଝିଅ ଜ୍ୟୋତିର୍ମୟୀ



**ନୀଳଗିରି, ୧୦।୨ (ସଂଚାର ବ୍ୟୁରୋ):** ସୋନି ଟିଭି ରିଆଲଟି ସୋ ଇଣ୍ଡିଆନ ଆଇଡିଲ୍ -୧୬ର ଶେଷପର୍ଯ୍ୟାୟରେ ନୀଳଗିରି ମାଟିର ସୁନାଝିଅ ଜ୍ୟୋତିର୍ମୟୀ ନାୟକ। ନୀଳଗିରି ବ୍ଲକ୍ ଜଡିଦା ପଞ୍ଚାୟତ ବାଉଁଶନାଳ ଗ୍ରାମର ପିତା ଚକ୍ରଧର ନାୟକ ଓ ମାତା ଗୌରୀମଣି ନାୟକଙ୍କ ଏକମାତ୍ର ଝିଅ ଜ୍ୟୋତିର୍ମୟୀ। ପିଲାଟିବେଳୁ ସଙ୍ଗୀତ ପ୍ରତି ରୁଚିରଖିଥିବା ଜ୍ୟୋତିର୍ମୟୀ ଓଡ଼ିଆରେ ୧ହଜାରରୁ ଉର୍ଦ୍ଧ୍ୱ ଗୀତଗାଇଥିବା ବେଳେ କର୍କଟ ରୋଗରେ ପୀଡିତ ରୋଗୀଙ୍କପାଇଁ ମ୍ୟୁଜିକ ଥେରାପି ମାଧମରେ ଗୀତଗାଇ ଆନନ୍ଦପ୍ରଦାନ କରିଥାନ୍ତି। ତେବେ ଚଳିତ ଇଣ୍ଡିଆନ ଆଇଡଲ୍ -୧୬ରେ ଲଗାତାର ପ୍ରଭାବଶାଳୀ ସଂଗୀତ ପ୍ରଦର୍ଶନ କରି ବିଚାରକଙ୍କ ପ୍ରଥମ ପସନ୍ଦ ହୋଇପାରିଛନ୍ତି। ତେବେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅନନ୍ୟଭକ୍ତ ଜ୍ୟୋତିର୍ମୟୀ ଅନ୍ୟପ୍ରତିଯୋଗୀ କଣ୍ଠଶିଳ୍ପୀ ମାନଙ୍କ ତୁଳନାରେ ଚମତ୍କାର ପ୍ରଦର୍ଶନକରି ସର୍ବାଗ୍ରେ ରହିଥିବାବେଳେ ଫାଇନାଲରେ ବିଜୟୀହୋଇ ବିଜୟମୁକୁଟ ପିନ୍ଧି ରାଜ୍ୟ, ଜିଲ୍ଲା ଏବଂ ଜନ୍ମମାଟି ନୀଳଗିରିପାଇଁ ଗୌରବ ଅର୍ଜନ କରନ୍ତୁ ବୋଲି ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ, ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଓ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ ନାୟକଙ୍କ ସମେତ ହଜାରହଜାର ଓଡ଼ିଶାବାସୀ ଏବଂ ନୀଳଗିରିବାସି ଶୁଭେଚ୍ଛା ଜଣାଇଛନ୍ତି।ପରିବାରରେ ତାଙ୍କର ମଙ୍ଗଳକାମନା କରି ଅଖଣ୍ଡ ଦୀପଦାନ କରିଥିବା ପରିବାରବର୍ଗ ସୂଚନା ଦେଇଛନ୍ତି।

## ଡକାୟତି ଉଦ୍ୟମ: ଜଣେ ଡକାୟତକୁ ଧରିଲେ ଗ୍ରାମବାସୀ

**ବୈଶିଙ୍ଗା,୧୦।୨ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ରଘୁପୁର ପଞ୍ଚାୟତର ଖୁଣ୍ଟାପୁର ଗ୍ରାମରେ ମଙ୍ଗଳବାର ସନ୍ଧ୍ୟା ୭ ଘଟିକା ସମୟରେ ଏକ ସସସ୍ତ୍ର ଡକାୟତ ଉଦ୍ୟମ ଗ୍ରାମବାସୀଙ୍କ ପାଇଁ ପଣ୍ଡ ହୋଇଥିବା ଜଣାଯାଇଛି । ଖବରରୁ ପ୍ରକାଶ ଖୁଣ୍ଟାପୁର ଗ୍ରାମର ପ୍ରଗତିବାଦୀ ସାମ୍ବାଦିକ ସଞ୍ଜୟ କୁମାର ମିଶ୍ରଙ୍କ ସାନଭାଇ ଚିନ୍ମୟ କୁମାର ମିଶ୍ର ତାଙ୍କ ଘରେ ଏକୁଟିଆ ଥିବା ବେଳେ ଆଠ ଜଣ ଡକାୟତ ପହଞ୍ଚି ଘର ମାଲିକକୁ ମାଡ ମାରି ବାନ୍ଧି ପକାଇଥିଲେ । ପାଖ ପଡ଼ୋଶୀ ଚିତ୍କାର ଶୁଣି ଗ୍ରାମବାସୀଙ୍କୁ ଡାକ ପକାଇବାରୁ ଶହ ଶହ ଗ୍ରାମବାସୀ ରୁଣ୍ଡ ହୋଇଯାଇଥିଲେ । ଏହା ଜାଣି ଡକାୟତ ମାନେ ଖସି ପଳାଇଥିଲେ । ପଛରୁ ଗୋଡାଇ ଜଣକୁ ଗ୍ରାମବାସୀ ମାଡି ବସିଥିଲେ । ତାକୁ ଘୋଷାରି ଘୋଷାରି ଘର ନିକଟକୁ ଆଣିବା ସହିତ ଉତ୍ତମ ମଧ୍ୟମ ଦେବା ସହ ବୈଶିଙ୍ଗା ପୋଲିସକୁ ଖବର ଦେଇଥିଲେ । ପୁଲିସ ରାତିରେ ପହଞ୍ଚିବା ପରେ ଆଖ ପାଖ ୫/୭ ଖଣ୍ଡ ମୌଜାର ଲୋକେ ରୁଣ୍ଡ ହୋଇଥିବାର ଦେଖି ପରେ ଆଉ ଗୋଟିଏ ଗାଡି ଫୋର୍ସ ସହ ପହଞ୍ଚିଥିଲା । ଖସି ଯାଇଥିବା ଆଉ ସାତ ଜଣଙ୍କୁ ନ ଧରିଲେ ପୋଲିସ ଗାଡିକୁ ଛାଡ଼ିବେ ନାହିଁ ବୋଲି ଗ୍ରାମବାସୀ ଅଡି ବସିଥିଲେ ।

### ଯମଯନ୍ତ୍ରଣା ଦେଉଛି ବୈଶିଙ୍ଗା-ମାଣତ୍ରୀ ଆର୍‌ଡି ରାସ୍ତା

# ମନ୍ଥର କାମ ପାଇଁ ଲୋକଙ୍କ ନିଦ ହଜିଗଲାଣି

**ବୈଶିଙ୍ଗା,୧୦।୨ (ସଂଚାର ବ୍ୟୁରୋ):** କେନ୍ଦ୍ର ଓ ରାଜ୍ୟ ସରକାର ସାଧାରଣ ଲୋକଙ୍କ ସୁବିଧା ପାଇଁ ରାସ୍ତା ତିଆରି କରୁଛନ୍ତି ସତ ମାତ୍ର କାର୍ଯ୍ୟର ଅବଧି ତଥା କାର୍ଯ୍ୟର ମାନ ତଦାରଖରେ ଅହେତୁକ ଅନୁକମ୍ପା ଯୋଗୁଁ ରାସ୍ତା ପାର୍ଶ୍ୱବର୍ତ୍ତୀ ଲୋକଙ୍କ ପାଇଁ ଯମଯନ୍ତ୍ରଣା ପାଲଟିଛି । ଏହାର ଉଦାହରଣ ସ୍ୱରୂପ ବୈଶିଙ୍ଗା-ମାଣତ୍ରୀ ଆର୍ ଡି. ରାସ୍ତା ଲୋକଙ୍କ ନିଦ ହଜାଇ ଦେଇ ସାରିଲାଣି।

ଏହି ରାସ୍ତା ରାଜ୍ୟ ସରକାରଙ୍କ ରାଜ୍ୟ ରାଜପଥର ମାନ୍ୟତା ପାଇଛି। ଠାକୁରମୁଣ୍ଡାରୁ ଉଦଳା-ବୈଶିଙ୍ଗା-ବରହମପୁର ଠାରେ ୬୦ ନଂ ଜାତୀୟ ରାଜପଥରେ ସଂଯୋଗ ହେବା ପାଇଁ ଚାରି ବର୍ଷ ପୂର୍ବରୁ କାର୍ଯ୍ୟ ଆରମ୍ଭ ହୋଇଛି। ମାତ୍ର ବର୍ତ୍ତମାନ ସୁଦ୍ଧା ଅଧା କାର୍ଯ୍ୟ ସଂପୂର୍ଣ୍ଣ ହୋଇ ନାହିଁ। ପଦ୍ମ ଘୁଞ୍ଚି ଘୁଞ୍ଚି ଯିବା ଭଳି କାର୍ଯ୍ୟର ଅବଧି ବଢ଼ି ବଢ଼ି ଯିବା ସହିତ ବଜେଟ୍ ମଧ୍ୟ ବଢ଼ି ବଢ଼ି ଚାଲୁଥିବାରୁ କାର୍ଯ୍ୟ ସାରିବାକୁ ଠିକାଦାର ଇଚ୍ଛା ପ୍ରକାଶ କରୁଥିବା ଅଭିଯୋଗ ଶୁଣିବାକୁ ମିଳୁଛି । ପାଦଚଲା ଲୋକଙ୍କ ଠାରୁ ସାଇକେଲ, ବାଇକ୍, କାର ସମେତ ବ,ସ ଟ୍ରକ୍ ସମସ୍ତଙ୍କ ପାଇଁ ଦୁଃଖ ଆଣିଦେଇଛି । ତା ସାଙ୍ଗକୁ ରାସ୍ତାର ଉଭୟ ପାର୍ଶ୍ୱରେ ଘର କରିଥିବା ଲୋକଙ୍କ ଦୁର୍ଦ୍ଦଶା ଦୁଇ ଗୁଣ ବଢ଼ି ଯାଇଛି । ବର୍ଷା ଛାଡି ଯିବା ପରେ ରାସ୍ତାର ଧୂଳି ସମସ୍ତଙ୍କୁ କଷ୍ଟ ଦେଉଛି । ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ ନା ଠିକାଦାର ନା ପ୍ରଶାସନ କେହି କର୍ଣ୍ଣପାତ କରୁନଥିବା ଜଣାଯାଇଛି ।

ଏଥି ସହିତ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ ଚାଲିଥିଲେ ମଧ୍ୟ କୌଣସି ସ୍ଥାନରେ କିଛି ନୀତି ନିୟମରେ କାର୍ଯ୍ୟ ହେଉନଥିବାର ଅଭିଯୋଗ ହେଉଛି । ରାସ୍ତା ମଝିରେ ଉତ୍ତରପାଳ - ବିଜିପୁର ନିକଟରେ ନିର୍ମାଣାଧିନ ପୋଲଟି ୪ ବର୍ଷ ମଧ୍ୟରେ କାର୍ଯ୍ୟ ସଂପୂର୍ଣ୍ଣ ହୋଇ ପାରୁନାହିଁ । ଠିକାଦାରଙ୍କ ଏଭଳି ମନଇଚ୍ଛା କାର୍ଯ୍ୟ ପାଇଁ ପ୍ରଶାସନ ନୀରବ ରହିବା ଘଟଣା ଉଭୟଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଚାଲି ଥିବାର ଅଭିଯୋଗ ହେଉଛି । ତୁରନ୍ତ ଏହାର ସମାଧାନ ପାଇଁ ସାଧାରଣରେ ଦାବୀ ହେଉଛି ।



## ୧୨ ତାରିଖ ସାଧାରଣ ଧର୍ମଘଟକୁ ସଫଳ କରିବା ପାଇଁ ପ୍ରସ୍ତୁତି ବୈଠକ

**ନୀଳଗିରି,୧୦।୨ (ସଂଚାର ବ୍ୟୁରୋ):** ବିଜେପି ସରକାର ଙ୍କ ଶ୍ରମିକ, କୃଷକ ମାରଣା ନୀତି ବିରୁଦ୍ଧରେ ଆସନ୍ତା ଫେବୃଆରୀ ବାର ତାରିଖ ସାଧାରଣ ଧର୍ମଘଟ ପାଇଁ ୧୦ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ, ସ୍ୱାଧୀନ ଫେଡେରେସନ୍, ବ୍ୟାଙ୍କ, ବୀମା କମ୍ପାନୀ ତରଫରୁ ଡାକରା ଦିଆଯାଇଛି।

ଉକ୍ତ ଧର୍ମଘଟକୁ ସଫଳ କରିବା ପାଇଂ ସମସ୍ତ ବାମପନ୍ଥୀ ଦଳଗୁଡ଼ିକ ସହିତ ଜାତୀୟ କଂଗ୍ରେସ ସମର୍ଥନ ଦେଇଛନ୍ତି। ଉକ୍ତ ଧର୍ମଘଟ କୁ ସଫଳ ପାଇଁ ନୀଳଗିରି ପାଚିକା ସଂଘ ମଧ୍ୟ ଗଙ୍ଗାଧର ମିଶ୍ରଙ୍କ ନେତୃତ୍ୱରେ ଡାକବଙ୍ଗଳା ଠାରେ ପ୍ରସ୍ତୁତି ବୈଠକ ଓ ତିନି ଦଳ ତରଫରୁ ଅନୁରୋପ ପ୍ରସ୍ତୁତି ବୈଠକ ସିପିଏମ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସିପିଆଇ (ଏମ) ନେତା ବିଜୟ କୁମାର ପାତ୍ର, ଜ୍ୟୋତିର୍ମୟ ରାଉତ, ହେମେନ୍ଦ୍ର ସେଠି, ଅମରେନ୍ଦ୍ର ନାୟକ, କାଳିଆ ପାତ୍ର, ଉମାକାନ୍ତ ଷଡଙ୍ଗୀ, ଗଙ୍ଗାଧର ମହାପାତ୍ର, ଷ୍ଟାଲୀନ ମିଶ୍ର, ସିପିଆଇ ଦଳ ତରଫରୁ ନିରଞ୍ଜନ ବାରିକ, ବିଜୟ ସ, କଂଗ୍ରେସ ଦଳ ତରଫରୁ ଯଶୋଦା ନନ୍ଦନ ସିଂ, ଉପେନ୍ଦ୍ର ବେହେରା ଉପସ୍ଥିତ ଥିଲେ। ଆସନ୍ତା ବାର ତାରିଖ ରେ ନୀଳଗିରି ସହର ସମ୍ପୂର୍ଣ୍ଣ ବନ୍ଦ ଯେଭଳି ହେବ ସେଥି ପାଇଁ ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର ସରକାର ର ଶ୍ରମିକ, କୃଷକ ବିରୋଧି ନୀତି ବିରୁଦ୍ଧରେ ଏହି ଧର୍ମଘଟ ରେ ସାମିଲ ପାଇଁ ନୀଳଗିରି ପାଚିକା ସଂଘ, ନୀଳଗିରି ଓ ତିନି ଦଳ ତରଫରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି।

## ବିଭିନ୍ନ ଦୋକାନରେ ଚଢ଼ାଉ, ତମାଖୁ ଜବତ

**ବାରିପଦା,୧୦।୨ (ସଂଚାର ବ୍ୟୁରୋ):** ଆଜି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ପୋଲିସ ବିଭାଗ, ଡ୍ରଗ ଇନ୍ସପେକ୍ଟର ମୟୂରଭଞ୍ଜ ରେଞ୍ଜ ୨ ଓ ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ଆଜି ବାରିପଦା ସଦର ଥାନା ଅଞ୍ଚଳରେ ବିଭିନ୍ନ ଶିକ୍ଷା ଅନୁଷ୍ଠାନ ନିକଟସ୍ଥ ଓ ବଜାର ଅଞ୍ଚଳରେ ପାନ ଦୋକାନ, ଗ୍ରୋସେରୀ ଦୋକାନ ମାନଙ୍କରେ ଅଚାନକ ଚଢ଼ାଉ କରାଯାଇ ଏହି ସବୁ ଦୋକାନ ଗୁଡ଼ିକରେ ବିକ୍ରୟ କରାଯାଉଥିବା ବିଭିନ୍ନ ପ୍ରକାର ତମାଖୁ ଜାତୀୟ ନିଶା ଦ୍ରବ୍ୟ ବିକ୍ରି କରୁଥିବା ଅଭିଯୋଗ ରେ ୧୦ ଟି ଦୋକାନରୁ ୨୦୦୦ ଟଙ୍କା ଜୋରିମାନା ଆଦାୟ କରାଯିବା ସହିତ ତମାଖୁ ଜବତ କରାଯାଇଅଛି। ସୂଚନା ଯୋଗ୍ୟକି ଦୋକାନୀମାନେ ଏହାର ଆଳ ଦେଖାଇ ଲୁଚା ଛପାରେ ଅନେକ ଅଧିକ ଦାମରେ ତମାଖୁ ଜାତୀୟ ନିଶା ଦ୍ରବ୍ୟ ବିକ୍ରୀ କରି ବେଶ ଲାଭବାନ ହେଉଛନ୍ତି ।

## ବିଏସ୍‌ଏଫ୍ ୧୩୬ ବାଟାଲିଆନ ଦ୍ୱାରା ଜନକଲ୍ୟାଣ କାର୍ଯ୍ୟକ୍ରମ




**ଫୁଲବାଣୀ,୧୦।୨ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଶାଡିଙ୍ଗିଆ ଠାରେ ଥିବା ୧୩୬ ବାଟାଲିଆନ ବିଏସଏଫ ଦ୍ୱାରା ସାଡୀଙ୍ଗିଆ ବିଏସଏଫ କ୍ୟାମ୍ପ ପରିସରରେ ଏକ ଜନ କଲ୍ୟାଣ କାରି ଯୋଜନା ବା ଜନ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ୧୩୬ ବାଟାଲିଆନ ବାଲିଗୁଡା କାମାଣ୍ଡାଣ୍ଟ ମାନସ ରଞ୍ଜନ ପଣ୍ଡା ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଆସିଷ୍ଟାଣ୍ଟ କାମାଣ୍ଡାଣ୍ଟ ୧୩୬ ବାଟାଲିଆନ ସାଡୀଙ୍ଗିଆ ଅକ୍ଷୟ କୁମାର, ୧୩୬ ବାଟାଲିଆନ ଆସିଷ୍ଟାଣ୍ଟ କାମାଣ୍ଡାଣ୍ଟ ନିର୍ମଳ ଚନ୍ଦ୍ର ଦାଶ, ଶାଡିଙ୍ଗିଆ ସରପଞ୍ଚ ପଦ୍ମିନୀ କହଁର ଯୋଗ ଦେଇଥିଲେ । ଏହି ଜବ ସମ୍ପର୍କ ଜନ କଲ୍ୟାଣ କାର୍ଯ୍ୟକ୍ରମ ରେ ୫ଟି ପଞ୍ଚାୟତ ର ୨୯ ଟି ଗାଁର ଜନସାଧାରଣ ପୁରୁଷ, ମହିଳା ବୃଦ୍ଧ ବୃଦ୍ଧା ଉପସ୍ଥିତ ଥିଲେ। ଜନସାଧାରଣଙ୍କୁ ପ୍ରଥମେ ବି ଏସ ଏଫ ଯବାନ ଏବଂ ଜନସାଧାରଣ ଙ୍କ ମଧ୍ୟରେ ସୁ ସମ୍ପର୍କ ସ୍ଥାପନ ସହ ଭୟ ଦୁର କରି ଉଚିତ ମାର୍ଗ ରେ ରହି ବାକୁ ସଚେତନ କରାଯାଇଥିଲା । ଶେଷରେ ବି ଏସ ଏଫ ଅଧିକାରୀ ଏବଂ ସରପଞ୍ଚ ଙ୍କ ଉପସ୍ଥିତ ରେ ହଣ୍ଡା, ପାଲ, ବାଲଟି, କଡେଇ, ଛତା, ଜୋତା, ଭଳି ବିଭିନ୍ନ ଉପକରଣ ପ୍ରଦାନ କରାଯାଇଥିବା ବେଳେ ବିଭିନ୍ନ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନଙ୍କୁ ସ୍କୁଲ ବ୍ୟାଗ, କ୍ୟାରମ ବୋର୍ଡ଼ ସହ ଅନ୍ୟାନ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିବା ବେଳେ ବିଭିନ୍ନ କ୍ଲବ ର ଯୁବକ ମାନଙ୍କୁ ଫୁଟବଲ, ଭଲି ବଲ, ବ୍ୟାଡ଼, ଭଲି ନେଟ ଭଳି ଖେଳ ସାମଗ୍ରୀ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଞ୍ଚଳବାସୀ ସ୍ୱାଗତ କରିଥିବା ବେଳେ ଏଭଳି ଜନକଲ୍ୟାଣ କାର୍ଯ୍ୟକ୍ରମ ପାଇଁ ପ୍ରଶଂସା କରିଥିବା ଦେଖିବାକୁ ମିଳିଥିଲା ।

### ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

# ପ୍ରଚାର ପ୍ରସାର ଅଭାବରୁ ଜନସନ୍ତୋଷ




**ବୋରିଗୁମ୍ମା, ୧୦।୨ (ସଂଚାର ବ୍ୟୁରୋ):** ବୋରିଗୁମ୍ମା ପଞ୍ଚାୟତ ସମିତି ସଭାଗୃହରେ ବ୍ଲକସ୍ତରୀୟ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ପ୍ରଚାର ପ୍ରସାର ଅଭାବରୁ ବୋରିଗୁମ୍ମା ବ୍ଲକର ୩୧ଟି ଗ୍ରାମ ପଞ୍ଚାୟତରୁ ମାତ୍ର ୩୭ଟି ଅଭିଯୋଗ ପତ୍ର ଦାଖଲ ହୋଇଥିଲା। ଜନସାଧାରଣ ଆଜିର ଜିଲ୍ଲାପାଳଙ୍କ କାର୍ଯ୍ୟକ୍ରମ ଜାଣିନପାରିବାରୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

ବୋରିଗୁମ୍ମା ଥାନା ଠାରୁ ମାତ୍ର ତିନି ଶହ ମିଟର ଦୂର ନବରଙ୍ଗପୁର ରୋଡ଼ରେ ଗତ ୨୦.୧୨.୨୦୨୫ ତାରିଖ ରାତିରେ ବିନାୟକ ପାଢ଼ୀ ନାମକ ବ୍ୟକ୍ତିଙ୍କ ଘରେ ବଡ଼ ଧରଣର ଚୋରି ହୋଇଥିଲା। ଦୁର୍ବୃତ୍ତ ମାନେ ଘରର ତାଲା ଭାଙ୍ଗି ସୁନା ହାର ଦୁଇଟି, ଚାରି ହଳ ସୁନାର କାନ ରିଙ୍ଗ, ୮ ଟି କଳାମାଳିର ସୁନା ଗଣ୍ଠି, ସୁନା ମୁଦି ଦୁଇଟି ସହ ଦୁଇ ଲକ୍ଷ ଟଙ୍କା ଚୋରି ହୋଇଥିଲା। ଚୋରି ହେବାର ଦେଢ଼ ମାସ ପରେ ବି ବୋରିଗୁମ୍ମା ପୋଲିସକୁ କୌଣସି ସୁରାକ ମିଳିପାରି ନାହିଁ। ଜିଲ୍ଲାପାଳଙ୍କ ଜନଶୁଣାଣୀରେ ବିନାୟକ ପାଢ଼ୀଙ୍କ ଝିଅ ଅଞ୍ଜଳୀ ପାଢ଼ୀ ନିଜେ ଆସି କାନ୍ଦି କାନ୍ଦି ଜିଲ୍ଲାପାଳ ଓ ଏସପିଙ୍କୁ ଗୁହାରୀ କରିଛନ୍ତି। କୋରାପୁଟ ଏସପି ରୋହିତ ବର୍ମା କେବଳ ଆଶ୍ୱାସନା ଦେଇଛନ୍ତି। କିନ୍ତୁ ପୋଲିସ ଏପର୍ଯ୍ୟନ୍ତ ଚୋରକୁ ଚିହ୍ନଟ କରିନାହାଁ। ଏପରିସ୍ଥିତିରେ ବିନାୟକ ପାଢ଼ୀ ଓ ତାଙ୍କ ପରିବାର ଲୋକ ଭାଙ୍ଗି ପଡିଥିବା ଦେଖାଦେଇଛି।

ଜିଲ୍ଲାପାଳଙ୍କ ଜନଶୁଣାଣୀରେ ମୋଟ ୩୭ ଗୋଟି ଅଭିଯୋଗ ହୋଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ୨୧ଟି ଅଭିଯୋଗ ରହିଥିବା ବେଳେ ସାମୁହିକ ୧୬ ଗୋଟି ଅଭିଯୋଗ ରହିଥିଲା। ପରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଦୁଇ ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର,୨୦ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧ କୋଟି ପନ୍ଦର ଲକ୍ଷ ଟଙ୍କା ଋଣ ଓ ୬୫ ଛାତ୍ରଛାତ୍ରୀ ଙ୍କୁ ମାଗଣା ଚଷମା ପ୍ରଦାନ କରାଯାଇଥିଲା।

## ବିଚ୍ ରାସ୍ତାରେ ମାରପିଟ୍



**ବାଲିପାଟଣା,୧୦।୨ (ସଂଚାର ବ୍ୟୁରୋ):** ବାଲିପାଟଣା ଥାନା ଅଠାନ୍ତର ଛକରେ ଦୁଇ ଗୋଷ୍ଠୀ ମାରପିଟ୍। ଜଣେ ଯୁବକଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଛନ୍ତି ଗଣ୍ଡଗୋଳକାରୀ। ଅଭିଯୋଗ ମୁତାବକ ପବିତ୍ର ମଲ୍ଲିକ (୨୮)ଙ୍କ ଘର ଚାରିଛକରେ ସେ ଅଠାନ୍ତରର ଜନୈକ ବ୍ୟକ୍ତିଙ୍କ ଗାଡ଼ି ଚଳାନ୍ତି। ପବିତ୍ର ନିଜ ଅଫିସରେ ବସିଥିବା ସମୟରେ ସେ ବାହାରୁ ଗଣ୍ଡଗୋଳ ହେବାର ପାଟି ଶୁଣି ବାହାରକୁ ଦୌଡ଼ି ଆସିଥିଲେ। ବାହାରେ ଦେଖିଲେ କିଛି ଯୁବକ ସଂଘବଦ୍ଧ ଭାବେ ନିଜ ନିଜ ଭିତରେ ମାରପିଟ୍ ହେଉଥିଲେ। ସେ ସେଠାକୁ ଯାଇ ବୁଝାସୁଝା କରିବା ପାଇଁ ଚେଷ୍ଟା କରିବା ସମୟରେ ତାଙ୍କ ମଧ୍ୟରୁ ୨, ୩ଜଣ ଯୁବକ ଆସି ଧାରୁଆ ଅସ୍ତ୍ରରେ ତାଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ପବିତ୍ରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ପ୍ରବଳ ରକ୍ତସ୍ରାବ ହେଇଥିବା ସେ ଦର୍ଶାଇଛନ୍ତି।

## ବରୀ ବ୍ଲକରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର

- ୯୩ ଅଭିଯୋଗ ପଞ୍ଜୀକୃତ, ୨୮ର ତତ୍କାଳ ସମାଧାନ




**ଯାଜପୁର,୧୦।୨ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବରୀ ବ୍ଲକ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଲୋକଙ୍କ ସମସ୍ୟାକୁ ସରକାରୀ ଦ୍ୱାରରେ ନେଇ ସମାଧାନ କରିବା ଉଦ୍ଦେଶ୍ୟରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅମ୍ବର କୁମାର କର ସ୍ୱୟଂ ଉପସ୍ଥିତ ରହି ସାଧାରଣ ଲୋକଙ୍କର ବିଭିନ୍ନ ଅଭିଯୋଗ ଶୁଣି ତତ୍କାଳ କାର୍ଯ୍ୟବାହୀ ପାଇଁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ।

ଏହି ଶିବିରରେ ମୋଟ ୯୩ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ୬୨ଟି ବ୍ୟକ୍ତିଗତ ସମସ୍ୟା,୫ଟି ଗୋଷ୍ଠୀଗତ / ଗ୍ରାମ୍ୟ ସମସ୍ୟା,୨୪ଟି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ସହାୟତା ଆବେଦନ, ୨ଟି ରେଡ୍ କ୍ରସ୍ ପାଣ୍ଠି ସମ୍ପର୍କୀୟ ଅଭିଯୋଗ ଥିଲା। ସେଥିମଧ୍ୟରୁ ୨୮ଟି ଅଭିଯୋଗର ସେହି ସ୍ଥାନରେ ତତ୍କାଳ ସମାଧାନ କରାଯାଇଥିବା ବେଳେ ଅନ୍ୟାନ୍ୟ ଅଭିଯୋଗକୁ ସମ୍ପୃକ୍ତ ବିଭାଗ ପକ୍ଷରୁ ଯାଞ୍ଚ କରି ଯୋଗ୍ୟ ମାମଲାରେ ଶୀଘ୍ର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ଆଶ୍ୱାସନ ଦେଇଥିଲେ। ଜନସାଧାରଣଙ୍କ ସମସ୍ୟା ପ୍ରତି ସରକାର ସଂବେଦନଶୀଳ ଥିବାକୁ ଉଲ୍ଲେଖ କରି ଜିଲ୍ଲାପାଳ କହିଥିଲେ ଯେ, ଏପରି ଶିବିର ଲୋକମାନଙ୍କୁ ସିଧାସଳଖ ପ୍ରଶାସନ ସମ୍ମୁଖରେ ନିଜ ଅସୁବିଧା ଉଠାଇବାର ଅବସର ଦେଇଥାଏ।

## ରଘୁନାଥ ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**ବୈଶିଙ୍ଗା,୧୦।୨ (ସଂଚାର ବ୍ୟୁରୋ):** ବେତନଟୀ ବ୍ଲକ ଅନ୍ତର୍ଗତ ଅଁଳା ଗ୍ରାମ ପଞ୍ଚାୟତ ଅଧିନ ରାଇକମା ସ୍ଥିତ ଅଗ୍ରଣୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ମାନଙ୍କୁ ବିଦ୍ୟାଳୟ ତରଫରୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପୂର୍ବାହ୍ନରେ ଗ୍ରାମର ବାଲୁକେଶ୍ୱର ଶିବ ମନ୍ଦିରରେ ଛାତ୍ରଛାତ୍ରୀ ମାନଙ୍କ ମଙ୍ଗଳ କାମନା ନିମନ୍ତେ ପ୍ରଭୁ ବାଲୁକେଶ୍ୱରଙ୍କ ଠାରେ ଏକଶତ ଆଠ ବିଲ୍ୱ ପତ୍ର ଓ ପୁଷ୍ପ ଅର୍ପଣ କରାଯାଇ ପୂଜା ଅର୍ଚ୍ଚନା କରାଯାଇଥିଲା। ଅପରାହ୍ନରେ ପ୍ରଧାନ ଶିକ୍ଷକ ଶ୍ରୀ ଅଜିତ କୁମାର ଜେନାଙ୍କ ପୌରାହିତ୍ୟରେ ଅନୁଷ୍ଠିତ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭାରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅତୁଲ କୁମାର ମିଶ୍ର, ବରିଷ୍ଠ ଶିକ୍ଷକ ରାଜକିଶୋର ଦାସ, ପ୍ରଫୁଲ୍ଲ କୁମାର ମିଶ୍ର, ନିରଞ୍ଜନ ବାରିକ, ବଂଶୀଧର ଗିରି, ହରେକୃଷ୍ଣ ମହାନ୍ତ, ତରଣୀ କାନ୍ତ ମହାନ୍ତ, ଶୁଭକାନ୍ତ ନାୟକ ଓ ଶୁଭାଶିଷ ପଣ୍ଡା ପ୍ରମୁଖ ମଂଚାସୀନ ହୋଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟରୁ ଗ୍ରହଣ କରିଥିବା ନୈତିକ ଶିକ୍ଷା, ସୁଆଚାର, ବିଚାର ତଥା ଗଠନ ମୂଳକ ଆଚରଣକୁ ଭବିଷ୍ୟତ ଜୀବନରେ ଲଗାଇ ପାରିଲେ ଭଲ ମଣିଷ ହୋଇ ପାରିବେ ବୋଲି ମଞ୍ଚରେ ଉପସ୍ଥିତ ଗୁରୁ କୁଳ ବକ୍ତବ୍ୟରେ କହିଥିଲେ। ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ତରଫରୁ ବିଦାୟୀ ଛାତ୍ର ଛାତ୍ରୀ ମାନଙ୍କୁ ପାଠ୍ୟ ଉପକରଣ ଓ ଉପହାର ପ୍ରଦାନ କରାଯିବା ସହ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ।

## ବିବାହିତା ମହିଳାଙ୍କୁ ନିର୍ଯାତନା : ଥାନାରେ ମାମଲା ରୁଜୁ

**ବୈଶିଙ୍ଗା,୧୦।୨ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ତାଳପଦା ଗ୍ରାମର ଜନୈକା ମହିଳାଙ୍କୁ ତାଙ୍କ ଶାଶୁଘର ଲୋକେ ନିର୍ଯାତନା ଦେଇ ଘରୁ ତଡିଦେଇଥିବା ଅଭିଯୋଗ ହୋଇଛି।

ମିଳିଥିବା ସୂଚନା ମୁତାବକ ଏହି ଗ୍ରାମର ମଲ୍ଲିକ ଅବଦୁଲ ହୁସେନ ଙ୍କ ସହିତ ଗୋବିନ୍ଦରାୟପୁର ଗ୍ରାମର ୱସେଦ ଅଲ୍ଲୀ ଙ୍କ ୨୦ ବର୍ଷିୟା ଝିଅ ରୋଜିନା ଖାତୁନଙ୍କ ବିଭାଘର ସରିବା ପରେ ଉଭୟଙ୍କ ୭ ମାସର କନ୍ୟା ସନ୍ତାନଟିଏ ରହିଛି। ଅବଦୁଲ ହୁସେନଙ୍କୁ ପରିବାର ପ୍ରତିପୋଷଣ ପାଇଁ ଘର ଛାଡ଼ି ବାହାରେ ରହିବାକୁ ପଡ଼ିଥାଏ। ସ୍ୱାମୀଙ୍କ ଅନୁପସ୍ଥିତିରେ ତାଙ୍କ ପ୍ରତି ପରିବାର ଲୋକଙ୍କ ଦୁର୍ବ୍ୟବହାର କାରଣରୁ ରୋଜିନା ଘରୁ ପଳାଇଯାଇ ବାପଘରେ ରହୁଥିଲେ। ତାଙ୍କ ମା ବୁଝାସୁଝା କରି ରୋଜିନାଙ୍କୁ ଶାଶୁଘରେ ଛାଡ଼ିବାକୁ ଆସିଥିଲେ। ହେଲେ ସେମାନେ ତାଙ୍କୁ ଗ୍ରହଣ ନକରିବା ଯୋଗୁଁ ଉଭୟ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା।

ଏହାକୁ ନେଇ ପୋଲିସ ପକ୍ଷରୁ ୫୭ ନଂ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି।

## 'ଜନଜାତୀୟ ନେତୃତ୍ୱ ଓ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅଲିଖିତ ଦେଶଭକ୍ତ' ଶୀର୍ଷକ ଆଲୋଚନାଚକ୍ର




**ନୀଳଗିରି,୧୦।୨ (ସଂଚାର ବ୍ୟୁରୋ):** ନୀଳଗିରି କଲେଜରେ ଇତିହାସ ବିଭାଗ ପକ୍ଷରୁ 'ଜନଜାତୀୟ ନେତୃତ୍ୱ ଓ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅଲିଖିତ ଦେଶଭକ୍ତ: ଓଡ଼ିଶା ଚାପ୍ଟର' ଶୀର୍ଷକ ଏକ ଆନ୍ତର୍ଜାତୀୟ ସେମିନାର ୧୦ ତାରିଖରେ ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି ସେମିନାରରେ ଭାରତ ଓ ବିଦେଶର ଖ୍ୟାତନାମା ଇତିହାସବିତ, ଶିକ୍ଷାବିତ, ଗବେଷକ ଓ ବୁଦ୍ଧିଜୀବୀମାନେ ଅଂଶଗ୍ରହଣ କରିଥିଲେ। ଯୁକ୍ତରାଷ୍ଟ୍ର ଆମେରିକାର କାଲିଫର୍ଣ୍ଣିଆ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଅନ୍ନପୂର୍ଣ୍ଣା ପାଣ୍ଡେ ସେମିନାରକୁ ଉଦଘାଟନ କରିଥିଲେ। ମୁଖ୍ୟ ବକ୍ତବ୍ୟରେ ପ୍ରଫେସର ପାଣ୍ଡେ ମତ ପ୍ରକାଶ କରିଥିଲେ ଯେ "ଜନଜାତି" ଶବ୍ଦଟି ଉପନିବେଶବାଦୀ ବ୍ରିଟିଶମାନଙ୍କ ଦ୍ୱାରା ଆରୋପିତ ଏକ ଧାରଣା ଏବଂ ଏହି ସମ୍ପ୍ରଦାୟ ବାସ୍ତବରେ ଏହି ଭୂମିର ମୂଳ ବାସିନ୍ଦା। ସେ ଇତିହାସକୁ ଜନଜାତିୟ ଦୃଷ୍ଟିକୋଣ ଓ ଜ୍ଞାନ ପ୍ରଣାଳୀ ମାଧ୍ୟମରେ ପୁନଃବିଚାର କରିବା ପାଇଁ ଆହ୍ୱାନ ଜଣାଇଥିଲେ। ସେମିନାରର ମୁଖ୍ୟ ଅତିଥି ଭାବେ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ ର ପ୍ରଫେସର ତ୍ରିଲୋକୀ ନାଥ ପାଣ୍ଡେ ଉପସ୍ଥିତ ରହି ଆଦିବାସୀ ସମ୍ପ୍ରଦାୟର ନେତୃତ୍ୱ ଅଧ୍ୟୟନର ଉତ୍ପତ୍ତି ଓ ବିକାଶ ସମ୍ପର୍କରେ ଆଲୋକପାତ କରି ମୁଖ୍ୟଧାରା ଇତିହାସ ଲେଖନରେ ଦୀର୍ଘଦିନ ଧରି ସେମାନଙ୍କୁ ଅଣଦେଖା ହୋଇଆସୁଥିବା ଜନଜାତିୟ ପ୍ରତିରୋଧ ଓ ସଂଗ୍ରାମକୁ ପୁନଃଆବିଷ୍କାର କରିବାର ଆବଶ୍ୟକତା ଉଲ୍ଲେଖ କରିଥିଲେ।

### ବିଷ ବାଣ୍ଟୁଛନ୍ତି ଅସାଧୁ ବେପାରୀ

## ହୋଟେଲ ଓ ଫାଷ୍ଟଫୁଡ ଦୋକାନରେ ଖାଦ୍ୟମାନଙ୍କୁ ନେଇ ପ୍ରଶ୍ନ

**କଳାହାଣ୍ଡି,୧୦।୨ (ସଂଚାର ବ୍ୟୁରୋ):** ଧର୍ମଗଡ ସହର ତଥା ଜିଲ୍ଲାର ଅନ୍ୟ ସହର ଓ ଗାଁରେ ଛତୁ ଫୁଟିଲା ଭଳି ଫାଷ୍ଟଫୁଡ ଦୋକାନ ଓ ହୋଟେଲ ଖୋଲିବାରେ ଲାଗିଛି। ଏହି ଦୋକାନରେ ଖାଦ୍ୟ ପାଇଁ ବ୍ୟବହାର ହେଉଥିବା ସସ୍ ନିମ୍ନମାନର ବ୍ୟବହାର କରୁଥିବା ବେଳେ ଅନ୍ୟ ଭେଜାଲ ସାମଗ୍ରୀ ମଧ୍ୟ ବ୍ୟବହୃତ ହେଉଥିବା ଅଭିଯୋଗ ହୋଇଛି। ସେହିପରି ଅଧିକ ଟଙ୍କା ଲାଭ ଆଶାରେ ବାସି ଖାଦ୍ୟ ମଧ୍ୟ ପରସା ଯାଉଥିବା ଭଳି ସଙ୍ଗିନ ଅଭିଯୋଗ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଏ ବିଷୟରେ ସମସ୍ତେ ଜାଣି ଚୁପ୍ ଥିବା ବେଳେ ଖାଦ୍ୟ ନିରାପତ୍ତା ବିଭାଗ ମଧ୍ୟ ଚେଇଁ ଶୋଇବା ଅବସ୍ଥାରେ ରହିଛି। ନା ଯାଞ୍ଚ ହେଉଛି ନା କାର୍ଯ୍ୟାନୁଷ୍ଠାନ।

ବିଗତ କିଛି ବର୍ଷ ହେଲା ଲୋକଙ୍କ ଖାଇବା ରୁଚିରେ ପରିବର୍ତ୍ତନ ଆସିଛି।



**ଚେଇଁ ଶୋଇଛି ଖାଦ୍ୟ ନିରାପତ୍ତା ବିଭାଗ**

**ନା ହେଉଛି ଚଢ଼ାଉ ନା କାର୍ଯ୍ୟାନୁଷ୍ଠାନ**

ବିଶେଷ କରି ଶିଶୁ ଓ ଯୁବପିଢୀ ଫାଷ୍ଟଫୁଡକୁ ଅଧିକ ଭଲ ପାଇଥିବା ଦେଖିବାକୁ ମିଳିଛି। ଯଉଁଥିପାଇଁ ଆଜିର ଦିନରେ ଗାଁ ଗହଳିରେ ମଧ୍ୟ ଫାଷ୍ଟଫୁଡ ଦୋକାନ ସଂଖ୍ୟା ବଢ଼ିବାରେ ଲାଗିଛି। ଅଧିକ ଟଙ୍କା ଆଶାରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଉଥିବା ଅଭିଯୋଗ ହୋଇଛି। ଫାଷ୍ଟଫୁଡରେ ଟମାଟୋ, ଚିଲି ସସ୍ ଅତି ନିକୃଷ୍ଟ ମାନର ବ୍ୟବହାର ହେଉଥିବା ବେଳେ ଏହାକୁ ନିଜେ ବ୍ୟବସାୟୀମାନେ ପ୍ରସ୍ତୁତ କରୁଥିବା ମଧ୍ୟ ଅଭିଯୋଗ ହୋଇଛି। କମ୍ ଦରରେ ବଜାରରୁ କଖାରୁ, ଅମୃତଭଣ୍ଡା କିଣି ଆଣି ସେଥିରେ ବିଭିନ୍ନ ରସାୟନ ଦ୍ରବ୍ୟ, ଭିନେଗାର ପକାଇ ଏହାକୁ ପ୍ରସ୍ତୁତ କରାଯାଉଥିବା ବେଳେ ଏହି ସସ୍ ଲୋକଙ୍କୁ ଖାଇବାକୁ ଦିଆଯାଇଥାଏ। ଏହାକୁ ଖାଇ ଲୋକଙ୍କ ସ୍ୱାସ୍ଥ୍ୟ ଖରାପ ହେବା ସ୍ୱାଭାବିକ। ସେହିପରି ଫାଷ୍ଟଫୁଡ ଓ ହୋଟେଲରେ ବାସି ଖାଦ୍ୟ ମଧ୍ୟ ଦିଆଯାଉଥିବା ଅଭିଯୋଗ ହୋଇଛି । ବିକ୍ରି ନ ହୋଇ ରହିଯାଉଥିବା ସାମଗ୍ରୀକୁ ପୁଣି ତିଆରି କରି ଲୋକଙ୍କୁ ଖାଇବାକୁ ଦିଆଯାଇଥିବା ଦେଖିବାକୁ ମିଳିଛି। ତେବେ ଏନେଇ ଗ୍ରାହକ ଅଭିଯୋଗ କଲେ ମଧ୍ୟ ଦୋକାନୀ ଗୁରୁତ୍ୱ ନ ଦେଇ ଗ୍ରାହକଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବା ମଧ୍ୟ ବିଭିନ୍ନ ସମୟରେ ଅଭିଯୋଗ ହୋଇଛି ।

ଅନ୍ୟପକ୍ଷରେ ଏହି ସବୁ ଭେଜାଲ ଖାଦ୍ୟର ଯାଞ୍ଚ ଖାଦ୍ୟ ନିରାପତ୍ତା ବିଭାଗ କରିବା କଥା; କିନ୍ତୁ ଗତ କିଛି ବର୍ଷ ଭିତରେ କାଁ ଭାଁ ଛାଡିଦେଲେ କଳାହାଣ୍ଡି ଜିଲ୍ଲାରେ ଏହିଭଳି ଭେଜାଲ, ବାସି ଖାଦ୍ୟ ବିରୋଧରେ କୌଣସି ଯାଞ୍ଚ ହୋଇନାହିଁ କି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏଦିଗରେ ଜିଲ୍ଲା ପ୍ରଶାସନ ଆଦୌ ଦୃଷ୍ଟି ଦେଉନି। ଫାଷ୍ଟଫୁଡ ଓ ହୋଟେଲରେ ଚଢଉ କରା ଯାଉନି। ଲୋକଙ୍କ ଜୀବନ ସହ ଖେଳୁଥିବା ଲାଭଖୋର ଦୋକାନୀଙ୍କ ବିରୋଧରେ ପ୍ରଶାସନ କାର୍ଯ୍ୟାନୁଷ୍ଠା ଗ୍ରହଣ କରିବା ପାଇଁ ପଛଘୁଞ୍ଚା ଦେଉଛି।

# ଅସହାୟ ମାଆ



ଚିତ୍ତରଞ୍ଜନ ପୃଷ୍ଟି

ବାଟରେ ଚେତାଶୂନ୍ୟ ହୋଇ ପଡ଼ିଥିଲେ ଜଣେ ବୁଢ଼ୀଲୋକ।ସେହି ବାଟ ଦେଇ ଯାଉଥିଲେ ରମେଶ ବାବୁ। ହଠାତ ତାଙ୍କ ନଜର ପଡିଲା ସେହି ବୁଢ଼ୀଲୋକଟି ଉପରେ।ଗାଡିଟିକୁ ଅଟକାଇ ଦେଇ ଆସି ଦେଖନ୍ତି ବୁଢ଼ୀଟି ମୁମୂର୍ଷୁ ଅବସ୍ଥାରେ ପଡିଛି। ସାଙ୍ଗେସାଙ୍ଗେ ଗାଡ଼ିରୁ ପାଣି ବୋତଲ ଆଣି ମୁହଁରେ ଛିଞ୍ଚିବାରୁ ବୁଢ଼ୀଲୋକଟି ଆଖି ମିଟିମିଟି କଲା। ତାପରେ ଦି ଢ଼ୋକ ପାଣି ପିଇବାରୁ ହୋସ ଆସିଲା। ରମେଶ ବାବୁ ନିଜ ରୁମାଲରେ ବୁଢ଼ୀର ମୁହଁ ପୋଛିଦେଇ କାରରେ ଆଣି ବସାଇଲେ। କହିଲେ ମାଉସୀ ତୁମେ ଏ ବୟସରେ ଏକୁଟିଆ ବୁଲାବୁଲି ନକରି ଘରେ ରୁହ।ଘରେ ତୁମର କଣ କେହି ନାହାନ୍ତି ?ଏ ପଦିଏ କଥା ଶୁଣି ବୁଢ଼ୀର ଆଖିରୁ ଧାରଧାର ଲୁହ ବୋହିଗଲା।ମାଉସୀ ଏମିତି କାନ୍ଦୁଛ କାହିଁକି। ବାପାରେ ଏ ବୟସରେ ମୁଁ ବା ଆଉ କଣ କରିପାରିବି।କେବଳ ଅନ୍ୟଠୁ ଗାଳି ଶୁଣିବାଛଡା ମୋର ଆଉ କିଛି ବାଟ ନାହିଁ। ଭତ୍ତା ଗଣ୍ଡାକ ପାଉଛି ବୋଲି ମୋର ଜୀବନ ଅଛି ନହଲେ ଉପାସ। ସେହି ଭତ୍ତା ଟଙ୍କା ଆଣିବାକୁ ଯାଉଥିଲି।ଟଙ୍କା ଆଣି ଫେରିଲା ବେଳକୁ ଟାଣ ଖରାରେ ମୁଣ୍ଡ ବୁଲେଇ ପକାଇଲା। ଚାରିଆଡ ଅନ୍ଧାର ଦେଖାଗଲା। ତାପରେ ମୁଁ ଆଉ କିଛି ଜାଣିନି।

ବୁଢ଼ୀ ମା' କାନ୍ଦିକାନ୍ଦି ନିଜ ଦୁଃଖ ସବୁ ରମେଶ ବାବୁଙ୍କ ଆଗରେ କହିଲା।ବଡପୁଅ ସଞ୍ଜୟ ଓ ବୋହୁ ସୁମିତ୍ରା ବିଦେଶରେ ରୁହନ୍ତି।ଗାଁ କୁ ଆସିବା ତାଙ୍କର ସ୍ୱପ୍ନ। ଯେତେବେଳେ ପଚାରିଲେ କୁହେ ମୋତେ ଟିକିଏ ବି ସମୟ ନାହିଁ। ପିଲାଙ୍କ ପାଠପଢା ବାହାନା ଦେଖାଏ।ସାନପୁଅ ରାଜୁ ତା ସ୍ତ୍ରୀ କଥାରେ ପଡି ଭଲରେ ଖାଇବାକୁ ଗଣ୍ଡେ ଦଉନି। ତା ସ୍ତ୍ରୀର ଗୁଣ କହିଲେ ନସରେ। ମୁଠାଏ କଣ ଖାଇବାକୁ ଦେବ ସେଥିରେ ଅନେକ କଥା ତାଠାରୁ ଶୁଣିବାକୁ ପଡୁଛି।କଥାରେ କଥାରେ ସେ ମୋ ପୁଅ ଝିଅ ଉଦାହରଣ ଦେଇ କହୁଛି କେହି ପୋଷୁ ନାହାନ୍ତି ଏଇଠି ଛାଡିଦେଇଛନ୍ତି। ମୋର ବି ଫଟା କପାଳ ତାଠାରୁ ଗାଳି ଶୁଣିବାକୁ ପଡୁଛି। ଇଛା ହେଲେ ଖାଇବାକୁ ଦଉଛି ନହେଲେ ଉପାସ। ଗୋଟିଏ ବୋଲି ଝିଅ ମୋର ସେ କିନ୍ତୁ ମା' ର ଦୁଃଖକୁ ବୁଝି ପାରୁନାହିଁ।ତା ବାପା ତାକୁ ଭଲ ଘରେ ବିବାହ ଦେଇଥିଲେ। ହେଲେ କୋଉଦିନ ତା ଘରକୁ ଡାକେନାହିଁ।ଥରେ ଅଧେ ଯୋଉଦିନ ତା ଘରକୁ ଯାଏ ସେହିଦିନ ହିଁ ଫେରିବାକୁ ପଡେ।ଝିଅ କହିବ ଭାଇ ଭଗାରି କଥା କିଏ କାଳେ କଣ ଭାବିବ ସେଥିପାଇଁ ରଖିପାରୁନି।ସେଥିପାଇଁ ତା ଘରେ ରହିବାକୁ ଭଲ ଲାଗେନି। ନିଜ ଝିଅ ହେଲେବି କଣ ତା କଥା କହିବି। ସେ ମଧ ତା ବାପ ସମ୍ପତ୍ତିରୁ ଭାଗ ଖୋଜୁଛି। ଏସବୁ ଶୁଣିଲା ପରେ ରମେଶ ବାବୁ ବୁଢ଼ୀକୁ ଘରେ ଛାଡ଼ିବା ପାଇଁ କହିବାରୁ ବୁଢ଼ୀ କହିଲା ନାହିଁରେ ବାପା ମୁଁ ଏଥର ଚାଲିଯିବି। ଘର ଏ ଆଗ ଗଳିରେ। ବାପା ତୁ ଯା। ଭଗବାନ ତୋତେ କୋଟି ପରମାୟୁ ଦିଅନ୍ତୁ। ସମସ୍ତଙ୍କୁ ଭଗବାନ ତୋଭଳି ଗୋଟେ ପୁଅ ଦିଅନ୍ତୁ। ହଉ ବାପା ମୁଁ ଯାଉଛି। ବୁଢ଼ୀଟି ଚାଲିଗଲା ପରେ ରମେଶବାବୁ ନିଜକୁ ନିଜେ ଲଜ୍ଜିତ ଅନୁଭବ କଲେ। ଭାବୁଥାନ୍ତି ଏମିତି କେତେ କଷ୍ଟକରି ମୋ ବାପା ମା ମୋତେ ପାଠ ପଢ଼େଇ ମଣିଷ କରିଥିଲେ ହେଲେ ଦିନଟିଏ ବି ତାଙ୍କୁ ସୁଖ ଦେଇପାରିଲି ନାହିଁ।ବିଧବା ମା'କଥା ନଭାବି ନିଜ ସ୍ତ୍ରୀ ଛୁଆପିଲାଙ୍କ କଥା ଭାବି ମା' ଠାରୁ ଅଲଗା ହୋଇ ସହରରେ ରହିଲି। ଏମିତି ସମୟ ଆସିଲା ମା' ର ମୃତ୍ୟୁ ବେଳକୁ ତା ପାଟିରେ ଟିକେ ପାଣି ଦେଇପାରିଲି ନାହିଁ। ଭଗବାନ ମୋତେ କେବେ କ୍ଷମା ଦେବେନି। ମନେମନେ ଭାବୁଥାଏ ସଂସାରର ସବୁ ଶିକ୍ଷିତ ପୁଅ କଣ ଏଭଳି?

ସେପଟେ ବୁଢ଼ୀ ଲୋକଟି ଚାଲିଚାଲି ଘରେ ପହଁଚିଲା ବେଳକୁ ନାତିନାତୁଣୀ ଆସି ଜେଜେମାକୁ କୁଣ୍ଢେଇ ପକାଇଲେ। ଆମପାଇଁ କଣ ଆଣିଛୁ ଜେଜେମା ?ବିଚରା ବୁଢ଼ୀଲୋକଟିର ପାଟିରୁ ପଦିଏ କଥା ବି ବାହାରୁନଥାଏ। କେମିତି ବା ଆଣି ଥାଆନ୍ତା। ବାଟରେ ଅଚେତ ଅବସ୍ଥାରେ ପଡ଼ିଥିବା ବେଳେ ତା କାନିରୁ କିଏ ଟଙ୍କା ନେଇଯାଇଛି। ବୁଢ଼ୀ ଏକଥା କାହାକୁବା କହିବ କିଏ ବୁଝିବ। ସାନବୋହୁ ବୀଣା ଶାଶୁଙ୍କୁ କହୁଥାଏ ତମ ବିବେକ ତୁମକୁ ବାଧା ଦେଲାନି। ଘରେ ଛୋଟ ଛୁଆ ଦିଟା ଅଛନ୍ତି ତାଙ୍କ ପାଇଁ ଚକୋଲେଟ ଟିଏ ଆଣିପାରିଲନି।ଔଷଧ ଦୋକାନରେ କେତେ ବାକି ହେଲାଣି। ଦିଅ ପଇସା ଦିଅ ତା ଦୋକାନରେ ଦେଲେ ପୁଣି ତମପାଇଁ ଔଷଧ ଆସିବ। ଆମ ପାଖରେ ପଇସା ନାହିଁ ଔଷଧ ଆଣିବାକୁ,ନହେଲେ ସେମିତି ପଡ଼ିଥିବ। ବିଚରା ବୁଢ଼ୀ କରିବ କଣ। ଖାଲି ଭଗବାନଙ୍କୁ ଡାକିବା ଛଡା ଆଉ କିଛି ଉପାୟ ନାହିଁ।ସତ କହିଲେ କିଏବା ବିଶ୍ୱାସ କରିବ। ସପ୍ତାହେ ହେଲାଣି ଜ୍ୱର। ପାଟିକି କିଛି ରୁଚୁନି।ପୁଅକୁ ପଇସା ଦେଇଥିଲେ ଔଷଧ ଆଉ ଗୁଆଗୁଣ୍ଡି ଟିକେ ଆଣିଥାନ୍ତା।

ସେହିସମୟରେ ରାଜୁ ଆସି କହିଲା ତୋ ଭତ୍ତାଟଙ୍କା ଦେ ଔଷଧ ଆଣିବାକୁ ଯିବି। ରାଜୁର କଥା ନସରୁଣୁ ବୁଢ଼ୀର ଆଖିରୁ ଲୁହ ଝରିଆସିଲା। ମୋର ଦେହ ଭଲ ଅଛି ଆଉ ଔଷଧ ଖାଇବିନି। ରାଜୁ କହିଲା ତୋ ଇଛା ତୁ ଯାହା କରୁଛୁ କର। ବୁଢ଼ୀ ଆଉ ବା କେତେଦିନ ଜ୍ୱରକୁ ଲୁଚେଇବ। ଦିନକୁ ଦିନ ଜ୍ୱର ବଢିଚାଲିଲା ଓ ଖାଇବା କମିଗଲା। ବୋହୁ ବି ପଚାରିଲାନି ତମ ଦେହ ଭଲ ହେଲାଣି କି ନାହିଁ।ଏମିତି କିଛିଦିନ ଗଲାପରେ ବୁଢ଼ୀ ଆଉ ଶେଯରୁ ଉଠିଲା ନାହିଁ। ଶେଷରେ ରାଜୁକୁ ଡାକି କହିଲା ମୁଁ ଟିକେ ବଡପୁଅ ଆଉ ଝିଅକୁ ଦେଖନ୍ତିନି। ଆଉ ବଞ୍ଚିବିନି। ମା' ର ଦେହ ଖରାପ ଶୁଣି ପୁଅ ଝିଅ ଆସିଲେ। ମା' ଦେହମୁଣ୍ଡ କଥା ବୁଝିବେ କଣ ବଡପୁଅ ସାନକୁ ପଚାରୁଛି ମା' ମଲାପରେ ତା'ର ଶୁଦ୍ଧିକ୍ରିୟା ହେବ କେମିତି? ମୋପାଖରେ ଟଙ୍କାଟିଏ ନାହିଁ। ଗୋଟେ କାମ କରିବା, ମା' ନାଁରେ ଯେଉଁ ଜମି ଖଣ୍ଡକ ଅଛି ତାକୁ ବ୍ୟାଙ୍କରେ ବନ୍ଧା ଥୋଇଦେବା। ତୁଯା ମା 'ର ଟିପଚିହ୍ନ ନେଇଆସେ। ଦୁଇ ଭାଇଙ୍କ କଥା ନସରୁଣୁ ଭଉଣୀ କହିଲା ମୋର ବି ସମ୍ପତ୍ତିରେ ଭାଗ ଅଛି। ଆଉ ମା' ମଲାପରେ ତା କାନଫୁଲ ମୋତେ ଦେବବୋଲି କହିଛି। ଠିକ ଏହି ସମୟରେ ସେପଟ ଘରୁ କାନ୍ଦବୋବାଳି ଶୁଣାଗଲା। ସାନ ବୋହୁ ଆସି କହିଲା ମା' ଆଉ ନାହାନ୍ତି।

ନିମାପଡା, ପୁରୀ, ମୋବାଇଲ୍: ୯୭୭୮୧୭୭୫୦୧

---





## ତୁମେ ଭାରି ମନେ ପଡୁଛ

ଡଃ ତାନଶ୍ରୀ ପାଣିଗ୍ରାହୀ



ତୁମେ ଭାରି ଆଜି ମନେ ପଡୁଅଛ
ତୁମ ଛବି ମୋ ଆଖିରେ
ବ୍ୟଥା ଭରା ମନ ଦୁଃଖ ଭରା ସ୍ୱପ୍ନ
ନିତି ଜିଇଁ ନିତି ମରେ...

ହୃଦୟକୁ ମୋର ଜିଣିଲ ଯେ ଦିନ
ମିଳନର ନଦୀ ତୀରେ
ସବୁ ଋତୁ ମୋତେ ଲାଗିଲା ଫଗୁଣ
ତୁମକୁ ପାଇଲା ପରେ...

ମନ ମୟୂରୀ ମୋ ନାଚି ଉଠିଥିଲା
ଆଶା କଳା ମେଘ ଚାହିଁ
ଜହ୍ନ ସାଜି ଗଲ ମୋ ମନ ଆକାଶେ
ମୁଁ ଯେ ତୁମ ନୀଳ କଇଁ...

କେଉଁ ଜନମରେ କି ସମ୍ପର୍କ ଥିଲା
ଏ ଜନମେ ହେଲା ଦେଖା
ଜୀବନ ବାଟରେ ଚାଲୁ ଚାଲୁ ତୁମେ
ହୋଇ ଗଲ ପ୍ରିୟ ସଖା...

ମନେ ପଡେ ତୁମ ପ୍ରଥମ ପରଶ
ଅମୃତର ମଧୁଛୁଆଁ
ପ୍ରୀତିର ଭ୍ରମର ଫୁଲ ପାଖୁଡାରେ
ଲେଖୁଥିଲା ଆମ ନାଆଁ...

ଅନୁରାଗ ଭରା ପ୍ରୀତିର ଅବିର
ଅଙ୍ଗରେ ମୋ ଦେଲ ବୋଳି
ସରଗର ଫୁଲ ପ୍ରେମ ପାରିଜାତ
ମୋ ହାତରେ ଦେଲ ତୋଳି...

ପହିଲି ଫଗୁଣ ମିଠା ସଉରଭ
ଗାଏ ତୁମ ମଧୁଗୀତି
ତୁମେ ପାଖେ ଥିଲେ ସବୁ ରାତି ଲାଗେ
ମିଠା ମିଠା ଜହ୍ନରାତି ॥

ବାଲେଶ୍ୱର
ମୋବାଇଲ୍: ୯୩୩୭୩୦୪୨୯୫

---



## ମୁଖାପିନ୍ଧାଙ୍କୁ ଦୂରୁ ଜୁହାର

ନିବେଦିତା ପଣ୍ଡା

ଉପରେ ତ ହସ ଅନ୍ତରରେ ବିଷ
ମୁଖାପିନ୍ଧାଙ୍କ ସ୍ୱରୂପ,
ହସ ଅଭିନୟ ତା ଖଳ ସ୍ୱଭାବ
ବିଷମୟ ଅନ୍ତଃ ଛାପ।

ମଣିଷର ମନ ବୁଝିବା ଜାଣିବା
ସବୁଠୁ କଠିନ ପାଠ,
ସହଜେ ଜମାରୁ ହୁଏ ନାହିଁ ବୁଝି
ନଥିଲେ ବୁଦ୍ଧି କି ଶାଠ।

ହସ ହସ ମୁହଁ ଭଲ ଲାଗିଥାଏ
ନିଜର ବି ହୋଇଯାଏ,
ଭୁଲ୍ ହେଉ ଅବା ଠିକ୍ ହୋଇଥାଉ
ମନ ତାକୁ ମାନି ନିଏ।

ମୁଖାପିନ୍ଧା ଜନ ଖଳ ଆଚରଣ
ଥାଏ ଅବିବେକୀ ପଣ,
ସୁଖ ସେଠି ହୁଏ ଅଢ଼େଇ ଦିନିଆ
ଦୁଃଖ ଆସେ ଅକାରଣ ।

ଜୀବନ ଯାତ୍ରାର କଙ୍କର ପଥରେ
ଦୁର୍ଜନ ଯଦି ମିଳନ୍ତି,
ସୁଖ, ଶାନ୍ତି ସବୁ ଅପସରି ଯାଏ
ସଜ୍ଜନ କଷ୍ଟ ଭୋଗନ୍ତି।

ମୁଖାପିନ୍ଧାଙ୍କୁ ତ ଆପଣାଅ ନାହିଁ
ରଖ ଆତ୍ମିକ ବିଚାର,
ସହଜ ସରଳ ଜୀବନ ହୋଇବ
ଘଟିବ ବି ଚମତ୍କାର।

କା ଭୁଲ୍ କଥାରେ ହଜି ଯାଅ ନାହିଁ
ଅନୁଭବ କରି ଶିଖ,
ଯାହା ଅଦୃଶ୍ୟରେ ଲୁକ୍କାୟିତ ଥାଏ
ସେ ସତ୍ୟତାକୁ ଦେଖ।

ଅନୁମାନ ସଦା ସଠିକ୍ ହୁଏନି
ଅନୁଭବ ତ ଜରୁରୀ,
ଅନୁଭବ ଜ୍ଞାନ ନିର୍ଣ୍ଣାୟକ ହୁଏ
ଜୀବନରେ ଦରକାରୀ।

ମଣିଷ ପାଇଁ ତ ଟିକିଏ ବିଶ୍ୱାସ
ଅମୃତମୟର ଧାରା ,
ବଞ୍ଚିରହି ଥାଏ ବିଷ ବଳୟରେ
ବିଶ୍ୱାସେ ଜୀବନ ସାରା

ବିଶ୍ୱାସର ମଞ୍ଜି ଅତି ସୂକ୍ଷ୍ମତମ
ବୁଣିବା ସହଜ ନୁହେଁ,
ସ୍ନେହର ବର୍ଷାରେ ମନ ହୃଦୟରେ
ସମୟାନୁସାରେ ହୁଏ।

ସତ୍ୟର ପାଣିରେ ଅତି ଯତନରେ
ବିଶ୍ୱାସ ଗଛ ଟି ତିଷ୍ଟେ,
ଅନିଶ୍ଚିତ ତାର ବିଧି ଭାଗ୍ୟ ରେଖା
ଛଳନା ହୃଦୟ ପୃଷ୍ଟେ।

ବିଶ୍ୱାସ ତ ବଞ୍ଚେ ଭରସା ଉପରେ
ଭରସା ତାର ସୂଚକ,
ଭରସା ଆସିଲେ ବିଶ୍ୱାସ ବି ଆସେ
ଉଭୟ ପରିପୂରକ।

ବିଶ୍ୱାସରେ ଦିଏ ବିଷ ଯେଉଁ ନର
ସେହି ମୁଖାପିନ୍ଧା ନର,
ସେହି ଜନ ସଦା ବିଷଧର ସର୍ପ
କର ଦୂରରୁ ଜୁହାର

ରାଉରକେଲା



---





## କରିବା ଜାଗର ରହି ଉଜାଗର

ପୁଷ୍ପଲତା ମିଶ୍ର

କରିବା ଜାଗର ରହି ଉଜାଗର
ପୂଜିବା ତ ମହେଶ୍ୱର,
କରୁଛି ବିନତି ରଖ ଉମା ପତି
ଜଗତ କର ଉଦ୍ଧାର ॥
ରୁଦ୍ର ମହା ଯତି ଶମ୍ଭୁ ପ୍ରଜାପତି
ନୀଳ କଣ୍ଠ ବାସୁଦେବ,
ଆହେ ଗଙ୍ଗା ଧର ଶ୍ମଶାନ ଈଶ୍ୱର
ବିରୁ ପାକ୍ଷ ବାମ ଦେବ ॥
ପିନାକ ଧାରଣ ଅନନ୍ତ ତାରକ
ଗିରି ବାସୀ କୃତିବାସ ,
ବିଭୂତି ଭୂଷଣ ପାଶ ବିମୋଚନ
ଆହେ ପ୍ରଭୁ ବ୍ୟୋମକେଶ॥
ହେ ଶିବ ଶଙ୍କର ଆହେ ଜଟା ଧର
ହିରନ୍ୟ ଗଣ ଶାଶ୍ୱତ
ପ୍ରଭୁ କୃପାନିଧି କରୁଣା ବାରିଧି
ରଖ ମୋ ମାନ ମହତ॥
ଆହେ ତ୍ରିଲୋଚନ ମହା କାଳ ହର
ବାମ ଦେବ ପଞ୍ଚାନନ,
ପ୍ରଭୁ ଆଶୁ ତୋଷ କ୍ଷମା କର ଦୋଷ
ବୃଷଭ ନନ୍ଦୀ ବାହନ॥
ଫଗୁଣ ମାସରେ ଡାକୁଛି ଆତୁରେ
ଦିଅ ମୋତେ ଆଶୀର୍ବାଦ,
ତୋହରି ଦୁଆରେ ତୋ ପାଦ ତଳ ରେ
ରଖିଅଛି ମୋର ମାଥ॥
ତୁମରି ଚରଣେ ରହିଛି ଶରଣେ
ଡାକୁଅଛି ପୁଷ୍ପଲତା,
ଦିଅ ଆଶୀର୍ବାଦ ଆହେ ଭୋଳାନାଥ
ତୋ ପାଦେ ମୁଁ ସମର୍ପିତା ॥

ଭୁବନେଶ୍ୱର
ମୋବାଇଲ୍: ୯୩୩୮୨୯୪୬୫୭

---



## ଅନାଗତ ଭବିଷ୍ୟତ

ଡ ଚନ୍ଦ୍ରକଳା ନାୟକ

ତୁମେ ଥିଲ ମୋ ପାଇଁ ଅପରିଚିତ
ତୁମ ହାତ ଲେଖା ଚିରୁକୁଟି ପାଇଥିଲି ଥରେ
ଅମରାବତୀ ଦୁର୍ଗର ସୁଡଙ୍ଗ କଡରେ
ସେଥିରେ ଥିଲା ତୁମ ମଇଳା ଲୁଗାର ବାସ୍ନା
ଥରେ ତ କୁହ, ତୁମେ କଣ ନୟନତାରା କି ?
କେମିତି ଲେଖୁଥିଲ ଏ ଗଡର ଇତିହାସକୁ ।
ଅନ୍ଧକାର ରାତ୍ରିଟାରେ ଆଗକୁ ଚାଲି ଚାଲି
ଖୋଜୁଥିଲି ପୂର୍ବ ଅତୀତକୁ
ନିର୍ଜନ ପଥଧାରେ ଅପଲକ ନୟନରେ
ବାଢୁଥିଲି ଆଗାମୀ ଭବିଷ୍ୟତର କାଳିମାକୁ
ସେଇ ଧନିଆ ପାହାଡଟା ଏବେ ଅର୍ଦ୍ଧମୃତ
ଯାହାର ଦେହରେ ନିଗିଡେ ଧାର ଧାର କୋହ
କ୍ଷୀଣ ଆଲୋକର ସୀମିତ ନେତ୍ରରେ
ବହଳିଆ ଅନ୍ଧାର ଭିତରେ ଏବେ ବି
ଗୁମୁରି କାନ୍ଦୁଛି ଏଠି ନିର୍ଜିବ ଶରୀର ।
ଏବେ କିନ୍ତୁ କୋଳାହଳ ଶବ୍ଦ ଶୁଭେ
ଭଗ୍ନ ମନ ଭଙ୍ଗା ସ୍ତୁପ
ଅପନ୍ତରା ଏଠି ଇତିହାସ
ନୀରବରେ ଶୋଇ ଆଧୁନିକ ଖୋଳପା ଭିତରେ ଥିବା
ଏ ବୀର ଜାତିଟାର ଖଣ୍ଡିତ ଗାଣ୍ଡିବ
କିଏ ଅଛି ଉଠାଇବ ତା'କୁ
ଶତାବ୍ଦୀର ପୃଷ୍ଠା ଓଲଟାଇ
ଲେଖଦେବ ଭବିଷ୍ୟତ ବଂଶଧର ପାଇଁ ।

ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ,
ଛତିଆ, ଯାଜପୁର

---



## ଫଗୁଣ ଦେଇଛି ପହିଲି ଚିଠି

ଡଃ ନାରାୟଣ ଚନ୍ଦ୍ର ସେନାପତି

ଯେବେ ପାଇଲି ମୁଁ ଫଗୁଣର ପହିଲି ଚିଠି
ଭାବିଲି ପାଇଛି ଏ ପୃଥିବୀଟା
ହାତ ମୁଠାରେ
ଉତ୍ସୁକ ମନର ବ୍ୟଗ୍ରତା ଭାଙ୍ଗିଦେଲା ଧୈର୍ଯ୍ୟ
ଛାତିର ଚୋରା ଚୋରା ସ୍ପନ୍ଦନ ହେଉଥିଲା ବ୍ୟଗ୍ର
ଖୁସିର କୋମଳ ଛୁଆଁ ଦେଇ ଖୋଲିଲି ସେ ପ୍ରେମପତ୍ର
ପଢ଼ିଗଲି ଆନନ୍ଦରେ
ଏକ ନିଃଶ୍ୱାସ ରେ।

ସେ ଚିଠିରେ ଦିଶୁଥିଲା ତା ମୁହଁ
ବାରମ୍ବାର ଚୁମୁଥିଲ କଲମ ତା ଗୋଲାପି ଓଠରେ
କେବେ ଲାଜରେ ଚାହୁଁଥିଲା ଏଣେ ତେଣେ
ଲେଖା ପଢି ହସୁଥିଲା ମନ ଆନନ୍ଦରେ
ଆଉ କେବେ ଚିଠିକୁ କରୁଥିଲା ଆଲିଙ୍ଗନ
ଭିଜୁଥିଲା ଆନନ୍ଦ ଅଶ୍ରୁରେ।

ସେ ଚିଠିର ଶବ୍ଦରେ ଥିବା ଆମ୍ବ ବଉଳର ଭୁରୁ ଭୁରୁ ବାସ୍ନା
ବିମୋହିତ କରୁଥିଲା ମୋ ମନକୁ
ପ୍ରତି ମୁହୂର୍ତ୍ତରେ
ସେ ଭାବ ଭାଷାର କୋକିଳ ତାନ
ଶିହରାଇ ଦେଉଥିଲା ଛାତିକୁ
ମଳୟ ଛୁଆଁରେ
ତୁମ ହଳଦିଆ ଶାଢ଼ୀର ଚମକରେ ଖୋସି
ହେଉଥିଲା ଆଖି
ତୁମ ଶାଶ୍ୱତ ପ୍ରେମର ପରିଭାଷା ଫୁଟି ଉଠୁଥିଲା
ଏଇ ପହିଲି ଚିଠିରେ।

ମୋ ଫୁଲେଇ ଫଗୁଣର ଏକ ପଂକ୍ତି
ବାରମ୍ବାର ଥରାଇ ଦେଉଛି ମୋ ଛାତି
ଯେବେ ପଢୁଛି ଅନ୍ତରାତ୍ମାରେ
ଗମ୍ଭୀର ଆଖିରେ
"କେବେ ଆସିବ ହେ ପ୍ରିୟ
ତୁମକୁ ଖୋଜୁଛି ଜହ୍ନ
ଚାହିଁଛି ଆମ୍ବ ତୋଟା
ଲେଖିବାକୁ କାହାଣୀ ହୃଦୟ ଛାତିରେ
କରିବନି ହାତଛଡ଼ା
ଦେଉଥିବ ଟିପେ ଜାଗା ଯୁଗ ଯୁଗ ପାଇଁ
ଶରଧାରେ
ହୃଦ ସିନ୍ଦୁକରେ।"

ଜମ୍ବିରା,କେନ୍ଦୁଝର

---



## ସେଇ ଓଠ

ଡ. ଶୁଭେନ୍ଦୁ ମେହେର

ମୋ' ଇପ୍ସିତ ଇଚ୍ଛାସବୁ
ଯେଉଁଠି ଅଟକି ଯାଆନ୍ତି
ତାହା ହିଁ ମୋ'ର ଅଭିଳାଷର
ଐଶ୍ୱର୍ଯ୍ୟ।
ସେଇଠି ଅଛି,
ଜହ୍ନ ରାତି,
ଚୋରା ଚଇତି,
ଆଉ, ଫଗୁଣ ପାହାନ୍ତି।
ସେଇ ଓଠ ଦୁଇଧାର.....
ଜହ୍ନ ପରି....!
ତା' ଦେହଦେଉଳ ଚୂଡ଼ାର
ରକ୍ତିମ ଆଭାରେ
ସୁଖ ଦୁଃଖରେ, ହସ କାନ୍ଦରେ
ଆୟୁଷ ବାଣ୍ଟେ।
ମୋ' ଗଜା ବୟସରେ
ନିଆଁରୁ ହିଆ ଉଡ଼ାଏ
କ୍ଷୁଧା ତୃଷାର ମଧୁର
ସଙ୍ଗୀତ ଗାଏ।
ନିଜକୁ ନିଜଠାରୁ,
ମୁକୁଳାଇ ପାରୁନଥିବା ସଂଜରେ
ପ୍ରୀତି ସୁରଭି ବୁଣେ।
ଯେଉଁଠି,
ବିଷ ବି' ପୀୟୂଷ ପାଲଟେ
ଷଠିଘରୁ ସ୍ୱର୍ଗଦ୍ୱାର ଯାଏ
ବିଶ୍ୱାସରୁ ନିଃଶ୍ୱାସ ଆଉ
ଦର୍ଶନରୁ ଦଂଶନ
ପୀୟୂଷରୁ ପରଶ ପର୍ଯ୍ୟନ୍ତ
କୁଆଁରୀ ମଧୁମାସଟେ
ଓଠ ତଳେ ଅଇଁଠା ହୋଇ
ମହ ମହ ବାସେ।
ସେ' ଓଠରୁ,
ଗୁଞ୍ଜରି ଉଠେ
ଧାରେ ସଲ୍ଲଜ ହସ।
ଛାତି ଭିତରେ ତାତି ଦେଇ
ଦୋହଲାଇ ଦିଏ
ମାଟିରୁ ଆକାଶ।
ସିଏ ତ'
ମୋ' ଜୀବନର ଉଦଗ୍ର ପିପାସା
ପ୍ରୀତିର କୋଣାର୍କ
ଆଉ,
ବଞ୍ଚିବାର ଜୀବନ ଜିଜ୍ଞାସା ॥

ଯାଲୋଏ, ସୁବର୍ଣ୍ଣପୁର

---



## ଗୋଲାପ ଦିବସ

ବାସନ୍ତୀ ଲତା ଜେନା

ଗୋଲାପ ଦିବସେ ସକାଳୁ ଉଠି ମୁଁ
ବଗିଚାକୁ ଗଲି ଧାଇଁ
ନାଲି ନୀଳ ଧଳା ଗୋଲାପ ଦେଖିଲି
ଗଛ ଡାଳେ ଝୁଲୁ ଥାଇ ।୦ ।
ନାଲି ଗୋଲାପଟେ ଶ୍ରଦ୍ଧାରେ ତୋଳିଲି
ପ୍ରିୟାକୁ ମୋ ଦେବା ପାଇଁ
ଯତନେ ଲୁଚାଇ ଘରକୁ ଆଣିଲି
ସଜବାଜ ହେଉ ଥାଇ
ଏତିକି ବେଳରେ ଘରଣୀ ମୋ ଆସି
ମୁଣ୍ଡଟାକୁ ଖାଉ ଥାଇ
ଗୋଲାପ ଦିବସେ.... ।୧।
କହିଲା ଦେଖାଅ ଲୁଚାଉଛ କଣ
କିଛି ନାହିଁ କହି ଦେଲି
ଜୋର କରି ସିଏ ପକେଟ ଖୋଜିଲା
ଧାରା ମୁହିଁ ପଡି ଗଲି
ମୁହଁକୁ ଝିଙ୍କାରି କହିଲା ମୋ ପତ୍ନୀ
ତୁମ ମୁଖେ ଲାଜ ନାହିଁ
ଗୋଲାପ ଦିବସେ.... ।୨।
ଅଧାରୁ ଅଧିକ ବୟସ ହେଲାଣି
ପ୍ରେମ ଉଛୁଳୁଛି ଏବେ
ପୁଅ ଝିଅ ତୁମ ବଡ଼ ହୋଇଲେଣି
ବୁଦ୍ଧି ତୁମ ହେବ କେବେ
ଲାଜରେ ମୁହଁଟା ଜଳି ଗଲା ମୋର କଥା
ତୁଣ୍ଡେ ନ ଫୁଟଇ
ଗୋଲାପ ଦିବସେ.... ।୩।
ପ୍ରେମିକାର ନିଶା ଛାଡିଲା ମନରୁ
ଘରଣୀର ପଦ ପାଇ
ଅତୀତକୁ ଭୁଲି ଆଗକୁ ବଢ଼ିଲି
ସୁନା ସଂସାରକୁ ଚାହିଁ
ଆଉ ସେହି ଭୁଲ କେବେ କରିବିନି
ସଂକଳ୍ପ ମନେ କରଇ
ନାଲି ନେଲି ଧଳା.... ।୪।

ଗାନ୍ଧୀନଗର, ପୋଷ୍ଟ/ ଜିଲ୍ଲା: ନବରଙ୍ଗପୁର

## ଗୀତିକବି ସମ୍ମାନରେ ସମ୍ମାନିତ ହେଲେ ମୀନକେତନ



**ସୁନ୍ଦରଗଡ଼,୧୦।୨(ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲ୍ଲା ଅବନକେଲା ଗ୍ରାମର ବିଶିଷ୍ଟ ଗୀତିକାର ମୀନକେତନ ମିଶ୍ରଙ୍କୁ ଓଡିଆ ଗୀତିକବି ସମାଜର ୩୩ତମ ବାର୍ଷିକ ଉତ୍ସବରେ ସମ୍ମାନିତ କରାଯାଇଛି। ଗୀତିକାର ଗୌର ପଟ୍ଟନାୟକଙ୍କ ଅଧକ୍ଷତାରେ ଶତାବ୍ଦୀ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଚର୍ଚ୍ଚିତ ଲେଖିକା ପଦ୍ମଭୂଷଣ ଡକ୍ଟର ପ୍ରତିଭା ରାୟ ଓ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଚନ୍ଦ୍ର ଶେଖର ହୋତା କବି ମୀନକେତନଙ୍କୁ ମାନପତ୍ର ଫଳକ ଓ ଉତ୍ତରୀୟ ଦେଇ ଜିତେନ୍ଦ୍ର ପଟ୍ଟନାୟକ ଗୀତିକବି ସମ୍ମାନରେ ସମ୍ମାନିତ କରିଥଲେ। କବି ମୀନକେତନ ମିଶ୍ର ଏକାଧାରରେ ଜଣେ କବି, ଗୀତିକାର, ସଙ୍କୀର୍ତ୍ତନ ଗାୟକ, ବାଦକ ତଥା ପ୍ରବଚକ। ଆକାଶବାଣୀ କେନ୍ଦ୍ର ସ୍ୱିକୃତି ପାଇଲା ପରେ ଅନେକ ଗୀତ ତଥା ଚଉତିଶା ପଞ୍ଚକ, ଭାଜନାମୃତ (ପ୍ରଥମ, ଦ୍ୱିତୀୟ, ତୃତୀୟ ଭାଗ), ପରିଚୟ, କବିର କଲମ, ଆରେ ମିତ ଗାଏମା ଗୀତ ଆଦି ପ୍ରକାଶିତ ପୁସ୍ତକ ପାଇଁ ସାହିତ୍ୟିକ ଓ ପାଠକ ମହଲରେ ସେ ବେଶ ପ୍ରଶଂସା ସାଉଁଟିଛନ୍ତି। କବିଙ୍କ ସମ୍ବର୍ଦ୍ଧନା ପରେ ସୁନ୍ଦରଗଡ଼ ତଥା ଆଖପାଖ ଅଞ୍ଚଳରେ ଖୁସିର ଲହରୀ ଖେଳିଯିବା ସଙ୍ଗେ ପ୍ରଶଂସା ର ସୁଅ ଛୁଟୁଛି। ବର୍ତ୍ତମାନ ମଧ କବିଙ୍କ କଲମ ଓଡିଆ ତଥା ସମ୍ବଲପୁରୀ ଭାଷାରେ ଖୁବ୍ ଚଳଚଞ୍ଚଳ।

## ଜିଲ୍ଲା ମହୋତ୍ସବ ଯତରାର ଦ୍ୱିତୀୟ ସନ୍ଧ୍ୟା



**ସୁନ୍ଦରଗଡ଼,୧୦।୨(ସଂଚାର ବ୍ୟୁରୋ):** ଜିଲ୍ଲା ମହୋତ୍ସବ ଯତରା ୨୦୨୬ ର ଦ୍ୱିତୀୟ ସାଂସ୍କୃତିକ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗ ଦେଇ ଥିଲେ। ଏହି ଅବସରରେ ଲୋକ ସଙ୍ଗୀତକୁ ଉତ୍ସାହିତ କରିବାର ଉତ୍ତମ ମାଧ୍ୟମ ହେଉଛି ଏହି ଆୟୋଜନ ବୋଲି ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ। ସେହିଭଳି ଏହି ସାତ ଦିନିଆ କାର୍ଯ୍ୟକ୍ରମର ପ୍ରତ୍ୟେକ ଦିନ ଜିଲ୍ଲା ର ବରପୁତ୍ରଙ୍କୁ ସମର୍ପିତ କରିଥିବାରୁ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଇଥିଲେ। ଆଜିର ସନ୍ଧ୍ୟାକୁ ମହାରାଜା ରଘୁନାଥ ଶେଖର ଦେଓଙ୍କ ନାମରେ ସମର୍ପିତ କରାଯାଇଥିଲା। ଏହି ଅବସରରେ ମହାରାଣୀ ପଦ୍ମିନୀ ଶେଖର ଦେଓଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥି ସହିତ ବଣାଇ ବ୍ଲକର ଅଙ୍ଗନୱାଡି କର୍ମୀ ଝରଣା ବେହେରା, ସଦର ବ୍ଲକର ଅଙ୍ଗନୱାଡି କର୍ମୀ କନକ କିସାନ, ବାଲ୍ୟ ବିବାହ ରୋକିଥିବା ଚିରସ୍ମିତା ନାଥ, କୋଇଡା ବ୍ଲକର ଆଶାକର୍ମୀ କେଶବତୀ ପାତ୍ରଙ୍କୁ ସୁନ୍ଦରଗଡ଼ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଏହା ସହ ସୁରୁ ହେମ୍ବ୍ରମ, କାଜଲ ମୁଣ୍ଡା, ଶାନ୍ତିଲତା ମୁଣ୍ଡା, ଦେବେନ୍ଦ୍ର ହେମ୍ବ୍ରମ, ଶୁକ୍ର ଖାଖା, ଛାତ୍ର କ୍ରିଷ୍ଟା ମାଝୀ, ଶିକ୍ଷକ ପର୍ଶୁରାମ ବାରିକ, ପାଲା ଗାୟକ ଖଗେଶ୍ୱର ବାରିକ, ସରୋଜିନୀ ବାନା ଏବଂ ନୂତନ ଉଦ୍ୟୋଗ ଆରମ୍ଭ କୋରୋସିଆ ଟେକ୍ନୋଲୋଜି ର ଉଦ୍ୟୋକ୍ତାଙ୍କୁ ମଧ ସୁନ୍ଦରଗଡ଼ ସମ୍ମାନ ପ୍ରଦାନ କରାଯାଇଥିଲା।

## ମହିଳାଙ୍କୁ ଆକ୍ରମଣ ଘଟଣାରେ ଥାନାରେ ଅଭିଯୋଗ

**ବୈଶିଙ୍ଗା,୯।୨(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅର୍ନ୍ତଗତ ଖଡିକାପଦା ଗ୍ରାମର ୨୭ ବର୍ଷିୟା ଶେଫାଳୀଙ୍କ ଜୀବନ ପାରିବାରିକ ହିଂସାର ଶିକାର ହୋଇ ଦୁର୍ବିସହ ହୋଇପଡ଼ିଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି। ଘଟଣାରୁ ପ୍ରକାଶ ଯେ ଉତ୍ତମ ଦାସଙ୍କ ଝିଅ ଶେଫାଳୀ ବାଲେଶ୍ୱର ଜିଲ୍ଲାର ରୁପ୍ସା ଥାନା ଅର୍ନ୍ତଗତ ଆଙ୍ଗ ଗ୍ରାମର ପର୍ଶୁରାମ ବେହେରାଙ୍କ ପୁଅ ପ୍ରଶାନ୍ତଙ୍କୁ ୭ ବର୍ଷ ତଳେ ବିବାହ କରିଥିଲେ। ତେବେ ଗତ ପ୍ରାୟ ବର୍ଷେ ହେବ ପ୍ରଶାନ୍ତ ମଦ୍ୟପାନ କରି ଉତ୍ପାତ କରୁଥିବା ବେଳେ ରାତିରେ ଫେରି ଶେଫାଳୀଙ୍କ ଅନିଚ୍ଛା ସତ୍ତ୍ୱେ ତାଙ୍କ ସହିତ ଯୋରଜବରଦସ୍ତ ଶାରୀରିକ ସମ୍ପର୍କ ରଖିବା ପାଇଁ ଚେଷ୍ଟା କରିଥାନ୍ତି। ବିରୋଧ କଲେ ମାଡ଼ ମାରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥାନ୍ତି। ଶେଫାଳୀ ତିନି ଥର ସ୍ୱାମୀଙ୍କ ଦୌରତ୍ମ୍ୟ ବାବଦରେ ରୁପ୍ସା ଥାନାରେ ଅଭିଯୋଗ କରିଛନ୍ତି। ପ୍ରଶାନ୍ତଙ୍କୁ ଥାନାକୁ ଡ଼କାଇ ସ୍ଥାନୀୟ ସରପଞ୍ଚଙ୍କ ମଧ୍ୟସ୍ଥତାରେ ପ୍ରଶାନ୍ତଙ୍କୁ ପୋଲିସ ପକ୍ଷରୁ ଚେତାବନୀ ଦିଆଯାଇ ଛଡାଯାଇଛି। ମାତ୍ର ତାଙ୍କ ବ୍ୟବହାରରେ କୌଣସି ପରିବର୍ତ୍ତନ ନହେବା ଯୋଗୁଁ ଅନ୍ୟ ଉପାୟ ନପାଇ ଶେଷରେ ଶେଫାଳୀ ଶାଶୁ ଘର ଛାଡ଼ି ବାପ ଘରେ ରହିବାକୁ ବାଧ୍ୟ ହୋଇଥିଲେ।

## କେନ୍ଦ୍ରୀୟ ବଜେଟ ମହିଳା ସମାବେଶ



**ବାରିପଦା,୯।୨(ସଂଚାର ବ୍ୟୁରୋ):** ଭାରତୀୟ ଜନତା ମହିଳାମୋର୍ଚ୍ଚା, ମୟୂରଭଞ୍ଜ ସଂସଦୀୟ କ୍ଷେତ୍ରରେ ରାଷ୍ଟ୍ରୀୟ ମହିଳାମୋର୍ଚ୍ଚା ସଭାନେତ୍ରୀ ଭାନତି ଶ୍ରୀନିବାସନ ଆଜ୍ଞା ଙ୍କ ନିର୍ଦ୍ଦେଶ କ୍ରମେ ପଶ୍ଚିମ ମୟୁରଭଞ୍ଜ ଜ଼ିଲ୍ଲା ମହିଳାମୋର୍ଚ୍ଚା ସଭାନେତ୍ରୀ ସୋନାଲି ବିଜୟଲକ୍ଷ୍ମୀ ମହାନ୍ତ ଙ୍କ ନେତୃତ୍ୱ ରେ କେନ୍ଦ୍ରୀୟ ବଜେଟ ୨୦୨୬ ମହିଳା ସମାବେଶ ବାରିପଦା ଷ୍ଟାଡିୟମ ର ସମ୍ମିଳନୀ କକ୍ଷ ରେ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶ ରେ ରାଜ୍ୟସଭାନେତ୍ରୀ ଡ଼କ୍ଟର ଐଶ୍ୱରିୟା ବିଶ୍ୱାଳ ଙ୍କ ସହିତ ମାନ୍ୟବର ମୟୂରଭଞ୍ଜ ସାଂସଦ ନବଚରଣମାଝୀ, ରାଜ୍ୟ ମହିଳାମୋର୍ଚ୍ଚା ସଂଯଜିକା ରତ୍ନପ୍ରଭା ପଣ୍ଡା, କୌଶଲ୍ୟା ନାୟକ, ଦୁଇ ସାଙ୍ଗଠନିକ ଜ଼ିଲ୍ଲା ସଭାପତି ନିହାର ରଞ୍ଜନ ମୋଦି, ଜୁରିଲାଲ ମହାନ୍ତ, ଜ଼ିଲ୍ଲାର ମହିଳାମୋର୍ଚ୍ଚା ସଭାନେତ୍ରୀ ସୋରାଜିନୀ କିସ୍କୁ, ରାଜ୍ୟକାର୍ଯ୍ୟକାରିଣୀ ସଦସ୍ୟା ତଥା ଉଦଳା ଏନ୍‌ଏସି ଚେୟାରମ୍ୟାନ ପ୍ରମିଳା ପଣ୍ଡା ଓ ପୂର୍ବତନ ଜ଼ିଲ୍ଲାପରିଷଦ ଅଧାକ୍ଷା ସୁଜାତା ମୁର୍ମୁ ରାଜ୍ୟ ପ୍ରବକ୍ତା କବିବିଷ୍ଣୁ ଶତପଥି ଏବଂ ସିଏଚ୍‌ଜି ମହିଳାନେତୃମଣ୍ଡଳୀ ଯୋଗଦାନ କରିଥିଲେ। ସମସ୍ତେ ବଜେଟ ବିଷୟରେ ନିଜ ନିଜ ର ମତ ପ୍ରକାଶ କରିବା ସହିତ ଏହି ବଜେଟ୍ କିପରି ମହିଳା, ଛାତ୍ରୀ, ମଧବିତ୍ତ, ଓ କୃଷକ ଙ୍କୁ ଅଧିକ ଲାଭାନ୍ୱିତ କରିବ ଏହି ବିଷୟ ରେ ଆଲୋଚନା କରା ଯାଇଥିଲା।

## ହାଇଦ୍ରାବାଦ୍‌ରେ 'ଓସାକା' ପକ୍ଷରୁ ପୁଷ୍ ପୁନି ତିହାର



**ସୁବର୍ଣ୍ଣପୁର,୯।୨(ସଂଚାର ବ୍ୟୁରୋ):** ସୁଦୁର ହାଇଦ୍ରାବାଦ ସ୍ଥିତ ପ୍ରବାସୀ ପଶ୍ଚିମ ଓଡ଼ିଶାବାସୀଙ୍କ ଅଗ୍ରଣୀ ଅନୁଷ୍ଠାନ 'ଓସାକା' ତରଫ୍‌ରୁ ବେଗମ୍ ପେଟ୍ ସ୍ଥିତ ସେସ୍ ଅଡିଟୋରିୟମ୍ ରେ ପାରମ୍ପାରିକ ଶୈଳୀରେ ପୁଷପୁନି ଭେଟଘାଟ ଅନୁଷ୍ଠିତ ହେଇଯାଇଛି । ଏହି କାର୍ଯ୍ୟକ୍ରମ ରେ ପଶ୍ଚିମ ଓଡ଼ିଶାର ପ୍ରାଚୀନ ଲୋକକଳା "ଦଣ୍ଡ " (ଡଁଡ୍) କୁ ରାଜ୍ୟ ବାହାରେ ପ୍ରଚାର ପ୍ରସାର ପାଇଁ ଓସାକା ପ୍ରୟାସ୍ କରିଥିଲା । ଏହି ଅବସରରେ ସୁବର୍ଣ୍ଣପୁର ର ଦଣ୍ଡ ମହର୍ଷି ଗୁରୁ ବିପିନ ଜାଲ ଙ୍କ "ମାଁ ସୁରେଶ୍‌ବରୀ ଦଣ୍ଡ ନୃତ୍ଯ" ଦଣ୍ଡ ପରିବେଷଣ ବେଶ୍ ଆକର୍ଷଣୀୟ ଥିଲା। କୁନୀ ଛାତ୍ରୀ ସୁଶ୍ରୀ ସୃଷ୍ଟି ପ୍ରଧାନ ଏବଂ ଆନିନ୍ଦ୍ଯ ମିଶ୍ର ଙ୍କ ନୃତ୍ୟ ତଥା ନମ୍ରତା ପାଣିଗ୍ରାହୀଙ୍କ ସମ୍ବଲପୁରୀ ଗୀତ ପରିବେଷଣ ମନଛୁଆଁ ଥିଲା । ଏ ବର୍ଷ ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ସରକାରୀ ମେଡିକାଲ୍ ସିଟ୍ ପାଇଥିବା ଶଶାଙ୍କ ଶେଖର ଗଡ୍ ତ୍ଯା ଏବଂ ମାଟ୍ରିକ୍ ପରୀକ୍ଷାରେ ୯୭ ପର୍ସେଣ୍ଟ୍ ମାର୍କ ରଖି କୃତକାର୍ଯ୍ୟ ହେଇଥିବା ବିବେକ ସାହୁ ଙ୍କ ସମ୍ବର୍ଦ୍ଧିତ କରାଯାଇ ଥିଲା। ପଶ୍ଚିମ ଓଡ଼ିଶାର ପର୍ବ ପର୍ବାଣୀ ତଥା ମହାପୁରୁଷଙ୍କ ଜୟନ୍ତୀ ଉପରେ ସୂଚନା ନିମନ୍ତେ ବରଗଡ ଜିଲ୍ଲା ବୁଗ୍ ବୁଗା ରୁ ପ୍ରକାସିତ ସମ୍ବଲପୁରୀ/ କୋସଲୀ କେଲେଣ୍ଡର୍ ୨୦୨୬ ଉପସ୍ଥିତ ପରିବାର ମାନକଙ୍କୁ ପ୍ରଦାନ କରାଯାଇ ଥିଲା। ପୁଷ୍ ପୁନି ଅବସରରେ ହଜି ଯାଉଥିବା ମହାନ ପରମ୍ପରା "ଛେର୍ ଛେରା" ବଞ୍ଚାଇ ରଖିବା ପାଇଁ ଓସାକା ର ପ୍ରୟାସ ରେ ଛୋଟ ଛୋଟ ଛୁଆମାନେ ବିଶେଷ ଉତ୍ସାହ ର ସହ ଭାଗ ନେଇଥିଲେ ।

## ଗରିବଙ୍କ ପାଇଁ ପକ୍କାଘର ଅପହଞ୍ଚ

# ଝାଟିମାଟି ଘରେ ବିତୁଛି ଜୀବନ



**କନ୍ଧମାଳ,୧୦।୨(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ସାରଙ୍ଗଡ଼ ପଞ୍ଚାୟତ ସାରଙ୍ଗଡ଼ କୁମ୍ଭାର ସାହିର ଶକୁନ୍ତଳା ବେହେରା ପାଇଁ ସରକାର ଙ୍କ ପକ୍କାଘର ଯୋଜନା ଅପହଞ୍ଚ ହୋଇପଡ଼ିଛି। ଦୁଇ ଜଣ ମା ପୁଅ ସଦସ୍ୟ ଦିର୍ଘ ବର୍ଷ ହେବ ଝାଟିମାଟି ପଲିଥିନ ଘରେ ବିପଦ ସଙ୍କୁଳ ଅବସ୍ଥାରେ ଦୁର୍ଦ୍ଦିନରେ ଜୀବନ ବିତାଉଛନ୍ତି। ପକ୍କା ଘର ଖଣ୍ଡିଏ ନଥିବାରୁ ଅଧିକ ବର୍ଷା ପବନ ବହିବା ସମୟ ରେ ଏହି ବିପଦ ସଙ୍କୁଳ ଘର ଛାଡ଼ି ଅନ୍ୟ ଘରେ ଆଶ୍ରୟ ନେଇଛନ୍ତି। ଗତ ୩ ମାସ ପୂର୍ବେ ହୋଇଥିବା ଲଗାଣ ବର୍ଷାରେ ତାଙ୍କର ଘର କାନ୍ଥ ଓ ଝାଟି ମାଟି ଘରଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିଲା। ଦିନ ମଜୁରିଆ ଯାଇ ପାଇଥିବା ଟଙ୍କା ରେ କିଛି ମରାମତି କରିଥିବା କହିଛନ୍ତି। ଅର୍ଥ ଅଭାବରୁ ଘର ସଜାଡ଼ି ନପାରି ଝାଟିମାଟି ତଳେ ବିପଦ ସଙ୍କୁଳ ଅବସ୍ଥାରେ କାଳାତିପାତ କରୁଛନ୍ତି। ସରକାର ଙ୍କ ପକ୍ଷରୁ ତାଙ୍କୁ ଆଜି ପର୍ଯ୍ୟନ୍ତ ପକ୍କା ଘର ମିଳିନଥିବା ଅସହାୟ ବିଧବା ଶକୁନ୍ତଳା ବେହେରା ଦୁଃଖର ସହ କହିଛନ୍ତି। ପକ୍କା ଘର ଖଣ୍ଡିଏ ପାଇବା ପାଇଁ ଦୀର୍ଘ ବର୍ଷ ହେବ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଗୁହାରି କରିଥିଲେ ମଧ ଆଜି ପର୍ଯ୍ୟନ୍ତ ତାଙ୍କୁ ସୁଫଳ ମିଳିନାହିଁ। ଜଣେ ଦିନ ମଜୁରୀଆ ହୋଇଥିବା ବେଳେ ସବୁଦିନ ମୂଲ ମଜୁରୀ ମିଳୁନାହିଁ। ଯାହା କିଛି ମୂଲ ମଜୁରୀ ମିଳେ ସେଥିରେ ଦୁଇ ପ୍ରାଣୀ ଚଳିବା କଷ୍ଟେମଷ୍ଟେ ଚଳୁଥିବା ବେଳେ ପକ୍କା ଘର ଖଣ୍ଡିଏ କରିବା ତାଙ୍କ ପକ୍ଷେ ସାତ ସପନ ପାଲଟିଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଚାଳ ଛପର ଘରେ ବସବାସ କରୁଥିବା ପ୍ରତି ଗରିବ ପରିବାରକୁ ପକ୍କା ଘର ଯୋଗାଇ ଦେବାକୁ ଯୋଜନା ପ୍ରଣୟନ କରିଛନ୍ତି। ହେଲେ ଗରିବ ଙ୍କୁ ପକ୍କା ଘର ଯୋଗାଇବା ଦାଇତ୍ୱ ରେ ଥିବା ପ୍ରଶାସନ ଅଧିକାରୀ ଙ୍କ ଉଦାସୀନ ମନୋଭାବ ଯୋଗୁଁ ସରକାର ଙ୍କ ଯୋଜନା ଗରିବ ଙ୍କ ପାଖରେ ପହଞ୍ଚି ପାରୁନଥିବା ଅଭିଯୋଗ କରିଛନ୍ତି। ଏହି ଗରିବ ପରିବାରଙ୍କ ଘର ତଦନ୍ତ କରି ଆବଶ୍ୟକୀୟ ସରକାରୀ ସହାୟତା ଯୋଗାଇ ଦେବାକୁ ପରିବାର ଲୋକେ ଦାବି କରିଛନ୍ତି।

## ୭ଶହ ବର୍ଷର କୌଳିକ ବୃତ୍ତିକୁ ନେଇ ଘର ଚଳାଉଛନ୍ତି ବଟିଲାଲ



**କେସିଙ୍ଗା,୧୦।୨(ସଂଚାର ବ୍ୟୁରୋ):** ରାଜସ୍ଥାନରୁ ଓଡ଼ିଶା ଆସି ପରିବାର ଗୁଜୁରାଣ ମେଣ୍ଟାଇବା ପାଇଁ ଖରା ବର୍ଷାରେ ଜାତୀୟ ରାଜପଥ ପାର୍ଶ୍ୱରେ କୌଳିକ ବୃତ୍ତିକୁ ଆପଣେଇଛନ୍ତି ବଟିଲାଲ ଲୁହାର। କଳାହାଣ୍ଡି ଜିଲା କେସିଙ୍ଗା ସହରର ସିନେମାଛକ ନିକଟରେ ଥିବା ଜାତୀୟ ରାଜପଥ ୨୬ ପାର୍ଶ୍ୱରେ ଦୀର୍ଘ ୩ ମାସ ହେଲା ନିଜ କୌଳିକ ବୃତ୍ତିକୁ ଆପଣେଇ ସାମଗ୍ରୀ ବିକୁଛନ୍ତି ବଟିଲାଲ। ସେ ରାଜସ୍ଥାନରୁ ଓଡିଶାର ପ୍ରତ୍ୟେକ ଜିଲାକୁ ବୁଲୁଛନ୍ତି। ସାଙ୍ଗରେ ଅଛନ୍ତି ସ୍ତ୍ରୀ ପୁଅ ଓ ବୃଦ୍ଧା ମା'। କି ଖରା କି ବର୍ଷା କାହାକୁ ଖାତିର ନକରି ସେତାଙ୍କ କର୍ମ କରିଚାଲିଛନ୍ତି। ଘରୋଇ ଉପକରଣ ଟାଙ୍ଗିଆ, କଟୁରି, ବାର୍ଷି, ପନକି, ହେମଦସ୍ତା, କଡେଇ, ତାୱା ଇତ୍ୟାଦି ଘରେ ବ୍ୟବହୃତ ଆବଶ୍ୟକୀୟ ସାମଗ୍ରୀ ନିଜେ ତିଆରିକରି ବଜାରରେ ବିକ୍ରି କରି ପରିବାର ଚଳାଉଛନ୍ତି। ବଟିଲାଲ ମା', ୪ ପୁଅ, ସ୍ତ୍ରୀ, ବୋହୂଙ୍କୁ ନେଇ ରାଜ୍ୟରାଜ୍ୟ ବୁଲି ଏହି କୌଳିକ ବୃତ୍ତିକୁ ଆପଣେଇ ଜୀବନ କାଟୁଛନ୍ତି। ଜାତୀୟ ରାଜପଥ ହେଉ କିମ୍ବା ଗ୍ରାମାଞ୍ଚଳ ହେଉ ଯେଉଁଠି ସୁବିଧା ଦେଖି ସେ ତାଙ୍କ ଉପକରଣ ତିଆରି କରିଥାନ୍ତି। ପରିବାରର ସମସ୍ତେ ମିଳିମିଶି କାମ କରିଥାନ୍ତି। ଲୋକଙ୍କ ଆବଶ୍ୟକତା ଦୃଷ୍ଟିରେ ରଖି ସାମଗ୍ରୀ ପ୍ରସ୍ତୁତ କରନ୍ତି। ଏ ସଂକ୍ରାନ୍ତରେ ବଟିଲାଲଙ୍କୁ ପଚାରିବାରୁ ମୋର ବାପା, ଅଜା, ଠାରୁ ୭ ପିଢ଼ି ଅର୍ଥାତ ୭ ଶହ ବର୍ଷରୁ ଏହି କୌଳିକ ବୃତ୍ତି କରି ପରିବାର ଗୁଜୁରାଣ ମେଣ୍ଟାଉଛି ବୋଲି ପ୍ରକାଶ କରଛନ୍ତି।

## ଯୁବକଙ୍କୁ ହତ୍ୟା ଅଭିଯୋଗରେ ଦୁଇ ଜଣଙ୍କୁ ଅଟକ ରଖି ପୁଲିସର ତଦନ୍ତ ଜାରି




**କଳାହାଣ୍ଡି,୧୦।୨(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଥାନା କେବିଟି ବାଗମାରୁ ପଡା ରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତ ଯୁବକ ଜଣକ ବାଗମାରୁ ପଡା ର ମୋହନ ହଂସ ଙ୍କ ପୁଅ ସନ୍ତୋଷ ହଂସା ଗତ ସୋମବାର ରାତ୍ର ସମୟରେ ମୋହନ ନିକଟସ୍ଥ ଦୋକାନ କୁ ଅଣ୍ଡା କିଣିବାକୁ ଯାଇଥିବା ବେଳେ ଘରକୁ ଫେରିବା ବିଳମ୍ବ ହେବାରୁ ମୋହନ ଙ୍କ ଭଉଣୀ ନିଜ ଭାଇ କୁ ଖୋଜି ବାକୁ ଯାଇଥିବା ବେଳେ ବାଗମାରୁ ପଡା କେନାଲ ହୁଡା ରେ ନିଜ ଭାଇ ର ମୃତ ଦେହ ପଡ଼ିରହିଥିବା ଦେଖିବାକୁ ପାଇଥିଲେ। ମୃତ ଶରୀର କୁ ଦେଖି ସ୍ଥାନୀୟ ଲୋକେ ପୋଲିସ କୁ ଖବର ଦେବାରୁ ଘଟଣା ସ୍ଥଳରେ ପୋଲିସ ପହଂଚି ତଦନ୍ତ କରି ଥିବା ଜଣାପଡ଼ିଛି।ମୃତ ସନ୍ତୋଷ ହଂସ ର ଶବ କୁ ଉଦ୍ଧାର କରି ପୋଲିସ ଶବ ବ୍ୟବଛେଦ ପାଇଁ ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନା କୁ ନେଇଛି। ଏ ସଂକ୍ରାନ୍ତ ରେ ବାପା ମୋହନ ହଂସ ଧର୍ମଗଡ଼ ଥାନା ରେ ଏତଲା ଦେଇଥିବା ବେଳେ ପୁଲିସ ଦୁଇଜଣ ଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି।

## ଦୁଇଟି ପିସ୍ତଲ୍, ବୋମା ଓ ମାରଣାସ୍ତ୍ର ସହ ୩ ଗିରଫ



**ସୁବର୍ଣ୍ଣପୁର,୧୦।୨(ସଂଚାର ବ୍ୟୁରୋ):** ଗତକାଲି ସନ୍ଧ୍ୟା ସମୟରେ ସୋନପୁର ଥାନାକୁ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା ଯେ, ୫-୬ଜଣ ସନ୍ଦିଗ୍ଧ ବ୍ୟକ୍ତି ସୋନପୁର ସହରର କୌଣସି ଏକ ବଡ଼ ବ୍ୟବସାୟ ପ୍ରତିଷ୍ଠାନରେ ଡକାୟତି କରିବା ଉଦ୍ଦେଶ୍ୟରେ ବନ୍ଧୁକ ଓ ବିଭିନ୍ନ ମାରଣାସ୍ତ୍ର ଧରି ଗୋଟିଏ ନାଲି କାରରେ ବୁଲୁଛନ୍ତି। ଏହି ଖବର ପାଇ ସୋନପୁର ସଦର ଥାନା ର ନୂତନ ଭାରପ୍ରାପ୍ତ ଅଧିକାରୀ ଯାଦବ ବାଗଙ୍କ ନେତୃତ୍ୱରେ ଗୋଟିଏ ପୋଲିସ ଟିମ୍ ଗଠନ କରା ଯାଇ ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ଏହି ସମୟରେ ସହରର ନଳିନୀ ଛକ ପଟରୁ ବିଜୁ ପଟ୍ଟନାୟକ ଛକ ପଟକୁ ଗୋଟିଏ ନାଲି ରଙ୍ଗର ଅଲ୍ଟୋ ଗାଡ଼ି ଯାହାର ନମ୍ବର ଓଆର ୦୫ ଏଡି ୦୯୩୩ ପୋଲିସ ଟିମକୁ ଦେଖି ଖସି ପଳାଇ ଯିବାକୁ ଚେଷ୍ଟା କରୁଥିଲେ। କୌଶଳ କ୍ରମେ ପୋଲିସ ଟିମ୍ ଉକ୍ତ ଗାଡ଼ିକୁ ଅଟକ ରଖିଥିଲେ। ସେହି ଗାଡ଼ିର ଚାଳକ ସୁଭମ ପ୍ରୀତମ ହୋତା (ଭିକି)ବୟସ(୨୮) ଙ୍କୁ ବ୍ୟକ୍ତି ଗତ ତଲାସି ସମୟରେ ଗୋଟିଏ ବନ୍ଧୁକ ଚାରିଟି ଜୀବନ୍ତ ଗୁଳି ସହିତ ଗୋଟିଏ ମାଗାଜିନ୍ ମିଳିଥିଲା। ସେହି ଗାଡ଼ିରେ ବସିଥିବା ସନ୍ଦିଗ୍ଧ ଶୁଭ୍ରାଂଶୁ ଶେଖର କୁମ୍ଭାର (ସୋନୁ) ବୟସ (୨୬ଙ୍କ ବ୍ୟକ୍ତିଗତ ତଲାସି ସମୟରେ ଗୋଟିଏ ଦେଶୀ ପିସ୍ତଲ ସହିତ ୨ଗୋଟି ଜୀବନ୍ତ ଗୁଳି ମିଳିଥିଲା। ସନ୍ଦିଗ୍ଧ ଦେବାଶିଷ ପଣ୍ଡା ଙ୍କୁ ବ୍ୟକ୍ତିଗତ ତଲାସି ସମୟରେ ଗୋଟିଏ ବଡ ଛୁରୀ ମିଳିଥିଲା। ଶେଷରେ ଗାଡ଼ିକୁ ତଲାସି ସମୟରେ ଏକ ଲୁହା କୁରାଢ଼ି ଓ ଜୀବନ୍ତ ବୋମା ମିଳିଥିଲା। ସନ୍ଦିଗ୍ଧ ମାନଙ୍କ ପାଖରୁ ୩୯, ୩୦୦ଟଙ୍କା ମଧ ମିଳିଥିଲା। ଏହି ମାରଣାସ୍ତ୍ର ଜିନିଷ ବାବଦରେ ସମସ୍ତ ସନ୍ଦିଗ୍ଧ କୌଣସି ସନ୍ତୋଷ ଜନକ ଉତ୍ତର ଦେଇପାରି ନଥିଲେ। ଉକ୍ତ ମାରଣାସ୍ତ୍ର ସାମଗ୍ରୀ ଗୁଡିକ ସେମାନଙ୍କ ପାଖରୁ ଜବତ କରାଯାଇଛି।

## ରଞ୍ଜନ ମୁଣ୍ଡାଙ୍କ ଭାଗ୍ୟରେ ହୁଇଲ ଚେୟାର ନାହିଁ



**କୋରେଇ,୧୦।୨(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାର କୋରେଇ ବ୍ଲକ ଅନ୍ତର୍ଗତ ତାହାରପୁର ଗ୍ରାମପଞ୍ଚାୟତ ଜଇଁତଳ ଗ୍ରାମର ନିକଟ ସାହିରେ ଥିବା ରଞ୍ଜନ ମୁଣ୍ଡା'ଙ୍କ କ୍ଷେତ୍ରରେ ଫେଲ ମାରିଛି ସରକାରଙ୍କ ଗରିବ ମାନଙ୍କ ପାଇଁ କରାଯାଉଥିବା ମାଳ ମାଳ ଯୋଜନା। ଯାହା ଫଳରେ ଭିନ୍ନକ୍ଷମ ରଞ୍ଜନ ବିଭିନ୍ନ ସ୍ଥାନକୁ ଯିବାକୁ ନାନାଦି ପ୍ରକାରର ସମସ୍ୟା ସମ୍ମୁଖୀନ ହେଉଛନ୍ତି। ତେବେ କୋରେଇ ବ୍ଲକ ପ୍ରଶାସନର ଜାଣତ ହେଉ କିମ୍ବା ବିଅଜାଣତରେ ହେଉ କୋରେଇ ନିର୍ବାଚନ ମଣ୍ଡଳୀ ଅଞ୍ଚଳର ଏପରି କେତେ'ଯେ ଭିନ୍ନକ୍ଷମ ମାନେ ପ୍ରତି ମୁହୂର୍ତ୍ତ ଦୁଃଖକଷ୍ଟରେ ବିତାଉଥିବେ ତାହା ପ୍ରତି ସରକାର ଦୃଷ୍ଟି ଦେବା ଉଚିତ ବୋଲି ବୁଦ୍ଧିଜୀବୀ ମତ ରଖୁଥିବା ବେଳେ ବ୍ୟାସନଗର ପୌରାଅଞ୍ଚଳ ସହରର ସମାଜସେବୀ ଅନୁଷ୍ଠାନ ସହିଦ୍ ଭଗତ ସିଂହ ଯୁବକ ସଂଘ ସଭାପତି ଶ୍ରୀ ରାଜେନ୍ଦ୍ର ବିଶ୍ୱାଳ ଓ ସଂଘର ସମସ୍ତ ସଦସ୍ୟ ମାନେ ରଞ୍ଜନ ମୁଣ୍ଡାଙ୍କ ପାଇଁ କୋରେଇ ବ୍ଲକ ପ୍ରଶାସନ ପକ୍ଷରୁ ଏକ ହୁଇଲ ଚେୟାର ବ୍ୟବସ୍ଥା କରାଯାଉ ବୋଲି ଦାବି କରିଛନ୍ତି।

## ବିପୁଳ ପରିମାଣର ପୋଚ, ରନ୍ଧା ମଦ ଜବତ



**ବୈଶିଙ୍ଗା,୧୦।୨(ସଂଚାର ବ୍ୟୁରୋ):** ବେତନଟୀ ଅବକାରୀ ଚଢ଼ାଉ ସମୟରେ ବିପୁଳ ପରିମାଣ ର ପୋଚ ଏବଂ ରନ୍ଧା ମଦ ଜବତ କରାଯାଇ ନଷ୍ଟ କରିଦିଆଯାଇଛି। ବହୁ ଦିନ ଧରି ବଡସାହି ଥାନା ଅନ୍ତର୍ଗତ କମଳାଶୋଳ ଗ୍ରାମର ଅନତି ଦୂରରେ ବେଆଇନ ଦେଶୀ ମଦ ରନ୍ଧା ହେଉଥିବାର ଖବର ପାଇ ଅବକାରୀ ବିଭାଗ ଓ ପୁଲିସର ମିଳିତ ଭାବେ ଚଢ଼ାଉ କରାଯାଇଥିଲା ଓ ଏଥିରେ ଏଗାର ହଜାର କିଗ୍ରା ପୋଚ ଏବଂ ଏକ ହଜାର ତିରିଶ ଲିଟର ରନ୍ଧା ମଦ ଜବତ କରାଯାଇ ଥିଲା। ଅବକାରୀ ଅଧିକ୍ଷକ ପ୍ରଶାନ୍ତ କହଁର, ବେତନଟୀ ଅବକାରୀ ଥାନାଧିକାରୀ ପ୍ରଦୀପ ବେହେରା ଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ଫୋର୍ସ ସହିତ ଚଢ଼ାଉ କରାଯାଇଥିଲା। ଉଦଳା ଥାନାଧିକାରୀ ସଞ୍ଜୟ କାଣ୍ଡି, ଖୁଣ୍ଟା ଥାନାଧିକାରୀ କୃଷ୍ଣ ଚନ୍ଦ୍ର ସେଠୀ ଏହି ଚଢ଼ାଉରେ ସହଯୋଗ କରିଥିଲେ। କାହାରିକୁ ଗିରଫ କରାଯାଇନଥିବାର ଜଣାଯାଇଛି।

## ମହାଶିବରାତ୍ରି ପାଇଁ ଉପଜିଲ୍ଲାପାଳଙ୍କ ବୈଠକ

**ସୁବର୍ଣ୍ଣପୁର, ୧୦।୨(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆସନ୍ତା ମହାଶିବରାତ୍ରି ପାଇଁ ପ୍ରସ୍ତୁତି ସମ୍ପର୍କିତ ଏକ ବୈଠକ ଉପଜିଲ୍ଲାପାଳ ତଥା ନିର୍ବାହୀ ଅଧିକାରୀ ଦେବୋତ୍ତର ଡ଼. ସୌମ୍ୟ ରୂପା ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼. ଉଷାରାଣୀ ଦାସ, ସହାୟକ ଜିଲ୍ଲାପାଳ ରାମ ଶଙ୍କର ମିଶ୍ର, ସହାୟକ ଅଗ୍ନିଶମ ଅଧିକାରୀ ଭବେନ୍ଦ୍ରନାଥ ଦେ, ଟାଟା ପାୱାର କର୍ମଚାରୀ ବିବେକାନନ୍ଦ ଦୀକ୍ଷିତ, ଟାଉନ ଥାନା ଅଧିକାରୀ ଯାଦବ ବାଗ, ତହସିଲଦାର ଜି. ରଶ୍ମିରେଖା, ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ ଏବଂ ସୋନପୁର ମୁନିସିପାଲଟି କାର୍ଯ୍ୟନିର୍ବାହୀ ଅଧିକାରୀ ଋଷି ମାଝୀ ଉପସ୍ଥିତ ଥିଲେ। ଏହା ସହିତ ଶିବଶକ୍ତି ସେବାୟତ ସଂଘ ସୋନପୁର ଓ ଦେବୋତ୍ତର ପରାମର୍ଶ ବୋର୍ଡର ସଦସ୍ୟମାନେ ମଧ ଯୋଗଦାନ କରିଥିଲେ।

## ଧର୍ମଘଟକୁ ସଫଳ କରିବା ପାଇଁ ଶ୍ରମିକ ସଂଗଠନର ପ୍ରଚାର ଅଭିଯାନ



**ଯାଜପୁର ରୋଡ଼, ୧୦।୨(ସଂଚାର ବ୍ୟୁରୋ):** ମିଳିତ ୧୦ଟି କେନ୍ଦ୍ରୀୟ ଟ୍ରେଡ଼ ୟୁନିୟନ, ସଂଯୁକ୍ତ କିଷାନ ମୋର୍ଚ୍ଚା ଓ ସ୍ୱାଧୀନ ଫେଡରେସନ ମାନଙ୍କ ପକ୍ଷରୁ ଅହୁତ ୧୨ଫେବୃଆରୀ ସର୍ବଭାରତୀୟ ସାଧାରଣ ଧର୍ମଘଟକୁ ସଫଳ କରିବା ପାଇଁ ଆଜି ଯାଜପୁର ରୋଡ ରୁ ଏକ ଜାଠା ବାହାରି ଜିଲ୍ଲାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବଜାର, ଛକ ଏବଂ ବିଶେଷ କରି କଳିଙ୍ଗନଗର ଶିଳ୍ପାଞ୍ଚଳ ର ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା, ପ୍ରଚାର କରି ଧର୍ମଘଟକୁ ସଫଳ କରିବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ କରାଯାଇଛି। ଜାଠାର ପ୍ରାରମ୍ଭରେ ଗୋପବନ୍ଧୁ ଛକ ଠାରେ ଏକ ଉଦଘାଟନୀ ସଭା ସି.ଆଇ. ଟି.ୟୁ ଯାଜପୁର ଜିଲ୍ଲା ସଭାପତି ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଉଦଘାଟନୀ ବକ୍ତବ୍ୟ ରଖିଥିଲେ ଏ.ଆଇ ୟୁ.ଟି.ୟୁ.ସି ର ଯାଜପୁର ଜିଲ୍ଲା ସମ୍ପାଦକ ସୁରେଶ ପ୍ରଧାନ। ୨୧ଦଫା ଦାବିରେ ଆସନ୍ତା ୧୨ତାରିଖ ସମସ୍ତ ସଂଗଠିତ, ଅଣ ସଂଗଠିତ କର୍ମଚାରି, ଚାଷୀ, ମୁଲିଆ ବୁଦ୍ଧିଜୀବୀ, ମହିଳା, ଛାତ୍ର ଐକ୍ୟବଦ୍ଧ ଭାବେ ଏହି ସର୍ବଭାରତୀୟ ଆନ୍ଦୋଳନରେ ସାମିଲ ହେବା ପାଇଁ ଜନଗଣଙ୍କୁ ଆହ୍ୱାନ କରାଯାଇଛି। ଏହି ଜାଠା ଅଭିଯାନରେ ଅନ୍ୟ ମାନଙ୍କ ମଧ୍ୟରେ ଏ ଆଇ ୟୁ ଟି ୟୁ ସି ର ରାଜକିଶୋର ମହାନ୍ତ, କେଦାରନାଥ ସାହୁ, ବିଜୟାନନ୍ଦ ମଲ୍ଲିକ, ନିରୁପମା ବେହେରା, ଅଲେଖ ମଲ୍ଲିକ, କାର୍ତ୍ତିକ ହାଲଦାର, ସି ଆଇ ଟି ୟୁ ର ନିର୍ମଳ ରଥ, ତ୍ରିଲୋଚନ ରାଉତ, ସୁରେଶ ସାହୁ, ପ୍ରମୋଦ ସାହୁ, ଗୌରହରି ସାହୁ, ଗୋବିନ୍ଦ ନାୟକ, ଗୌରୀ ନାୟକ, ଆଇ ଏନ ଟି ୟୁ ସି ର ମଧୁସୂଦନ ସାହୁ, ଏ ଆଇ ଟି ୟୁ ସି ର କରୁଣାକର ମହାରଣା, ସୁକାନ୍ତ ଜେନା, ରଞ୍ଜନ ଜେନା ପ୍ରମୁଖ ଏହି ସହରର ବିଭିନ୍ନ ସ୍ଥାନରେ ବକ୍ତବ୍ୟ ପ୍ରଦାନ କରି ସରକାରଙ୍କ ଶ୍ରମିକ ମାରଣ ନୀତିର ସମାଲୋଚନା କରିଥିଲେ।

## କୋରେଇ ବିଧାୟକଙ୍କ ଦ୍ୱାରା ରାସ୍ତାର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ



**କୋରେଇ,୧୦।୨(ସଂଚାର ବ୍ୟୁରୋ):** କୋରେଇ ବ୍ଲକ୍ ଅର୍ନ୍ତଗତ ତାହାରପୁର ଗ୍ରାମ ପଞ୍ଚାୟତ ତାହାରପୁର ଖେଳପଡ଼ିଆ ଠାରୁ ଏକ ବିଶାଳ ମଟର ସାଇକେଲ ରାଲିରେ କୋରେଇର ମାନ୍ୟବର ବିଧାୟକ ଆକାଶ ଦାସନାୟକ ତେନ୍ତୁଲିଖୁଣ୍ଟା ଛକ ଠାରେ ପହଂଚିଥିଲେ। ସେଠାରେ ଗ୍ରାମ୍ୟ ଉନ୍ନୟନ (ବାରଦା) ଛକ ଠାରୁ ତେନ୍ତୁଲିଖୁଣ୍ଟା ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ରାସ୍ତାର ଉନ୍ନତିକରଣ ନିମନ୍ତେ ଶୁଭ ଭିତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ରାସ୍ତାର ଉନ୍ନତିକରଣ ନିମନ୍ତେ ଓଡିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ୫ କୋଟି ଟଙ୍କା ଅର୍ଥ ମଞ୍ଜୁର କରାଯାଇଛି। ଏହି ରାସ୍ତାର ଉନ୍ନତିକରଣ ହେବା ଦ୍ୱାରା ସାଦକପୁର, ତାହାରପୁର, ବ୍ୟାସନଗର ପୌରପରିଷଦରେ ନୂତନ ଭାବେ ନିର୍ମାଣ ହେଉଥିବା କୋର୍ଟକୁ ଗମନାଗମନର ସୁବିଧା ହୋଇପାରିବ। ଏହି ରାସ୍ତା ହେବା ଫଳରେ ପଞ୍ଚାୟତର ଲୋକମାନେ ବୁହତ ଖୁସି ଥିବାର ଅନୁମାନ କରାଯାଇଛି। କୋରେଇ ବ୍ଲକର ଗମନାଗମନ ବିକାଶରେ ଆଜି ଏକ ନୂତନ ଫର୍ଦ୍ଦ ଯୋଡି ହୋଇଥିଲା।

## କାରାଗାରରେ ବରିଷ୍ଠ ନାଗରିକଙ୍କ ମାନସିକ ସ୍ୱାସ୍ଥ୍ୟ ପରୀକ୍ଷା



**ସୁବର୍ଣ୍ଣପୁର,୧୦।୨(ସଂଚାର ବ୍ୟୁରୋ):** ଜିଲ୍ଲା ପ୍ରଶାସନ (ଏସଏସଇପିଡି) ସେକ୍ସନ ସୁବର୍ଣ୍ଣପୁର ଆନୁକୂଲ୍ୟରେ ସୋନପୁର ଉପକାରାଗାର ରେ ବୟୋଜ୍ୟେଷ୍ଠ ଅନ୍ତେବାସୀ ମାନଙ୍କର ମାନସିକ ସ୍ୱାସ୍ଥ୍ୟ ପରୀକ୍ଷା ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପ -ଖଣ୍ଡିୟ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ଅଞ୍ଜୁଲତା ମିଶ୍ର, ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ମେଡିକାଲ ଅଫିସର ଡାକ୍ତର ଆଶୁତୋଷ ମିଶ୍ର, ଫିଜୋଥରାପିଷ୍ଟ ଟିକେରାମ ମେହେର, ଅନଙ୍ଗ ନେଗୀ (ରେଆର) ସମ୍ପାଦକ ଅଞ୍ଜଳୀ ପଧାନ, ମନୋଜ କୁମାର ସ୍ୱାଇଁ କାଉନସିଲର ରେଆର ସୋନପୁର, ଉପ କାରାଗାରର ଫାର୍ମାସିଷ୍ଟ ପ୍ରଭାକର ଦଳାଇ, ଉପ କାରାଗାର ରକ୍ଷକ ଶୁକସାର ଡାକୁଆ ଓ ସୁବର୍ଣ୍ଣପୁର ଜିଲ୍ଲା ବରିଷ୍ଠ ନାଗରିକ ସଂଘ ର ସମ୍ପାଦକ ଜ୍ୟୋତି ରଂଜନ ପଟ୍ଟନାୟକ ଆଦି ମଞ୍ଚାସିନ ଥିଲେ । ଅଟଳ ବୟ ବନ୍ଦନୀୟ ଯୋଜନା ଓ ସ୍ୱାସ୍ଥ୍ୟ ପରୀକ୍ଷା ନିରୀକ୍ଷା ବିଷୟ ରେ ଆଲୋକପାତ କରିବା ସଂଗେ ସଂଗେ ବରିଷ୍ଠ ବନ୍ଦୀ ମାନଙ୍କୁ ବସ୍ତ୍ର ପ୍ରଦାନ ସହିତ ଦୁଇ ଶହରୁ ଅଧିକ ବନ୍ଦୀ କୁ ଖାଦ୍ୟପେୟ ଓ ମିଷ୍ଟାନ ବଣ୍ଟନ କରିଥିଲେ। ପରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ଔଷଧ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ସମସ୍ତ ବନ୍ଦୀ ଓ କର୍ମଚାରୀ ଉତ୍ସାହ ର ସହ ସାମିଲ ହୋଇ ସହଯୋଗ କରିଥିଲେ ।